R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୮୨
ତିଥି : ନବମୀ
୧୯ ଜୁଲାଇ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 282
19 July 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତୀ ମାମଲା

# ୟୁଜିସି ୪ ଜଣିଆ ଟିମ୍‌ର ତଦନ୍ତ ଆରମ୍ଭ

ବାଲେଶ୍ୱର, ୧୮ ।୭(ସବ୍ୟୁ)- ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟ ବିଇଡ଼ି ଛାତ୍ରୀ ସୌମ୍ୟାଶ୍ରୀ ବିଶି କଲେଜର ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବାର ୭ଦିନ ଅତିକ୍ରାନ୍ତ ହେବାକୁ ଯାଉଥିବା ବେଳେ

**ଉଚ୍ଚଶିକ୍ଷା ବିଭାଗ ଟିମ୍‌ର ଆଇସିସି ସଦସ୍ୟଙ୍କୁ ପଚରାଉଚରା**

ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାରଙ୍କ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଜାରି ରଖିଥିବା ବେଳେ ଆଜି ପୁଣି କେନ୍ଦ୍ରୀୟୟୁଜିସିର ଏକ ୪ଜଣିଆ ଫେକଫ ଫାଇଣ୍ଡିଂ ଦଳ କଲେଜରେ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛନ୍ତି । ଏହି କମିଟିରେ ପ୍ରଫେସର ରାଜକୁମାର ମିତ୍ତଲ



(ମେମ୍ବରୟୁଜିସି), ପ୍ରଫେସର ସୁଷମା ଯାଦବ (ପୂର୍ବତନ କମିଶନ ମେମ୍ବରୟୁଜିସି), ଡ. ନିର୍ଜା ଗୁପ୍ତା (ଭିସି ଗୁଜୁରାଟୟୁନିଭରସିଟି), ଡ. ଅସିମା ମଙ୍ଗଳା (୯ ପୃଷ୍ଠାରେ)

## ସୌମ୍ୟାଶ୍ରୀଙ୍କ ଘରେ କ୍ରାଇମବ୍ରାଞ୍ଚ ଟିମ୍

ଭୋଗରାଇ, ୧୮ ।୭(ସବ୍ୟୁ) : ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ଼ ବିଏଡ଼ ୨ୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାରେ ଗୁରୁବାର କ୍ରାଇମବ୍ରାଞ୍ଚ ଟିମ ଫକୀର ମୋହନ କଲେଜରେ ତଦନ୍ତ କରିଥିବାବେଳେ ଶୁକ୍ରବାର ଭୋଗରାଇ ବ୍ଲକ ପଳାସିଆ ଗାଁ ରେ ଥିବା ସୌମ୍ୟାଶ୍ରୀଙ୍କ ବାସଭବନରେ ପହଞ୍ଚି ତଦନ୍ତ କରିଛନ୍ତି । ମଧ୍ୟାହ୍ନ ୧ ୨ ଟା୪୫ ମି.କ୍ରାଇମବ୍ରାଞ୍ଚ ୨ ଜଣିଆ ମହିଳା ଟିମ୍ ମୃତା ଛାତ୍ରୀ ବାପା ବଳରାମ ବିଶି, ମା ସବିତା ବିଶି ଓ ଭାଇ ସୌମ୍ୟରଞ୍ଜନ ବିଶିଙ୍କୁ ଦୀର୍ଘ ୩ ଘଣ୍ଟା ୧୫ ମିନିଟ୍ ଜଣ ଜଣ କରି ପଚରା ଉଚରା କରି ଫେରିଛନ୍ତି । ଗଣମାଧ୍ୟମ (୯ ପୃଷ୍ଠାରେ)

# ଏଫଟିଓ ତାଲିକାରେ ଟିଆର୍‌ଏଫ୍

**ଆମେରିକା ପକ୍ଷରୁ ଘୋଷଣା, ନିଷିଦ୍ଧ ହେବ ଆର୍ଥିକ ସହାୟତା**

**ପହଲଗାମ୍ ଆକ୍ରମଣ ଲାଗି ନିଜକୁ ଦାୟୀ କରିଥିବା ଆତଙ୍କୀ ସଂଗଠନ ଟିଆରଏଫ୍**

ନୂଆଦିଲ୍ଲୀ, ୧୮ ।୭ : ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ଥିବା ପାକିସ୍ତାନ ସମର୍ଥକ ଦ ରେଜିଷ୍ଟାଣ୍ଟ ଫ୍ରଣ୍ଟ (ଟିଆରଏଫ)କୁ ଆମେରିକା ବିଦେଶୀ ଆତଙ୍କବାଦୀ ସଂଗଠନ (ଏଫଟିଓ) ଘୋଷଣା କରିଛି । ଆମେରିକା ପକ୍ଷରୁ ଲସ୍କର ଇ-ତୋଏବାକୁ ଏଫଟିଓ ତାଲିକାରେ ପୂର୍ବରୁ ସାମିଲ କରାଯାଇଥିଲା । ଏଲଇଟି ମଧ୍ୟ ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ଥିଲା । ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଭାରତ ଓ ଆମେରିକା ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ସହଯୋଗ ସମ୍ପର୍କରେ ଏହା ବର୍ଣ୍ଣାନ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ସମ୍ପୃକ୍ତ ସଂଗଠନକୁ ଏଫଟିଓ ତାଲିକା ଭୁକ୍ତ (୯ ପୃଷ୍ଠାରେ)

## ୬ ମାଓବାଦୀ ନିପାତ

ମାଲକାନଗିରି, ୧୮ ।୭ (ସବ୍ୟୁ) : ସୁରକ୍ଷାବାହିନୀ ଯବାନଙ୍କ ଗୁଳିମାଡ଼ରେ ୬ ଜଣ ମାଓବାଦୀ ନିପାତ ହୋଇଛନ୍ତି । ଅନ୍ୟ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡ଼ିଛି । ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାର ଆବୁଝମାଡ଼ ଜଂଗଲରେ ଶୁକ୍ରବାର ଦିନ ଦ୍ୱିପହରରେ ଏହି ବଡ଼ଧରଣର ଗୁଳିବିନିମୟ ହୋଇଥିଲା । ଦ୍ୱିପହରରେ ମାଓବାଦୀ ଯବାନଙ୍କୁ ଅତର୍କିତ ଗୁଳି ଚଳାଇଥିଲେ । ଅପରପକ୍ଷେ ଯବାନମାନେ ମଧ୍ୟ ପାଲଟା ଜବାବ ଦେଇଥିଲେ । ଦୀର୍ଘ ସମୟ ଧରି ଗୁଳିବିନିମୟ ହୋଇଥିଲା । ପରେ ମାଓବାଦୀ ଛତ୍ରଭଙ୍ଗ ଦେଇଥିଲେ । ଘଟଣାସ୍ଥଳରେ ପୁଲିସ ସର୍ଚ୍ଚ ଅପରେସନ (୯ ପୃଷ୍ଠାରେ)

## ଆସୁଛି ବଡ଼ ବର୍ଷା, ୨୪-୨୫ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୮ ।୭ (ସବ୍ୟୁ): ସୃଷ୍ଟି ହୋଇଥିବା ଲଘୁଚାପ ଆଜି ଉତ୍ତର-ମଧ୍ୟପ୍ରଦେଶରେ ରହିଥିଲା। ମୌସୁମୀ ଟ୍ରଫ ଉତ୍ତର-ବଙ୍ଗୋପସାଗର ମଧ୍ୟରେ ଲମ୍ବିଛି। ଆସନ୍ତାକାଲି (୧୯) ଓ ୨୦ରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଶେଷ କରି ଆଭ୍ୟନ୍ତରୀଣ ଅଞ୍ଚଳରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି।

- ଟ୍ରଫ୍ ଯୋଗୁ ଆଜିଠୁ ଦୁଇଦିନ ବର୍ଷା
- ୨୫ରେ ଅବପାତ ରୂପ ନେବ ଲଘୁଚାପ

ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ଆସନ୍ତା ୨୧ ତାରିଖରେ ଉତ୍ତର-ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ୨୩ ତାରିଖରେ ପଶ୍ଚିମବଙ୍ଗ ଓ ସଂଲଗ୍ନ ଉତ୍ତର-ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରାୟତଃ ସେହି ସ୍ଥାନରେ ୩ ଦିନ ରହି ଅର୍ଥାତ୍ ୨୬ ତାରିଖରେ ସ୍ଥଳ ଭାଗକୁ ଯିବ। ବର୍ତ୍ତମାନର ଲଘୁଚାପ ଭଳି ଏହା ଧାନବାଦ, ପାଟଣା, ପ୍ରୟାଗରାଜ ଓ ଗ୍ୱାଲିୟର ଦେଇ ଦିଲ୍ଲୀ ଆଡକୁ ଯିବାର ସମ୍ଭାବନା ଅଛି। ଏହା ୨୪ରେ ସ୍ପଷ୍ଟ ଚିହ୍ନିତ ଲଘୁଚାପ ଓ ୨୫ ସୁଧା ଅବପାତ ହେବାର ସମ୍ଭାବନା ଅଛି।

ସମ୍ଭାବ୍ୟ ଲଘୁଚାପ ଯୋଗୁଁ ୨୨ ତାରିଖ ଉପର ବେଳାଠାରୁ ୨୫ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବ। ୨୪ ଓ ୨୫ରେ ଅନେକ (୯ ପୃଷ୍ଠାରେ)

## ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧ୍ୟାପକଙ୍କ ପାଇଁ ସାନି ନିୟମାବଳୀ ଜାରି

**ଜିଏମ୍‌ୟୁ ଛାତ୍ରୀଙ୍କୁ ଅଧ୍ୟାପକଙ୍କ ଯୌନ ଶୋଷଣ ଘଟଣା**

ସମ୍ବଲପୁର, ୧୮ ।୭ (ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ର ଛାତ୍ରୀଙ୍କୁ ଅଧ୍ୟାପକଙ୍କ ଯୌନ ଶୋଷଣ ଘଟଣାକୁ ନେଇ ଆଜି ମଧ୍ୟ କ୍ୟାମ୍ପସ ସରଗରମ ରହିଛି। ମିଳିତ ଛାତ୍ର ସଂଘର ଆହ୍ୱାନ କ୍ରମେ ଶତାଧିକ ଛାତ୍ର କ୍ୟାମ୍ପସ ପରିକ୍ରମା କରି କୁଳପତିଙ୍କୁ ଭେଟିଥିଲେ। ସେମାନେ ଛାତ୍ରୀ ନିର୍ଯାତନା ଘଟଣାକୁ ନିନ୍ଦା କରିବା ସହ ଦୋଷୀ ଅଧ୍ୟାପକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏଥିସହ କ୍ୟାମ୍ପସକୁ ରାଜନୀତିରୁ ଦୂରେଇ ରଖିବାକୁ ମଧ୍ୟ ଦାବି କରିଥିଲେ। ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବିଶ୍ୱବିଦ୍ୟାଳୟ (୯ ପୃଷ୍ଠରେ)

## ଜ୍ୟୋତିପ୍ରକାଶଙ୍କୁ ମିଳିନି ସହାୟତା

କଟକ, ୧୮ ।୭ (ସବ୍ୟୁ) : ସୌମ୍ୟାଶ୍ରୀଙ୍କ ଜୀବନକୁ ବଞ୍ଚାଇବାକୁ ଯାଇ ଗୁରୁତର ଭାବେ ଏଫଏମ କଲେଜ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଆହତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି । ଏସସିବିର ବର୍ଣ୍ଣ ୟୁନିଟ ଆଇସିୟୁରେ ଜ୍ୟୋତିପ୍ରକାଶ ଭର୍ତ୍ତି ହୋଇଥିବାବେଳେ, ଗତ କାଲି କ୍ରାଇମ୍ ବ୍ରାଞ୍ଚ ର ଏକ ଟିମ ଆସି ପଚରା ଉଚୁରା କରି ଫେରି ଯାଇଥିଲା ବେଳେ ଆଜି ଉଚ୍ଚଶିକ୍ଷା ବିଭାଗର ଗଠିତ ତଦନ୍ତ କମିଟି ମେଡିକାଲ୍ ରେ ପହଞ୍ଚି ତାକୁ ପଚରା ଉଚୁରା କରିଥିଲେ। ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ପୀଡିତ ଛାତ୍ରଙ୍କୁ ଭେଟି ଘଟଣାର ପୃଷ୍ଠଭୂମି ସଂକ୍ରାନ୍ତରେ (୯ ପୃଷ୍ଠାରେ)

DSPL-179



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

**ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜିକରଣ**

ଧାନ ସଂଗ୍ରହ ବର୍ଷ ୨୦୨୫-୨୦୨୬

ଆମ ରାଜ୍ୟରେ ଖରିଫ ଧାନ ସଂଗ୍ରହ ତା. ୦୧-୧୧-୨୦୨୫ ରିଖ ରୁ ତା. ୩୧-୦୩-୨୦୨୬ ରିଖ ମଧ୍ୟରେ ପରିଚାଳିତ ହେବ । ଏହି ଅବଧି ମଧ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଫସଲ ଅମଳର ସମୟକୁ ଦୃଷ୍ଟିରେ ରଖି ଖରିଫ ଧାନ କ୍ରୟ କାର୍ଯ୍ୟ ସମ୍ପାଦନ କରାଯିବ । ଏଥିପାଇଁ ଚାଷୀମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (PACS/ LAMPCS), ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣି ପଞ୍ଚାୟତରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ ।



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ପଞ୍ଜିକରଣ ପ୍ରକ୍ରିୟା**

ଚାଷୀ ପଞ୍ଜିକରଣ ତା. ୧୯-୦୭-୨୦୨୫ ରିଖ ରୁ ଆରମ୍ଭ ହେଉଛି । ଖରିଫ ଧାନ ଚାଷ କରିଥିବା ଚାଷୀମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ । ସମସ୍ତ ଆଗ୍ରହୀ ଚାଷୀ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରି ତା. ୧୯-୦୭-୨୦୨୫ ରିଖ ରୁ ତା. ୨୦-୦୮-୨୦୨୫ ରିଖ ମଧ୍ୟରେ ସମିତି କାର୍ଯ୍ୟାଳୟରେ ଆବେଦନ କରିବେ । ଏହା ବିଭାଗର ୱେବସାଇଟ **www.foododisha.in** ରେ ମଧ୍ୟ ଉପଲବ୍ଧ । ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଧାନ ଚାଷ ହୋଇଥିବା ଜମିର ବିଶଦ ବିବରଣୀ ଦେବାକୁ ହେବ ।

**ଆବଶ୍ୟକୀୟ କାଗଜପତ୍ର**

ପଞ୍ଜିକରଣ ପାଇଁ ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ ନିମ୍ନଲିଖିତ କାଗଜପତ୍ର / ତଥ୍ୟର ନକଲ ଦାଖଲ କରିବା ଆବଶ୍ୟକ ।

୧. ଆଧାର କାର୍ଡ଼
୨. ମୋବାଇଲ ନମ୍ବର
୩. ଅଧିକାର ଅଭିଲେଖ/ ଖତିୟାନ/ ସ୍ୱତ୍ୱଲିପି (ଆର.ଓ.ଆର)
୪. ଜମି ମାଲିକଙ୍କ ସହମତି ପତ୍ର (ଭାଗଚାଷୀଙ୍କ ପାଇଁ)
୫. ରେକର୍ଡ଼ଧାରୀଙ୍କ ଠାରୁ ସହମତି ପତ୍ର (ନିଜ ବ୍ୟତୀତ)

**ଚାଷୀ ପଞ୍ଜିକରଣ ସମୟରେ ଆଧାର ଭିତ୍ତିକ E-KYC ଜରୁରୀ ଅଟେ**

**ପଞ୍ଜିକରଣ ଅବଧି**

- ପଞ୍ଜିକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା. ୧୯-୦୭-୨୦୨୫ ରିଖ ରୁ ଦାଖଲ କରିବେ ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନେ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ ।
- ଖରିଫ ଧାନ ସଂଗ୍ରହ ସଂକ୍ରାନ୍ତରେ କେଉଁ ମାସ ଓ ପକ୍ଷରେ ଧାନ ବିକ୍ରୟ କରିବେ, ତାହା ପଞ୍ଜିକରଣ ଫର୍ମରେ ଉଲ୍ଲେଖ କରିବେ ।
- ଏହିଉଦ୍ଦେଶ୍ୟରେ ଚାଷୀମାନେ ବିଗତ ବର୍ଷ ଯେଉଁ ସମିତିରେ ପଞ୍ଜିକୃତ ହୋଇଥିଲେ, ସେହିଠାରେ ସମ୍ପର୍କ କରିବା ଆବଶ୍ୟକ ।
- ଚାଷୀମାନେ ଶେଷ ତାରିଖକୁ ଅପେକ୍ଷା ନକରି ଶୀଘ୍ର ପଞ୍ଜିକରଣ ପାଇଁ ସମିତିରେ ଅନୁମୋଦିତ ଫର୍ମରେ ଦରଖାସ୍ତ ଦାଖଲ କରିବାକୁ ଅନୁରୋଧ ।

**ଭାଗ ଚାଷୀ**

ଭାଗ ଚାଷୀମାନେ ପଞ୍ଜିକରଣ ପ୍ରକ୍ରିୟାରେ ଆବଶ୍ୟକ କାଗଜପତ୍ର ଦାଖଲ କରି ଅଂଶଗ୍ରହଣ କରିପାରିବେ ।

**କ୍ଷୁଦ୍ର ଓ ନାମମାତ୍ର ଚାଷୀ**

ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କର ଏକାନ୍ତ ଲକ୍ଷ୍ୟ ।

**ସମିତିର ଦାୟିତ୍ୱ**

- ଧାନ ବିକ୍ରୟ ପାଇଁ ଇଚ୍ଛୁକ ଥିବା ସମସ୍ତ ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ ।
- ସମିତି କର୍ମକର୍ତ୍ତା ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା. ୧୯-୦୭-୨୦୨୫ ରିଖ ରୁ ତା. ୨୫-୦୮-୨୦୨୫ ରିଖ ମଧ୍ୟରେ ତାଙ୍କର LOGIN ରେ ଡିଜିଟାଇଜ କରିବେ ।
- ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି ବା ଅଣ-ଧାନ ଚାଷ ହୋଇଥିବା ଜମିକୁ ପଞ୍ଜିକୃତ କରିବେ ନାହିଁ ।
- ଅଣ-ଚାଷୀ ଓ ଭୁଲ୍ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ ।
- ଯଥାଶୀଘ୍ର ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ । ଏହା ବିଳମ୍ବିତ ହେଲେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ ।

**ହେଲ୍ପ ଡେସ୍କ**

ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ । ଏଥିନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ ।

**ହେଲ୍ପ ଲାଇନ**

ଯଦି କୌଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ନମ୍ବର ୧୯୬୭ରେ ସରକାରୀ କାର୍ଯ୍ୟ ସମୟ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ ।

OIPR: 07002/13/0044/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର | ସମବାୟ ବିଭାଗ, ଓଡ଼ିଶା ସରକାର


FoodOdisha @Food_Odisha www.foododisha.in

## ଆଜି ଜନ୍ମଦିନ

# ମଙ୍ଗଳ ପାଣ୍ଡେ

ମଙ୍ଗଳ ପାଣ୍ଡେ ଜଣେ ବିଶିଷ୍ଟ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ, ଯିଏକି ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ନିଭାଇ ଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ମହତ୍ୱପୂର୍ଣ୍ଣ ଭୂମିକାକୁ ନେଇକି ଭାରତ ସରକାରଙ୍କଦ୍ୱାରା ସମ୍ମାନ ସ୍ୱରୂପ ତାଙ୍କ ନାମରେ ଏକ ଡାକ ଟିକଟ ପ୍ରଚଳନ କରାଯାଇଛି । ସେ ଉତ୍ତରପ୍ରଦେଶର ବାଲିଆ ଜିଲ୍ଲାର ନଗୱା ଗ୍ରାମରେ ୧୯ ଜୁଲାଇ ୧୮୨୭ ମସିହାରେ ଜନ୍ମଗ୍ରହଣ କରିଥିଲେ । ମଙ୍ଗଳ ପାଣ୍ଡେ ପ୍ରଥମ ଥର ପାଇଁ ଇଂରେଜମାନଙ୍କ ବିରୋଧରେ ମାରୋ ଫିରଙ୍ଗି କୋ ନାରା ଲଗାଇଥିଲେ । ଦିବାକର ପାଣ୍ଡେ ଏବଂ ଅଭୟ ରାଣୀ ଦେବୀଙ୍କ କୋଳମଣ୍ଡନ କରିଥିବା ମଙ୍ଗଳ ପ୍ରଥମେ ସୈନ୍ୟ ବିଭାଗରେ ଯୋଗ ଦେଇଥିଲେ । କିନ୍ତୁ ଇଂରେଜମାନଙ୍କ ଆକ୍ରୋଶର ଶିକାର ହେବା ପରେ ସେ କ୍ରାନ୍ତିକାରୀ ପାଲଟି ଭାରତବାସୀଙ୍କୁ ଇଂରେଜ ଗୁଲାମୀରୁ ମୁକୁଳିବା ଲାଗି ସଚେତନ କରିଥିଲେ । ୧୮୫୭ ମସିହା ଅପ୍ରେଲ ୮ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା ।






# ଦୃଷ୍ଟିହୀନ ଶିକ୍ଷା, ଏକ ଦୃଷ୍ଟିପାତ

ଦୃଷ୍ଟିହୀନ ପିଲାଙ୍କ ସହ ମିଶିବା ପରେ ସେମାନଙ୍କ ପାଇଁ କିଛି କରିବାର ଦୃଢ ଇଚ୍ଛାଶକ୍ତି ଲେଖକ ଡ. ଧୀରେନ୍ଦ୍ର କୁମାର ଷଡଙ୍ଗୀଙ୍କୁ ଏହି ପୁସ୍ତକ ରଚନା କରିବାକୁ ପ୍ରେରିତ କରିଥିଲା । ରେଭେନ୍ସାରେ କାର୍ଯ୍ୟରତ ଥିବା ସମୟରେ ସେ ଏହି ସମସ୍ତ ପୁସ୍ତକ ଲେଖିବାର ପ୍ରେରଣା ପାଇଥିଲେ, ବିଶେଷଭାବେ ଦୁଇଜଣ ଛାତ୍ରୀଙ୍କ ଠାରୁ ପ୍ରେରଣା ପାଇ ସେ ଦୃଷ୍ଟିହୀନ ପିଲାଙ୍କ ପାଇଁ ବହି ଗୁଡିକ ଲେଖିବା ଆରମ୍ଭ କରିଥିଲେ । ମୂଳ ଲକ୍ଷ୍ୟ ଥିଲା କିଭଳି ସେମାନେ ନିଜର ଭାଷାକୁ ସହଜ ଓ ସୁବିଧାରେ ଶିକ୍ଷା କରିପାରିବେ । ତେବେ ତାଙ୍କ ଲିଖିତ ଦ୍ୱିତୀୟ ପୁସ୍ତକ ହେଲା..

### ଓଡ଼ିଶାରେ ଦୃଷ୍ଟିହୀନ ଶିକ୍ଷାର ଇତିହାସ

ଦୃଷ୍ଟିହୀନମାନେ ସମାଜରେ ଅବହେଳିତ, ତଥାପି ସେମାନେ ସମାଜର ଏକ ଅଙ୍ଗ । ଏମାନଙ୍କ ବିଷୟରେ କୌଣସି ଲେଖା ଜଣେ ସାଧାରଣ ବ୍ୟକ୍ତି ପାଇଁ ଅନାବଶ୍ୟକ ହୋଇପାରେ । କିନ୍ତୁ ଗୋଟିଏ ଭାଷା ଓ ସାହିତ୍ୟ ପାଇଁ ଏହାର ଗୁରୁତ୍ୱ ରହିଛି । ଓଡ଼ିଶା ଦୃଷ୍ଟିହୀନ ଶିକ୍ଷାର ଆଦିପର୍ବ ସହିତ ଜଡ଼ିତ ଅନେକ ବ୍ୟକ୍ତିତ୍ୱ ଏବେ ସେପାରିରେ । ହାତଗଣତି ଯେଉଁ କେତେଜଣ ସକ୍ରିୟ ଅଛନ୍ତି, ସେମାନଙ୍କ ମୁହଁରୁ ସଂଗୃହୀତ ତଥ୍ୟଗୁଡ଼ିକୁ ଆଧାର କରି ପୁସ୍ତକଟି ରଚନା କରାଯାଇଛି ବୋଲି ଲେଖକ ପ୍ରକାଶ କରିଛନ୍ତି । ଏହା ଓଡ଼ିଆ ସାହିତ୍ୟକୁ ପ୍ରଥମ ସମର୍ପଣ । ପୁସ୍ତକର ଆରମ୍ଭରେ ପ୍ୟାରିସ୍ ସହରରେ ଭାଲେନ୍‌ଟାଇନ୍ ହାଉଏଙ୍କର ଦୃଷ୍ଟିହୀନଙ୍କୁ ସ୍ଫୀତ ଅକ୍ଷର ସାହାଯ୍ୟରେ ଶିକ୍ଷିତ କରିବା ପାଇଁ ପ୍ରୟାସ, ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପୃଥିବୀର ପ୍ରଥମ ଦୃଷ୍ଟିହୀନ ବିଦ୍ୟାଳୟରେ ଲୁଇବ୍ରେଲ୍‌ଙ୍କର ଦଖଲ, ଲୁଇଙ୍କ ଉପରେ ଚାର୍ଲସ୍ ବାରବିୟରଙ୍କ ଦ୍ୱାରା ଆବିଷ୍କୃତ ରାତ୍ରୀଲେଖା ପଦ୍ଧତିରେ ବ୍ୟବହୃତ ଡଟ୍ କୋଡ଼ର ପ୍ରଭାବ ଏବଂ ଷୋହଳ ବର୍ଷ ବୟସର ବାଳକ ଲୁଇ ବ୍ରେଲ୍‌ଙ୍କ ଦ୍ୱାରା ୬ଟି ଡଟ୍ କୋଡ୍‌କୁ ନେଇ ଫରାସୀ ଭାଷାରେ ସମସ୍ତ ଅକ୍ଷର ପାଇଁ ଡଟ୍ କୋଡ଼ ସୃଷ୍ଟି ବିଷୟରେ ଉଲ୍ଲେଖ କରାଯାଇଛି । **୧୮୮୭ ମସିହାରେ କୁମାରୀ ଆନ୍ନି ସାର୍ପ ନାମକ ଜଣେ ଖ୍ରୀଷ୍ଟିଆନ୍ ଧର୍ମପ୍ରଚାରିକା ଅମୃତସର୍ ଠାରେ ଭାରତର ପ୍ରଥମ ଦୃଷ୍ଟିହୀନ ବିଦ୍ୟାଳୟ ସ୍ଥାପନା କରିଥିଲେ ।** ଏହାପରେ ନୀଳକଣ୍ଠ ରାଇ ଦୟାଭାଇ ଛତ୍ରପତି, ଲାଲବିହାରି ସାହା, ପି.ଏମ୍. ଆଡ଼ଭାନୀ, ସାର କ୍ଲୁଥାନାନ୍‌ଟେ ମାକେନ୍‌ଜି, ପୁରୁଷୋତ୍ତମ ଦାସଙ୍କ ପରି ବ୍ୟକ୍ତିତ୍ୱମାନେ ଭାରତର ବିଭିନ୍ନ ସହରରେ ଦୃଷ୍ଟିହୀନ ବିଦ୍ୟାଳୟମାନ ପ୍ରତିଷ୍ଠା ସହିତ ନିଜ ନିଜ ଆଞ୍ଚଳିକ ଭାଷା ପାଇଁ ଡଟ୍ କୋର୍ଡ଼ ମଧ୍ୟ ତିଆରି କରିଥିଲେ । **ପି.ଏମ୍. ଆଡ଼ଭାନୀ ନାମକ ଜଣେ ବ୍ୟକ୍ତି ଦୀର୍ଘ ୩୦ ବର୍ଷ କାଳ ଇଂରେଜ ସରକାରଙ୍କ ସହିତ ଲଢ଼ି ଭାରତରେ ପ୍ରଚଳିତ ସମସ୍ତ ଆଞ୍ଚଳିକ ଭାଷା ପାଇଁ ଏକକ ବ୍ରେଲ୍ କୋର୍ଡ଼ ତିଆରି କରିଥିଲେ । ଏହି ଡଟ୍ କୋର୍ଡ଼ ଭାରତୀ ବ୍ରେଲ୍ ନାମରେ ନାମିତ ହୋଇଥିଲା ।** ଦେଶ ସ୍ୱାଧୀନ ହେବାପରେ ୧୯୫୧ ମସିହାରେ ଭାରତ ସରକାରଙ୍କ ଦ୍ୱାରା ଭାରତୀ ବ୍ରେଲ୍ ସ୍ୱୀକୃତି ଲାଭ କରି ଭାରତର ସବୁ ରାଜ୍ୟ ସମେତ ନେପାଳ ଓ ବାଙ୍ଗଲାଦେଶରେ ମଧ୍ୟ ପ୍ରଚଳିତ ହୋଇଥିଲା । **ଭାରତର ପ୍ରଥମ ଦୃଷ୍ଟିହୀନ ବିଦ୍ୟାଳୟ ପ୍ରତିଷ୍ଠା ହେବାର ୭୩ ବର୍ଷ ପରେ ୧୯୬୦ ମସିହାରେ ଭୁବନେଶ୍ୱର ଠାରେ ଓଡ଼ିଶାର ପ୍ରଥମ ଦୃଷ୍ଟିହୀନ ବିଦ୍ୟାଳୟ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ସ୍ଥାପନ ହୋଇଥିଲା । କିନ୍ତୁ ପ୍ରାଥମିକ ସ୍ତରରେ ବ୍ରେଲ୍ ତାଲିମପ୍ରାପ୍ତ ଶିକ୍ଷକ ଅଭାବରୁ ଓଡ଼ିଶାରେ ଦୃଷ୍ଟିହୀନ ଶିକ୍ଷାର ପ୍ରସାର ହୋଇପାରି ନଥିଲା ।** ୧୯୭୩ ମସିହାରେ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟରୁ ପ୍ରଥମ ବ୍ୟାଚ ପିଲା ଉତ୍ତୀର୍ଣ୍ଣ ହେବାପରେ ସେହି ସମସ୍ୟା ଦୂର ହୋଇଥିଲା । ଭୀମଭୋଇ ସ୍କୁଲର ପୁରାତନ ଛାତ୍ର, କେତେଜଣ ସମାଜସେବୀ ଓ ପ୍ରଶାସନିକ ଅଧିକାରୀଙ୍କ ପ୍ରଚେଷ୍ଟାରେ ଓଡ଼ିଶାର ବିଭିନ୍ନ ସହରରେ ଦୃଷ୍ଟିହୀନ ବିଦ୍ୟାଳୟ ଗଢ଼ି ଉଠିଲା । ସେହି ସମୟରେ ସରକାରୀ ସାହାଯ୍ୟର ବ୍ୟବସ୍ଥା ନଥିବାରୁ ସ୍କୁଲ୍‌ଗୁଡ଼ିକର ପ୍ରତିଷ୍ଠାତାମାନଙ୍କର ଅବଦାନ ଏବଂ ସେମାନଙ୍କର ସଂକ୍ଷିପ୍ତ ଜୀବନୀ ବିଷୟ ବହିରେ ଉଲ୍ଲେଖ ରହିଛି । ପୁସ୍ତକରେ ଓଡ଼ିଆ ଅକ୍ଷର ପାଇଁ ବ୍ୟବହୃତ ବ୍ରେଲ୍ ଡଟ୍ ଶିକ୍ଷା, ଦୃଷ୍ଟିହୀନଙ୍କ ପାଇଁ ଧନ୍ଦାମୂଳକ ତାଲିମ କେନ୍ଦ୍ର ପ୍ରତିଷ୍ଠା, ବେସରକାରୀ ସଂଗଠନ ମାନଙ୍କର ଦୃଷ୍ଟିହୀନ ଶିକ୍ଷା ପାଇଁ ଅବଦାନ, ବ୍ରେଲ୍ ସର୍ଟହାଣ୍ଡ, ବ୍ରେଲ୍ ଟାଇପ୍ ମେସିନ୍, ବ୍ରେଲ୍ ଛାପାକଳ ପ୍ରତିଷ୍ଠା, ବ୍ରେଲ୍ କାଗଜ, ଦୃଷ୍ଟିହୀନ ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ଶିକ୍ଷକ ତାଲିମ କେନ୍ଦ୍ର ପ୍ରତିଷ୍ଠା ଓ ବ୍ରେଲ୍ ପାଠ୍ୟ ଉପକରଣ ବିଷୟରେ ବହିରେ ଆଲୋଚନା କରାଯାଇଛି ।




## ଇତିହାସ

୧୮୨୭– ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ମଙ୍ଗଳ ପାଣ୍ଡେଙ୍କ ଜନ୍ମ ।

୧୯୦୦– ପ୍ୟାରିସ୍‌ରେ ମେଟ୍ରୋ ରେଳସେବାର ଶୁଭାରମ୍ଭ ।

୧୯୬୧– ବିମାନରେ ପ୍ରଥମ ଫିଲ୍ମ ପ୍ରଦର୍ଶିତ ।

୧୯୬୩– ବିମାନ ଜରିଆରେ ମହାକାଶ ଯାଇଥିବା ଜୟ ୱାକର ପ୍ରଥମ ବ୍ୟକ୍ତି ହେଲେ ।

୧୯୬୯– ଆପୋଲୋ ୨ର ମହାକାଶଚାରୀ ନିଲ ଆର୍ମଷ୍ଟ୍ରଙ୍ଗ୍ ଏବଂ ବଜ୍ ଅଲ୍‌ଡ୍ରିନ୍ ଚନ୍ଦ୍ରପୃଷ୍ଠରେ ପାଦ ରଖିଲେ ।

୧୯୬୯– ଦେଶର ୧୪ଟି ବୃହତ୍ ବ୍ୟାଙ୍କ୍‌ର ରାଷ୍ଟ୍ରୀୟକରଣ ପାଇଁ ଭାରତ ସରକାରଙ୍କ ନିଷ୍ପତ୍ତି ।

୧୯୭୪– କ୍ରାନ୍ତିକାରୀ ଉଦ୍ଧମ ସିଂହଙ୍କ ଅସ୍ଥିକୁ ଲଣ୍ଡନରୁ ନୂଆଦିଲ୍ଲୀ ଅଣାଗଲା ।

୨୦୦୩– ରୁଷ୍‌ର ମହାକାଶଚାରୀ ୟୁରୋ ମାଲେ ଥାନ୍କୋ ମହାକାଶରେ ବିବାହ କରିଥିବା ପ୍ରଥମ ବ୍ୟକ୍ତି ହେଲେ ।

୨୦୦୫– ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଆମେରିକୀୟ କଂଗ୍ରେସକୁ ସମ୍ବୋଧିତ କଲେ ।

# ଶୁଣିପାରନ୍ତି କୀଟପତଙ୍ଗ



ଇଜ୍ରାଇଲର ଏକ ଗବେଷଣା ରିପୋର୍ଟ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ଗବେଷଣାରେ ତଥ୍ୟ ଅନୁସାରେ କୀଟପତଙ୍ଗମାନେ ଗଛ ମାନଙ୍କ କଥା ଶୁଣିପାରନ୍ତି । ଏନେଇ ବୈଜ୍ଞାନିକଙ୍କୁ ପ୍ରମାଣ ମିଳିଥିବା ଜଣାପଡିଛି । ଗୋଟିଏ ଶୁଖିଯାଇଥିବା ଟମାଟୋ ଗଛର କଥା ଶୁଣି ଏଥିରେ କୀଟପତଙ୍ଗମାନେ ଅଣ୍ଡା ଦେବାକୁ ଆସିଥାଆନ୍ତି ବୋଲି ଏହି ଗବେଷଣାରେ ପ୍ରମାଣ ହୋଇଥିବା ଜଣା ପଡିଛି । ସାଧାରଣତଃ କୀଟପତଙ୍ଗ ବିଶେଷଭାବେ ଟମାଟୋ ଗଛରେ ଅଣ୍ଡା ଦେଇଥାଆନ୍ତି କାରଣ ତାଙ୍କ ଏଠାରେ ଖାଦ୍ୟ ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ । ତେଣୁ ଏହି ଗବେଷଣାରେ ଟମାଟୋ ଗଛକୁ ସ୍ୱତନ୍ତ୍ରଭାବେ ସାମିଲ କରାଯାଇଥିଲା । ଏହାପୂର୍ବରୁ ମିଳିଥିବା ସୂଚନା ଅନୁସାରେ ଗଛମାନେ ଯେତେବେଳେ ଷ୍ଟ୍ରେସରେ ରହିଥାଆନ୍ତି, ସେହି ସମୟରେ ଅଲ୍ଟ୍ରାସୋନିକ ଶବ୍ଦ ବାହାର କରନ୍ତି । ଏହି ଗବେଷଣାରେ ମଧ୍ୟ ସେହି ତଥ୍ୟର ବ୍ୟବହାର କରାଯାଇଥିବା ଗବେଷକମାନେ ସୂଚନା ଦେଇଛନ୍ତି । ଏହି କ୍ଷେତ୍ରରେ ଆଗରୁ ଆହୁରି ଗବେଷଣା କରାଯିବାନେଇ ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି ।

## ସୋସିଆଲ କୋଟ୍ସ



"ଆମ ପରୀ ଘରକୁ ଆସିସାରିଛି । ହେଲେ ଆପଣଙ୍କୁ ଅନୁରୋଧ ତାର କୌଣସି ଫଟୋ ନ ଉଠାଇବାକୁ । ଆମକୁ ଟିକେ ପ୍ରାଇଭେସି ଦିଅନ୍ତୁ । କେବଳ ତାକୁ ଆଶିର୍ବାଦ କରନ୍ତୁ ।

**ସିଦ୍ଧାର୍ଥ ମଲହୋତ୍ରା, ଅଭିନେତା**



"ବ୍ୟାଟଲ ଅଫ୍ ଗଲୱାନ୍ ସୁଟିଂ କରିବା ସହଜ ନଥିଲା । ଥଣ୍ଡା ପାଣି ଓ ଉଚ୍ଚସ୍ଥାନରେ ସୁଟିଂ କରିବା ଖୁବ କଷ୍ଟକାମ ହୋଇଥାଏ । ବହୁତ ପରିଶ୍ରମ କରିବାକୁ ପଡିଥାଏ ।

**ସଲମାନ ଖାନ, ଅଭିନେତା**




"ଆଗକୁ କଣ ହେବ ଜାଣିନି । ମୁଁ ଆଜି ଯାହା ବି ସଫଳତା ପାଇଛି ତାହା ଭୋଜପୁରୀ ଇଣ୍ଡଷ୍ଟ୍ରୀ ପାଇଁ । ତେଣୁ ବର୍ତ୍ତମାନ ସେହି ଇଣ୍ଡଷ୍ଟ୍ରୀ ପାଇଁ କାମ କରିବା ମୋର ଲକ୍ଷ ।

**ଅକ୍ଷରା ସିଂ, ଅଭିନେତ୍ରୀ**



# ଗ୍ଲୋବାଲ ଷ୍ଟାର ପ୍ରିୟଙ୍କା

ଦେଶୀ ଗର୍ଲ ପ୍ରିୟଙ୍କାଙ୍କ ଷ୍ଟାରଡମ୍ ସାରା ବିଶ୍ୱରେ ରହିଛି । ନିଜର ଅଭିନୟ ପାଇଁ ସେ ବଲିଉଡରୁ ଯାଇ ହଲିଉଡରେ ପହଞ୍ଚି ସାରିଛନ୍ତି । ତେବେ ତାଙ୍କର ଏହି କାହାଣୀ ପଛରେ ଅନେକ ସଂଘର୍ଷ ରହିଛି । ଏହା ପଛରେ ତାଙ୍କର ପରିଶ୍ରମ ଓ ସାହସର ହାତ ରହିଛି । କ୍ୟାରିୟର ଆରମ୍ଭ ପ୍ରିୟଙ୍କା ଜଣେ ସାଧାରଣ କଳାକାର ଭଳି କରିଥିଲେ, ଯାହା ତାଙ୍କୁ ୨୦୦୦ ମସିହାରେ ମିସ୍ ୱାର୍ଲ୍ଡ ଜିତିବା ପରେ ହାସଲ ହୋଇଥିଲା । ମାତ୍ର ୧୭ ବର୍ଷ ବୟସରେ ତାଙ୍କୁ ଏହି ଟାଇଟଲ ହାସଲ ହୋଇଥିଲା । ୨୦୦୨ରେ ତାମିଲ ଫିଲ୍ମ ଥାମିଜାନ୍‌ରୁ ସେ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ । ହେଲେ କ୍ୟାରିୟର ଆରମ୍ଭରୁ ତାଙ୍କର ଶ୍ୟାମଳ ରଙ୍ଗ ପାଇଁ ସେ ଅନେକ ସମାଲୋଚନା ଶୁଣିଥିଲେ । ସମସ୍ତେ ତାଙ୍କୁ ସେହି ସମୟରେ କାଳି ବିଲେଇର ଆଖ୍ୟା ମଧ୍ୟ ଦେଇଥିଲେ । ଏହି ବର୍ଣ୍ଣଭେଦଭାବକୁ ଗୁରୁତ୍ୱ ନଦେଇ ନିଜ ଉପରେ ଭରସା ରଖି ଆଗକୁ ବଢିଥିଲେ ପ୍ରିୟଙ୍କା । ତାଙ୍କ ଅଭିନୟରେ ଥିବା ଦକ୍ଷତା, କଠିନ ପରିଶ୍ରମ ତାଙ୍କୁ ବିଟାଉନ୍‌ରେ ତ ସଫଳତା ଦେଲା ଏହାପରେ ତାଙ୍କୁ ଗ୍ଲୋବାଲ ଷ୍ଟାରରେ ମଧ୍ୟ ପରିଣତ କରିଥିଲା । ବର୍ତ୍ତମାନ ସେ ହଲିଉଡର ଅନେକ ନାମୀଦାମୀ ପ୍ରୋଜେକ୍ଟରେ ଭାଗ ନେଇ ଭାରତର ନାଁକୁ ଗର୍ବିତ କରିବାରେ ଲାଗିଛନ୍ତି ।



**ହାହାଃ..**

ରାଜୁ– ବାପା ମୁଁ କାଲିଠୁ ସ୍କୁଲ ଯିବିନି ।
ବାପା– କାହିଁକି ?
ରାଜୁ – ଆଜି ଆମ ସ୍କୁଲରେ ସମସ୍ତଙ୍କର ଓଜନ କରାଯାଇଛି ।
ବାପା – ତ ସେଥିରୁ କ'ଣ ହେଲା ?

# ଖଟା ମୁଗ

**ସାମଗ୍ରୀ–** ୨ କପ ମୁଗ ଡାଲି, ଦହି ଏକ କପ୍, ଲଙ୍କା ଗୁଣ୍ଡ, ୨ ଚାମଚ ବେସନ, ଧନିଆ ଗୁଣ୍ଡ, ଗୋଟା ଜିରା, ସୋରିଷ, ଭୁସଙ୍ଗ ପତ୍ର, ରସୁଣ, ଅଦା, ଧନିଆ ପତ୍ର ।

**ପ୍ରଣାଳୀ–** ପ୍ରଥମେ ମୁଗ ଡାଲିକୁ ଧୋଇ ବତୁରାଇ ଦିଅନ୍ତୁ । ଏହାପରେ ଏହାକୁ ପାଣିଦେଇ ସିଝାଇ ନିଅନ୍ତୁ । ଗୋଟିଏ ପାତ୍ରରେ ବେସନ, ଦହି, ହଳଦୀ, ଲଙ୍କାଗୁଣ୍ଡ ପକାଇ ଗୋଳାଇ ନିଅନ୍ତୁ । ଏହାପରେ ପ୍ୟାନରେ ପଞ୍ଚଫୁଟଣ ପକାଇ ଡାଲିକୁ ଡାଳି ଦିଅନ୍ତୁ । କିଛି ସମୟ ପରେ ଏଥିରେ ଦହି ଓ ବେସନ ମିଶ୍ରଣକୁ ପକାଇ ଗୋଳାଇ ନିଅନ୍ତୁ । ଶେଷରେ ଧନିଆ ପତ୍ର ପକାଇ ପରଷନ୍ତୁ ଖଟା ମୁଗ ।



# ଭଡାରେ ମିଳିଥାଆନ୍ତି ଆଇମା'



ଆଜିକାଲି ପିଲାମାନେ ନିଜ ବାପାମାଆଙ୍କ ପାଖରେ ରହିବା ଫଳରେ ଅଜାଆଈ, ଜେଜେବାପା ଜେଜେମାଆଙ୍କ ପ୍ରେମରୁ ବଞ୍ଚିତ ହେଉଛନ୍ତି । ସମସ୍ତେ ଆଜିକାଲି ବାହାରେ ରହୁଥିବାର ଏହା ମଧ୍ୟ ଅନ୍ୟ ଏକ କାରଣ ସାଜୁଛି । ପ୍ରାୟତଃ ଲୋକ ବୃତିଗତ କାରଣରୁ ବାହାର ଦେଶରେ ରହୁଛନ୍ତ ଯେଉଁ କାରଣରୁ ସେମାନେ ନିଜ ପରିବାର ସହିତ ସମୟ ବିତାଇ ପାରୁ ନାହାନ୍ତି । ତେବେ ଜାପାନରେ ଏହି ସମସ୍ୟାକୁ ସମାଧାନ କରିବାକୁ ଏକ ପ୍ରୟାସ ଆରମ୍ଭ ହୋଇଛି । ଏଠାରେ ଏକ କମ୍ପାନୀ ତାର ଗ୍ରାହକଙ୍କୁ ଭଡାରେ ଅଜାଆଈ ଯୋଗେଇ ଦେଉଛନ୍ତି । କମ୍ପାନୀ ପକ୍ଷରୁ 'ଓକେ ଗ୍ରାଣ୍ଡମା' ନାମରେ ଏକ ସେବା ପ୍ରଦାନ କରାଯାଉଛି । ଯେଉଁଥିରେ ୬୦ ରୁ ୯୪ ବର୍ଷର ମହିଳାଙ୍କୁ ଭଡାରେ ନେଇ ହେବ । ୨୦୧୨ରେ ଏହି ସେବା ଆରମ୍ଭ ହୋଇଥିଲା । ବର୍ତ୍ତମାନ ଜାପାନରେ ଏହି ସେବା ଖୁବ ଲୋକପ୍ରିୟ ପାଲଟିଛି । ଏହି ସେବାରେ ଲୋକମାନଙ୍କ ଭଡା ବାବଦକୁ ଘଣ୍ଟାପ୍ରତି ପାଖାପାଖି ୧୮୦୦ ଟଙ୍କା ଦେବାକୁ ହୋଇଥାଏ, ଯେଉଁଥିରେ ପରିବହନ ଶୁଳ୍କ ଓ ଅନ୍ୟ ଖର୍ଚ୍ଚ ଅଲଗା ରହିଥାଏ । ଲୋକମାନେ ଏହି ସେବାକୁ ଖୁବ ପ୍ରଶଂସା କରୁଥିବାର ଦେଖିବାକୁ ମିଳୁଛି । ଆଜିକାଲିର ଯୁବପିଢି ଏହି ମହିଳାଙ୍କୁ ଠାରୁ ଅନେକ ଜ୍ଞାନ ହାସଲ କରିଥାଆନ୍ତି, ଯାହା ତାଙ୍କୁ ଜୀବନରେ ଖୁବ ସହାୟକ ହୋଇଥାଏ । ସେମାନେ ଏହି ମହିଳାଙ୍କ ସହିତ ଖୁବ ଭଲ ସମୟ ବିତାଇଥାଆନ୍ତି ବୋଲି କମ୍ପାନୀ ପକ୍ଷରୁ ମତ ଦିଆଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କଟକ ସାଂସଦ

# କଟକ ଓ ଆଖପାଖ ଅଞ୍ଚଳକୁ ଏକ ସମୃଦ୍ଧ ମଡେଲ ଅଞ୍ଚଳ ଭାବେ ବିକଶିତ କରାଯିବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ) କଟକ ସାଂସଦ ଭର୍ତ୍ତୃହରି ମହତାବ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି କଟକ ସଂସଦୀୟ କ୍ଷେତ୍ରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଛନ୍ତି। ବୈଠକରେ, କଟକ ସହରର ଓଏମପି ଅଂଚଳରେ ଭେଣ୍ଡିଙ୍ଗ ଜୋନ, ଏକ ବୃହତ୍ କନ୍‌ଭେନସନ ସେଣ୍ଟର ସ୍ଥାପନ, ରାଣୀହାଟ ଅଂଚଳର ଉନ୍ନତିକରଣ, ପ୍ରେସ ଛକ ଅଂଚଳରେ ଏକ ପାର୍କ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏତଦବ୍ୟତୀତ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଭୂମି ସତ୍ୟଭାମାପୁରର ସମନ୍ୱିତ ବିକାଶ, ସିଏମସି ଏବଂ ସିଡିଏ ଅଞ୍ଚଳ ପାଇଁ ଡ୍ରେନେଜ୍ ମାଷ୍ଟର ପ୍ଲାନ୍, ମହାନଦୀରେ ବ୍ୟାରେଜ୍ ଯୋଜନା, ବଡମ୍ବା ସୁଗାର ମିଲ ଓ ଭଗତପୁର କଟନ ମିଲର ପୁନଃ କାର୍ଯ୍ୟକାରିତା, ଓ ଉପଖଣ୍ଡ ସ୍ତରୀୟ କୋଲ୍ଡ ଷ୍ଟୋରେଜ ନିର୍ମାଣ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରୁ ଜଣାପଡିଛି ଯେ, ମୁଖ୍ୟମନ୍ତ୍ରୀ ଏହି ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଏବଂ ପ୍ରଶାସନିକ ସ୍ତରରେ ପ୍ରତ୍ୟେକ କାର୍ଯ୍ୟ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ସଚିବଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହି ଆଲୋଚନାରେ, ଅଧିକ ସଂଯୁକ୍ତ ପ୍ରୟାସ ଦ୍ୱାରା କଟକ ଜିଲ୍ଲା ଏବଂ ତାହାର ଉପଖଣ୍ଡ ଅଞ୍ଚଳକୁ ଏକ ଆଧୁନିକ ଓ ସମୃଦ୍ଧ ମଡେଲ୍ କ୍ଷେତ୍ର ବନେଇବା ପାଇଁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ପୌର ପ୍ରଶାସନ ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ଏଫ୍‌ଏମ୍ କଲେଜ ଅଘଟଣ ପରେ ତତ୍ପରତା

# ମହିଳା ସହାୟତା ଲାଗି ହେଲ୍ପଲାଇନ୍ ନଂ ୧୮୧

ଭୁବନେଶ୍ୱର, (ସବ୍ୟୁ): ବାଲେଶ୍ୱର ଏଫ୍‌ଏମ୍ କଲେଜ ଅଘଟଣ ପରେ ତତ୍ପରତା ଦେଖାଇଛି ଉଚ୍ଚଶିକ୍ଷା ବିଭାଗ । ମହିଳାଙ୍କୁ ସହାୟତା ପାଇଁ ଜାରି ହେଲା ହେଲ୍‌ପଲାଇନ୍ ନମ୍ବର୧୮୧ । ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଓ କଲେଜ ଅଧକ୍ଷଙ୍କୁ ଉଚ୍ଚ ଶିକ୍ଷା ବିଭାଗ ଚିଠି ଲେଖିଛି ।

ରାଜ୍ୟର ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟ କ୍ୟାମ୍ପସ ପରିସରରେ ରହିଥିବା ପ୍ରମୁଖ ସ୍ଥାନମାନଙ୍କରେ ମହିଳା ସହାୟତା ନମ୍ବର ୧୮୧ ପ୍ରଦର୍ଶନ କରିବାକୁ ସମସ୍ତ ରେଜିଷ୍ଟ୍ରାର ଓ ଅଧକ୍ଷମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି ।

ସେହିଭଳି ଶିକ୍ଷାନୁଷ୍ଠାନରେ ସଚେତନତା କର୍ମଶାଳା ଆୟୋଜନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯୌନ ଉତ୍ପୀଡ଼ନ ନିବାରଣ ସମ୍ପର୍କିତୟୁଜିସି ଗାଇଡ୍‌ଲାଇନ୍ ପାଳନ ପରାମର୍ଶ ଦିଆଯାଇଛି । କର୍ମଶାଳାରେ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀ ଯୋଗ ଦେବେ । ଏହାସହ ଆଭ୍ୟନ୍ତରୀଣ ଅଭିଯୋଗ କ ମି ଟି - ଆ ଇ ସି ସି ସଦସ୍ୟମାନେ ଯୋଗ ଦେବେ । କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର) ଅଧିନିୟମ ୨୦୧୩ର ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଶପଥ ନେବେ । କର୍ମଶାଳା ଆୟୋଜନର ସବିସ୍ତୃତ ବିବରଣୀ ଆସନ୍ତା ୩ ଦିନ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବା ନିମନ୍ତେ ଚିଠିରେ ଉଲ୍ଲେଖ କରାଯାଇଛି ।

- **ସମସ୍ତ ବିଶ୍ୱବିଦ୍ୟାଳୟ, କଲେଜ ପାଇଁ ଗାଇଡଲାଇନ**
- **ତିନିଦିନ ଭିତରେ କର୍ମଶାଳାର ବିବରଣୀ ବିଭାଗକୁ ପଠାଅ**

## ରମାଦେବୀ ବିଶ୍ୱବିଦ୍ୟାଳୟରେ

# ଯୌନ ଉତ୍ପୀଡନ ବିରୋଧରେ ସଚେତନତା କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଅନ୍ତର୍ଗତ ଅଭିଯୋଗ କମିଟି (ଓଉଉ) ଦ୍ୱାରା ଶୁକ୍ରବାର ଦିନ କାର୍ଯ୍ୟସ୍ଥଳରେ ମହିଳାଙ୍କ ଉପରେ ଯୌନ ଉତ୍ପୀଡନ ବିଷୟରେ ଏକ ଦିନିଆ ସଚେତନତା କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟଶାଳା "ଯୌନ ଉତ୍ପୀଡନ (ପ୍ରତିଷେଧ, ରୋକଥାମ ଓ ପ୍ରତିକାର) ଆଇନ – ୨୦୧୩" ଉପରେ ଆଧାରିତ ଥିଲା। ଏହି କାର୍ଯ୍ୟକ୍ରମର ମୂଖ୍ୟ ଉଦ୍ଦେଶ୍ୟ ଥିଲା ଶିକ୍ଷାନୁଷ୍ଠାନର ଅଭ୍ୟନ୍ତରୀଣ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀଙ୍କୁ ଯୌନ ଉତ୍ପୀଡନ ବିଷୟରେ ସଚେତନ କରିବା, ଏବଂ ଏହା ସହ ଜଡିତ ଆଇନଗତ ପ୍ରତିକାର ବିଷୟରେ ସୂଚନା ଦେବା। ଉଚ୍ଚ ଓ ସର୍ବୋଚ୍ଚ ନ୍ୟାୟାଳୟର ଅଭିଜ୍ଞ ଅଧିବକ୍ତା ଓ ବିଚାରପତି ଭାବେ ଦୀର୍ଘ ଅଭିଜ୍ଞତା ରଖିଥିବା ବିଚାରପତି ଉମା ଚରଣ ମିଶ୍ର,ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, "ମହିଳାମାନେ ନିଜ ଅଧିକାର ବିଷୟରେ ସଚେତନ ହେବା ଓ ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା ହେଉଛି ସମାଜ ଓ ଆଇନ ଦୁହିଁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ।" ସଭାର ଅଧକ୍ଷତା କରୁଥିବା ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଏହି ପ୍ରକାରର କାର୍ଯ୍ୟକ୍ରମକୁ ମହିଳା ସମାଜ ଅଗ୍ରଗତି ପାଇଁ ଆବଶ୍ୟକ ବୋଲି ବିବେଚନା କରି ସମସ୍ତଙ୍କୁ ସମର୍ଥନ ଦେବାକୁ ଆହ୍ୱାନ କରିଥିଲେ ।

ଅନ୍ୟ ଦୁଇ ବିଶିଷ୍ଟ ବକ୍ତା— ପ୍ରଫେସର ସୁଚେତା ପ୍ରିୟବାଦିନୀ (ରମାଦେବୀ ଚେୟାର ପ୍ରଫେସର) ଓ ରେଜିଷ୍ଟ୍ରାର ସ୍ମୃତି ମନସ୍ୱିନୀ ସାହୁ ଆଇସିସିର ଭୂମିକା, ଅଭିଯୋଗ ପ୍ରକ୍ରିୟା ଓ ପ୍ରତିକାର ବ୍ୟବସ୍ଥା ବିଷୟରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭ ରେ ପ୍ରଫେସର ଜ୍ୟୋତିର୍ମୟୀ ଆର୍ଚ୍ୟଙ୍କ ସ୍ୱାଗତ ଉଦ୍‌ବୋଧନ ସହିତ ଭାନ୍ୱରୀ ଦେବୀ ଘଟଣା ଉପରେ ଏକ ଉପସ୍ଥାପନ ପ୍ରଦାନ କରି ମହିଳାମାନେ କେମିତି ଅନ୍ୟାୟ ଓ ଉତ୍ପୀଡନ ସମ୍ମୁଖୀନ ହୁଅନ୍ତି, ତାହାକୁ ସାରଗର୍ଭିତ ମର୍ମରେ ବୁଝାଇଥିଲେ । କାର୍ଯ୍ୟକ୍ରମର ଅନ୍ତର୍ଗତ ଏକ ରମ୍ୟ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯାହା ଛାତ୍ରୀମାନଙ୍କର ଆଗ୍ରହ ବଢ଼ାଇଲା। କାର୍ଯ୍ୟଶାଳା ଶେଷରେ ଡ଼ା. କଲ୍ୟାଣୀ ସାରଙ୍ଗୀ ଧନ୍ୟବାଦ ଜ୍ଞାପନ ପ୍ରଦାନ କରି, ସମସ୍ତଙ୍କ ସକ୍ରିୟ ଅଂଶଗ୍ରହଣ ପ୍ରତି କୃତଜ୍ଞତା ଜଣାଇଲେ। ଏହି ପ୍ରୟାସ ଭବିଷ୍ୟତରେ ଉତ୍ପୀଡନ ବିରୋଧରେ ଏକ ଶକ୍ତିଶାଳୀ ପ୍ରୟାସ ହେବ ବୋଲି ଆଶା କରାଯାଉଛି ।

## ସରକାରୀ ସଂସ୍ଥା "ସତ୍ୟମେବ ଜୟତେ' ଲେଖିବା ବାଧ୍ୟତାମୂଳକ

# ସମସ୍ତ ମୁଖ୍ୟ ସଚିବଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଚିଠି

ଭୁବନେଶ୍ୱର, (ସବ୍ୟୁ): ଦେଶରେ ବିଭିନ୍ନ ସରକାରୀ ସଂସ୍ଥା ଯେଉଁମାନେ ସେମାନଙ୍କର ଷ୍ଟେସନାରୀ, ପ୍ରକାଶନ, ମୋହର, ଯାନବାହାନ, କୋଠା ଓ ୱେବସାଇଟ୍ ଇତ୍ୟାଦିରେ ଭାରତର ରାଷ୍ଟ୍ରୀୟ ପ୍ରତୀକ ଅଶୋକସ୍ତମ୍ଭ ବ୍ୟବହାର କରୁଛନ୍ତି। ତେବେ ସେମାନେ ପ୍ରାୟତଃ ସତ୍ୟମେବ ଜୟତେ ମୂଳମନ୍ତ୍ର ବାଦ ଦେଇ କେବଳ ସିଂହ ରାଜଧାନୀର ରୂପରେଖକୁ ଦର୍ଶାଉଛନ୍ତି। ଏହି ଘଟଣା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଦୃଷ୍ଟିକୁ ଆସିବା ପରେ ସିଂହଚିହ୍ନ ତଳେ ସତ୍ୟମେବ ଜୟତେ ଉଲ୍ଲେଖ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଭାରତର ରାଷ୍ଟ୍ରୀୟ ପ୍ରତୀକ ହେଉଛି ସରକାରୀ ମୋହରା ଅଶୋକଙ୍କ ପ୍ରବର୍ତ୍ତିତ ସାରନାଥ ରାଜଧାନୀର ସିଂହଚିହ୍ନରୁ ଆମର ରାଷ୍ଟ୍ରୀୟ ପ୍ରତୀତ ଆନୀତ। ଭାରତର ରାଷ୍ଟ୍ରପ୍ରତୀକର ବିଜୟୀନୀ ଅନୁଚିତ ବ୍ୟବହାର ନିଷେଧ ଆଇନ-୨୦୦୫ର ସୂଚୀର ପରିଶିଷ୍ଟ-୧ ଓ ୨ ଆଇନ ପ୍ରଣୀତ ହୋଇଛି।

ସିଂହ ରାଜଧାନୀର ରୂପରେଖ ତଳେ (ଦେବନାଗରୀ ଲିପିରେ) ଲେଖାଯାଇଥିବା ସତ୍ୟମେବ ଜୟତେ ମୂଳମନ୍ତ୍ର ବିନା ଭାରତର ରାଷ୍ଟ୍ରୀୟ ପ୍ରତୀକ ଅସମ୍ପୂର୍ଣ୍ଣ। ଭାରତର ରାଷ୍ଟ୍ରୀୟ ପ୍ରତୀକର ଅସମ୍ପୂର୍ଣ୍ଣ ପ୍ରଦର୍ଶନ ଉକ୍ତ ଆଇନ୍‌କୁ ଉଲ୍ଲଂଘନ କରୁଛି ବୋଲି ବିବେଚିତ ହେବ। ଯଦି କୌଣସି ବ୍ୟକ୍ତି ଅନୁଚିତ ସ୍ୱାର୍ଥ ସାଧାନ ଉଦ୍ଦେଶ୍ୟରେ ଧାରା-୪ର ବ୍ୟବସ୍ଥା ଉଲ୍ଲଂଘନ କରନ୍ତୁ ତେବେ ଏହି ଅପରାଧ ପାଇଁ ଅନ୍ୟୁନ ୬ ମାସ କିମ୍ବା ତା ଠାରୁ ଅଧିକ ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ ୧୦୦୦ ଟଙ୍କା ଯାଏ ଦଣ୍ଡିତ ହେବେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ପ୍ରଶାସକ ଓ ମନ୍ତ୍ରଣାଳୟ ଏବଂ ବିଭାଗ ଗୁଡିକ ସଚିବମାନଙ୍କୁ ଏସମ୍ବନ୍ଧରେ ଏକ ପତ୍ର ଲେଖିଛନ୍ତି।

## ସୁଶାସନ ଅଭ୍ୟାସ ଜାତୀୟ କର୍ମଶାଳା ଉଦ୍‌ଯାପିତ

# ଅଭିନବ, ନାଗରିକ କେନ୍ଦ୍ରିକ ସଂସ୍କାରକୁ ଗୁରୁତ୍ୱ



ଭୁବନେଶ୍ୱର, ୧୮ ।୭ (ସବ୍ୟୁ) : ଭୁବନେଶ୍ୱରରେ ଆୟୋଜିତ ଦୁଇ ଦିନିଆ ସୁଶାସନ ଅଭ୍ୟାସ ଜାତୀୟ କର୍ମଶାଳା ଉଦଯାପିତ ହୋଇଯାଇଛି। ସମ୍ମିଳନୀରେ ଅଭିନବ ଓ ଶ୍ରେଷ୍ଠ ଅଭ୍ୟାସକୁ ଅନୁକରଣ କରିବାକୁ ପରାମର୍ଶ ଦିଆଯାଇଛି। ସୁଶାନରେ ଓଡ଼ିଶାର ଅଭିନବତ୍ୱ ସମ୍ପର୍କରେ ଆଲୋଚନା କରାଯାଇଛି। ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ନାଗରିକ କେନ୍ଦ୍ରୀକ ସେବାକୁ ଗୁରୁତ୍ୱ ଦିଆଯାଇଛି।

ଗତକାଲି ଆରମ୍ଭ ହୋଇଥିବା ସମ୍ମିଳନୀକୁ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉଦଘାଟନ କରିଥିଲେ। ଉଦଘାଟନୀ ଅବସରରେ ପ୍ରଧାନମନ୍ତ୍ରୀଙ୍କ ସଂସ୍କାରର ୪ଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ। ଉଦଯାପନୀ ଉତ୍ସବରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର କହିଥିଲେ ଯେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ନିଜ ନିଜ ଜିଲ୍ଲାର ଅଭିନବତ୍ୱର ସହ ବିକାଶମୂଳକ କାର୍ଯ୍ୟର ସଫଳତା ହାସଲ କରିଥିବା ସମ୍ପର୍କରେ ଉପସ୍ଥାପନ କରିଛନ୍ତି। ଉତ୍ତମ ଅଭ୍ୟାସ ବିଭିନ୍ନ ଅଞ୍ଚଳରେ ପ୍ରୟୋଗ କରାଯିବାର ଆବଶ୍ୟକତା ରହିଛି। ପ୍ରଶାସନିକ କ୍ଷେତ୍ରରେ ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତାକୁ ଅବତାରଣା କରି ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ନାଗରିକ କେନ୍ଦ୍ରୀକ ସେବାକୁ ଗୁରୁତ୍ୱ ଦେବାସହ ପ୍ରଶାସନିକ ଅଧିକାରୀମାନଙ୍କ ଛୋଟ ଛୋଟ ପ୍ରୟାସ କିପରି ଲୋକଙ୍କ ଭିତରେ ବୃହତ୍ତ ପରିବର୍ତ୍ତନ ଆଣିଥାଏ ତାହାର ଆଲୋକପାତ କରିଥିଲେ। ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛତାର ସହ କାର୍ଯ୍ୟ, ସୁଶାସନ ବ୍ୟବସ୍ଥାରେ ଶକ୍ତିର ଉତ୍ସ। କୃତ୍ରିମ ବୁଦ୍ଧିମତା (ଏଆଇ) ସାମ୍ପ୍ରତିକ ଯୁଗରେ ବିକାଶରେ ଅଭିନବତ୍ୱ ପାଇଁ ନୂଆ ସମ୍ଭାବନା ଆଣିଛି ବୋଲି ସେ କହିଥିଲେ। କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସଂସ୍କାର ବିଭାଗର ଅତିରିକ୍ତ ଶାସନ ସଚିବ ପୁନିତ୍ ଯାଦବ ଆୟୋଜନ ଲାଗି ଓଡ଼ିଶା ସରକାରଙ୍କ ସହଯୋଗକୁ ପ୍ରଶଂସା କରିଥିଲେ। ବୈଷୟିକ ଜ୍ଞାନକୌଶଳର ଉପଯୋଗରେ ନାଗରିକ କେନ୍ଦ୍ରିକ ସେବା କିପରି ସହଜ ହୋଇପାରୁଛି ସେ ସମ୍ପର୍କରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରଧାନମନ୍ତ୍ରୀ ପୁରସ୍କାରପ୍ରାପ୍ତ ଜିଲ୍ଲା ସମେତ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥାପନା ସମ୍ପର୍କରେ ମତ ରଖିଥିଲେ। ସେହିଭଳି ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ ବିନିତ୍ ଭରଦ୍ୱାଜ, ପ୍ରମୁଖ ଶାସନ ସଚିବ ଏନବିଏସ୍ ରାଜପୁତ, ଜନ ଅଭିଯୋଗ ବିଭାଗ ନିର୍ଦ୍ଦେଶକ ଡ. ତୁଷାବା ସିନ୍ଦେ ସମ୍ମିଳନୀର ସଫଳତା ପାଇଁ ଓଡ଼ିଶା ସରକାରଙ୍କ ଅଂଶ ଗ୍ରହଣକୁ ପ୍ରଶଂସା କରିଥିଲେ। ଏନବିଏସ୍ ରାଜପୁତଙ୍କ ଅଧକ୍ଷତାରେ ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସାମ ସମଗ୍ର ଶିକ୍ଷା ମିଶନ ନିର୍ଦ୍ଦେଶକ ଓମ୍ ପ୍ରକାଶ ଡ୍ରପ୍ ଆଉଟ୍ ହାର ରୋକିବାରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ମଧ୍ୟପ୍ରଦେଶ ବଡୱାନୀ ଜିଲ୍ଲାର ଗୃହ ଓ ଭିତ୍ତିଭୂମି ଉନ୍ନୟନ ବୋର୍ଡର କମିଶନରର ରାହୁଲ ହରିଦାସ ଫାଡିଙ୍ଗ୍, ସାମଗ୍ରିକ ବିକାଶ କ୍ଷେତ୍ରରେ ସଫଳତା ଓ ଆଗାମୀ ଦିନର ଆହ୍ୱାନ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ପୁରସ୍କାରପ୍ରାପ୍ତ କୋରାପୁଟ ଜିଲ୍ଲାର ଜିଲ୍ଲାପାଳ ଭି. କୀର୍ତ୍ତିବାସନ କୋରାପୁଟ ଶିଶୁମାନଙ୍କୁ ନିୟମିତ ଟିକାକରଣକୁ ସୁନିଶ୍ଚିତ କରିବା ପାଇଁ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ସୁନ୍ଦରଗଡ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କଠିନ ବର୍ଯ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ଅଭିନବତ୍ୱ ଓ ଏଥିରେ ରହିଥିବା ଆହ୍ୱାନ ଓ ଗୋଷ୍ଠୀ ସହ ଭାଗିଦାର। ନିରନ୍ତରତା ଭିତ୍ତିରେ ସମାଧାନ ପାଇଁ ପ୍ରୟାସ ଜାରି ରହିଥିବା ସମ୍ପର୍କରେ ଉପସ୍ଥାପନ କରିଥିଲେ।

# ଏସ୍‌ଆଇ ସସ୍‌ପେଣ୍ଡ

ଭୁବନେଶ୍ୱର, (ସବ୍ୟୁ) : କାର୍ଯ୍ୟରେ ଅବହେଳା ପାଇଁ ଖଣ୍ଡଗିରି ଥାନା ଏସ୍‌ଆଇ ଦେବୀପ୍ରସାଦ ବେଉରାଙ୍କୁ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସସ୍‌ପେଣ୍ଡ କରିଛନ୍ତି । ଏକ ଏନ୍‌ଡିପିଏସ୍ ମାମଲାର ଚାର୍ଜସିଟ୍ ନିର୍ଦ୍ଧାରିତ ସମୟ ୬୦ଦିନ ମଧ୍ୟରେ କରିନଥିବାରୁ ତାଙ୍କୁ ସସ୍‌ପେଣ୍ଡ କରାଯାଇଛି । ଏନ୍‌ଡିପିଏସ୍ ମାମଲା ସମ୍ବେଦନଶୀଳ ହୋଇଥିବା ବେଳେ ସେହି ମାମଲାକୁ ଏସ୍‌ଆଇ ଅଣଦେଖା କରିଛନ୍ତି ।

## ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ଘଟଣା

# ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜେଡିର ମୌନବ୍ରତ

ଭୁବନେଶ୍ୱର, (ସବ୍ୟୁ): ବାଲେଶ୍ୱରର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣା ପ୍ରତିବାଦରେ ଆଜି ଜନତା ମଇଦାନ ନିକଟସ୍ଥ ଗାନ୍ଧି ପାର୍କ ସ୍ଥିତ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜୁ ଜନତା ଦଳର ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ତରଫରୁ ମୁହଁରେ କଳା ପଟି ବାନ୍ଧି



ନିରବ ପ୍ରତିବାଦ କରାଯାଇଥିଲା । ସରକାରଙ୍କ ନିଷ୍କ୍ରିୟତା ଓ ଦାୟିତ୍ୱହୀନତା ଲାଗି ଗୋଟିଏ ନିରୀହ ଝିଅର ଜୀବନ ଦୀପ ଅକାଳରେ ଚାଲିଗଲା । ଏହାର ପ୍ରତିବାଦ କରିବା ବେଳେ ସରକାରଙ୍କ ନିର୍ଦ୍ଦେଶରେ ପୋଲିସ ବିଜେଡି ନେତା ଓ କର୍ମୀଙ୍କୁ ବର୍ବରୋଚିତ ଆକ୍ରମଣ କଲେ । ଆଜି ଭୁବନେଶ୍ୱର ବିଜୁ ଜନତା ଦଳ ତରଫରୁ ସରକାରଙ୍କୁ ସଦ୍‌ବୁଦ୍ଧି ମିଳିବା ଉଦ୍ଦେଶ୍ୟରେ ଏହି ଅଭିନବ ପ୍ରତିବାଦ କରାଯାଇଥିଲା ।

ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ଡ. ଅମର ପଟ୍ଟନାୟକ, ଶ୍ରୀମତୀ ଟୁକୁନି ସାହୁ, ପ୍ରଦୀପ ଅମାତ, ପ୍ରଣବ ବଳବନ୍ତରାୟ, ପ୍ରଦୀପ ମାଝୀ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମିଡିଆ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ, ଭୃଗୁ ବକ୍ସିପାତ୍ର, ଶ୍ରୀମତୀ ଲୋପାମୁଦ୍ରା ବକ୍ସିପାତ୍ର, ବିଜୟ ନାୟକ, କୁମାର ନାଥ, ନିର୍ମଳ ରାଉତ, କର୍ପୋରେଟର ମିହିର କୁମାର ରାଉତ, ମୋନାଲିସା ବେହେରା, ମିନୁଶ୍ରୀ ଖୁଣ୍ଟିଆ, ମୋନାଲିସା ସାହୁ, ସବ୍ୟସାଚୀ ସାହୁ, ସେକ୍ ନୁର୍ ହାସ, ଜୟନ୍ତୀ ସାହୁ, ଇତିଶ୍ରୀ ଦାସ, ପିଙ୍କି ସ୍ୱାଇଁ, ଅଚ୍ୟୁତ ସ୍ୱାଇଁ, ଭୋଳାନାଥ ମହାରଣା, ବିପ୍ଳବ ବେହେରା, ପ୍ରେମାନନ୍ଦ ଜେନା, ପୂଜା ଶ୍ରୀମତୀ ଶର୍ମିଷ୍ଠା ସେଠୀ, ଡ଼ ଲେଖାଶ୍ରୀ ସାମନ୍ତସିଂହାର, ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ଧୃତିରଞ୍ଜନ ମାର୍ଥା, ରଶ୍ମି ରଞ୍ଜନ ଦାସ, ଇପ୍ସିତା ସାହୁ, ସୋଫିଆ ଆଲମ, ବିଜୟକେତନ ସାହୁ, ଦୀପକ ସାହୁ, ଦୀପକ ମହାପାତ୍ର, ସ୍ୱୟଂସାର୍ଥକ ରାୟ, ନୀଳମାଧବ ମହାନ୍ତି, ପୃଥ୍ୱୀରାଜ ପଣ୍ଡା, ମହୀକ୍ଷିତା ମିଶ୍ର, ଲଗ୍ନାଦୀପ୍ ମିଶ୍ର, ମଧୁ ପରିଡ଼ା, ସୋନାଲି ପ୍ରିୟଦର୍ଶିନୀ, ରକି ଦାସ, ଶେଖ୍ ନିଜାମୁଦ୍ଦିନ, ରଞ୍ଜିତ ମହାପାତ୍ର, ଶିବ ପ୍ରସାଦ ବେହେରା, ଅଶ୍ୱିନୀ ସୁନ୍ଦରାୟ, ମୁଜାହିଦ୍ ହୁସେନ, ଦାଶରଥୀ ଗରାବଡୁ, ଶ୍ରୀ ରାଜେଶ ପାତ୍ର, ପ୍ରତାପ ରାଉତ, ସନ୍ତୋଷ ବେହେରା, ମଞ୍ଜୁଲତା କହଁର, ମାନସୀ ରାଣୀ ସୁନ୍ଦରାୟ, ଶୁଭ୍ରାଂଶୁ ପଟ୍ଟନାୟକ, ପ୍ରସନ୍ନ ସାହୁ, ଶ୍ରୀଧର ବରାଳ, ସୁବ୍ରତ ଦାସ, କଞ୍ଜେଶ୍ୱର ଜେନା, ସୁସ୍ମିତା ଦାସ, ସୌଭାଗ୍ୟ ବାରିକ, ବାସନ୍ତୀ ସିଂ, ଝୁନାରାଣୀ ଦେଇ, ହେମନ୍ତ ପରିଡ଼ା, ଦେବରାଜ ଭୋଇ, ପ୍ରତାପ ରାଉତରାୟ, ମାନସ ଦାସ, ଭରତ ଲେଙ୍କା, ପୁଷ୍ପାଞ୍ଜଳି ସେଠୀ, ମଂଜୁଲତା ରାୟ, ସମିତା ମହାନ୍ତି, ରାଜକିଶୋର ଦାସ, ସ୍ମୃତିଶୀଖା ବରିଶାଳ, ପଦ୍ମଜା ଜେନା, ଅଂଜଳୀ ମଲ୍ଲିକ, ପୁଷ୍ପା ରାଉତ, ହେମନ୍ତ ପ୍ରଧାନ, ପ୍ରସନ୍ନ ପରିଡା ଓ ପରଖାତ୍ ଉଲ୍ଲା ପ୍ରମୁଖ ଥିଲେ ।

# ୭ ଏକର ଜମିରେ ୭ ହଜାର ଚାରା ରୋପଣ କଲା ହିନ୍ଦୁସ୍ଥାନ ହେଲ୍‌ପିଂ ହ୍ୟାଣ୍ଡ୍‌ସ ଅର୍ଗାନାଇଜେସନ୍

କଟକ (ସବ୍ୟୁ ): ଜିଲ୍ଲାର ସାମାଜିକ ସଂଗଠନ ହିନ୍ଦୁସ୍ଥାନ ହେଲ୍‌ପିଂ ହ୍ୟାଣ୍ଡସ୍ ଅର୍ଗାନାଇଜେସନ୍ ପକ୍ଷରୁ କୁଆଖାଇ ନଦୀ ପଠାରେ ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ସହଯୋଗରେ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମିଆଓ୍ୱାକି ପଦ୍ଧତିରେ "ମା' ଧାକୁଲେଇ ଦାରୁବ୍ରହ୍ମ ଗୋଓ୍ୱାନ" ନାମିତ ପ୍ରକଳ୍ପରେ ପ୍ରାୟ ୭ ଏକର ନଦୀ ପଠା ଜମିରେ ତାରବାଡ ବୁଲାଯାଇ ୭ ହଜାରରୁ ଉର୍ଦ୍ଧ 'ନିମ ଚାରା' ରୋପଣ କରାଯାଇଛି । ଉପଦେଷ୍ଟା କାନନ ବିହାରୀ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ପ୍ରାରମ୍ଭିକ ସଭାରେ ଅତିଥି ଭାବରେ ଚିନ୍ମୟ ମିଶନ୍‌ର ବାବା କୃଷ୍ଣ ଚୈତନ୍ୟ ମହାରାଜ୍ ଜୀ, ରାଜ୍ୟ ଆଇନ୍‌ଜୀବୀ ପରିଷଦର ସଦସ୍ୟ ଅକ୍ଷୟ କୁମାର ପତି, ଅଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀ, ପୀତବାସ ମହାପାତ୍ର, କ୍ୟାପ୍‌ଟେନ୍ ସରୋଜ ପ୍ରଧାନ, ଅବସରପ୍ରାପ୍ତ ଜିଲ୍ଲା ବନ ଅଧିକାରୀ ଅନାଦି ଚରଣ ଦାସ, କଟକ ବାର୍ ଆସୋସିଏସିନ୍ ସଂପାଦକ ଦିଲ୍ଲିପ କୁମାର ମହାପାତ୍ର, ଡଃ ସଚିଦାନନ୍ଦ ପ୍ରଧାନ, ଡକ୍ଟର ଶୁଭକାନ୍ତ ପଣ୍ଡା, ଆଞ୍ଚଳିକ ଶାନ୍ତି କମିଟିର ସଂପାଦକ ସୁରେନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ରଞ୍ଜନ ଲେଙ୍କା, ସମାଜସେବୀ କୈଳାସ ଚନ୍ଦ୍ର ମୁଦୁଲି, ଆଇନଜୀବୀ ଦିଲ୍ଲୀପ ମହାରଣା, ଇଂ ଅଭିଷେକ ମୋମୋରିଆଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ବିଜୟ କୁମାର ପାଲ, ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସଂପାଦକ ପ୍ରମୋଦ କୁମାର ବେହେରା ଓ ସହ ସଂପାଦକ ବାଦଲ କୁମାର ଜେନା ପ୍ରମୁଖ ଯୋଗଦେଇ ଜଳବାୟୁ ସନ୍ତୁଳନରେ ବୃକ୍ଷର ଭୂମିକା ଉପରେ ଆଲୋକପାତ କରିବା ସହ ଅନୁଷ୍ଠାନର ବିବିଧ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ଅର୍ଗାନାଇଜେସନ୍‌ର ପ୍ରତିଷ୍ଠାତା ବାସୁଦେବ ପାତ୍ର ପରିବେଶ ସୁରକ୍ଷା କାର୍ଯ୍ୟରେ ଦୀର୍ଘ ବର୍ଷ ହେବ ନିଜକୁ ନିୟୋଜିତ କରି ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ଏକତା ସୂତ୍ରରେ ବାନ୍ଧିରଖି ଅଂଚଳରେ ୧୧ଟି ଛୋଟବଡ ଘଞ୍ଚ ଜଙ୍ଗଲ ସୃଷ୍ଟି କରିବାରେ ସମ୍ମୁଖୀନ ହୋଇଥିବା ବହୁ ଘାତପ୍ରତିଘାତ ଓ ଜନସାଧାରଣଙ୍କ ସାହାଯ୍ୟ ସହଯୋଗ ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ତଥା ବୃକ୍ଷ ମାନବ ପ୍ରଭାସ ମଙ୍ଗରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ସଦସ୍ୟମାନଙ୍କ ସହିତ ଅଂଚଳର ବହୁ ବୁଦ୍ଧିଜୀବୀ, ଯୁବଗୋଷ୍ଠୀ, ଲକ୍ଷେଶ୍ୱର ମହିଳା ମହାବିଦ୍ୟାଳୟର ଛାତ୍ରୀଗଣ, ମା' ତାରେଣୀ କଂପ୍ୟୁଟର ଏକାଡେମୀର ଛାତ୍ରଛାତ୍ରୀ, ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମକୁମାରୀ ଭଉଣୀମାନେ ଉକ୍ତ ଚାରା ରୋପଣ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ଜୟ ପ୍ରକାଶ ଦଣ୍ଡପାଟ, ସଭାପତି ମାନସ ରଂଜନ ନାୟକ ଓ ସଂପାଦକ ଅତୁଲ୍ୟ କୁମାର ସାମଲ, କୋଷାଧ୍ୟକ୍ଷ ସୁମନ ଶେଖର ସାହୁ, ଉପସଭାପତି ଦିବ୍ୟକାନ୍ତ ରଥ, ରଶ୍ମିରଂଜନ ନାୟକ, ସୁନୀଲ କୁମାର ସ୍ୱାଇଁ, ବେଣୁଧର ଦାସ ପ୍ରମୁଖ କର୍ମକର୍ତ୍ତାମାନେ ଉକ୍ତ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ଶିକ୍ଷାବିତ୍ ଡକ୍ଟର ଶରତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।



## ଖୋର୍ଦ୍ଧାରୋଡ ରେଳ ଡିଭିଜନର ତ୍ରୟମାସିକ ଟିକେଟ ଯାଞ୍ଚରେ ଉଲ୍ଲେଖନୀୟ ବୃଦ୍ଧି

ଜଟଣୀ, (ସବ୍ୟୁ): ଖୋର୍ଦ୍ଧାରୋଡ଼ ରେଳଡିଭିଜନର ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଟିକେଟ ଯାଂଚ ରାଜସ୍ୱରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ବୈଧ ଟିକେଟ ସହିତ ଯାତ୍ରାର ଗୁରୁତ୍ୱ ଉପରେ ବ୍ୟାପକ ସଚେତନତା ଯୋଗୁଁ ଏହି ଅଭିବୃଦ୍ଧି ସୁନିଶ୍ଚିତ କରିବାରେ ପ୍ରତିଫଳିତ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍ ମଧ୍ୟରେ ୧.୭୬ ଲକ୍ଷ ଯାତ୍ରୀଙ୍କ ଠାରୁ ବୈଧ ଟିକେଟ ନଥିବା ବାବଦରେ ୮.୭୮ କୋଟି ଆଦାୟ ହୋଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷର ଏହି ସମୟରେ ବୈଧ ଟିକେଟ ବିନା ଯାତ୍ରା କରୁଥିବା ୧.୯୨ ଲକ୍ଷ ଯାତ୍ରୀଙ୍କ ଠାରୁ ଟିକେଟ ଯାଂଚ ବେଳେ ୧୦.୭୬ କୋଟି ଟଙ୍କା ଜୋରିମାନା ଆଦାୟ ହୋଇଛି। ଗତବର୍ଷର ସମାନ ସମୟ ତୁଳନାରେ ଦଣ୍ଡିତ ଯାତ୍ରୀଙ୍କ ସଂଖ୍ୟା ୧୦ ପ୍ରତିଶତ ଓ ରାଜସ୍ୱ ଆଦାୟ କ୍ଷେତ୍ରରେ ୨୨ ପ୍ରତିଶତ ବୃଦ୍ଧି ପ୍ରତିଫଳିତ କରୁଅଛି ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ବ୍ୟାପକ ଟିକେଟ ଯାଂଚ ସହ ସଚେତନତା ଅଭିଯାନ ଯୋଗୁଁ ଅନୁପାଳନ ଓ ରାଜସ୍ୱ ବୃଦ୍ଧି ପାଇଛି। ଏଥିସହ ବିନା ଟିକେଟ ଯାତ୍ରୀ ହ୍ରାସ ପାଇବା ସହ ସାମଗ୍ରିକ ଯାତ୍ରୀ ଅନୁଭବ ବୃଦ୍ଧି ହୋଇଛି।

## କୋଏମ୍ବାଟୁର ଗସ୍ତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ମାତୃଶକ୍ତିଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଜରୁରୀ

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାମିଲନାଡୁର କୋଏମ୍ବାଟୁର ଗସ୍ତରେ ଥିବା ବେଳେ ଆସନ୍ତାକାଲି ଆଇଆଇଟି ପାଲକ୍କଡର ସପ୍ତମ ସମାବର୍ତ୍ତନ ସମାରୋହରେ ଯୋଗଦେବେ । ଏହାରଅବ୍ୟବହିତ ପୂର୍ବରୁ ଶ୍ରୀ ପ୍ରଧାନ ଆଜି କୋଏମ୍ବାଟୁର ସ୍ଥିତ ଭାରତର ଅଗ୍ରଣୀ ପୋଷାକ ଉତ୍ପାଦନକାରୀ କମ୍ପାନୀ କେପିଆର୍ ମିଲ୍ ପରିଦର୍ଶନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଗସ୍ତକାଳରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କେପିଆର୍ ମିଲ୍ ପରିଦର୍ଶନ କରିବା ସହ ମିଲରେ କାମ କରୁଥିବା ମହିଳା କର୍ମଚାରୀମାନଙ୍କୁ ଭେଟି ସେମାନଙ୍କ ଅଭିଜ୍ଞତା ଶୁଣିବା ସହ ଖୁସି ପ୍ରକାଶ କରିଥିଲେ । ସେ କହିଛନ୍ତି କେପିଆର ମିଲ୍ ନବସୃଜନ, ପ୍ରଯୁକ୍ତିବିଦ୍ୟା, ମୂଲ୍ୟବୋଧ, ସାମାଜିକ ଦାୟିତ୍ୱ ଏବଂ ଭବିଷ୍ୟତ-କେନ୍ଦ୍ରିତ ଆଭିମୁଖ୍ୟ ଦ୍ୱାରା ଚାଳିତ ବୟନ କ୍ଷେତ୍ରରେ ଏକ ଅବିଶ୍ୱସନୀୟ ଛାପ ଛାଡିଛି । ମାତୃଶକ୍ତିଙ୍କ ଜୀବନଶୈଳୀରେ ସକାରାତ୍ମକ



ପରିବର୍ତ୍ତନ ଜରୁରୀ । ଓଡ଼ିଶା ସମେତ ବହୁସଂଖ୍ୟକ ମହିଳାଙ୍କୁ ନିଯୁକ୍ତି ଦେଇ ଏହି କମ୍ପାନୀ ସେମାନଙ୍କୁ ସଶକ୍ତ କରିବାରେ ସହାୟକ ହୋଇଛି । ଏହାଦ୍ୱାରା ମହିଳା କର୍ମଚାରୀମାନେ ଉତ୍ପାଦନ, ଇଞ୍ଜିନିୟରିଂ ଏବଂ ଶିକ୍ଷା ମାଧ୍ୟମରେ ଏକ ନୂଆ ଐତିହ୍ୟ ସୃଷ୍ଟି କରିପାରିଛନ୍ତି । କେପିଆର ମିଲ୍ ଲିମିଟେଡ୍ ଜନସାଧାରଣ ଏବଂ ଅର୍ଥନୀତିରେ ପୁଞ୍ଜିନିବେଶ କରିବାର ପରିଭାଷାକୁ ବଦଳାଇଛି । କେପିଆର ମିଲ୍ ଏହାର ମହିଳା କର୍ମଚାରୀଙ୍କୁ ସେମାନଙ୍କର ଶିକ୍ଷା ସମାପ୍ତ କରିବା ପାଇଁ ସୁଯୋଗ ଦେଉଛି । ମିଲ୍ ବାହାରେ ଉଜ୍ଜ୍ୱଳ କ୍ୟାରିଅର ସୁଯୋଗ ହାସଲ କରିବା ପାଇଁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣୁଛି । କର୍ମଚାରୀଙ୍କୁ ସଶକ୍ତ କରିବାରେ ଏବଂ ମହିଳା ନେତୃତ୍ୱାଧୀନ ବିକାଶକୁ ଆଗକୁ ବଢ଼ାଇବାରେ ବିଶ୍ୱରେ ଏହି କମ୍ପାନୀ ଏକ ଉଦାହରଣ ତିଆରି କହିଛି । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ କୋଏମ୍ବାଟୁର ଏବଂ ତିରୁପୁରର ପ୍ରତିଷ୍ଠିତ ଶିକ୍ଷାବିତ୍, ଶିଳ୍ପପତି ଏବଂ ବୁଦ୍ଧିଜୀବୀଙ୍କ ସହ ଶିକ୍ଷା, ଇନୋଭେସନ, ଉତ୍ପାଦନ, ଇଞ୍ଜିନିୟରିଂ ଏବଂ ଉଦ୍ୟୋଗୀ କ୍ଷେତ୍ର ଉପରେ ଥିବା ସମ୍ଭାବନା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷା ନୀତି ଉପରେ ବିଭିନ୍ନ ଦିଗ ଯଥା ମାତୃଭାଷା ଆଧାରିତ ଶିକ୍ଷା, କ୍ରେଡିଟ୍ ଫ୍ରେମୱାର୍କ ଏବଂ ଭବିଷ୍ୟତର ଦିଗ ଗୁଡ଼ିକ ଉପରେ ଚର୍ଚ୍ଚା କରିଥିଲେ ।

## ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ; ୧୫ଗୋରୁ ଆହତ

ଖୋର୍ଦ୍ଧା, (ସବ୍ୟୁ): ଶିଳ୍ପାଂଚଳ ଥାନା ପୁଲିସ ୧୬ନଂ ଜାତୀୟ ରାଜପଥ ର କୁମାରବସ୍ତ ଛକ ନିକଟରୁ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନ୍ କୁ ଜବତ କରିଛି। ଗାଡି ଭିତରୁ ୧୫ଗୋରୁ ପୁଲିସ ଉଦ୍ଧାର କରିଛି। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରଖିଛି। ସୂଚନା ଅନୁସାରେ, ଭୁବନେଶ୍ୱର ଅଭିମୁଖେ ଏକ ପିକଅପ ଭ୍ୟାନ ଯାଉଥବବା ନେଇ ବଜରଙ୍ଗ ଦଳ ସଦସ୍ୟ ଖବର ପାଇଥିଲେ। ଗାଡି କୁ ଧରିବା ଲାଗି ସଦ୍ୟମାନେ ବିଭିନ୍ନ ସ୍ଥାନରେ ଛପି ଥିଲେ। ଗାଡି ଟି କୁମାରବସ୍ତ ଛକ ପାସ କରିବାବେଳେ ଗାଡିକୁ ଅଟକାଇଥିଲେ। ସେଥିରେ ଗୋରୁଥିବା ଦେଖି ପୁଲିସ କୁ ହସ୍ତାନ୍ତର କରିଥିଲେ। ପୁଲିସ ଗାଡିରୁ ୧୫ଗୋରୁ ଉଦ୍ଧାର କରିଥିଲା। ୨ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ପୁଲିସ ସୂଚନା ଦେଇଛି।

## ଲାଲ ମାଟିକୁ ଏକ ସ୍ଥାୟୀ କୃଷି ସମାଧାନରେ ପରିଣତ କରିବା ପାଇଁ

# ଆଇସିଏଆର-ସିଟିସିଆରଆଇ ସହିତ ବେଦାନ୍ତର ବୁଝାମଣାପତ୍ର

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଭାରତୀୟ କୃଷି ଗବେଷଣା ପରିଷଦ - କେନ୍ଦ୍ରୀୟ କନ୍ଦ ଫସଲ ଗବେଷଣା ପ୍ରତିଷ୍ଠାନ (ଆଇସିଏଆର-ସିଟିସିଆରଆଇ) ସହିତ ଏକ ଐତିହାସିକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହି ସହଭାଗୀତା ବକ୍ସାଇଟ୍ କୁ ଆଲୁମିନା ପାଉଡରରେ ବିଶୋଧନ କରିବା ପ୍ରକ୍ରିୟାରେ ପ୍ରାପ୍ତ ଏକ ପ୍ରମୁଖ ଶିଳ୍ପ ଉପ-ଉତ୍ପାଦ, ଲାଲ ମାଟିର ଅଭିନବ ବ୍ୟବହାର ମାଧ୍ୟମରେ ସ୍ଥାୟୀ କୃଷି ଏବଂ ବନୀକରଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି। ଏହି ଅଗ୍ରଣୀ ପଦକ୍ଷେପର ଲକ୍ଷ୍ୟ ହେଉଛି ଲାଲ ମାଟିକୁ ଏକ ପୁଷ୍ଟିକର-ସମୃଦ୍ଧ ବୃଦ୍ଧି ମାଧ୍ୟମରେ ପରିଣତ କରିବା, ଚାଷ, ଜମି ପୁନରୁଦ୍ଧାର ଏବଂ ପୂର୍ବ ଲାଲ ମାଟି ସଂରକ୍ଷଣ କ୍ଷେତ୍ରର ବନୀକରଣ ପାଇଁ ଏହାର ସମ୍ଭାବନାକୁ ଉନ୍ମୁକ୍ତ କରିବା। ବୈଜ୍ଞାନିକ ଏବଂ ଶିଳ୍ପ ବିଶେଷଜ୍ଞତାକୁ ବ୍ୟବହାର କରି, ଏହି ପଦକ୍ଷେପ ମାଟି ସ୍ୱାସ୍ଥ୍ୟ ବୃଦ୍ଧି କରିବା, ଫସଲ ଉତ୍ପାଦନ ବୃଦ୍ଧି କରିବା ଏବଂ ବୃହତ ପରିମାଣର ପରିବେଶଗତ ପୁନରୁଦ୍ଧାରକୁ ସମର୍ଥନ କରିବା ପାଇଁ ଚେଷ୍ଟା କରେ, ଏକ ପରିବେଶଗତ ଚ୍ୟାଲେଞ୍ଜକୁ ସମଗ୍ର ଭାରତରେ ସବୁଜ ଅଭିବୃଦ୍ଧି ପାଇଁ ଏକ ସୁଯୋଗରେ ପରିଣତ କରେ। ନିର୍ମାଣ ଏବଂ



ସିମେଂଟ ଭଳି କ୍ଷେତ୍ରରେ ଲାଲ ମାଟି ପୂର୍ବରୁ ପୁନଃଉଦ୍ୟୋଗିତ ହୋଇଥିବାବେଳେ, ବେଦାନ୍ତ ଆଲୁମିନିୟମ ଏବେ ଏହାକୁ ସମୃଦ୍ଧ କୃଷି ଇକୋସିଷ୍ଟମରେ ରୂପାନ୍ତରିତ କରିବା ଆରମ୍ଭ କରିଛି। କେରଳର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଇସିଏଆର-ସିଟିସିଆରଆଇ ବୈଜ୍ଞାନିକମାନଙ୍କର ଏକ ସମ୍ମାନିତ ଦଳ ମଧ୍ୟ ଉପସ୍ଥିତ ଥିଲେ, ଯାହାଙ୍କ ନେତୃତ୍ୱରେ ଆଇସିଏଆର-ସିଟିସିଆ ରଆଇ ନିର୍ଦ୍ଦେଶକ ଡକ୍ଟର ବାଇଜୁ ଏବଂ ଡକ୍ଟର ଭି. ରମେଶ, ଡକ୍ଟର ଏମ୍. ନେଦୁନେଝିୟାନ୍ ଏବଂ ଡକ୍ଟର ପି. ସେତୁରାମନ୍ ଶିବକୁମାର ସାମିଲ ଥିଲେ, ପ୍ରତ୍ୟେକ ବିଶେଷଜ୍ଞତା ଏବଂ ସମଗ୍ର ଭାରତରେ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତା ଆଣିଥିଲେ।

## ଦଳବିରୋଧୀ କାର୍ଯ୍ୟ କାରଣରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ବିଶୃଙ୍ଖଳା ଆଚରଣ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ଅନୁଗୁଳ ଜିଲ୍ଲା ସଂପାଦକ ସୁଦୀପ୍ତ ସ୍ୱାଇଁଙ୍କୁ ଦଳରୁ ନିଲମ୍ବନ କରାଗଲା ବୋଲି ଶୃଙ୍ଖଳା କମିଟି ରାଜ୍ୟ ଆବାହକ ଶ୍ରୀ ସୁଦର୍ଶନ ନାୟକ ସୂଚନା ଦେଇଛନ୍ତି।

## ଇଞ୍ଜିନିୟରିଂ କଲେଜ କୋଠାରେ ନିଆଁ

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜ କୋଠାରେ ନିଆଁ ଲାଗିଥିବା ବେଳେ କ୍ଷୟକ୍ଷତି ସମ୍ପର୍କରେ ସ୍ପଷ୍ଟ ଜଣାପଡିନାହିଁ । ଦ୍ୱିତୀୟ ମହଲାରେ ନିଆଁ ଲାଗିଥିବା ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା । କୋଠାରେ ଥିବା ୬୫ଜଣ ଛାତ୍ରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ପ୍ରବଳ ଧୂଆଁ ଯୋଗୁ ଜଣେ ଛାତ୍ର ପଡିଯାଇ ଆହତ ହୋଇଥିବା ଜଣାଯାଇଛି । ସେହି ଛାତ୍ରଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି । ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିବା ବେଳେ ନିଆଁ ଲାଗିବାର କାରଣ ସ୍ପଷ୍ଟ ଜଣାପଡିନାହିଁ । ଧୂଆଁ ଜୋର୍ ହେବାରୁ ସେହି ଅଞ୍ଚଳର ଲୋକମାନେ ଭୟଭୀତ ହୋଇପଡିଥିଲେ । କୌଣସି ଛାତ୍ରଛାତ୍ରୀଙ୍କ କ'ଣ କ୍ଷତି ହୋଇଛି ନହୋଇଛି ତାହା ଜଣାପଡିନଥିବା ବେଳେ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ଅନୁମାନ କରାଯାଉଛି । ସେହି ଘରୋଇ ଇଞ୍ଜିନିୟରିଂ କଲେଜ ପକ୍ଷରୁ କିଛି ସୂଚନା ମିଳିନାହିଁ ।

## ଓଡ଼ିଶା ବନ୍ଦ ର ସଫଳତା ପାଇଁ ରାଜ୍ୟବାସୀ ଅଭିନନ୍ଦନୀୟ : ମିଳିତ ବିରୋଧୀ ଦଳ

# ସୌମ୍ୟାଶ୍ରୀଙ୍କ ଏକାଦଶାହକୁ ଶ୍ରଦ୍ଧାଞ୍ଜଳି ଦିବସ ପାଳିବୁ : ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ୧୭ ଜୁଲାଇରେ ଓଡ଼ିଶା ବନ୍ଦର ସଫଳତା ପାଇଁ ସମସ୍ତ ଓଡ଼ିଶାବାସୀଙ୍କୁ ମିଳିତ ବିରୋଧୀ ଦଳ ପକ୍ଷରୁ ଧନ୍ୟବାଦ ଅର୍ପଣ କରଯାଇଛି । ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ୨୦ ବର୍ଷୀୟା ଛାତ୍ରୀଙ୍କ ବ୍ୟବସ୍ଥାକୃତ। ହତ୍ୟା ଘଟଣାକୁ ନେଇ ନ୍ୟାୟ ଦାବିରେ ୮ଟି ବିରୋଧୀ ରାଜନୈତିକ ଦଳ କଂଗ୍ରେସ, ସି.ପି.ଆଇ,ସିପିଆଇ(ଏମ), ସି ପି ଆ ଇ ( ଏ ମ ଏ ଲ ) - ଲିବେରେସନ୍,ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ, ଆରଜେଡି, ଏସପି, ଏନସିପି ଏବଂ ଆର୍ ଜେ ଡି ଆରଜେଡି, ଏସପି ସମେତ ଇଣ୍ଡିଆ ମେଣ୍ଟର ଆଠ ଦଳ ଦ୍ୱାରା ଆହ୍ୱାନ କରାଯାଇଥିବା ଓଡ଼ିଶା ବନ୍ଦ ଅଭୂତପୂର୍ବ ସଫଳତା ହାସଲ କରିଛି । ଏହି ବନ୍ଦକୁ ଓଡ଼ିଶାର ସମସ୍ତ ସମ୍ପ୍ରଦାୟ, ଛାତ୍ର, ଯୁବକ, ମହିଳା, ଶ୍ରମିକ, ବ୍ୟବସାୟୀ ଏବଂ ସାଧାରଣ ଜନତାଙ୍କ ଆନ୍ତରିକ ସମର୍ଥନ ଏବଂ ସହଯୋଗ ଯୋଗୁଁ ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ରାଜ୍ୟର ଅନ୍ୟାନ୍ୟ



ବାମପନ୍ଥୀ ଏବଂ ଗଣତାନ୍ତ୍ରିକ ଦଳମାନେ, ସାମ୍ବାଦିକ ବନ୍ଧୁ ମାନେ, ଶ୍ରମିକ, କୃଷକ, ଯୁବ, ଛାତ୍ର, ମହିଳା ସଂଗଠନ ମାନେ ଏହାକୁ ସମର୍ଥନ କରିଥିଲେ । ଛାତ୍ରୀ ମୃତ୍ୟୁ ଏବଂ ମହିଳା ନିର୍ଯାତନା ବିରୋଧ ରେ ଗୁରୁବାରର ବନ୍ଦ ଥିଲା ଅଭୂତପୂର୍ବ ଭାବେ ଶାନ୍ତିପୂର୍ଣ୍ଣ, ଆସାଧାରଣ ଏବଂ ଐତିହାସିକ ।

ଆସନ୍ତା ୨୪ ତାରିଖ ସୌମ୍ୟାଶ୍ରୀଙ୍କ ଏକାଦଶାହ ଏହି ଦିନକୁ ଶ୍ରଦ୍ଧାଞ୍ଜଳି ଦିବସ ଭାବେ ପାଳନ କରିବ ଇଣ୍ଡିଆ ମେଣ୍ଟର କଂଗ୍ରେସ ସମେତ ୮ଟି ଦଳ । ସାରା ରାଜ୍ୟରେ ମହିଳା କଂଗ୍ରେସ ସହିତ ୮ଟି ଦଳର ମହିଳା ସେଲ ଏହାକୁ ମଧ୍ୟ ପାଳନ କରିବେ । କଂଗ୍ରେସ ସମେତ ଆଠଟି ଦଳ ପକ୍ଷରୁ ମିଳିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ କହିଥିଲେ ଯେ ରାଜ୍ୟରେ ନିର୍ଯାତିତ ମହିଳାଙ୍କ ଲାଗି ମହିଳା ସେଲ ଖୋଲିବ ପିସିସି । ସେମାନେ ଆପ ମାଧ୍ୟମରେ ଅଭିଯୋଗ କରିବା ପରେ ପିସିସି ଅନୁଧ୍ୟାନ କରି ତଦନ୍ତରେ ସହଯୋଗ କରିବ । ରାଜନୈତିକ ବ୍ୟାପାର କମିଟି ବୈଠକରେ ଏହି ବଡ ନିଷ୍ପତି ହୋଇଥିବା ଶ୍ରୀ ଦାସ କହିଛନ୍ତି ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ କହିଲେ, ସୌମ୍ୟଶ୍ରୀଙ୍କ ପ୍ରସଙ୍ଗ ଆଗାମୀ ଦିନରେ ବିଧାନସଭାରେ ଉଠିବ । ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ଶନିବାର ଦିଲ୍ଲୀରେ ବସିବ ଇଣ୍ଡିଆ ବ୍ଲକ ବୈଠକ । ଏହି ବୈଠକରେ ଉଠିବ ବାଲେଶ୍ୱର ପୀଡ଼ିତା ପ୍ରସଙ୍ଗ । ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ସଂସଦରେ ଉଠାଇବେ । କଂଗ୍ରେସ ଦାବି କରୁଛି, ଏହି ଘଟଣାରେ ନ୍ୟାୟିକ ତଦନ୍ତ ହେଉ । ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କ ଦ୍ୱାରା ଏବଂ ଏହାକୁ ଉଚ୍ଚତମ ନ୍ୟାୟାଳୟ ଘଟଣାର ତଦାରଖ କରନ୍ତୁ । ତୁରନ୍ତ ରାଜ୍ୟ ସରକାର ମହିଳା କମିଶନ ନିଯୁକ୍ତି କରନ୍ତୁ ବୋଲି କଂଗ୍ରେସ ପ୍ରଭାରୀ ଶ୍ରୀ ଲଲ୍ଲୁ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସୁରେଶ ପାଣିଗ୍ରାହୀ, ଶ୍ରୀକାନ୍ତ ଜେନା, ଜ୍ୟୋତି ରଞ୍ଜନ ମହାପାତ୍ର, ପ୍ରତାପ ବାରିକ, ବିକ୍ରମ ସ୍ୱାଇଁ ପ୍ରମୁଖ ଦଳ ପକ୍ଷରୁ କୃତଜ୍ଞତା ଜଣାଇ ଥିବା ବେଳେ ପ୍ରଦେଶ କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ,ସି ପି ଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସି ପି ଆଇ (ଏମ୍ ଏଲ)- ଲିବେରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଏବଂ ଆର୍ ଜେ ଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ ।

## ଓଡ଼ିଶାରେ ୟୁପିଆଇର ବହୁଳ ପ୍ରଚଳନ ନିମନ୍ତେ ଫିନୋ ପ୍ରଚଳନ କଲା 'ଗତି' ଆକାଉଣ୍ଟ

ଭୁବନେଶ୍ୱର: (ସବ୍ୟୁ): ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସହଜ, ସରଳ ଏବଂ ସୁବିଧାଜନକ କରିଥିବା ଫିନୋ ପେମେଣ୍ଟ ବ୍ୟାଙ୍କ ସମ୍ପ୍ରତି ଏକ ନୂଆ ବ୍ୟାଙ୍କ ଆକାଉଣ୍ଟ; ଖୋଲିବା ପରେ ଗ୍ରାହକମାନଙ୍କର ବ୍ୟାଙ୍କିଙ୍ଗ କାରବାରକୁ ତତ୍‌କ୍ଷଣାତ କାରବାର ନିମନ୍ତେ ସମର୍ଥ କରାଇବା ଉପରେ ଦୃଷ୍ଟିନିବଦ୍ଧ କରୁଛି। ଏହି ଲକ୍ଷ୍ୟ ପୂରଣ ନିମନ୍ତେ ଫିନୋ ପେମେଣ୍ଟସ ବ୍ୟାଙ୍କ ଏହାର ନୂଆ ସଞ୍ଚୟ ଆକାଉଣ୍ଟ; 'ଗତି' ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି, ଯାହାର ଅର୍ଥ ଅନେକ ଭାରତୀୟ ଭାଷାରେ ହେଉଛି 'ସ୍ପିଡ ଅଥବା ତ୍ୱରିତ'। ଏହି ଉତ୍ପାଦ ଏକ ସୁଲଭ ଢଙ୍ଗରେ ବ୍ୟାଙ୍କିଙ୍ଗ ସେବା ନିମନ୍ତେ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର କରିବାକୁ ଆକାଂକ୍ଷା ରଖୁଥିବା ଗ୍ରାହକମାନଙ୍କର ଆବଶ୍ୟକତା ପୂରଣ କରିବାକୁ ଡିଜାଇନ କରାଯାଇଛି।

# ସାଙ୍ଗକୁ ହତ୍ୟା କଲା ସାଙ୍ଗ

ଭୁବନେଶ୍ୱର, (ସବ୍ୟୁ) : ସାଙ୍ଗକୁ ଥରଆଉ ଜଣେ ସାଙ୍ଗ ବୀଭତ୍ସ ଭାବେ ହତ୍ୟା କରି ଫେରାର୍ ହୋଇଯାଇଛି । ଖବର ପାଇ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପୋଲିସ କହିବାନୁଯାୟୀ ଅଭିଯୁକ୍ତ ଚିହ୍ନଟ ହୋଇଛି, ଖୁବ୍‌ଶୀଘ୍ର ଗିରଫ ହେବ । ରାଜଧାନୀ ଉପକଣ୍ଠ ଭରତପୁର ଥାନା ଅନ୍ତର୍ଗତ ସୋମନାଥ ବସ୍ତିରେ ରୁହେ କୈଳାସ ନାୟକ । ତାଙ୍କ ନିଜ ଘର ଗଞ୍ଜାମ ଜିଲ୍ଲା ବୁଗୁଡା ଅଞ୍ଚଳରେ । ସୋମନାଥ ବସ୍ତିରେ କୈଳାସ ଓ ତାଙ୍କ ମା' କିଛିଦିନ ହେବ ଭଡାକୁ ରହୁଥିଲେ । କୈଳାସ ରଙ୍ଗମିସ୍ତ୍ରୀ ଭାବେ କାମ କରେ ବୋଲି ସୂଚନା ମିଳିଛି । ଗୁରୁବାର ଖାଇବାରେ କୈଳାସ ଅଶାନ୍ତି ହେବାରୁ ମା'ସହ ଝଗଡା ହୋଇଥିଲା । ଏହାଫଳରେ ମା' ବିରକ୍ତ ହୋଇ ନିକଟରେ ଥିବା ସମ୍ପର୍କୀୟଙ୍କ ଘରକୁ ଚାଲିଯାଇଥିଲେ

ରାତିରେ କୈଳାସ ଓ ତାଙ୍କ ସାଙ୍ଗ ଭୋଜି କରିଥିଲେ । ଭୋଜି କରି ଖାଇବା ପରେ ସେମାନଙ୍କ ମଧ୍ୟରେ କେଉଁ କଥାକୁ ନେଇ କଳିଝଗଡା ହେଲା ସ୍ପଷ୍ଟ ହୋଇନଥିବା ବେଳେ ଚୋରି ଟଙ୍କାକୁ ନେଇ ଝଗଡା ହୋଇଥିବା କୁହାଯାଉଛି । ଝଗଡା ହେବାରୁ ସାଙ୍ଗ ଉତ୍‌କ୍ଷିପ୍ତ ହୋଇ ସିମେଣ୍ଟ ଇଟାରେ କୈଳାସ ମୁଣ୍ଡକୁ ଛେଚି ହତ୍ୟା କରିବା ପରେ ଫେରାର ହୋଇଯାଇଛି । ଖବର ପାଇ ମା'ଓ ପୋଲିସ ପହଞ୍ଚିବା ପରେ କୈଳାସ ରକ୍ତ ଜୁଡୁବୁଡୁ ହୋଇ ପଡିଥିବା ଦେଖିଥିଲେ । ରକ୍ତଭିଜା ସିମେଣ୍ଟ ଇଟା ଓ ପାଖରେ ଏକ ଗାମୁଛା ପଡିଥିବା ଦେଖିବାକୁ ମିଳିଥିଲା । ପୋଲିସ କୈଳାସ ମା'ଙ୍କ ଅଭିଯୋଗ ଆଧାରରେ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ଜଣାଥିବାରୁ ଖୁବ୍‌ଶୀଘ୍ର ଗିରଫ ହେବ ବୋଲି ପୋଲିସ କହିଛି । ଗତ କିଛିଦିନ ହେବ ରାଜଧାନୀର ବିଭିନ୍ନ ବସ୍ତିରେ ହତ୍ୟା ଓ ଗଣ୍ଡଗୋଳ ବଢିବାରେ ଲାଗିଛି ।

# ସାଂସଦ, ବିଧାୟକଙ୍କ ଅଭିଯୋଗ ପ୍ରକୋଷ୍ଠରେ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର

ଖୋର୍ଦ୍ଧା, (ସବ୍ୟୁ): ସ୍ଥାନୀୟ ଶ୍ରୀରାମନଗରସ୍ଥିତ ଖୋର୍ଦ୍ଧା ବିଧାୟକଙ୍କ ଅଭିଯୋଗ ଶୁଣାଣୀ କାର୍ଯ୍ୟାଳୟରେ ଆଜି ସାଂସଦ ଓ ବିଧାୟକ ଅଭିଯୋଗ ଶୁଣିବା ବେଳେ ଜଣେ ସାମ୍ବାଦିକଙ୍କୁ ଦୁର୍ବବ୍ୟହାର ହୋଇଛି ।ଯଦିଓ ସାମ୍ବାଦିକ ସାମାନ୍ୟ ଆହତ ହୋଇଥିଲେ ତଥାପି ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆଜି ସାଂସଦ ଓ ବିଧାୟକଙ୍କ ଅଭିଯୋଗ ଶୁଣାଣି ବିଧାୟକଙ୍କ ଅଭିଯୋଗ ଶୁଣାଣୀ କାର୍ଯ୍ୟାଳୟରେ ଚାଲିଥିଲା। ସାମ୍ବାଦିକ କେଦାରନାଥ ସାହୁ ଅଲେଖ ଦୀକ୍ଷା ନେଇଥିବା ତାଙ୍କର ଜଣେ ବନ୍ଧୁଙ୍କୁ ସାଙ୍ଗରେ ଧରି ଅଭିଯୋଗ ଦେବାକୁ ଯାଉଥିଲେ। କିନ୍ତୁ ସେଠାରେ ଉପସ୍ଥିତ ଥିବା ସାଂସଦ ପ୍ରତିନିଧି ବିଦ୍ୟୁତ କାଣ୍ଡି ଏବଂ ସାଂସଦଙ୍କ ଅନୁଗତ ଧନେଶ୍ୱର ବାରିକ ତାଙ୍କୁ ବିରୋଧ କରି ଠେଲାପେଲା କରିଥିଲେ। ସାମ୍ବାଦିକ ଜଣକ ନିଜ ପରିଚୟ ଦେଇଥିଲେ ମଧ ସାଂସଦ ପ୍ରତିନିଧି ଏବଂ କିଛି କର୍ମୀ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହି ସମୟରେ ମଂଚ ରେ ଉପସ୍ଥିତ ଥିବା ବିଧାୟକ ମଧ ଉକ୍ତ ସାମ୍ବାଦିକଙ୍କୁ ଦେଖି ଚିହିଁକି ଆସିଥିଲେ। ଏହାଦେଖି ନିକଟରେ ଥିବା ଅନ୍ୟଜଣେ ବରିଷ୍ଠ ସାମ୍ବାଦିକ ଏହାର ଦୃଢ ପ୍ରତିବାଦ କରିଥିଲେ ।ତାଙ୍କ ବଡପାଟି ଶୁଣି ବିଧାୟକ ମଂଚରୁ ଉଠିଆସୁଥିବାବେଳେ ବସିପଡିଥିଲେ। କର୍ମୀଙ୍କ ଦୁର୍ବ୍ୟବହାର ରେ ସାମ୍ବାଦିକ ଜଣକଙ୍କର ସର୍ବସମ୍ମୁଖରେ ମର୍ଯ୍ୟଦା କ୍ଷୁର୍ଣ୍ଣ ହୋଇଥିବା ସେ ପ୍ରକାଶ କରିଥିବା ବେଳେ ଏ ନେଇ ନିଜେ କେଦାର ବିଭିନ୍ନ ସୋସିଆଲ ମିଡ଼ିଆରେ ଉକ୍ତ ଘଟଣାକୁ ସେୟାର କରିଛନ୍ତି।

## ବିକାଶ ଭବନରେ ୱାର୍ଡ ସମସ୍ୟା ନେଇ ବିଜେପି ନେତୃମଣ୍ଡଳୀଙ୍କ ବୈଠକ

କଟକ, (ସ୍ୱପ୍ର): ବିଜେପି ନେତା ନୟନ କିଶୋର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ, କଟକ ଜିଲ୍ଲା ସାଧାରଣ ସମ୍ପାଦକ ଭାଗିରଥି ଦଳାଇଙ୍କ ନେତୃତ୍ୱରେ କଟକ ବିକାଶ ଭବନର ସରକାରୀ



ଉଚ୍ଚ ପଦସ୍ଥ ଅଧିକାରୀ ସ୍ୱାତି ମିଶ୍ରଙ୍କ ସହିତ ପ୍ରତ୍ୟେକ ଓ୍ୱାର୍ଡର ବିଜେପି ନେତୃମଣ୍ଡଳୀମାନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ତାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପସ୍ଥିତ ଥିବା ନେତୃମଣ୍ଡଳୀ ନିଜ ନିଜ ଓ୍ୱାର୍ଡର ଅସୁବିଧାକୁ ଲିଖିତ ଆକାରରେ ସମ୍ପୃକ୍ତ ଅଧିକାରୀଙ୍କୁ ଜଣାଇବେ । ଫଳରେ ସେ ୱାଡରେ ଥିବା ଅସୁବିଧାକୁ ସମାଧାନ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ କହି କାମ କରାଇବେ । ଏହି ବୈଠକରେ ରାଜ୍ୟ ପରିଷଦ ସଦସ୍ୟ ଚିରଞ୍ଜିବ ଖଣ୍ଡାୟତରାୟ, ମଣ୍ଡଳ ସଭାପତି ଅନିଲ ଦଳାଇ, ସୁରଥ ରାଉତ, ମୁନୀନ୍ଦ୍ର ଭୋଳ, ସଞ୍ଜୟ ସ, ଧର୍ମେନ ଗୁପ୍ତା, ସୌମେନ୍ଦ୍ର ପଳାଇ, ଧୀରପ୍ରସାଦ ମହାନ୍ତି, ସିତା ସାହୁ, ବିନୋଦିନୀ ବାରିକ, ହରିପ୍ରିୟା ଧଳ, ସଂଗ୍ରାମ ରାଉତ, ବିଶ୍ୱରାଜ ବିଶ୍ୱାଳ, ବାଣୀ ପ୍ରସାଦ ମିଶ୍ର, ପୃଥ୍ୱୀବରାଜ ସ୍ୱାଇଁ, ବଚନ ସ୍ୱାଇଁ, ଦିଲିପ ପ୍ରଧାନ, ଶାନ୍ତନୁ ବାରିକ, ଭୀମ ସାହୁ, ଶୁଭମ ସାହୁଙ୍କ ସହିତ ବିଜେପି କର୍ପୋରେଟର ଗୋପାଳ ବେହେରା, ଗଗନ ଓଝା, ଲକ୍ଷ୍ମୀଧର ବେହେରା, ରାକେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ସିଆଇଆଇ ଜାତୀୟ ଏନର୍ଜି ଏଫିସିଏନ୍ସି ସର୍କଲ ପ୍ରତିଯୋଗିତା

# ୭ଟି ପୁରସ୍କାର ହାସଲ କରିଛି ଜିନ୍ଦଲ ଷ୍ଟେନଲେସ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସଏଲ୍) ଏହାର ଶକ୍ତି ଦକ୍ଷତା, କାର୍ବନ ହ୍ରାସ ଏବଂ ସଷ୍ଟେନେବଲ ପରିଚାଳନାରେ ଉତ୍କର୍ଷତା ପାଇଁ ସିଆଇଆଇ ଜାତୀୟ ଶକ୍ତି ସର୍କଲ ପ୍ରତିଯୋଗିତା ୨୦୨୫ର ନବମ ସଂସ୍କରଣରେ ଅନେକ ସ୍ୱୀକୃତି ପାଇଛି। ଜୁଲାଇ ୧୦ ଓ ୧୧ ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଂଟରରେ ଆୟୋଜିତ ଏକ ସମାରୋହରେ କମ୍ପାନୀର ଯାଜପୁର ପ୍ଲାଂଟ ୪ଟି ଏବଂ ହିସାର ପ୍ଲାଂଟ ୩ଟି ପୁରସ୍କାର ହାସଲ କରିଛି। ଜିନ୍ଦଲ ଷ୍ଟେନଲେସ୍ ଯାଜପୁର ୟୁନିଟ୍‌କୁ 'ବେଷ୍ଟ୍ ଏନର୍ଜି ଅର୍ଗାନାଇଜେଶନ (ଦୃଢ଼ ପ୍ରତିବଦ୍ଧତା)', 'ବେଷ୍ଟ୍ ଏନର୍ଜି ଏଫିସିଏନ୍ସି ଡେଜିନେଟେଡ କଞ୍ଜ୍ୟୁମର' (ବିଇଇ ପିଏଟି ଯୋଜନା ଅଧୀନରେ) ଏବଂ 'ଆଇଏସ୍ଓ ୫୦୦୦୧ (ଶକ୍ତି ପରିଚାଳନା ବ୍ୟବସ୍ଥା)ର ପ୍ରଭାବଶାଳୀ କାର୍ଯ୍ୟକାରିତା' ବର୍ଗରେ ଶୀର୍ଷ ସମ୍ମାନ ମିଳିଛି। ଶକ୍ତି ଦକ୍ଷତା ପ୍ରତି ଏହାର ଦୃଢ଼ ସାଂଗଠନିକ ପ୍ରତିବଦ୍ଧତା ପାଇଁ




ମଧ୍ୟ ଏହି ୟୁନିଟ୍ ସ୍ୱୀକୃତି ପାଇଥିଲା ଏବଂ କ୍ରୋମ୍ ପେଲେଟାଇଜେସନ୍ ପ୍ରୋଜେକ୍ଟ ଉପରେ ଏହାର କେସ୍ ଷ୍ଟଡି ପାଇଁ ପ୍ରଥମ ଉପବିଜେତା ସ୍ଥାନ ହାସଲ କରିଥିଲା।

ହିସାର ୟୁନିଟ୍‌କୁ 'ଲୋ କାର୍ବନ ଏବଂ କାର୍ବନ ନିଉଟ୍ରାଲ୍ ପଦକ୍ଷେପ ଉପରେ ଶ୍ରେଷ୍ଠ କେସ ଷ୍ଟଡି' ଏବଂ 'ଆଇଏସ୍ଓ ୫୦୦୦୧ ଶକ୍ତି ପରିଚାଳନା ବ୍ୟବସ୍ଥା (ଦୃଢ଼ ପ୍ରତିବଦ୍ଧତା)ର ପ୍ରଭାବଶାଳୀ କାର୍ଯ୍ୟକାରିତା' ବର୍ଗରେ ଶୀର୍ଷ ସମ୍ମାନ ମିଳିବା ସହ 'ବେଷ୍ଟ୍ ଏନର୍ଜି ଏଫିସିଏନ୍ସି ଡେଜିନେଟେଡ କଞ୍ଜ୍ୟୁମର' (ବିଇଇ ପିଏଟି ଯୋଜନା ଅଧୀନରେ) ବର୍ଗରେ ପ୍ରଥମ ଉପବିଜେତା ସ୍ଥାନ ଅଧିକାର କରିଛି। ଜିନ୍ଦଲ ଷ୍ଟେନଲେସର ଏମଡି, ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, "ଜିନ୍ଦଲ ଷ୍ଟେନଲେସରେ ଆମେ ସଷ୍ଟେନେବଲ୍ ବ୍ୟବସାୟ ଅଭ୍ୟାସରେ ନୂତନ ମାନଦଣ୍ଡ ସ୍ଥାପନ କରିବା ଏବଂ ଏକ ସବୁଜ, ଅଧିକ ସ୍ଥାୟୀ ଭବିଷ୍ୟତ ଗଠନ କରିବାକୁ ଦୃଢ଼ ପ୍ରତିବଦ୍ଧ। ଏହି ସ୍ୱୀକୃତି ପାଇଁ ଆମେ ସିଆଇଆଇକୁ ଧନ୍ୟବାଦ ଜଣାଉଛୁ। ଏହା ଆମକୁ ପ୍ରୋତ୍ସାହିତ କରିବ। ଆମେ ଆମର ନେଟ୍ ଜିରୋ ମାଇଲଖୁଂଟ ଦିଗରେ ଅଗ୍ରଗତି ଜାରି ରଖିଛୁ ଏବଂ ଦାୟିତ୍ୱବାନ ଭାବେ କାମ କରିଚାଲିଛୁ।"

କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ ଆୟୋଜିତ ଏହି ବାର୍ଷିକ ପ୍ରତିଯୋଗିତାରେ ବ୍ୟବସାୟ, ଶିଳ୍ପ, ପ୍ରଯୁକ୍ତି ବିଦ୍ୟା କ୍ଷେତ୍ର ସମେତ ୪୦୦ରୁ ଅଧିକ ଅଗ୍ରଣୀ ଅନୁଷ୍ଠାନ ଅଂଶଗ୍ରହଣ କରି ଶକ୍ତି ଦକ୍ଷତା, ଅକ୍ଷୟ ଶକ୍ତି ଏବଂ ଜଳବାୟୁ ଲକ୍ଷ୍ୟରେ ସଫଳତାର କାହାଣୀ ଉଲ୍ଲେଖ କରିଥିଲେ। ଜିନ୍ଦଲ ଷ୍ଟେନଲେସ୍ ଏହାର ବୈଷୟିକ ଗଭୀରତା ଏବଂ ବାସ୍ତବ ଦୁନିଆରେ ପ୍ରଭାବ ପାଇଁ ପ୍ରଶଂସିତ ହୋଇଥିଲା। ଏହି ସ୍ୱୀକୃତି ଏନର୍ଜି ଅପ୍ଟିମାଇଜେସନ୍ ଏବଂ ଜଳବାୟୁ ସଚେତନ କାର୍ଯ୍ୟରେ ଜିନ୍ଦଲ ଷ୍ଟେନଲେସର ନିରନ୍ତର ପ୍ରୟାସ ଏବଂ ଶିଳ୍ପବ୍ୟାପୀ ପରିବର୍ତନ ଆଣିବା ପାଇଁ ଏହାର ସଂକଳ୍ପକୁ ପ୍ରତିଫଳିତ କରୁଛି। ନବସୃଜନ, ଅନୁପାଳନ ଏବଂ ଦୀର୍ଘମିଆଦୀ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହିତ କମ୍ପାନୀ ଭାରତୀୟ ଉତ୍ପାଦନ କ୍ଷେତ୍ର ପାଇଁ ଏକ ସୁଦୃଢ଼, କମ୍ କାର୍ବନ ଭବିଷ୍ୟତ ନିର୍ମାଣ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି । ଦୀର୍ଘମିଆଦୀ ପରିବେଶ, ସାମାଜିକ ଓ ଶାସନ (ଇଏସଜି) ଲକ୍ଷ୍ୟର ଏକ ଅଂଶ ଭାବରେ ଜିନ୍ଦଲ ଷ୍ଟେନଲେସ୍ ୨୦୫୦ ସୁଦ୍ଧା ମୋଟ ଶୂନ୍ୟ ନିର୍ଗମନ ହାସଲ ଦିଗରେ କାର୍ଯ୍ୟ କରୁଛି। ଡିକାର୍ବୋନାଇଜେଶନ ପଦକ୍ଷେପ ମାଧ୍ୟମରେ କମ୍ପାନୀର କର୍ପୋରେଟ୍ କାର୍ବନ ଫୁଟପ୍ରିଂଟକୁ ଆର୍ଥିକ ବର୍ଷ ୨୫ରେ ୧୫% ହ୍ରାସ କରାଯାଇଛି।

# ଗିରଫ ଛାତ୍ର କଂଗ୍ରେସ ନେତାଙ୍କୁ ଜେଲରେ ଭେଟିଲେ ପିସିସି ସଭାପତି



ଭୁବନେଶ୍ୱର,(ସବ୍ୟୁ): ବାଲେଶ୍ୱର ଫକୀର ମୋହନ କଲେଜର ଆତ୍ମାହୁତି ଦେଇ ମୃତ୍ୟୁ ବରଣ କରିଥିବା ଛାତ୍ରୀଙ୍କୁ ନ୍ୟାୟ ଦେବା ଦାବିରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସରକାରୀ ବାସଭବନକୁ ଗତ ୧୬ ତାରିଖ ଦିନ ଛାତ୍ର କଂଗ୍ରେସ କର୍ମୀମାନେ ଘେରାଉ କରିଥିବାବେଳେ ତାଙ୍କ ବାସଭବନକୁ ଅଣ୍ଡାମାଡ ହୋଇଥିଲା । ପୂର୍ବତନ ଛାତ୍ର କଂଗ୍ରେସ ଉପସଭାପତି ଆଦିତ୍ୟ ପ୍ରିତମ ଦାସ, ଛାତ୍ର କଂଗ୍ରେସ ଉପସଭାପତି ସୋର୍ୟ୍ୟମ୍ୟରଞ୍ଜନ ଜେନା, ସାଧାରଣ ସମ୍ପାଦକ ସୁଭଙ୍କର ସେଠୀ, ଛାତ୍ର ନେତା ବଳରାମ ସାହୁ ପ୍ରମୁଖଙ୍କୁ ପୁଲିସ ଅଗଣତାନ୍ତ୍ରିକ ଉପାୟରେ ଜେଲ ପଠାଇଥିଲା । ଏହି ଅବସରରେ ଶୁକ୍ରବାରି ପିସିସି ସଭାପତି ଭକ୍ତ ଚରଣ ଦାସ ଝାରପଡା ସ୍ୱତନ୍ତ୍ର କାରଗାରାକୁ ଯାଇ ସେମାନଙ୍କୁ ଭେଟିବା ସହ ଭଲମନ୍ଦ ବୁଝିଥିଲେ । ଗିରଫ ଛାତ୍ରଙ୍କୁ ଭେଟିବା ପରେ ଶ୍ରୀ ଦାସ କହିଛନ୍ତି, ଅଣ୍ଡାମାଡ ମନ୍ତ୍ରୀଙ୍କ ଦେହରେ ବାଜି ନାହିଁ କି ତାଙ୍କ ଘର ଭିତରେ ପଡ଼ିନାହିଁ । କେବଳ ପାଚେରୀ ପାଖରେ ପଡ଼ିଛି । ଏହା କ'ଣ ଗୁରୁତର ଅପରାଧ ବୋଲି ପ୍ରଶ୍ନ କରିଥିଲେ । ଶ୍ରୀ ଦାସ ଆହୁରି କହିଥିଲେ ଯେ, ଯଦି ଏହା ଅପରାଧ, ଫକୀର ମୋହନ କଲେଜ ଶିକ୍ଷା ବିଭାଗର ମୁଖ୍ୟ, ଅଧକ୍ଷଙ୍କ ସହ ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ମଧ ମୃତା ଛାତ୍ରୀ ଜଣଙ୍କ ଗୁହାରି କରିଥିଲେ କିନ୍ତୁ ତାଙ୍କ ଏଫ.ଆଇ.ଆର ହେଲା ନାହିଁ । ତାହା କ'ଣ ଅପରାଧ ନୁହେଁ ବୋଲି ସେ ପ୍ରଶ୍ନ କରିଛନ୍ତି । କଂଗ୍ରେସ ଦଳ ଆଇନକୁ ସମ୍ମାନ ଦେଉଛି । ଯଦି ଆମେ ଆଇନ ହାତକୁ ନେବୁ ତେବେ ବିଜେପି ନେତା ଓ ମନ୍ତ୍ରୀ ରାଜରାସ୍ତାରେ ଚାଲିପାରିବେ କି ବୋଲି କହିଛନ୍ତି ଶ୍ରୀ ଦାସ ।

ପିସିସି ସଭାପତି ଶ୍ରୀ ଦାସଙ୍କ ସହ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଂଯୋଜକ ରାଜୀବ ପଟ୍ଟନାୟକ, କଂଗ୍ରେସ ପାର୍ଥୀ ନିରଞ୍ଜନ ନାୟକ, ସୁଧାଂଶୁ ଦେଓ ଓ ଦୀପକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଆର୍କିଟେକ୍ଟ ପ୍ଲାନିଂ ବିଭାଗର ଶ୍ରୀରାମଚନ୍ଦ୍ର ଲାଇବ୍ରେରୀର ପରିଦର୍ଶନ

ବାରିପଦା, (ସବ୍ୟୁ) : ଶୁକ୍ରବାର ଶ୍ରୀରାମଚନ୍ଦ୍ର ଲାଇବ୍ରେରୀର ପରିଦର୍ଶନରେ ଆଇ.ଆଇ.ଟି ଖଡ଼ଗପୁରର ଆର୍କିଟେକ୍ଟ ପ୍ଲାନିଂ ବିଭାଗର ଏକ ବିଶେଷଜ୍ଞ ଦଳ ନିମିତ୍ତ ଆସିଥିଲେ । ତେବେ ଲାଇବ୍ରେରୀର ପୁନରୁଦ୍ଧାର କାର୍ଯ୍ୟର ଡିପିଆର ପ୍ରସ୍ତୁତି ସମ୍ବର୍ଦ୍ଧିତ ବିଶେଷ ସର୍ବେକ୍ଷଣ କାର୍ଯ୍ୟ ୩ଡି ଲେଜର୍ ସ୍କେନିଂ ମାଧମରେ କରାଯାଇଥିଲା। ଏହି କାର୍ଯ୍ୟରେ ଲାଇବ୍ରେରୀର ପରିଚାଳନା ପରିଷଦର ଉପସ୍ଥିତ ସଭ୍ୟ ଏବଂ ମନୋଜ କୁଅଁରଙ୍କ ବୈଷୟିକ ସହଯୋଗିତା ପ୍ରଦାନ କରାଯାଇଥିଲା ।

## ଭିନ୍ନକ୍ଷମ ଯୁବତୀ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ବାରିପଦା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସତ୍ୟନାରାୟଣ ପାତ୍ର ଅଭିଯୁକ୍ତ ଦୁର୍ଯ୍ୟୋଧନ ମହାନ୍ତ(୬୨)ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇବା ସହ ୫୦ହଜାରଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି କୃଷ୍ଣଚନ୍ଦ୍ର ଦାସ ମାମଲା ପରିଚାଳନା କରିଥିଲେ। ଘଟଣାରୁ ପ୍ରକାଶ ଯେ, ୨୦୨୧ ମସିହା ଡିସେମ୍ବର ୨୮ ତାରିଖ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳର ଦୁର୍ଯ୍ୟୋଧନ ମହାନ୍ତ ରାସଗୋବିନ୍ଦପୁର ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ କରି ଗର୍ଭବତୀ କରିଥିଲେ। ଏନେଇ ପୀଡିତାଙ୍କ ପରିବାର ପକ୍ଷରୁ ରାସଗୋବିନ୍ଦପୁର ଥାନାରେ ଅଭିଯୋଗ କ୍ରମେ ୨୭୯/୨୧ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଶୁକ୍ରବାର ୯ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

# ନିଶାମୁକ୍ତ ଯୁବକ ବିକଶିତ ଭାରତର ସାରଥୀ

**- ଡକ୍ଟର ମନସୁଖ ମାଣ୍ଡଭିୟ**
**(କେନ୍ଦ୍ର ଶ୍ରମ ଓ ନିଯୁକ୍ତି ଏବଂ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ, ଭାରତ ସରକାର)**

କୁହାଯାଏ ଯେ କୌଣସି ଦେଶକୁ ଆଗକୁ ବଢିବାକୁ ହେଲେ, ଏହାର ଯୁବ ସମାଜ ସଶକ୍ତ ଏବଂ ଦକ୍ଷ ହେବା ଆବଶ୍ୟକ। ଭାରତ ହେଉଛି ବିଶ୍ୱର ସେହି ଦେଶ ଯେଉଁଠାରେ ଯୁବକମାନଙ୍କର ସଂଖ୍ୟା ସର୍ବାଧିକ। ଆମର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ କ୍ଷେତ୍ରରେ ଆମର ଯୁବକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦେଶର ବିକାଶର ଗତି ଯୁବକମାନଙ୍କ ଶକ୍ତି,ଚିନ୍ତାଧାରା ଏବଂ ନିଷ୍ଠା ଦ୍ୱାରା ନିରୁପିତ ହୋଇଥାଏ।

କିନ୍ତୁ ଆଜି ଦେଶ ନିକଟରେ ସବୁଠାରୁ ବଡ ଆହ୍ୱାନ ହେଉଛି ଯୁବକମାନଙ୍କୁ ନିଶା ସେବନରୁ ଦୂରେଇ ରଖିବା। ବର୍ତ୍ତମାନ ଯୁବକମାନେ ଅଧିକ ମାତ୍ରାରେ ନିଶା ଗ୍ରହଣ କରୁଥିବା ଦେଖା ଯାଉଛି। ଏହି ନିଶା କେବଳ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନୁହେଁ ବରଂ ସେମାନଙ୍କର କ୍ୟାରିୟର, ସ୍ୱପ୍ନ ଏବଂ ଦେଶର ଶକ୍ତି ଉପରେ ମଧ ପ୍ରଭାବ ପକାଉଛି ।

ଏକ ଅଧ୍ୟୟନ ଅନୁଯାୟୀ, ଭାରତରେ ୧୦ ରୁ ୨୪ ବର୍ଷ ବୟସର ପ୍ରତ୍ୟେକ ୫ ଜଣ ଯୁବକ ମଧ୍ୟରୁ ଜଣେ କେବେ ନା କେବେ ନିଶା ଗ୍ରହଣ କରିଛନ୍ତି। ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ) ରିପୋର୍ଟ ଅନୁଯାୟୀ ୮.୫ ଲକ୍ଷରୁ ଅଧିକ ପିଲାମାନେ ନିଶା ସେବନର ଶିକାର ହେଉଛନ୍ତି। ଏହି ସଂଖ୍ୟାଗୁଡିକ ବହୁତ ଭୟାନକ ଏବଂ ଚିନ୍ତାଜନକ ।

ଡ୍ରଗ୍ସ ଏବଂ ଅନ୍ୟାନ୍ୟ ନିଶା ପଦାର୍ଥକୁ ଦୂର କରିବା ପାଇଁ ଭାରତ ସରକାର ଗତ ୧୧ ବର୍ଷ ମଧ୍ୟରେ ଅନେକ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି। ୨୦୨୦ ରେ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଦ୍ୱାରା 'ନିଶାମୁକ୍ତ ଭାରତ ଅଭିଯାନ' ଆରମ୍ଭ ହୋଇଛି । ନିଶା ସେବନକୁ ରୋକିବା ଏବଂ ପୀଡିତମାନଙ୍କୁ ସହାୟତା କରିବା ପାଇଁ ସରକାର ଜାତୀୟ ନିଶା ନିବାରଣ କେନ୍ଦ୍ର (ଆଇଆରସିଏ) ଏବଂ ଆଉଟରିଚ୍-କମ-ଡ୍ରପ୍ ଇନ୍ ସେଣ୍ଟର (ଓଡିଆଇସିଏସ୍) ପ୍ରତିଷ୍ଠା କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଚେତନତା ଅଭିଯାନ କରାଯାଇଥିଲା। ଡ୍ରଗ୍ ମାଫିଆଙ୍କ ବିରୋଧରେ ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ (ଏନସିବି) କଠୋର ପଦକ୍ଷେପ ଗ୍ରହଣ କରିଥିଲା। ଏହା ବ୍ୟତୀତ ଯୁବକମାନଙ୍କ ପରାମର୍ଶ ପାଇଁ ସାରା ଦେଶରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ଏହା ସହିତ ବିଭିନ୍ନ ରାଜ୍ୟରେ ସ୍ଥାନୀୟ ପ୍ରଶାସନ, ବେସରକାରୀ ସଂଗଠନ ଏବଂ ସାମାଜିକ କର୍ମୀଙ୍କ ସହାୟତାରେ ନିଶା ବିରୋଧରେ ଅନେକ ବଡ ଅଭିଯାନ ଚାଲୁ ରହିଛି।

ଏହି ସଂଗ୍ରାମକୁ ମଜବୁତ କରିବାକୁ ଭାରତ ନିରନ୍ତର ଚେଷ୍ଟା କରୁଛି। ଏହି ପରିପ୍ରେକ୍ଷୀରେ, ମାଇଁ ଭାରତ ଏକ ବଡ଼ ପଦକ୍ଷେପ ନେଇଛି। ୧୯ ରୁ ୨୦ ଜୁଲାଇ ପର୍ଯ୍ୟନ୍ତ ବାବା କାଶୀ ବିଶ୍ୱନାଥଙ୍କ ଦେଶରୁ 'ଯୁବ ଆଧାତ୍ମିକ ସମ୍ମିଳନୀ' ଆରମ୍ଭ ହେଉଛି। ଏହାର ବିଷୟବସ୍ତୁ 'ବିକଶିତ ଭାରତ ପାଇଁ ନିଶା ମୁକ୍ତ ଯୁବକ' ହେବ। ବାରଣାସୀର ପବିତ୍ର ଘାଟରେ ଆୟୋଜିତ ହେବାକୁ ଥିବା ଏହି ଶିଖର ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ଏକ ଜାତୀୟ ନୀତି ପ୍ରସ୍ତୁତ କରିବା ଯାହା ଯୁବକମାନଙ୍କ ନେତୃତ୍ୱରେ ନିଶା ନିବାରଣ ଅଭିଯାନକୁ ମଜବୁତ କରିବ।

ଏହି ଶିଖର ସମ୍ମିଳନୀରେ ଦେଶର ୧୦୦ ରୁ ଅଧିକ ଆଧାତ୍ମିକ ସଂଗଠନର ଯୁବ ପ୍ରତିନିଧୀଙ୍କୁ ନିମନ୍ତ୍ରଣ କରାଯାଇଛି। ଏହା ବ୍ୟତୀତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ, ସଂସ୍କୃତି ମନ୍ତ୍ରଣାଳୟ, ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ମଧ ଏଥିରେ ଅଂଶଗ୍ରହଣ କରିବେ। ଏହା ମାଧ୍ୟମରେ ଯୁବକମାନେ ଏକ ପ୍ଲାଟଫର୍ମ ପାଇବେ ଯେଉଁଠାରେ ସେମାନେ ସରକାର ଏବଂ ନୀତି ନିର୍ଦ୍ଧାରଣକାରୀଙ୍କ ନିକଟରେ ନିଜର ସ୍ୱର ପହଞ୍ଚାଇବାରେ ସକ୍ଷମ ହେବେ।

ଏହି ସମ୍ମିଳନୀରେ ଦେଶରେ ନିଶା ବିରୋଧରେ ଲଢେଇକୁ ମଜବୁତ କରିବା ପାଇଁ ବିଭିନ୍ନ ଅଧିବେଶନ ଆୟୋଜନ କରାଯିବ। ନିଶା ସେବନର ପ୍ରାଦୁର୍ଭାବ, ଏହାର ପ୍ରକୃତି, ପ୍ରକାର, ପୀଡିତଙ୍କ ସଂଖ୍ୟା, ଅନ୍ତର୍ଜାତୀୟ ପ୍ରଭାବ, ସରକାର ଏବଂ ମାଇଁ ଭାରତର ଯୁବ ସ୍ୱେଚ୍ଛାସେବୀଙ୍କ ଭୂମିକା ଭଳି ବିଷୟ ଉପରେ ଗଭୀର ଆଲୋଚନା ଏବଂ ବିଚାର ବିମର୍ଷ ହେବ। ଏହା ବ୍ୟତୀତ, ନିଶା ସେବନରୁ ମୁକ୍ତି ପାଇଥିବା ଯୁବକମାନଙ୍କ ପ୍ରେରଣାଦାୟକ କାହାଣୀ ଏବଂ ଅନୁଭୂତି ମଧ ଅଂଶୀଦାର କରାଯିବ, ଯାହା ଦ୍ୱାରା ଅନ୍ୟ ଯୁବକମାନେ ସେମାନଙ୍କ ଠାରୁ ପ୍ରେରଣା ନେଇପାରିବେ।

ଶେଷରେ ଏକ 'କାଶୀ ଘୋଷଣାନାମା' ପ୍ରକାଶ ପାଇବ, ଯାହା ଆସନ୍ତା ପାଞ୍ଚ ବର୍ଷ ପାଇଁ ନିଶା ନିବାରଣ ଅଭିଯାନର ରୋଡ୍ ମ୍ୟାପ୍ ହେବ। ଏଥିରେ ଯୁବକମାନଙ୍କୁ କିପରି ନିଶାରୁ ଦୂରେଇ ରଖାଯିବ, ନିଶା ସେବନ କରୁଥିବା ଲୋକଙ୍କୁ କିପରି ସାହାଯ୍ୟ କରାଯିବ ଏବଂ ସମଗ୍ର ଦେଶରେ ସଚେତନତା ଅଭିଯାନକୁ କିପରି ତୀବ୍ର କରାଯିବ ସେ ନେଇ ନିଷ୍ପତ୍ତି ନିଆଯିବ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସର୍ବଦା ଦେଶର ଅମୃତ ପୀଢ଼ିଙ୍କ ସ୍ୱପ୍ନର ଭାରତ ସୃଷ୍ଟି ବିଷୟରେ ଆଲୋଚନା କରନ୍ତି। ତାଙ୍କ ଦୃଷ୍ଟିକୋଣ ଅନୁଯାୟୀ, ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପ ଏକ ସାମଗ୍ରିକ ତଥା ପ୍ରଭାବଶାଳୀ ପଦକ୍ଷେପର ଉଦାହରଣ ହେବ । ଏହି ପଦକ୍ଷେପ କେବଳ ଯୁବକମାନଙ୍କୁ ନିଶା ଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିବ ନାହିଁ ବରଂ ରାଷ୍ଟ୍ର ନିର୍ମାଣର ମୁଖ୍ୟ ସ୍ରୋତରେ ଏକ ଦୃଢ ଭୂମିକା ଗ୍ରହଣ କରିବାକୁ ସେମାନଙ୍କୁ ପ୍ରେରଣା ଯୋଗାଇବ। ଦେଶକୁ ଏକ ବିକଶିତ ରାଷ୍ଟ୍ର ଭାବେ ପରିଣତ କରିବାର ସବୁଠାରୁ ବଡ଼ ଦାୟିତ୍ୱ ଆମର ଯୁବ ଶକ୍ତି ଉପରେ ରହିଛି। ଏହି ଲକ୍ଷ୍ୟକୁ ନେଇ କାଶୀରେ ଆୟୋଜିତ ହେବାକୁ ଥିବା 'ଯୁବ ଆଧାତ୍ମିକ ସମ୍ମିଳନୀ' କେବଳ ଏକ କାର୍ଯ୍ୟକ୍ରମ ହେବ ନାହିଁ ବରଂ ଏକ ଜାତୀୟ ଚେତନାର ପ୍ରାରମ୍ଭ ସ୍ଥଳ ହେବ। ନିଶା ବିପକ୍ଷରେ ଦେଶବ୍ୟାପୀ ଅଭିଯାନକୁ ଏହା ନୂଆ ଦିଗ ଏବଂ ଶକ୍ତି ଦେବ । ଏହାସହ, ଏହା ଯୁବପିଢିଙ୍କୁ ନୈତିକ ମୂଲ୍ୟବୋଧ, ସାମାଜିକ ଦାୟିତ୍ୱ ଏବଂ ଆତ୍ମ ନିୟନ୍ତ୍ରଣର ଏକ ଭାବନା ସୃଷ୍ଟି କରିବ, ଯାହା ସେମାନଙ୍କୁ କେବଳ ସେମାନଙ୍କ ଜୀବନରେ ଅର୍ଥ ଦେବ ନାହିଁ, ବରଂ ଏହା ଏକ ଆତ୍ମନିର୍ଭରଶୀଳ, ଶକ୍ତିଶାଳୀ ତଥା ବିକଶିତ ରାଷ୍ଟ୍ର ଭାବରେ ଦେଶ ପ୍ରତିଷ୍ଠା କରିବାର ଏକ ମାଧ୍ୟମ ହେବ। ପବିତ୍ର କାଶୀରୁ ଏହି ଆହ୍ୱାନ ପ୍ରତ୍ୟେକ ଯୁବକଙ୍କ ମନକୁ ଜାଗରଣ ଏବଂ ଦେଶପ୍ରେମର ଏକ ନୂତନ ଆଲୋକରେ ପରିପୂର୍ଣ୍ଣ କରିବ ଏବଂ ଏହି ସଂକଳ୍ପ ୨୦୪୭ ର ବିକଶିତ ଭାରତର ଦୃଢ଼ ମୂଳଦୁଆ ହେବ।

# ବାଙ୍ଗିରିପୋଷି ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ ସମିତି ବୈଠକ



ବାରିପଦା, (ସବ୍ୟୁ) : ଆଜି ଶାମାଖୁଣ୍ଟା ପଂଚାୟତ ସମିତି ସମ୍ମିଳନୀ କକ୍ଷଠାରେ ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଳୀ ମୁର୍ମୁଙ୍କ ଅଧ୍ୟକ୍ଷତାରେ ବାଙ୍ଗିରିପୋଷୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ ସମିତିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଓ ଅତିରିକ୍ତ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ସିଡିଏମଓ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ବାରିପଦା ପିଏଆଇଟିଡିଏ ପ୍ରଣୟ ବେହେରା ଓ ଯୋଗଦେଇଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ଲକସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ମାନ୍ୟବର ବିଧାୟିକା ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ କହିଥିଲେ ଯେ, ଆମେ ସମସ୍ତେ ଆମ ନିଜ ନିଜ କର୍ତ୍ତବ୍ୟ ସୂଚାରୁ ରୂପେ ସମ୍ପାଦନ କରିବା ଯଦ୍ୱାରା ଲୋକମାନେ ଯୋଜନାର ସୁଫଳ ପାଇ ପାରିବେ । ଉକ୍ତ ବୈଠକରେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଓ ଯୋଜନା ଗୁଡିକର ସ୍ଥିତି, ଅଗ୍ରଗତି ଓ ଉପଲବ୍ଧି ଉପରେ ବିଧାୟିକା ସମୀକ୍ଷା କରିଥିଲେ । ମୁଖ୍ୟତଃ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ମେଗା ଉଠା ଜଳସେଚନ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ସ୍ୱାସ୍ଥ୍ୟ, ଆଇନ ଶୃଙ୍ଖଳା, ଭୂମିହୀନଙ୍କୁ ଜମି ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଇତ୍ୟାଦି ସମ୍ବନ୍ଧରେ ସମୀକ୍ଷା କରିଥିଲେ । ସେହିପରି ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ବିଦ୍ୟୁତ୍ ଯୋଗାଣ, ଗ୍ରାମ୍ୟଜଳ ଯୋଗାଣ, ଗମନାଗମନ, ଇତ୍ୟାଦି ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଦ୍ୱରିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ଯଦି କିଛି ପ୍ରତିବନ୍ଧକ ଥାଏ ତେବେ ଏହାର ସମାଧାନ ପାଇଁ ପ୍ରସ୍ତାବ ଦେଲେ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଲୋକଙ୍କ ଜୀବନ ଜୀବିକା ଉନ୍ନତି ପାଇଁ କିଛି ନୂତନ ପ୍ରସ୍ତାବ ଦେବା ପାଇଁ ବିଭିନ୍ନ ବିଭଗୀୟ ଅଧିକାରଙ୍କୁ ପରାମର୍ଶ ଦେଇଥିଲେ । ଏତଦ୍‌ବ୍ୟତୀତ ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଯେଉଁ ପ୍ରକଳ୍ପ କାର୍ଯ୍ୟ ଗୁଡିକ ଚାଲିଛି ସେଥିରେ ଯଦି ନିମ୍ନମାନର କାର୍ଯ୍ୟ ନଜରକୁ ଆସୁଛି ତେବେ ତୁରନ୍ତ ସମ୍ପୃକ୍ତ କଂଟ୍ରାକଟରକୁ କଳା ତାଲିକା ଭୁକ୍ତ କରିବା ପାଇଁ ବିଧାୟିକା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶାମାଖୁଣ୍ଟା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୁନା ସେଠୀ, କୁଳିଅଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର ମୁର୍ମୁ ଏବଂ ବାଙ୍ଗିରିପୋଷି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପରମାନନ୍ଦ ଖଣ୍ଡେଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକ ପରିଚାଳନାରେ ବ୍ଲକ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ଗାଁ ଭିତରେ ବେଆଇନ ମଦ ରନ୍ଧା ଓ ବିକ୍ରିକୁ ନେଇ ପ୍ରତିବାଦ



ଧରାକୋଟ, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଜଗମୋହନ ପଞ୍ଚାୟତ ଅନ୍ତର୍ଗତ ଚମ୍ପାପଲ୍ଲୀ ଗାଁରେ ବେଆଇନ ମଦ ରନ୍ଧା ଓ ବିକ୍ରୟକୁ କେନ୍ଦ୍ର କରି ଗ୍ରାମରେ ଉତ୍ତେଜନା ଦେଖାଇଛି । ମଦ ରନ୍ଧା ବିକ୍ରିକୁ ବିରୋଧ କରି ଗ୍ରାମର ମହିଳା ଓ ପୁରୁଷ ଏକାଠି ହୋଇ ଆଜି ପ୍ରତିବାଦ କରିଛନ୍ତି । ପ୍ରତିବାଦ ସମୟରେ ଉତ୍ତେଜନା ମଧ ଦେଖା ଯାଇଥିଲା । ସୂଚନା ଅନୁସାରେ ଗ୍ରାମର ଜୈନେକ ବ୍ୟକ୍ତି ନିଜ ଶଶୁର ଘର ଚମ୍ପାପଲ୍ଲୀ ଗ୍ରାମରେ ଦୀର୍ଘ ବର୍ଷ ହେଲା ବେଆଇନ ମଦ ରାନ୍ଧିବା ସହ ଗାଁ ଭିତରେ ବିକ୍ରୀ କରୁଥିଲେ । ଯାହାକୁ ନେଇ ଗ୍ରାମବାସୀ ମାନେ ବାରମ୍ବାର ବିରୋଧ କରିବା ସହ ଧରାକୋଟ ଥାନାରେ ଅଭିଯୋଗ କରି ଆସୁଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିଲା । ତେବେ ଆଜି ଗ୍ରାମର କିଛି ମହିଳା ଓ ପୁରୁଷ ମଦ ବିକ୍ରୀକୁ ବିରୋଧ କରିବାରୁ ଗାଁ ରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଖବର ପାଇ ଧରାକୋଟ ପୋଲିସ ଗ୍ରାମରେ ପହଞ୍ଚି ସମସ୍ତଙ୍କୁ ବୁଝାସୁଝା କରିବା ସହ ମଦ ବିକ୍ରୀ କରୁଥିବା ଅଭିଯୋଗ ଆସିଥିବା ଜୈନେକ୍ ବ୍ୟକ୍ତି ଙ୍କୁ ଘଟଣା ସ୍ଥଳରୁ ପୋଲିସ ଉଦ୍ଧାର କରିବା ସହ ପରିସ୍ଥିତି ଶାନ୍ତ ପଡିଥିଲା । ଏନେଇ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁଙ୍କ ସହ ଯୋଗାଯୋଗ ବେଳେ ସେ କହିଥିଲେ ଏମିତି ଘଟଣା ନେଇ ମୋ ପାଖକୁ କୌଣସି ଅଭିଯୋଗ ଆସିନାହିଁ । ଚମ୍ପା ପଲ୍ଲୀ ଗ୍ରାମର କିଏ ବି ଆଜିସୁଦ୍ଧା ଅଭିଯୋଗ ଦେଇ ନାହାନ୍ତି । ଯାହାଙ୍କ ନାମରେ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି ସେ ବ୍ୟକ୍ତି ଜଣକ ପୋଲିସର ସୂଚନା ପ୍ରଦାନକାରୀ ବୋଲି ସନ୍ଦେହ କରୁଥିବାରୁ ଗ୍ରାମରେ ଏପରି ପରିସ୍ଥିତି ଉପୁଜିଥିବା କଥା ଥାନା ଅଧିକାରୀ କହିଛନ୍ତି । ପୂର୍ବରୁ ଚମ୍ପା ପଲ୍ଲୀରେ ବେଆଇନ ମଦ ରନ୍ଧାକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରାଯାଇଥିବା ବେଳେ ଏଥିରେ ସଂପୃକ୍ତ ଥିବା ଲୋକ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନଷ୍ଠାନ ନିଆଯାଉଛି ବୋଲି ଥାନା ଅଧିକାରୀ କହିଛନ୍ତି ।

# ଗ୍ରୀନଇଣ୍ଡିଆ ଏମଡି ପ୍ରଦୀପ ନାଁ' ରେ ଠକେଇ ମାମଲା

ବ୍ରହ୍ମପୁର, (ସବ୍ୟୁ): ଗ୍ରୀନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂ ନାମରେ ପୁଣି ଏକ ଠକେଇ ମାମଲା ବୈଦ୍ୟନାଥପୁର ଥାନାରେ ୩୬୦/୨୫ ରେ ଏକ ମାମଲା ରୁଜୁ ହୋଇଛି । ଚମାଖଣ୍ଡି ନିକଟ ବଣବୁଲାପଲ୍ଲୀର ଜଣେ ବ୍ୟକ୍ତିଙ୍କ ଠାରୁ ୫ ଲକ୍ଷ ଟଙ୍କା ଠକି ନେଇଥିବା ଜଣାପଡିଛି । ପୋଲିସ ଘଟଣାର ତଦନ୍ତ ଚଳାଇଛି । ପ୍ରକାଶ ଯେ, ୨୦୧୧-୧୨ରେ ପ୍ରଦୀପ ସିଂ ନିଜ କମ୍ପାନୀ ଗ୍ରୀନ ଇଣ୍ଡିଆ ମଲଟି ଷ୍ଟେଟ ମେମ୍ବରର୍ସ କ୍ରେଡିଟ କୋପରେଟିଭ ପ୍ରାଇଭେଟ ଲିମିଟେଡ ନାମକ କମ୍ପାନୀ ଖୋଲି ଲୋକଙ୍କ ଠାରୁ କୋଟି,କୋଟି ଟଙ୍କା ଠକେଇ କରିଥିଲେ । ବ୍ରହ୍ମପୁର ଧର୍ମନଗର ୪ର୍ଥ ଲାଇନରେ ଏହି ଚିଟଫଣ୍ଡ କମ୍ପାନୀର ଏକ କାର୍ଯ୍ୟାଳୟ ରହିଥିଲା । ଏହି କାର୍ଯ୍ୟାଳୟରେ ଗୋଳନ୍ଥରାରର ମହିଳା ଝାନ୍ସିରାଣୀ ପାଣୀ ଓରଫ ସୁକାନ୍ତି ଏବଂ କନିଷିର ପ୍ରଶାନ୍ତ କୁମାର ସାହୁ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ । ତେବେ କମ୍ପାନୀ ଏହି ଏଜେଣ୍ଟମାନେ ଚମାଖଣ୍ଡି ବଣବୁଲାପଲ୍ଲୀର ନରସିଂହ ପ୍ରଧାନଙ୍କୁ ଏହି ଚିଟ ଫଣ୍ଡ କମ୍ପାନୀରେ ଟଙ୍କା ନିବେଶ କରିବାକୁ କହିବା ସହ ମୋଟ ଅଙ୍କର ଲାଭ ପାଇବେ ବୋଲି ଲୋଭ ଦେଖାଇଥିଲେ । ସେହିପ୍ରକାରେ ନରସିଂହ ୫ ଲକ୍ଷ ଟଙ୍କା ଜମା କରିଥିଲେ ହେଲେ କିଛି ଦିନ ପରେ ଚିଟଫଣ୍ଡ କଳେଙ୍କାରୀ ସାମ୍ନାକୁ ଆସିବା ପରେ ଗ୍ରୀନ ଇଣ୍ଡିଆ କମ୍ପାନୀ ନାଁରେ ବିଭିନ୍ନ ଥାନାରେ ଠକେଇ ମାମଲା ରୁଜୁ ହୋଇଥିଲା । କମ୍ପାନୀର କାର୍ଯ୍ୟାଳୟ ବନ୍ଦ ହୋଇଯିବା ପରେ ନରସିଂହଙ୍କ ନିଜ ଜମା ଟଙ୍କା ଫେରସ୍ତ ପାଇ ପାରିନଥିଲେ ବହୁ ବର୍ଷ ଧରି ଅପେକ୍ଷା କରିବା ପରେ ନରସିଂହଙ୍କୁ ନିଜ ଟଙ୍କା ନମିଳିବାରୁ ସେ ଗ୍ରୀନ ଇଣ୍ଡିଆ କମ୍ପାନୀର ଏମଡି ତଥା ବ୍ରହ୍ମପୁର ଅଯୋଧ୍ୟାନଗର ୨ୟ ଲାଇନରେ ରହୁଥିବା ପ୍ରଦୀପ ସିଂଙ୍କ ସମେତ ଉପରୋକ୍ତ ୨ ଏଜେଣ୍ଟଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ । ତେବେ ପୋଲିସ ନଶୁଣିବାରୁ ସେ ବ୍ରହ୍ମପୁର ଓପିଆଇଡି କୋର୍ଟରେ ଓ୍ୱାନ-ସିସି ମାମଲା ରୁଜୁ କରିଥିଲେ । ସେହି ମାମଲାର ବିଚାରଣ କରି କୋର୍ଟ ଏହା ଏକ ଅର୍ଥନୈତିକ ଅପରାଧିକ ମାମଲା ଏବଂ ଏହାର ତଦନ୍ତ ହୋଇ ସତ୍ୟ ସାମ୍ନାକୁ ଆସିବା ଜରୁରୀ ବୋଲି କହିବା ସହ କମ୍ପାନୀର ଏମଡି ପ୍ରଦୀପ ଓ ୨ ଏଜେଣ୍ଟଙ୍କ ନାମରେ ମାମଲା ରୁଜୁ କରିବାକୁ ବୈଦ୍ୟନାଥପୁର ଥାନାକୁ ଚଳିତମାସ ୭ ତାରିଖରେ ନିର୍ଦ୍ଦେଶ ଦେଇଥିଲେ । କୋର୍ଟଙ୍କ ନିର୍ଦ୍ଦେଶପ୍ରକାରେ ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଛି ।

# ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଜୁନିଅର ଏମଭିଆଇଙ୍କୁ ୨ ବର୍ଷ ଜେଲ

ବ୍ରହ୍ମପୁର, (ସବ୍ୟୁ): ଏକ ଆୟ ବର୍ହିଭୂତ ସମ୍ପତି ଠୁଳ ମାମଲାର ବିଚାରଣ କରି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ଜଜ ଜ୍ଞାନେନ୍ଦ୍ର କୁମାର ବାରିକ ଜଣେ ପୂର୍ବତନ ଜୁନିୟର ଏମଭିଆଇଙ୍କୁ ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ବ୍ରହ୍ମପୁରର ଦେବୀପ୍ରସାଦ ପାଢୀ। ୨ ବର୍ଷ ଜେଲ ଦଣ୍ଡ ସହ ୫୦ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜୋରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତର ଜଜ୍ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ଦେବୀପ୍ରସାଦ ପାଢୀ ୨୦୦୩ ବେଳକୁ ବ୍ରହ୍ମପୁର ନିକଟ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଗିରିଶୋଲା ଚେକଗେଟରେ କନିଷ୍ଠ ଏମଭିଆଇ (ମୋଟର ଭେଇକିଲ ଇନ୍ସପେକଟର) ଭାବେ କାର୍ଯ୍ୟ କରୁଥିଲେ। ସେତେବେଳେ ତାଙ୍କ ନାମରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ପକ୍ଷରୁ ୨୦୦୩ ଫେବୃଆରୀ ୨୮ ତାରିଖରେ ତାଙ୍କ ବ୍ରହ୍ମପୁର ସ୍ଥିତ ବାସଭବନ, ଶ୍ୱଶୂର ଘର ଓ ଗେଟବଜାର ନିକଟରେ ଥିବା ଦେବୀ ଅଟୋ ମୋବାଇଲ୍ସରେ ଏକାକାଳୀନ ଚଢଉ କରାଯାଇଥିଲା। ଚଢଉ ବେଳେ ତାଙ୍କ ନିକଟରୁ ମୋଟ ୨୪ ଲକ୍ଷ ୫୪ ହଜାର ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ଠାବ ହୋଇଥିଲା। ଯାହା ତାଙ୍କ ମୋଟ ଆୟର ୧୯୯% ରହିଥିଲା। ଭିଜିଲାନ୍ସ ପକ୍ଷରୁ ତାଙ୍କ ନାମରେ ଏକ ମାମଲା ରୁଜୁ କରାଯିବା ସହ ବ୍ରହ୍ମପୁର ଭିଜିଲାନ୍ସ ଅଦାଲତରେ ବିଚାରଣ ଜାରି ରହିଥିଲା। ବିଚାରଣ ବେଳେ ମୋଟ ୨୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଦାଲତର ଜଜ୍ ଆଜି ଉପରୋକ୍ତ ରାୟ ଶୁଣାଇଥିଲେ। ରାୟ ପ୍ରକାଶ ବଳେ ଦେବୀପ୍ରସାଦ ଅଦାଲତରେ ହଜାର ହୋଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ୨୦୧୦ରେ ଦେବୀପ୍ରସାଦ ବୌଦ୍ଧ ଜିଲାର ଭାରପ୍ରାପ୍ତ ଆରଟିଓ ଭାବେ କାର୍ଯ୍ୟ କରୁଥିବା ବେଳେ ଜଣେ ବସ ମାଲିକଙ୍କ ଠାରୁ ପରମିଟ ପାଇଁ ୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ସେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ସେହି ମାମଲାର ବିଚାରଣ ଫୁଲବାଣୀ ଭିଜିଲାନ୍ସ ଅଦାଲତରେ ଚାଲୁଥିଲା। ଉକ୍ତ ମାମଲାର ବିଚାରଣ କରି ଅଦାଲତର ଜଜ୍ ଦେବୀପ୍ରସାଦଙ୍କୁ ୧ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରି ୨ ହଜାର ଟଙ୍କା ଜେରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଦୋଷୀ ସାବ୍ୟସ୍ତ ହେବା ପରେ ଭିଜିଲାନ୍ସ ପକ୍ଷରୁ ଦେବୀପ୍ରସାଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ କୁହାଯାଇଥିଲା। ରାଜ୍ୟ ସରକାର ୨୦୧୯ରେ ତାଙ୍କୁ ରେ ସରକାରୀ ଚାକିରିରୁ ବହିଷ୍କୃତ କରିଥିଲେ। ସେହିପରି ଦେବୀପ୍ରସାଦଙ୍କ ନାମରେ ଆଉ ଏକ ଭିଜିଲାନ୍ସ ମାମଲା ଚାଲୁ ରହିଥିବା ଜଣାପଡିଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ପକ୍ଷରୁ ୨୦୦୩ ଫେବୃଆରୀ ୨୮ ତାରିଖରେ ତାଙ୍କ ବ୍ରହ୍ମପୁର ସ୍ଥିତ ବାସଭବନ, ଶ୍ୱଶୂର ଘର ଓ ଗେଟବଜାର ନିକଟରେ ଥିବା ଦେବୀ ଅଟୋ ମୋବାଇଲ୍ସରେ ଏକାକାଳୀନ ଚଢଉ କରାଯାଇଥିଲା। ଚଢଉ ବେଳେ ତାଙ୍କ ନିକଟରୁ ମୋଟ ୨୪ ଲକ୍ଷ ୫୪ ହଜାର ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ଠାବ ହୋଇଥିଲା। ଯାହା ତାଙ୍କ ମୋଟ ଆୟର ୧୯୯% ରହିଥିଲା। ଭିଜିଲାନ୍ସ ପକ୍ଷରୁ ତାଙ୍କ ନାମରେ ଏକ ମାମଲା ରୁଜୁ କରାଯିବା ସହ ବ୍ରହ୍ମପୁର ଭିଜିଲାନ୍ସ ଅଦାଲତରେ ବିଚାରଣ ଜାରି ରହିଥିଲା। ବିଚାରଣ ବେଳେ ମୋଟ ୨୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଦାଲତର ଜଜ୍ ଆଜି ଉପରୋକ୍ତ ରାୟ ଶୁଣାଇଥିଲେ। ରାୟ ପ୍ରକାଶ ବଳେ ଦେବୀପ୍ରସାଦ ଅଦାଲତରେ ହଜାର ହୋଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ୨୦୧୦ରେ ଦେବୀପ୍ରସାଦ ବୌଦ୍ଧ ଜିଲାର ଭାରପ୍ରାପ୍ତ ଆରଟିଓ ଭାବେ କାର୍ଯ୍ୟ କରୁଥିବା ବେଳେ ଜଣେ ବସ ମାଲିକଙ୍କ ଠାରୁ ପରମିଟ ପାଇଁ ୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ସେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ସେହି ମାମଲାର ବିଚାରଣ ଫୁଲବାଣୀ ଭିଜିଲାନ୍ସ ଅଦାଲତରେ ଚାଲୁଥିଲା। ଉକ୍ତ ମାମଲାର ବିଚାରଣ କରି ଅଦାଲତର ଜଜ୍ ଦେବୀପ୍ରସାଦଙ୍କୁ ୧ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରି ୨ ହଜାର ଟଙ୍କା ଜେରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଦୋଷୀ ସାବ୍ୟସ୍ତ ହେବା ପରେ ଭିଜିଲାନ୍ସ ପକ୍ଷରୁ ଦେବୀପ୍ରସାଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ କୁହାଯାଇଥିଲା। ରାଜ୍ୟ ସରକାର ୨୦୧୯ରେ ତାଙ୍କୁ ସରକାରୀ ଚାକିରିରୁ ବହିଷ୍କୃତ କରିଥିଲେ। ସେହିପରି ଦେବୀପ୍ରସାଦଙ୍କ ନାମରେ ଆଉ ଏକ ଭିଜିଲାନ୍ସ ମାମଲା ଚାଲୁ ରହିଥିବା ଜଣାପଡିଛି।

## ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି

# ଜେଏମଏମ ପକ୍ଷରୁ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା

ବାରିପଦା, (ସବ୍ୟୁ) : ଶୁକ୍ରବାର ଜେଏମଏମ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ବାରିପଦା ଦାର୍ଗାଡାହି ଗୋଲେଇ ସ୍ଥିତ ସମ୍ବିଧାନ ପ୍ରଣେତା ଡ଼ଃ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପାଖରେ ବାଲେଶ୍ୱର ଜିଲ୍ଲା ଫକୀରମୋହନ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ମୃତ ସାହସୀ ଭଉଣୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ମିଳିବା ଦାବୀରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଧାରଣା ଦେଇଥିଲା । ପ୍ରକାଶ ଥାଉକି ଜୁଲାଇ ୧୨ତାରିଖ ମୃତ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ବିଏଡ଼ ବିଭାଗର ବିଭାଗୀୟ ମୁଖ୍ୟ ସମୀର କୁମାର ସାହୁଙ୍କର ଯୌନ ନିର୍ଯ୍ୟାତନା ପାଇଁ କଲେଜର କର୍ତ୍ତୃପକ୍ଷ ଦିଲ୍ଲୀପ କୁମାର ଘୋଷଙ୍କ ପାଖରେ ନ୍ୟାୟ ପାଇବା ପାଇଁ ଧାରଣାରେ ବସିଥିଲେ, କିନ୍ତୁ ନ୍ୟାୟ ପାଇବା ବଦଳରେ ମୃତ ଛାତ୍ରୀ ବିଶିଙ୍କୁ ମାନସିକ ନିର୍ଯାତନା ଦେଇଥିଲେ, ଫଳରେ ମୃତ ଛାତ୍ରୀ ଆତ୍ମାହୁତି ଦେବା ପାଇଁ ଚରମ ନିଷ୍ପତି ନେଇଥିଲେ । ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲରେ ଭର୍ତ୍ତି ହେବା ପରେ ଗତ ୧୪ତାରିଖରେ ମୃତ୍ୟୁ ହୋଇଥିଲା। ଯାହାକି ଭାରତ ବର୍ଷରେ ଚାଞ୍ଚଲ୍ୟ ଖେଳିଯାଇଥିଲା । ଆଜି ମୟୂରଭଞ୍ଜ ଜିଲ୍ଲାର ଜେଏମଏମ ଜିଲ୍ଲା ସଭାପତି ଶ୍ରୀ ଦାସ ଡବଲ ଇଞ୍ଜିନ ସରକାର ତଥା ଓଡିଶା ର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସମାଲୋଚନା କରିଥିଲେ, ଶ୍ରୀ ଦାସ କହିଲେ ଛାତ୍ରୀ ଜଣକ ଯେତେବେଳେ ନ୍ୟାୟ ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷମନ୍ତ୍ରୀ, ବାଲେଶ୍ୱର ସାଂସଦ, ବିଧାୟକଙ୍କୁ ଟ୍ୱିଟ୍ ମଧମରେ ଜଣାଇବା ପରେ ମଧ କିଛିବି ସମାଧାନ କରିପାରିଲେ ନାହିଁ । ଆଜି ଅପାରଗ ସରକାର, ଛାତ୍ରୀ ଜଣକୁ ମୃତ୍ୟୁ ମୁଖକୁ ଠେଲି ଦେଲେ । ଏଭଳିଆ ସମ୍ବେଦନଶୀଳ ଘଟଣାକୁ ନେଇ ଜୁଲାଇ ୧୪ତାରିଖ ଜେଏମଏମର ମହିଳା ଏବଂ ଛାତ୍ର ମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ଆଜି ଜିଲ୍ଲାର ସଭାପତି ଶ୍ରୀ ଦାସ ଡବଲ ଇଂଜିନ ସରକାର ଏବଂ ରାଜ୍ୟର ମୋହନ ସରକାରକୁ ସମାଲୋଚନା କରିଥିଲେ। ରାଜ୍ୟର ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ର ଇସ୍ତଫା ଦାବୀ ସହିତ ବାଲେଶ୍ୱର ସାଂସଦ ଏବଂ ବିଧାୟକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବୀ ରଖିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ଉପସଭାପତି ରାଜା ହେମ୍ବ୍ରମ, ରାଜ୍ୟ ପରିଷଦ ସଦସ୍ୟ ସନାତନ ମୁର୍ମୁ, କେନ୍ଦ୍ରୀୟ କମିଟି ସଦସ୍ୟ ଦିବାକର ସୋରେନ, ଜିଲ୍ଲା ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ, ବାରିପଦା ନଗର ସଭାପତି ତରେନ ସେନାପତି, ସୁଜିତ ବେହରା, ସିପୁ ମୁଦଲି, ଗୋପବନ୍ଧୁନଗର ସଭାପତି ଚୈତନ୍ୟ ମୁର୍ମୁ, ଉଦଳା ବ୍ଲକର ଦଳୀୟ ଉପଦେଷ୍ଟା ଚନ୍ଦନ ପଣ୍ଡା, ରାସଗୋବିନ୍ଦପୁର ବ୍ଲକ ସଭାପତି ସୁକୁଲ ମାର୍ଣ୍ଡି, ଶାମାଖୁଣ୍ଟା ବ୍ଲକ ସଭାପତି ଗୌର ଚନ୍ଦ୍ର ସିଂ, ବାରିପଦା ବ୍ଲକ ସଭାପତି ପାରାନ ସୋରେନ, ଶୁଳିଆପଦା ବ୍ଲକ ସଭାପତି ମନୋଜ ଦାନ, ମୋରଡା ବ୍ଲକ ସଭାପତି ହେମନ୍ତ କୁମାର ମୋହାନ୍ତ, ଦିଲ୍ଲୀପ କୁମାର ଟୁଡୁ ସହିତ ଜେଏମଏମର ଶତାଧିକ କର୍ମୀ ଏବଂ ସମର୍ଥକ ଉପସ୍ଥିତ ଥିଲେ ।

## ଯାଜପୁର ଜିଲ୍ଲାରେ ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ଦ୍ୱି-ଦିବସୀୟ ପୂର୍ବୋଦୟ ଷ୍ଟାର୍ଟଅପ ସଙ୍ଗମ କାର୍ଯ୍ୟକ୍ରମ

ବ୍ୟାସନଗର, (ଜିପ୍ର ):ଆଜି ଯାଜପୁର ଜିଲ୍ଲାରେ, ରାଜ୍ୟରେ ଷ୍ଟାର୍ଟଅପ୍ ପରିବେଶକୁ ସୁଦୃଢ କରିବାସହ ନବସୃଜନର ସମ୍ଭାବନାକୁ ବଢାଇବା ପାଇଁ ଏମଏସଏମଇ ବିଭାଗ ସହାୟତାରେ ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା, 'ପୂର୍ବୋଦୟ ଷ୍ଟାର୍ଟଅପ୍ ସଂଗମ' କାର୍ଯ୍ୟକ୍ରମର ପ୍ରଥମ ଦିନ ଯାଜପୁରର ର ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଆୟୋଜିତ ହୋଇଯାଇଛି ।

ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ସମବାୟ ଓ ବୟନ ଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଲେ ଆଜିର ଏହି ପୂର୍ବୋଦୟ ଷ୍ଟାର୍ଟଅପ ସଙ୍ଗମର ଉଦ୍ଦେଶ୍ୟ ହେଉଛି ଓଡିଶାରେ କିପରି ଷ୍ଟାର୍ଟଅପର ଗ୍ରୋଥ ହୋଇପାରିବ ସେଥିପ୍ରତି କାର୍ଯ୍ୟରତ ହେବା । ଯୁବକ ମାନେ କିପରି ନିଯୁକ୍ତି ପଛରେ ନଧାଇଁକି ନିଜେ ନିଯୁକ୍ତି ସୃଷ୍ଟି କରି ପାରିବେ ସେଥିପାଇଁ ସମସ୍ତ ପ୍ରକାର ପ୍ରୋତ୍ସାହନ ଦେବାକୁ ସରକାର ସ୍ଥିର କରିଛନ୍ତି ।

ଉକ୍ତ ଦ୍ୱି-ଦିବସୀୟ କର୍ମଶାଳାର ପ୍ରଥମ ଦିନରେ ଯୋଗଦେଇ ଶିଳ୍ପ ଓ ଦକ୍ଷତା ବିକାଶ ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁକହିଲେ ଆଜିର ପୂର୍ବୋଦୟ ଷ୍ଟାର୍ଟଅପ୍ ସଂଗମରେ ପୂର୍ବୋତ୍ତର ୫ ଟି ଜିଲ୍ଲା ତଥା ବାଲେଶ୍ୱର,ଭଦ୍ରକ, ମୟୂରଭଞ୍ଜ, କେଉଁଝର, ଯାଜପୁର ଜିଲ୍ଲାକୁ ନେଇ ଅନୁଷ୍ଠିତ କରାଯାଇଅଛି



। ଏହି ୨ ଦିନିଆ କର୍ମଶାଳାରେ ଷ୍ଟାର୍ଟଅପ୍ ଉପରେ ବିଭିନ୍ନ ତଥ୍ୟ ଆଲୋଚନା ହେବ । ଏବେ ସୁଦ୍ଧା ଓଡ଼ିଶାରେ ୨୩୦୨ ଟି ଷ୍ଟାର୍ଟଅପ୍ ଷ୍ଟାର୍ଟଅପ୍ ଓଡ଼ିଶାଦ୍ୱାରାପଞ୍ଜୀକୃତ ହୋଇଛନ୍ତି । ଆଗାମୀ ୫ ବର୍ଷରେ ୫୦୦୦ ଷ୍ଟାର୍ଟଅପ୍ କରିବା ପାଇଁ ସରକାରଙ୍କ ତରଫରୁ ଓ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଛି ।

କର୍ମଶାଳାରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ କହିଲେ -ଷ୍ଟାର୍ଟଅପ ଓଡ଼ିଶା ଜିଲ୍ଲାସ୍ତରରେ କିପରି କାର୍ଯ୍ୟକାରୀ କରାଯାଇପାରିବ ସେ ଦିଗରେ ଆଜି ଯାଜପୁର ଜିଲ୍ଲାରେ ୫ ଟି ପୂର୍ବୋତ୍ତର ଜିଲ୍ଲାକୁ ନେଇ ୨ ଦିନିଆ କର୍ମଶାଳା ଆୟୋଜିତ କରାଯାଇଛି । ଯେଉଁ ଉଦ୍ୟୋଗୀମାନେ ନୂଆ ଆଇଡ଼ିଆ ରଖିଛନ୍ତି କିମ୍ବା କ୍ଷୁଦ୍ର ବ୍ୟବସାୟ ତଥା ଆଇ.ଟି କ୍ଷେତ୍ରରେ କିଛି କରିବା ପାଇଁ ଚାହୁଁଛନ୍ତି ସେମାନେ ଏହି ପୂର୍ବୋଦୟ ଷ୍ଟାର୍ଟଅପ୍ ସଂଗମ କର୍ମଶାଳା ଦ୍ୱାରା ନିଶ୍ଚୟ ଉତ୍ସାହିତ ହେବେ । ଜିଲ୍ଲାପାଳ ପି. ଅନେ୍ୱଷା ରେଡ୍ଡୀ ସ୍ୱାଗତ ଭାଷଣ ଦେବା ସହିତ କହିଲେ ଷ୍ଟାର୍ଟଅପ୍ ପାଇଁ ରାଜ୍ୟ ସରକାର ଅନୁକୂଳ ପରିବେଶ ସୃଷ୍ଟି କରୁଛନ୍ତି । ଏହି ଅବସରରେ ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଏବଂ ମୟୂରଭଞ୍ଜ ଆଦି ଜିଲ୍ଲାର ବିଭିନ୍ନ ଷ୍ଟାର୍ଟଅପ୍ ଯୁବ ଉଦ୍ୟୋଗୀ ଓ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଦ୍ୱାରା ଷ୍ଟାର୍ଟଅପ୍ ଉଦ୍ୟୋଗ କ୍ଷେତ୍ରରେ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ, ବୈଷୟିକ ସହାୟତା ଆଦି ପ୍ରସଙ୍ଗରେ ଆଲୋଚନା ହେଇଥିଲା । ପରେ ପରେ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରିବା, ବୈଷୟିକ ଅଧିବେଶନ, ପ୍ୟାନେଲ୍ ଆଲୋଚନା ଅଂଶଗ୍ରହଣ କରିବା ସହ ନିଜର ମତାମତ ରଖିଥିଲେ ଛପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଷ୍ଟାର୍ଟଅପ୍ ଓଡ଼ିଶା ପ୍ରଦର୍ଶନୀରେ ସ୍ୱୟଂ ସହାୟକ ଗୋଷ୍ଠୀ, ଷ୍ଟାର୍ଟଅପ୍ ୟୁନିଟ, ଏଫ୍.ପି.ଓ ମାନଙ୍କ ଦ୍ୱାରା ପ୍ରଦର୍ଶନୀ ଷ୍ଟଲ କରାଯାଇଥିଲା ଏବଂ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ଏହି ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯାଜପୁର ସାଂସଦ, ଡ. ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ନିର୍ବାଚନମଣ୍ଡଳୀର ବିଧାୟକ ଆକାଶ ଦାସନାୟକ, ବିଧାୟକ ବଡ଼ଚଣା ଅମର ନାୟକ, ଓ ଶିଳ୍ପ ବିଭାଗର ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ସ୍ୱାବଲମ୍ବୀ ଭାରତ ଅଭିଯାନର ଆଞ୍ଚଳିକ ସଂଯୋଜକ ଶ୍ରୀ ସାରଦା ପ୍ରସାଦ ଶତପଥୀ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଶିଳ୍ପପତି, ଯୁବ ଉଦ୍ୟୋଗୀ, ଏସ୍.ଏଚ୍.ଜି ମହିଳାମାନଙ୍କ ସମେତ ବହୁ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ ।

## ଜୟ ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ

ନିଶ୍ଚିନ୍ତକୋଇଲ,(ସବ୍ୟୁ) :ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ଅସୁରେଶ୍ୱରର ଅଗ୍ରଣୀ ଅନୁଷ୍ଠାନ ଜୟ ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଟ୍ରଷ୍ଟର ସଭାପତି ନାରାୟଣ ପ୍ରସାଦ ସିଂଙ୍କ ଦ୍ୱାରା ପରିଚାଳିତ ହେଉଥିବା ମାଗଣା କୋଚିଂ ସେଣ୍ଟରର ଛାତ୍ର ଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ରଘୁନାଥଜୀଉଙ୍କ ଦଶହରା ପଡ଼ିଆ ଏବଂ ୧୦ନଂ କେନାଲ ବନ୍ଧରେ ଶାଗୁଆନ୍, ଆମ୍ବ, କଦମ୍ବ, ବଉଳ, ଜାମୁ ,ପଣସ ଗଛ ସହିତ ବିଭିନ୍ନ ଔଷଧୀୟ ଚାରା ରୋପଣ କରିଛନ୍ତି । ପ୍ରଥମେ ଛାତ୍ର ଛାତ୍ରୀ ମାନେ ଏକ ଶୋଭାଯାତ୍ରାରେ ଅସୁରେଶ୍ୱର ବଜାର, ମୀରାସାହି, ଅଣସରପୁର ବ୍ୟାଙ୍କ ଛକକୁ ଯାଇ ପରିବେଶ ସୁରକ୍ଷା ପାଇଁ ଚାରା ରୋପଣର ଆବଶ୍ୟକତା ସଂକ୍ରାନ୍ତରେ ସଚେତନତା କରାଇବା ସହ ଲୋକମାନଙ୍କୁ ବିଭିନ୍ନ ଚାରା ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଉପସଭାପତି ସନ୍ତୋଷ ସାହୁ, ସମ୍ପାଦକ ସରୋଜ ସିଂ, କୋଷାଧକ୍ଷ ବିଜୟ ବେହେରା, ସହ ସମ୍ପାଦକ ସେକ୍ ରହିମ୍, ସଭ୍ୟ ସନାତନ ରାଉତ, ବାଇଧର ମଳିକ, ଅଜୟ ସିଂ,ନିରଞ୍ଜନ ଦଳାଇ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ: ନର୍ସିଂହୋମ ଆଗରେ ଉତ୍ତେଜନା ଓ ଭଙ୍ଗାରୁଜା

ଜଗତସିଂହପୁର,(ସବ୍ୟୁ) :ଜଗତସିଂହପୁର ସହର ସ୍ଥିତ ଚର୍ଚ୍ଚିକା ବଜାର ଠାରେ ଥିବା ଏକ ଘରୋଇ ନର୍ସିଂହୋମ ରେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତେଜନା ପ୍ରକାଶ ପାଇଛି । ଚିକିତ୍ସା ଅବହେଳାରୁ ପ୍ରସୂତୀଙ୍କର ମୃତ୍ୟୁ ଅଭିଯୋଗ କରିଛନ୍ତି ମୃତକଙ୍କ ସମ୍ପର୍କୀୟ । ସ୍ଥାନୀୟ ତରଡା ଗାଁର ରଞ୍ଜିତ ସ୍ୱାଇଁଙ୍କ ସ୍ତ୍ରୀ ସସ୍ମିତା ସ୍ୱାଇଁ ଗତକାଲି ୧୭ ଜୁଲାଇରେ ଚର୍ଚ୍ଚିକା ବଜାର ଠାରେ ଥିବା ସାଇଶ୍ରଦ୍ଧା ନାମକ ଏକ ଘରୋଇ ନର୍ସିଂହୋମ ରେ ଆଡିମିଶନ ହୋଇଥିଲେ । ସସ୍ମିତାଙ୍କ ଏହା ଦ୍ୱିତୀୟ ଗର୍ଭ ହୋଇଥିବା ବେଳେ କୌଣସି କାରଣରୁ ପିଲାଟି ଗର୍ଭରେ ନଷ୍ଟ ହୋଇଯାଇଥିଲା । ସେ ତାହାକୁ ସଫା କରିବା ପାଇଁ ଜଣେ ସରକାରୀ ଡାକ୍ତରଙ୍କ ପରାମର୍ଶ କ୍ରମେ ନର୍ସିଂହୋମକୁ ଯାଇଥିଲେ । ଗତ ୧୭ ତାରିଖରେ ସସ୍ମିତାଙ୍କ ଅପରେସନ କରାଯାଇ ମୃତ ପିଲାଟିକୁ ଗର୍ଭାଶୟରୁ ବାହାର କରାଯାଇଥିଲା । ମାତ୍ର ଅପରେସନ ପରେ ସସ୍ମିତାଙ୍କ ଅଧିକରୁ ଅଧିକ ରକ୍ତସ୍ରାବ ହୋଇଥିଲା । ଏପରିକି ଏକ ବ୍ଲଡ଼ର ଆବଶ୍ୟକତା ପଡିବାରୁ ସସ୍ମିତାଙ୍କୁ ଏକ ବ୍ଲଡ଼ ଦିଆଯାଇଥିଲା । ମାତ୍ର ସସ୍ମିତାଙ୍କ ଅବସ୍ଥା ସମୟ କ୍ରମେ ଖରାପ ଆଡ଼କୁ





ଗତି କରିଥିଲା । ରାତି ୧୦ଟା ସମୟରେ ସସ୍ମିତାଙ୍କ ଶରୀର ଭୀଷଣ ଗୁରୁତର ହେବାରୁ ନର୍ସିଂ ହୋମ କର୍ତ୍ତୃପକ୍ଷ ଏକ ଆମ୍ବୁଲାନ୍ସ ସହାୟତାରେ କଟକ ରେଫର କରିଥିଲେ । କଟକରେ ପହଞ୍ଚି ସସ୍ମିତା ଦୁଇ ବା ତିନୋଟି ନର୍ସିଂହୋମ ଯାଇଥିଲେ ହେଁ ସେଠାରେ ତାଙ୍କୁ ନର୍ସିଂ ହୋମ ମିଳି ନଥିଲା । ପରେ ଗତକାଲି ରାତିରେ ସସ୍ମିତାଙ୍କର ମୃତ୍ୟୁ ହୋଇଥିଲା । ମୃତଦେହକୁ ଧରି ପରିବାର ଲୋକେ କଟକରୁ ଫେରିବା ପରେ ଚିକିତ୍ସା ଅବହେଳାରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଅଭିଯୋଗ କରିଛନ୍ତି । ପ୍ରତିବାଦରେ ମୃତକଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ମାନେ ନର୍ସିଂହୋମ ଆଗରେ ମୃତଦେହକୁ ରଖି ଗଣ ଧାରଣାରେ ବସିରହିଥିଲେ । ଘଟଣା ସ୍ଥଳରେ ଉତେଜନା ପ୍ରକାଶ ପାଇବାରୁ ପୋଲିସ ମୃତୟନ କରାଯାଇଥିଲା । ଉତ୍ୟକ୍ତ ଲୋକମାନେ ନର୍ସିଂହୋମ ଭିତରେ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି । କ୍ଷତିପୂରଣ ଦାବି ଓ ସମ୍ପୃକ୍ତ ଡାକ୍ତରଙ୍କୁ ଗିରଫ କରିବା ଦାବିରେ ଜଗତସିଂହପୁର- ପାରାଦୀପ ମୁଖ୍ୟ ରାସ୍ତାକୁ ଉତ୍ୟକ୍ତ ଲୋକମାନେ ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅବରୋଧ କରି ରଖିବାରୁ ଯାନ ବାହନ ଚଳାଚଳ ରେ ବାଧା ସୃଷ୍ଟି ହୋଇଥିଲା । ଅନ୍ୟ ପଟରେ ମୃତ ସସ୍ମିତାଙ୍କ ବାପା ଆତ୍ମହତ୍ୟା କରିବା ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କ ହାତରୁ ଛୁରୀ ଛଡାଇବା ପରେ ପୋଲିସ ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକଙ୍କ ହାତ କଟିଯାଇଥିଲା ।

## ଦିନରେ କବାଡିଆ, ରାତିରେ ଲୁଟେରା: ୫ କୋର୍ଟ ଚାଲାଣ

ମଙ୍ଗଳପୁର,(ସବ୍ୟୁ) : ଘରେ କେହି ରହୁନଥିବା ସୁଯୋଗରେ ବଡ଼ ଧରଣର ଲୁଟ୍ କରୁଥିବା ଡକାୟତ ଗ୍ୟାଙ୍ଗର ପର୍ଦାଫାଶ କରିଛି ମଙ୍ଗଳପୁର ପୁଲିସ୍ । ଲୁଟ୍ ଘଟଣାରେ ସମ୍ପୃକ୍ତ ୫ ଜଣ ଡକାୟତଙ୍କୁ ପୁଲିସ୍ ଗିରଫ୍ କରିବା ସହିତ ସେମାନଙ୍କ ନିକଟରୁ କିଛି ପରିମାଣରେ ଡକାୟତି ସାମଗ୍ରୀ ଜବଦ କରାଯଇଥିବା ନେଇ ମଙ୍ଗଳପୁର ପୁଲିସ୍ ପକ୍ଷରୁ ଅନୁଷ୍ଠିତ ଏକ ପ୍ରେସ୍ ମିଟରେ ଉପସ୍ଥିତ ଏସଡିପିଓ ପ୍ରଶାନ୍ତ ମାଝୀ ପ୍ରକାଶ କରିବା ସହ ଗିରଫ୍ ଡକାୟତଙ୍କ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ମଙ୍ଗଳପୁର ଥାନା ଅନ୍ତର୍ଗତ ଅହିୟାସ ଗ୍ରାମର ଆକାଶ ସେଠୀ , ଶମ୍ଭୁନାଥ ଦାସ, ମଲ୍ଲିକାପୁର ଗ୍ରାମର ଲିପୁ ଯେନା ,ସଂଜିତ ଯେନା ଏବଂ ଧାମନଗର ଥାନା ପଠାନ୍ ମୋହଲା ଅଞ୍ଚଳର କବାଡି ବ୍ୟବସାୟୀ ଅସକର ଅଲ୍ଲୀଙ୍କୁ ନେଇ ଗଠିତ ଡକାୟତ ଗ୍ୟାଙ୍ଗ୍ ନିଜ ନିଜ ଅଞ୍ଚଳରେ କୌଣସି କାର୍ଯ୍ୟରେ ଘରୁ ବାହାରେ ରହୁଥିବା ଲୋକଙ୍କ ଘରେ ରାତିରେ ପଶି ଡକାୟତି କରିଥାନ୍ତି । ଗିରଫ୍ ଡକାୟତ ମାନେ ଗତ ଜୁନ୍ ୧୭ ତାରିଖ ରାତିରେ ମଲ୍ଲିକାପୁର ଗ୍ରାମର ବିଷ୍ଣୁପ୍ରିୟା ସାସମଲ ଭୁବନେଶ୍ୱରରେ ରହୁଥିବା ପୁଅ ବୋହୂଙ୍କ ପାଖକୁ ଯାଇଥିବା ସୁଯୋଗରେ ରାତିରେ ତାଙ୍କ ଘର ସ୍କାଏ ଲାଇଟ୍ ଭାଙ୍ଗି ଭିତରେ ପଶି ଏଲସିଡି ଟିଭି, ପିତ୍ତଳ ବାସନ ସମେତ ବହୁ ସାମଗ୍ରୀ ଚୋରୀ କରିଥିଲେ । ଅନ୍ୟ ଏକ ମାମଲାରେ ଜୁଲାଇ ୫ ତାରିଖରେ ମହାନ୍ତିପାଟଣା ଗ୍ରାମର ରାଜେନ୍ଦ୍ର କୁମାର ମଲ୍ଲିକଙ୍କ ପରିବାର ଭୁବନେଶ୍ୱର ଯାଇଥିବା ବେଳେ ରାତିରେ ଏମାନେ ତାଙ୍କ ଘର ଗ୍ରିଲ୍ ତାଲା ଭାଙ୍ଗି ଘରେ ପଶି ଆଲମିରାରୁ ୬୦ ହଜାର ଟଙ୍କା ଓ ସୁନା, ରୁପା ଅଳଙ୍କାର ଲୁଟ୍ କରିଥିଲେ । ୨ଟି ଘଟଣାକୁ ନେଇ ପୃଥକ ଭାବେ ୨ଟି ମାମଲା ରୁଜୁ କରାଯାଇ ଏସଡିପିଓ ପ୍ରଶାନ୍ତ ମାଝୀ ଏବଂ ମଙ୍ଗଳପୁର ଥାନାଧିକାରୀ ଜଗଦୀଶ କରଙ୍କ ନେତୃତ୍ୱରେ ଏକ ପୁଲିସ୍ ଟିମ୍ ଡକାୟତି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ପୂର୍ବରୁ ଥାନାରେ ମାମଲା ଥିବା କିଛି ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଥାନାକୁ ଆଣି ପଚରା ଉଚରା କରାଯିବା ପରେ ଅବଶିଷ୍ଟ ୪ ଜଣଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ୍ କରାଯିବା ସହ ସେମାନଙ୍କ ନିକଟରୁ ଏଲସିଡି ଟିଭି ଓ କିଛି ପିତ୍ତଳ ସାମଗ୍ରୀ ଜବଦ କରାଯାଇଛି । ସମସ୍ତ ଗିରଫ୍ ଡକାୟତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି । ପ୍ରେସ୍ ମିଟରେ ମଙ୍ଗଳପୁର ଥାନାଧିକାରୀ ଜଗଦୀଶ କର, ଏସ୍ ଆଇ ବିଭୁତି ଭୂଷଣ ମହାପାତ୍ର ଓ ଅନ୍ୟ ପୁଲିସ୍ କର୍ମଚାରୀ ଉପସ୍ଥିତ ଥିଲେ ।

## ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଜିପ୍ ଅଚଳ : ଜନଶୁଣାଣିରେ ଅଭିଯୋଗ

ମାହାଙ୍ଗା ,(ସବ୍ୟୁ ): ମାହାଙ୍ଗା ବ୍ଲକ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ଜିପ୍‌ଗାଡି ଦୀର୍ଘଦିନ ଧରି ଅଚଳ ହୋଇ ପଡିରହିଛି, ଯାହାଫଳରେ ବିଭିନ୍ନ ସେକ୍ଟର ଦାୟିତ୍ୱରେ ଥିବା ମହିଳା ପରିଦର୍ଶିକା, ଅଙ୍ଗନୱାର୍ଡି କେନ୍ଦ୍ର ପରିଦର୍ଶନ କରିବାରେ ଅନେକ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୋମଳମତୀ ଶିଶୁମାନଙ୍କର ବୃହତ୍ତମ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ଜିପ୍ ଗାଡି ମରାମତି କରି ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ମାହାଙ୍ଗା ଅଂଚଳର ବିକ୍ରମ କେଶରୀ ନାଥ ମୁଖ୍ୟ ଶାସନ ସଚିବ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ମାଧ୍ୟମରେ ଅଭିଯୋଗ କରିଥିଲେ। ସିଏସ୍ ନଂ୨୦୨୫୧୧୦୪୫୭୫ରେ ଅଭିଯୋଗ ଶୁଣାଣି ଶିଶୁ ବିକାଶ ଅଧିକାରୀ ମାହାଙ୍ଗା ତତ୍ତ୍ୱାବଧାନରେ କରାଯାଇଥିଲା। ତଥ୍ୟ ଅନୁଯାୟୀ ଅଫିସ ଗାଡି ନିର୍ଦ୍ଧାରିତ ସମୟସୀମା ତା୨୮.୧୧.୨୦୨୪ ପର୍ଯ୍ୟନ୍ତ ଧ୍ୟାର୍ଯ୍ୟ କରାଯାଇଥିଲା ଏବଂ ଏମ୍‌ଭିଆଇ ଓ ଆର୍‌ଟିଓଙ୍କ ମଧ୍ୟ ଅଧିସମ୍ବନ୍ଧିୟ ପତ୍ର ପ୍ରେରଣ କରାଯାଇଥିଲା। ଉକ୍ତ ଅଫିସରମାନଙ୍କ ଠାରୁ ଉତ୍ତର ପାଇବା ପରେ ଅଫିସ୍ ଗାଡିର ବ୍ୟବସ୍ଥା କରାଯିବ ଏଥିସହିତ ଯେଉଁ ସୁପରଭାଇଜରମାନେ କାର୍ଯ୍ୟରେ ଅବହେଳା କରିଛନ୍ତି ସେମାନଙ୍କ ଦରମା ଜାନୁୟାରୀ ମାସର ରଦ୍ଦ କରାଯାଇଛି ବୋଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କଟକ ସମାଜମଙ୍ଗଳ ବିଭାଗ ପତ୍ର ସଂଖ୍ୟା ୧ ୧ ୦ ୯ ତା୨୧.୨.୨୦୨୫ରିଖରେ ସୂଚନା ଦିଆଯାଇଥିଲା। ଏପରିକି ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ମାହାଙ୍ଗା ପତ୍ର ସଂଖ୍ୟା୨୨୦ ତା୧୮.୨.୨୦୨୫ରିଖରେ ମଧ୍ୟ ସୂଚନା ଦିଆଯାଇଥିଲା ଯେ ଅଫିସ ଅର୍ଡର ନଂ୧୪୭୬ ତା୦୩.୧୦.୨୦୨୪ରିଖରେ କାର୍ଯ୍ୟାରେ ଅବହେଳା ପାଇଁ ମହିଳା ସୁପରଭାଇଜରମାନଙ୍କ ଦରମା ବନ୍ଦ ରଖାଯାଇଛି। କେବେ ଅଫିସଗାଡିର ମରାମତି ହେବ ସେ ନେଇ ବିକ୍ରମକେଶରୀ ନାଥ ସନ୍ଦେହ ପ୍ରକଟ କରିଛନ୍ତି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସେ ଦାବି ଜଣାଇଛନ୍ତି।

## ମଣିଜଙ୍ଗ ସ୍କୁଲ ଛାତ୍ରକୁ ମାଡ଼ ଘଟଣା : ନିଲମ୍ବନ ପରେ ଜେଲ ଗଲେ ଶିକ୍ଷୟିତ୍ରୀ

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ମଣିଜଙ୍ଗ ପଞ୍ଚାୟତରେ ଥିବା ଭଗବତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରକୁ ମାଡ଼ ମାରିବା ଘଟଣାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତନୁପ୍ରିୟା ପୃଷ୍ଟି ଗୁରୁବାର ଦିନ ତାଙ୍କ ଚାକିରୀରୁ ନିଲମ୍ବିତ ହୋଇଥିଲେ । ଛାତ୍ରଙ୍କ ପରିବାର ପକ୍ଷରୁ ଥାନାରେ ମାମଲା ରୁଜୁ କରାଯାଇଥିବାରୁ ଶୁକ୍ରବାର ସକାଳେ କିଶୋରନଗର ଥାନା ପୋଲିସ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଜାମିନ୍ ନାମଞ୍ଜୁର ହେବାରୁ ଏବେ ଶିକ୍ଷୟିତ୍ରୀ ଜଣକୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିବା ପୋଲିସ ସୂତ୍ରରୁ ଜଣାଯାଇଛି । ବିଶୃଙ୍ଖଳିତ ଛାତ୍ରକୁ ଆକଟ କରିବାକୁ ଯାଇ ଶିକ୍ଷୟିତ୍ରୀ ଜଣକ ୪ଜଣ ଛାତ୍ରକୁ ଦୁଇ ପାହାର ଲେଖାଏଁ ମାଡ଼ ମାରିଥିଲା ବେଳେ ତିନି ଜଣ ଛାତ୍ର ଅଭିଭାବକ ଏଭଳି ଘଟଣା ପ୍ରତି କୌଣସି ପ୍ରତିକ୍ରିୟା ପ୍ରକାଶ କରିନଥିଲା ବେଳେ ଜଣେ ଛାତ୍ର ଶିକ୍ଷୟିତ୍ରୀଙ୍କ ନାମରେ ସରକାରଙ୍କ ପକ୍ଷରୁ ନୂତନ ଭାବେ ପ୍ରଣୟନ କରାଯାଇଥିବା ଷ୍ଟୁଡେଣ୍ଟ ହେଲପଲାଇନ ନଂ ରେ ଅଭିଯୋଗ କରିବାରୁ ଏଭଳି ଘଟଣା ଘଟିଥିବା ଜଣାଯାଇଛି । ଛାତ୍ରଙ୍କୁ ଆକଟ କରି ଶୃଙ୍ଖଳିତ କରିବା ପାଇଁ ମାଡ଼ ଦେଇ ତାଗିଦ୍ କରିବାରୁ ଶିକ୍ଷୟିତ୍ରୀଙ୍କର ଏଭଳି ଅବସ୍ଥା ହୋଇଥିବା ନେଇ ଆଲୋଚନା ହେଉଛି । ଶିକ୍ଷୟିତ୍ରୀ ଓ ଛାତ୍ରୀଙ୍କ ମଧ୍ୟରେ ଏହି ସାମାନ୍ୟ ଘଟଣାକୁ କେନ୍ଦ୍ର କରି ମଣ୍ଡଳ ଶିକ୍ଷାଧିକାରୀ ଏବଂ କିଶୋରନଗର ଥାନା ପୋଲିସ ପକ୍ଷରୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଉପରେ ଏଭଳି କଠୋର ଦଣ୍ଡ ବିଧାନ କରାଯାଇଥିବାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷକ ସମାଜ ଏଭଳି ଘଟଣାରେ ସ୍ତବ୍ଧ ହୋଇଥିଲା ବେଳେ ବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ରଙ୍କ ମଧ୍ୟରେ କିଭଳି ମନୋଭାବ ରଖି ଶିକ୍ଷାଦାନ କରିବାକୁ ହେବ ସେ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଶିକ୍ଷୟିତ୍ରୀ ଜଣକ ଛାତ୍ରକୁ ମାଡ଼ ମାରି ଚାକିରୀରୁ ନିଲମ୍ବନ ହୋଇଥିବା ବେଳେ ତାଙ୍କ ଘର ପାଖରୁ ୨୫କିଲୋମିଟର ଦୂରରେ ଥିବା ରାମକୃଷ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଙ୍କୁ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦିଆଯିବା ଏବଂ ପୋଲିସ ପକ୍ଷରୁ ଥାନାରେ ମାମଲା ରୁଜୁ କରାଯାଇ ଶିକ୍ଷୟିତ୍ରୀଙ୍କୁ ଚୌଦ୍ୱାରା ଜେଲ ପଠାଇ ଦିଆଯିବାକୁ ନେଇ ପ୍ରଶାସନ ଓ ପୋଲିସ ଏହି ବ୍ଲକରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଯଦି ଏଭଳି ଦଣ୍ଡ ଦିଆଯାଇପାରୁଛି ତାହେଲେ ଏହି ବ୍ଲକରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଏଥର ସେମାନଙ୍କର ସୀମାରେଖା ମଧ୍ୟରେ ରହି କାର୍ଯ୍ୟ କରିବେ ବୋଲି ଏକ ଭଲ ଶିକ୍ଷା ଲାଭ କଲେ ବୋଲି ଆଲୋଚନା କରୁଛନ୍ତି ।

ବନ୍ୟାପାଣି ଘେରରେ ରାଜନଗର ବ୍ଲକର ୨୦ରୁ ଅଧିକ ଗାଁ

## ବନ୍ୟା ବିପନ୍ନଙ୍କୁ ଭେଟିଲେ ବିଧାୟକ ୭ଦିନ ରିଲିଫ ଯୋଗାଇଦେବାକୁ ଦାବି


ରାଜନଗର,(ସବ୍ୟୁ): ରାଜନଗର ଅଞ୍ଚଳରେ ବନ୍ୟା ପରିସ୍ଥିତି ଦିନକୁ ଦିନ ଉଦବେଗ ଜନକ ହେବାରେ ଲାଗିଛି । ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର ପ୍ରଭୃତି ୪ ଗୋଟି ପଞ୍ଚାୟତରେ ଥିବା ଗାଁ ଓ ଚାଷଜମରେ ବନ୍ୟାଜଳ ଲହଡି ଭାଙ୍ଗୁଛି । ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିବାରେ ଲାଗିଛି । ରାଜନଗର ବ୍ଲକର ୪ଗୋଟି ପଞ୍ଚାୟତ ପାଣି ଘେରରେ ରହିଛି । ଦୈନିକ ବନ୍ୟା ପାଣି ବଢୁଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି । ୨୦ରୁ ଅଧିକ ଗାଁ ରାସ୍ତା ଉପରେ ୪ରୁ୬ ଫୁଟ ବନ୍ୟାପାଣି ଚାଲୁଛି । ବିଶେଷ କରି ନଗଡ ଗାଁର ୩୦୦ ପରିବାର ୮ ଦିନ ହେଲା ପାଣି ଘେରରେ ଅଛନ୍ତି । ସେହିପରି ଗୋବିନ୍ଦପୁର ଗାଁ ର ୮ରୁ ଅଧିକ ପରିବାର ପାଣି ଘେରରେ ରହିଛି । ପ୍ରଶାସନ ପକ୍ଷରୁ ଆଜି ଯାଏଁ ବିପନ୍ନଙ୍କ ନିକଟରେ ରିଲିଫ ସାମଗ୍ରୀ ପହଞ୍ଚି ପାରିନାହିଁ ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ବ୍ଲକର ବନ୍ଧପଡ଼ା, ଫିରିକିଦାଣ୍ଡି, ଚକିବାଙ୍କ, ଓସ୍ତିଆ, ନଗଡ଼, ବାନ୍ଧପାଟଣା, ତଳ ଓସ୍ତିଆ ପ୍ରଭୃତି ଗାଁ ର ବନ୍ୟା ବିପନ୍ନ ଙ୍କ ଦୁର୍ଦ୍ଦଶା ଦେଖିବାସହ ତୁରନ୍ତ ସେମାନଙ୍କୁ ୭ଦିନ ପାଇଁ ରିଲିଫ ଯୋଗାଇ ଦେବା ସହିତ ଗୋ ଖାଦ୍ୟ, ପାଣି ପାଉଚ ଏଂ ଔଷଧ ଯୋଗାଇଦେବାକୁ ସରକାର ଙ୍କ ନିକଟରେ ଦାବି କରିଛନ୍ତି । ବିଧାୟକ ଶ୍ରୀସାହୁ ଙ୍କ ସହିତ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ତହସିଲଦାର ଯୀଶୁ କ୍ରିଷ୍ଟ ଦାସ, ବଡଓ ଅନିରୁଦ୍ଧ ବେହେରା, ସରପଞ୍ଚ ବୈଦେହୀ ଦାସ, ବିଜୟ ନାୟକ, ବୈବର୍ତ୍ତ ବିଶ୍ୱାଳ ପ୍ରମୁଖ ବନ୍ୟା ଗସ୍ତ କରି ବିପନ୍ନ ଙ୍କ ସହିତ ଆଲୋଚନା କରିଥିଲେ । ବନ୍ୟା ଅଞ୍ଚଳ ରେ ସାପ ଓ କୁମ୍ଭୀର ବୁଲୁ ଥିବାର ସୂଚନା ମିଳିଛି ।

## ମହାସଂଘର ଗୁରୁତ୍ୱପୂର୍ଣ୍ଣ କାଗଜ ଓ ଚେକ ବହି ନଫେରାଇଲେ ରାଜରାସ୍ତାକୁ ଓହ୍ଲାଇବ ସଂଘ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ବ୍ଲକ ଓଡିଶା ଜୀବିକା ମିଶନ ଶକ୍ତିର ଚକ୍ରୋଡା ପଂଚାୟତ ସ୍ତରୀୟ ମହାସଂଘ ର ଶତାଧିକ ନେତୃ ମଣ୍ଡଳୀ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ରେ ଜୀବିକା ମିଶନ ର ବିପିଏମ ମିଶନ ସଂଘର ବେଆଇନ ଭାବେ ଚେକ ଓ ଗୁରୁତ୍ୱପୂର୍ଣ୍ଣ କାଗଜ ଗୁଡିକୁ ଜବତ କରି ରଖିଛନ୍ତି । ଏହାକୁ ନ ଫେରାଇଲେ ସଂଘ ରାଜରାସ୍ତା କୁ ଓହ୍ଲାଇବ ବୋଲି ସଂଘର ସଭାପତି ସରୋଜିନୀ ରାଉତ, ସଂପାଦିକା ଅନ୍ନପୂର୍ଣ୍ଣା ଦାସ, ରଶ୍ମିତା ପରିଡା, କଲ୍ୟାଣୀ ପରିଡା, ସସ୍ମିତା ରାଉତ ପ୍ରମୁଖ ଶତାଧିକ ସଭ୍ୟା ପ୍ରମୁଖ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ମହାନ୍ତିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

## ରାତିଅନ୍ଧରେ କାର ଜଳିଗଲା

କୋରେଇ,(ସବ୍ୟୁ) :କୋରେଇ ଥାନା ଅନ୍ତର୍ଗତ ବରୁଣ୍ଡେଇ ଗ୍ରାମରେ ଭଡାରେ ରହୁଥିବା ନୀଳାମ୍ବର ମହାନ୍ତିଙ୍କ ମହିନ୍ଦ୍ରା ଏସୟୁଭି କାର ଟି ଗତ କାଲି ରାତିରେ ସମ୍ପୂର୍ଣ ଜଳିଯାଇଥିବା ଜଣାପଡିଛି । ପ୍ରକାଶକି ନୀଳାମ୍ବର ମହାନ୍ତି ବରୁଣ୍ଡେଇ ଗ୍ରାମର ନାରାୟଣ ଦାସଙ୍କ ଘରେ ବୋହୁଦିନ ଧରି ଭଡାରେ ରହିଆସୁଛନ୍ତି । ଏବଂ ତାଙ୍କର ମହିନ୍ଦ୍ରା ଏସୟୁଭି କାରଟିକୁ ତାଙ୍କ ହତା ମଧ୍ୟରେ ରଖୁଥିଲେ । ହେଲେ ଗତ କାଲି ରାତିରେ କୌଣସି କାରଣରୁ କାରରେ ନିଆଁ ଲାଗିଯାଇଥିଲା । ନିଆଁ ଲାଗି ପୋଡିବା ସମୟରେ ଏକ ଶବ୍ଦ ହୋଇଥିଲା । ଶବ୍ଦ ଶୁଣି ନାରାୟଣଙ୍କ ପରିବାର ଉଠି ଦେଖିବାରୁ କାରଟି ସମ୍ପୂର୍ଣ ଜଳି ଯାଉଥିବା ବେଳେ ପାଖରେ ଥିବା ନାରଣଙ୍କ କାର ଓ



ଭାଡାରେ ରହୁଥିବା ଅନ୍ୟଏକ ଭଡାଦାର ଙ୍କ ସ୍କୁଟିର କିଛି ଅଂଶ ଜଳି ଯାଇଥିଲା । ନାରଣଙ୍କ ପରିବାର ଶ୍ରୀ ମହାନ୍ତି ଓ ଅନ୍ୟ ଭଡାଦାରଙ୍କୁ ଡାକି ସଙ୍ଗେ ସଙ୍ଗେ ନିଆଁ କୁ ଲିଭାଇବା ସହ ଦମକଳକେନ୍ଦ୍ର କୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ଦମକଳ ବାହିନୀ ପହଂଚି ନିଆଁକୁ ଆୟତ୍ତ କରଥିଲା ବେଳେ ନିଆଁ ଲାଗିବାର କାରଣ କୌଣସି ଜଣାପଡି ନାହିଁ । ଏହା ବେଟ୍ରି ସର୍ଟ ସର୍କିଟରୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି ।

## ଏଫ୍‌ଏମ କଲେଜ ମୃତ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଭିପିର ଶ୍ରଦ୍ଧାଞ୍ଜଳି

ମହାକାଳପଡ଼ା ,(ସବ୍ୟୁ ): ବାଲେଶ୍ୱର ଏଫଏମ କଲେଜ ର ଛାତ୍ରୀ ଦିବଂଗତ ସୌମ୍ୟାଶ୍ରୀ ବିସିଙ୍କ ଅମରଆତ୍ମାର ସଦଗତି କାମନା କରିବା ଉଦ୍ଦେଶ୍ୟରେ ବିଭିନ୍ନ ମହାବିଦ୍ୟାଳୟ ରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି । ଏଚଓଡିଙ୍କ ନୀରବଛିନ୍ନ ନିର୍ଯ୍ୟାତନା ର ଶୀକାର ଫଳରେ ଆତ୍ମାହୁତି ଦେବାକୁ ବାଧ ହୋଇଥିବା ଏବିଭିପି ବାନ୍ଧବୀ ଙ୍କ ଉଦ୍ଦେଶ୍ୟରେ ସଂଗଠନ ର କାର୍ଯ୍ୟକର୍ତ୍ତାମାନେ ସାରା ଓଡିଶାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି । ଶୁକ୍ରବାର ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟ , ମହାକାଳପଡ଼ା ର ଏବିଭିପି ଛାତ୍ର ଛାତ୍ରୀ ମୃତ ଛାତ୍ରୀ ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା ର ଆୟୋଜନ କରିଥିଲେ । ମହାବିଦ୍ୟାଳୟ ପରିସର ରେ ଛାତ୍ରଛାତ୍ରୀ ମାନେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରିବା ପରେ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା ରେ ସାମିଲ ହୋଇଥିଲେ । ଏବିଭିପି ର ଏହି କାର୍ଯ୍ୟକ୍ରମ ରେ କଲେଜ ର ୮୦ରୁ ଅଧିକ ଛାତ୍ରଛାତ୍ରୀ, ଅଧକ୍ଷା ସୁଲୋଚନା ଦାଶ ଓ ଅନ୍ୟ ସହଯୋଗୀ ଅଧାପକ ,ଅଧାପିକା ଆଦି ଉପସ୍ଥିତ ହୋଇ ମୃତ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଏତଦ ବ୍ୟତୀତ ବିଶେଷ କରି ଛାତ୍ରୀ ମାନଙ୍କୁ ସହଯୋଗ ନିମନ୍ତେ ଅଧକ୍ଷା ଙ୍କ ଅଧକ୍ଷତା ରେ ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବିଷୟରେ ଅବଗତ କରାଯାଇଥିଲା । ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା ରେ ଏବିଭିପି ର ଜିଲ୍ଲା ସଂଯୋଜକ ଅଭିଜିତ ସାମଲ, କ୍ୟାମ୍ପସ ସଭାପତି ଜୟଦେବ ନାୟକ, ଉପସଭାପତି କଲ୍ୟାଣୀ ପାହିଲ, ସନ୍ଧ୍ୟା ରାଣୀ ପଟ୍ଟନାୟକ, ମହେଶ କୁମାର ରାଉତରାୟ, ଅଂଶୁ ପ୍ରସାଦ ଜେନା, ସରୋଜିନୀ ଦାସ, ସରସ୍ୱତୀ ଲେଙ୍କା ଓ ନବୀନ ନାୟକଙ୍କ ସମେତ ଅନ୍ୟାନ୍ୟ ବିଦ୍ୟାର୍ଥୀ ପରିଷଦ ର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ ।

## ଡାକ୍ତରଙ୍କ ବଦାନ୍ୟତା, ଜରାଶ୍ରମକୁ ଦେଲେ ଲକ୍ଷାଧିକ ଟଙ୍କାର ରୋଷେଇ ସରଞ୍ଜାମ

ପାରାଦୀପ ,( ଜିପ୍ର ) :ପେସାରେ ସେ ଜଣେ ଡାକ୍ତର କିନ୍ତୁ ନିଶା ତାଙ୍କର ସମାଜସେବା । ଦୁଖୀ ଲୋକଙ୍କର ଦରଦୀ ବନ୍ଧୁଟିଏ ସେ । ଦୀନଦରିଦ୍ରଙ୍କୁ ଦେଖିଲେ ସେ ତକ୍ଷଣାତ ବଢ଼ାଇ ଦିଅନ୍ତି ସାହାଯ୍ୟର ହାତ । ନିଜ ଚାକିରୀ ଜୀବନର ପାରିଶ୍ରମିକରୁ ସେ ସେମାନଙ୍କ ପାଇଁ ଖର୍ଚ୍ଚ କରିଦିଅନ୍ତି ଲକ୍ଷ ଲକ୍ଷ ଟଙ୍କା । ଏଭଳି ଜଣେ ଡାକ୍ତର ହେଉଛନ୍ତି କୁଜଙ୍ଗ ମେଡିକାଲର ସତ୍ୟଜିତ ପ୍ରଧାନ। ତାଙ୍କ ବାପା ମନୋରଞ୍ଜନ ପ୍ରଧାନ ପାରାଦୀପ ବାଲିଝରା ସଂତୋଷୀ ଜରାଶ୍ରମର ଜଣେ ସ୍ଥାୟୀ ସଦସ୍ୟ ହୋଇଥିବାବେଳେ ବାପାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ଏହି ଜରାଶ୍ରମକୁ ଆସିଥିଲେ ବୁଲିବାକୁ ଆଉ ସେଠାରେ ମୋଟ ୬୧ ଜଣ ଅନ୍ତେବାସୀଙ୍କ ଦୁଃଖ ଦେଖି ସେ ସାହାଯ୍ୟ କରିବାକୁ ମନ



ବଳାଇଥିଲେ । ପ୍ରତିଦିନ ଜାଳେଣି କାଠର ଅଭାବ ପାଇଁ ରୋଷେଇ କରିବାକୁ ହଇରାଣ ହରକତ ହେଉଥିବା ଜରାଶ୍ରମକୁ ସେ ସମସ୍ତ ରୋଷେଇ ସରଞ୍ଜାମ ଦେବାକୁ ପ୍ରତିଶୃତି ଦେଇଥିଲେ । ଆଜି ନିଜେ ଓ ନିଜ ସହକର୍ମୀ ଙ୍କ ସହ ନିଜ ବାପାଙ୍କୁ ଧରି ସେ ପହଂଚିଥିଲେ ଜରାଶ୍ରମରେ । ଚାରିଟି ଗ୍ୟାସ ଟାଙ୍କି , ବଡ ଚୁଲା ସହ ବଡ ବଡ ଡିସ୍କ ସବୁ ସେ ଦାନ କରିଥିବା ଦେଖିବାକୁ ମିଳିଛି । ପ୍ରତି ମାସରେ ଜରାଶ୍ରମକୁ ଦୁଇଟି ଗ୍ୟାସ ମଧ୍ୟ ପ୍ରଦାନ କରିବେ ବୋଲି ସେ ପ୍ରତିଶୃତି ମଧ୍ୟ ଦେଇଛନ୍ତି । ଲକ୍ଷାଧିକ ଟଙ୍କାର ରୋଷେଇ ସରଞ୍ଜାମ ପାଇଁ ଜରାଶ୍ରମର ଅନ୍ତେବାସୀ ମାନେ ମଧ୍ୟ ବହୁତ ଖୁସି ବ୍ୟକ୍ତ କରିଛନ୍ତି।

## ହିଙ୍ଗୁଳା ଉପ୍ରା ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୁଆଖିଆ ,(ସବ୍ୟୁ ): ରସୁଲପୁର ବ୍ଲକ ଅନ୍ତର୍ଗତ ଟିକରପଡା ପଞ୍ଚାୟତ ହିଙ୍ଗୁଳା ସରକାରୀ ଉ ପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଭଦ୍ର ଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ରମାକାନ୍ତ ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବ ରେ ମୁଖ୍ୟଅତିଥି ଭାବେ ବ୍ଲକ ବି ଇ ଓ ସୁଦର୍ଶନ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧାପକ ମନୋରଞ୍ଜନ ମହାନ୍ତି, ସ୍ୱତନ୍ତ୍ର ଅତିଥି ଏ ବି ଇ ଓ ଅରୁଣ କୁମାର ସେଠି ,ଶାନ୍ତିଲତା ରାଉତ,ସ୍ୱତନ୍ତ୍ର ବକ୍ତା ଭାବେଆଲୋଷ୍ଟା ରାଜ୍ୟ ସଭାପତି ବିକ୍ରମ କୁମାର ଦାସ ଯୋଗଦେଇ ଅକ୍ଷୟ ସାରଙ୍କ କାର୍ଯ୍ୟ ଦକ୍ଷତା,ତ୍ୟାଗ ସେବା ଉପରେ କହିଥିଲେ । ସମ୍ମାନିତ ଅତିଥି ଭାବେ ଆଲୋଷ୍ଟା ବ୍ଲକ ସଭାପତି ଅରୁଣ କୁମାର ସ୍ୱାଇଁ, ସି ଆର ସି ବିଶ୍ୱଜିତ ସେଠି, ସରପଞ୍ଚ ପଦ୍ମାବତୀ ଭଦ୍ର, ସମିତି ସଭ୍ୟ ଅଭିରାମ ମଲ୍ଲିକ,ସମ୍ପାଦକଜିତେନ୍ଦ୍ର ସାହୁ, ଚନ୍ଦ୍ରକାନ୍ତ ରଥ, ଧୀରେନ୍ଦ୍ର ସାହୁ,ଶ୍ରୀକାନ୍ତ ରଥ, ବିଜୟ ଭଦ୍ର, ରବୀନ୍ଦ୍ର ମିଶ୍ର ଯୋଗ ଦେଇ ଅବସର ନେଇଥିବା ଅକ୍ଷୟ ବାବୁଙ୍କ ଙ୍କ ସେବା ସଂସ୍କାର ,ଛାତ୍ର ବତ୍ସଳତା ଉପରେ କହିଥିଲେ । ହିଙ୍ଗୁଳା ଉ ପ୍ରା ସ୍କୁଲର ପ୍ରଧାନଶିକ୍ଷକ ରଙ୍କ ବିହାରୀ ସେଠି ସମସ୍ତଙ୍କୁ ସ୍ୱାଗତ କରି ଅକ୍ଷୟ ସାର ଙ୍କ ନିଷ୍ଠା ଉପରେ କହିଥିଲେ । ଅଚ୍ୟୁତାନନ୍ଦ ପାତ୍ର ଅତିଥି ପରିଚୟ ଓ ମାନପତ୍ର ପାଠ କରିଥିଲେ । ଶିକ୍ଷକ ମଦନ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଉଭୟ ସ୍କୁଲର ୨ ସ୍କୁଲ ର ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କୁଲ କମିଟି ସଭାପତି ଦ୍ୱୟ ପରିଚାଳନା ରେ ସହାୟତା କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସ୍କୁଲ ରୁ ତାଂକ ଘର ପର୍ଯ୍ୟନ୍ତଅକ୍ଷୟ ସାର ଙ୍କ ସହ ସହଧର୍ମିଣୀ ଙ୍କୁ ଏକ ପଟୁଆର ରେ ନେଇଯାଇଥିଲେ। ଏହାକୁ ଶିକ୍ଷକ ବୈକୁଣ୍ଠ ନାଥ ପୁହାଣ, ଦିନେଶ ପୃଷ୍ଟି, ପ୍ରିୟଦର୍ଶିନୀ ସାହୁ, ଉଦିତା ସାହୁ, କେଶବ ଚନ୍ଦ୍ର ନାୟକ, ଉମେଶ ସାହୁ, ରବୀନ୍ଦ୍ର ସାମଲ, ହୃଷିକେଶ ପଣ୍ଡା, ପ୍ରମୁଖ ଙ୍କ ସହ ସମସ୍ତ ଅଣ ଶିକ୍ଷକ କର୍ମଚାରୀ ମିଶି ପରିଚାଳନା କରିଥିଲେ । ପ୍ରଦୀପ କୁମାର ସାମଲ ଉତ୍ସବ ର ସଂଯୋଜନା କରିଥିଲେ ।

## କୁକୁଡ଼ା ମୃତ୍ୟୁକୁ ନେଇ ଚାଷୀ ଓ ବ୍ୟବସାୟୀ ଆତଙ୍କିତ
# ବାର୍ଡ ଫ୍ଲୁ ସନ୍ଦେହ : ନମୁନା ପରୀକ୍ଷା ପାଇଁ ପଠାଇଲେ ପଶୁ ଚିକିତ୍ସକ

ନିରାକାରପୁର, (ସବ୍ୟୁ) : କିଛି ଦିନ ହେବ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କୌଣସି ରୋଗ ସଂକ୍ରମଣ କାରଣରୁ କୁକୁଡ଼ା ମୃତ୍ୟୁବରଣ କରିଥିବାର ଦେଖାଦେଇଛି । ଦୈନନ୍ଦିନ ଗୋଟିଏ ଗୋଟିଏ କୁକୁଡ଼ା ଫାର୍ମ ରେ ହଜାର ହଜାର ସଂଖ୍ୟାରେ କୁକୁଡ଼ା ମୃତ୍ୟୁକୁ ନେଇ ଏବେ ଚିନ୍ତାରେ ଚାଷୀ ଓ ବ୍ୟବସାୟୀ । କୁକୁଡ଼ା ଗୁଡ଼ିକ ଘୁମାଇ ଘୁମାଇ ମୃତ୍ୟୁବରଣ କରିଥିବାରୁ ଖୋର୍ଦ୍ଧା ଜିଲ୍ଲା କୁକୁଡ଼ା ଫାର୍ମ ସଂଘ ସମ୍ପାଦକ ମହେଶ ଚନ୍ଦ୍ର ରାଉତରାୟ ଚିନ୍ତା ପ୍ରକଟ କରି ଏ ସମ୍ବନ୍ଧରେ ଖୋର୍ଦ୍ଧା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରିଥିଲେ । ଏହିପରି ଘଟଣା ଜିଲ୍ଲାର ଜଙ୍କିଆ, ରାମେଶ୍ୱର ପଂଚାୟତ ତାଳପଡା, ଟାଙ୍ଗୋଳ, ବେଗୁନିଆ ,ବୋଲଗଡ଼, ବଡପୋଖରୀଆ ଓ କାଶିପୁର ପ୍ରଭୃତି ସମେତ ଆହୁରି ଅନେକ ଜାଗାରେ ଦେଖାଦେଇଛି । ଆଜି ଏ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଜଂକିଆ ପଶୁ ଚିକିତ୍ସକ ଗାୟତ୍ରୀ ଖୁଣ୍ଟିଆ ଓ କିଛି ପଶୁ ସହାୟକ ଜଙ୍କିଆ ପଂଚାୟତ ମୁଣ୍ଡାଆମ୍ବ ମୌଜା ସ୍ଥିତ କୁକୁଡ଼ା ଫାର୍ମ ଆସି ସ୍ଥିରି ପରଖିବା ସହିତ ନମୁନା ପରୀକ୍ଷା ପାଇଁ ପଠାଯାଇଛି । ରିପୋର୍ଟ ଆସିବା ପରେ ରୋଗ ସମ୍ପର୍କରେ ସବିଶେଷ ତଥ୍ୟ ମିଳି ପାରିବ ବୋଲି



ଜଣାପଡିଛି । ସରକାର ତୁରନ୍ତ ଏ ସମ୍ପର୍କରେ ପଦକ୍ଷେପ ନେବା ସହିତ କ୍ଷତି ପୂରଣ ପ୍ରଦାନ କରିବାକୁ ଖୋର୍ଦ୍ଧା ଜିଲ୍ଲା କୁକୁଡ଼ା ଫାର୍ମ ସମ୍ପାଦକ ମହେଶ ଚନ୍ଦ୍ର ରାଉତରାୟ ଦାବି କରିଛନ୍ତି ।

# ପାହାଳ ମିଷ୍ଟାନ୍ନ ବ୍ୟବସାୟୀଙ୍କ ସୁରକ୍ଷା ପାଇଁ ସାଂସଦଙ୍କୁ ଦାବିପତ୍ର

ଫୁଲନଖରା,(ସବ୍ୟୁ) :ପାହାଳ ବଜାର ଠାରେ ଥିବା ଶତାଧିକ ମିଷ୍ଟାନ୍ନ ବ୍ୟବସାୟୀମାନଙ୍କ ମିଷ୍ଟାନ୍ନ ଦୋକାନ ସମ୍ମୁଖରେ ଜାତୀୟ ରାଜପଥ ପ୍ରାଧିକରଣ ସ୍ଥାୟୀ ବ୍ୟାରିକେଟ ନିର୍ମାଣ କରି ପ୍ରବେଶ ଓ ପ୍ରସ୍ଥାନ ପଥ ନ ରଖିବା ପ୍ରସ୍ତାବକୁ ଉତ୍କଳ ଯାଦବ ମହାସଭା ପକ୍ଷରୁ ଦୃଢ଼ ଭାବରେ ବିରୋଧ କରାଯାଇଛି । ରାଜ୍ୟ ସଭାପତି ଆଶୀର୍ବାଦ ବେହେରାଙ୍କ ପରାମର୍ଶ କ୍ରମେ କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀଙ୍କୁ ଭେଟି ଓଡ଼ିଶାର ଗୌରବ ପାହାଳ ପ୍ରସିଦ୍ଧ ମିଠା ତଥା ପୁରୁଷ ପୁରୁଷ ଧରି ବ୍ୟବସାୟ କରୁଥିବା ଶତାଧିକ ମିଷ୍ଟାନ୍ନ ବ୍ୟବସାୟୀ ମାନଙ୍କ ସୁରକ୍ଷା ପ୍ରତି ବିହିତ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ । ଏହି କ୍ରମରେ ଯାଦବ ମହାସଭା ଓ ସଂଘ ପକ୍ଷରୁ ସାଂସଦଙ୍କୁ ଦାବିପତ୍ର ଦିଆଯାଇଛି । ସାଂସଦ ପ୍ରତ୍ୟକ୍ଷ ଭାବେ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ଓ ମିଷ୍ଟାନ୍ନ ବ୍ୟବସାୟୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ଯାଦବ ମହାସଭାର



କାର୍ଯ୍ୟାଳୟ ସମ୍ପାଦକ ବରିଷ୍ଠ ସାମ୍ବାଦିକ ବୁଲେଇ ବେହେରା, କଟକ ଜିଲ୍ଲା ଦୁଗ୍ଧ ଜାତ ଦ୍ରବ୍ୟ ସଙ୍ଘର ସମ୍ପାଦକ ତୀର୍ଥବାସୀ ବେହେରା,ଯୁଗ୍ମ ସମ୍ପାଦକ ପ୍ରସନ୍ନ ବେହେରା, ପ୍ରିତିରଞ୍ଜନ କାଠୁଆ, ସାଗର ବେହେରା,ଭୁବନେଶ୍ୱର ମିଷ୍ଟାନ୍ନ ବ୍ୟବସାୟୀ ସଂଘ ସଭାପତି ବିଦ୍ୟାଧର ବେହେରା,ପାହାଳ ମିଷ୍ଟାନ୍ନ ବ୍ୟବସାୟୀ ସଂଘ ସଭାପତି ଅକ୍ଷୟ କୁମାର ଲେଙ୍କା,ଉପସଭାପତି ରାଜକିଶୋର ସାହୁ, ସମ୍ପାଦକ ନିରଞ୍ଜନ ବେହେରା, ଦୁଃଶାସନ ପ୍ରଧାନ, ରାଜକିଶୋର ବେହେରା, ଶରତ କୁମାର ବେହେରା,ନବୀନ ସାହୁ,ପାହାଳ ମଦନ ମୋହନ ଦୁଗ୍ଧ ଜାତ ଦ୍ରବ୍ୟ ବ୍ୟବସାୟୀ ସଂଘର ସଭାପତି ରାଜେନ୍ଦ୍ର ବଲ୍ଲଭ ବେହେରା, ସମ୍ପାଦକ ବିପ୍ଳବ ଯାଦବ ଓ ରାମଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ବାଲିପାଟଣା ,(ସବ୍ୟୁ) : ରାଜ୍ୟ ତଥା କେନ୍ଦ୍ର ସରକାର ଶିକ୍ଷାର ମାନ ବୃଦ୍ଧି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରଚାର ଓ ପ୍ରସାର କରିବା ଉଦ୍ଦେଶ୍ୟରେ ସରକାର ପ୍ରତି ବ୍ଲକ ସ୍ତରରେ ଆଦର୍ଶ ବିଦ୍ୟାଳୟ ଓ ଘରୋଇ ବିଦ୍ୟାଳୟ ଗୋଟିକ ପରେ ଗୋଟିଏ ଖୋଲିବାରେ ଲାଗିଥିବା ବେଳେ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଛାତ୍ର ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ସରକାର ଏଥିପ୍ରତି ଦୃଷ୍ଟି ଆକର୍ଷଣ କରୁ ନାହାନ୍ତି।ବାଲିପାଟଣା ବ୍ଲକ ଅଞ୍ଚଳରେ ଶିକ୍ଷାର ମାନ ହ୍ରାସ ପାଇବାରେ ଲାଗିଛି।ଏହି ପରିସ୍ଥିତିରେ ବିଦ୍ୟାଳୟ ମାନଙ୍କରୁ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବାକୁ ବିରୋଧ କରି ଆଜି ଅପରାହ୍ନରେ ପମ୍ପାଲୋ ଗ୍ରାମ ପଂଚାୟତର ନୂଆପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମ୍ମୁଖରେ ଗ୍ରାମବାସୀ ମାନେ ଧାରଣା ଦେଇଥିଲେ।ପ୍ରକାଶ ଥାଉ କି , ଗତ ବର୍ଷ ୨୪-୧୦-୨୦୨୪ ତାରିଖ ଦିନ ଅକ୍ଷୟ କୁମାର ସେଠୀଙ୍କୁ ନୂଆପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ଦେଇଥିଲେ।ଗୁରୁବାର ଦିନ ଜଣେ ଦକ୍ଷ ଓ ନିଷ୍ଠାପର ଶିକ୍ଷକଙ୍କୁ ମକୁନ୍ଦାସପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଡ଼େପୁଟେଶନରେ ପଠାଇ ଦିଆଯାଇଛି। ଏହାକୁ ବିରୋଧ କରି ଶତାଧିକ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଖବର ପାଇ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ଗ୍ରାମବାସୀଙ୍କ ସହିତ ଯୋଗାଯୋଗ କରିଥିଲେ। ଗ୍ରାମବାସୀଙ୍କୁ କହିଥିଲେ ଯେ, ଅସ୍ଥାୟୀ ଭାବରେ ଅକ୍ଷୟ କୁମାର ସେଠୀଙ୍କୁ ଅନ୍ୟତ୍ର ପଠାଇଛି,ମାତ୍ର ୨୧ ଦିନ ପରେ ପୁଣି ପୂର୍ବ ସ୍ଥାନକୁ ଫେରାଇ ଦିଆଯିବ। ହେଲେ ଗ୍ରାମବାସୀ ଏଥିରେ ରାଜି ନ ହୋଇ ,ସେମାନଙ୍କର ଅଭିଯୋଗ ପତ୍ର ବିଇ ଓ,ବିଡ଼ିଓ,ବିଧାୟକ,ଓ ଶିକ୍ଷା ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।ଉକ୍ତ ବିଦ୍ୟାଳୟରେ ସାତଟି ଶ୍ରେଣୀକୁ ପାଞ୍ଚ ଶିକ୍ଷକ ନିଯୁକ୍ତି ଥିବା ବେଳେ ଗୋଟିଏ ଶିକ୍ଷକଙ୍କୁ ଅନ୍ୟତ୍ର ପଠାଇବା କେତେ ଦୁର ଠିକ ବୋଲି ବିଦ୍ୟାଳୟ କମିଟିର ଅଧ୍ୟକ୍ଷ ରଞ୍ଜିତ ରାଉତରାୟ, କହିଛନ୍ତି। ଉକ୍ତ ଧାରଣାରେ ଜୟକୃଷ୍ଣ ମହାରଣା, ଝୁନା ରାଣୀ ରାଉତରାୟ,ମନୁ ସେଠୀ, ନିରୁପମା ମଲ୍ଲିକ,ଟିକି ନା ବେହେରା, ସୁଶାନ୍ତ ମଲ୍ଲିକ,ଅର୍ଚ୍ଚିତା ପ୍ରିୟଦର୍ଶିନୀ ବାରିକ, ବେଣୁଧର ସ୍ୱାଇଁ ପ୍ରମୁଖଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ ।

# ବାଇକ ଧକ୍କାରେ ଯୁବକ ମୃତ

ନିମାପଡା,(ସବ୍ୟୁ): ଗୁରୁବାର ରାତ୍ରରେ ନିମାପଡା-ଡେଲଟା ଛକ କେନାଲ ବନ୍ଧ ରାସ୍ତାର ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ଏକ ବାଇକ ଧକ୍କାରେ ଜଣେ ଯୁବକର ମୃତ୍ୟୁ ଘଟିଥିବା ଜଣାପଡିଛି । ପ୍ରକାଶ ଯେ, ଗତ ଗୁରୁବାର ବିଳମ୍ବିତ ରାତ୍ରରେ ସ୍ଥାନୀୟ ପାଟପୁର ଗ୍ରାମର ଯୁବକ ଚନ୍ଦନ ନାୟକ (୨୪) କେନାଲ ବନ୍ଧ ରାସ୍ତାରେ ଚାଲି ଚାଲି ଘରକୁ ଯାଉଥିବା ବେଳେ ଏକ ବାଇକ ତାଙ୍କ ପଛପଟୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ଚନ୍ଦନଙ୍କୁ ଗୁରୁତର ଅବସ୍ଥାରେ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସଂପର୍କରେ ମୃତ ଚନ୍ଦନଙ୍କ ପିତା ଦେବରାଜ ନାୟକ ନିମାପଡା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ବନ୍ଧୁକ ମୁନରେ ଲୁଟି ନେଲେ ୩୦ ହଜାର

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ବଜାର ନିକଟସ୍ଥ ଷ୍ଟେସନ ରୋଡରୁ ବୁଧବାର ରାତି ସାଢ଼େ ସାତଟା ରେ ଦୁଇଜଣ ହେଲମେଟ ପିନ୍ଧା ଯୁବକ ଏକ ବାଇକରେ ଆସି ଘରକୁ ଯାଉଥିବା ଜଣେ ଯୁବକଙ୍କୁ ଭୟଭୀତ କରାଇ ବନ୍ଧୁକରୁ ଫାଙ୍କା ଗୁଳି ଚଳାଇ ୩୦ ହଜାର ଟଙ୍କା ଲୁଟି ନେଇଥିବା ନିରାକାରପୁର ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ ନିରାକାରପୁର କଲେଜ ଛକ ନିକଟରେ ଥିବା ଏକ ସି ଏସ ସି କେନ୍ଦ୍ର ତଥା ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ସବୁଦିନ ବନ୍ଦ କରି ଯାଉଥିବାବେଳେ ବୁଧବାର ରାତି ସାଢ଼େ ସାତଟା ସମୟରେ ପରିଚାଳକ ରଘୁନାଥ ପରିଡ଼ା ଯାଉଥିଲେ। କିନ୍ତୁ ତାଙ୍କୁ ପୂର୍ବରୁ ସୁପରିକଳ୍ପିତ ଭାବେ ପିଛା କରିଥିବା ଦୁଇଜଣ ଯୁବକ ଏକ ବାଇକରେ ଆସି ଷ୍ଟେସନ ରୋଡ ରେ ଅଟକାଇ ତାଙ୍କ ନିକଟରେ ଥିବା ବ୍ୟାଗ କୁ ନେବାପାଇଁ ଚେଷ୍ଟା କରିଥିଲେ। ଏଥିରେ ରଘୁନାଥ ବାଧା ଦେବାରୁ ସେମାନେ ପାଖରେ ରଖିଥିବା ଏକ ବନ୍ଧୁକରୁ ଦୁଇ ରାଉଣ୍ଡ ଫାଙ୍କା ଗୁଳି ଚଳାଇଥିଲେ। ପରେ ସେମାନେ ୩୦ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିବା ଅଭିଯୋଗରୁ ଜଣାପଡିଛି। ଉଭୟ ଲୁଟେରା ମୁଣ୍ଡରେ ହେଲମେଟ ପିନ୍ଧି ଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଚଳାଇଛି ବୋଲି ଆଇଆଇସି ବିଶ୍ୱଜିତ ରାଉତରାୟ ପ୍ରକାଶ କରିଛନ୍ତି।

# ଜମିଜମା ବିବାଦକୁ ନେଇ ଜଣକୁ ହତ୍ୟା

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକ ଗଡିଶାଗୋଦା ଥାନା ଅନ୍ତର୍ଗତ ହରଷପଡ଼ା ଗ୍ରାମରେ ସାମାନ୍ୟ ଜମିଜମା ବଚସାକୁ ନେଇ ଜଣକୁ ହତ୍ୟା ଅଭିଯୋଗ । ମୃତକଙ୍କ ନାମ କେଶବ ଦଳାଇ ବୟସ (୫୬) । ମୃତକଙ୍କ ପତ୍ନୀ ସଜନୀ ଦଳାଇ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି - ହରଷପଡା ଗ୍ରାମରେ କୋଠଘରପାଇଁ ଜାଗା ଚିହ୍ନଟ ହୋଇ କୋଠଘର ନିର୍ମାଣ ହେଉଥିଲା । ହେଲେ ନିକଟରେ ଥିବା ରାଘବଦାସ ମଠ ଜମି ଜଣେ ବ୍ୟକ୍ତି ଚାଷ କରୁଥିଲେ । ଟ୍ରାକ୍ଟରରେ ଚାଷ କରିବା ସମୟରେ କୋଠଘର ଜାଗା ଚିହ୍ନଟ ପାଇଁ ପୋଟାଯାଇଥିବା ଖୁଣ୍ଟ ଉପୁଡ଼ି ଯାଇଥିଲା । ଚାଷ କରିଥିବା ବ୍ୟକ୍ତିଙ୍କୁ ଖୁଣ୍ଟ ଉପୁଡ଼ିଥିବା କଥା କେଶବ ଦଳାଇ ପଚାରିବାରୁ ଟ୍ରାକ୍ଟରରେ ଚାଷ କରିଥିବା ଦିଲ୍ଲୀପ ବିଶ୍ୱାଳ,ରମେଶ ବିଶ୍ୱାଳ,ତପନ ବିଶ୍ୱାଳ, ବିପ୍ଲବ ବିଶ୍ୱାଳ ଓ ଅନ୍ୟମାନେ କେଶବଙ୍କୁ ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକେ କେଶବଙ୍କୁ ମେଡିକାଲ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ପରେ ଗଡିଶାଗୋଦା ପୋଲିସ ,ସାଇଣ୍ଟିଫିକ୍ ଟିମ୍ ଓ ସଦର ଏସଡ଼ିପିଓ ରବିନାରାୟଣ ଭଞ୍ଜ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଗଡିଶାଗୋଦା ଥାନା ଅଧିକାରୀ ସୁଧୀର କୁମାର ଦାସ କହିଛନ୍ତି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ୧୧୬/୨୦୨୫ ରେ ଏକ କେସ ହୋଇଥିବା ବେଳେ ୧୦୩(୨),୩୦୩(୨),୭୬ ଧାରାରେ ମାମଲା ରୁଜୁ କରାଯାଇଛି ।

# ସିଦ୍ଧେଶ୍ୱର ମହାଦେବଙ୍କ ଉତ୍ତରାୟଣ

କଣ୍ଟିଲୋ,(ସବ୍ୟୁ): ବୁଧବାର କର୍କଟ ସଂକ୍ରାନ୍ତି ଅବସରରେ ସୂର୍ଯ୍ୟ ନାରାୟଣଙ୍କ ଦକ୍ଷିଣାୟନ ଗତି ହୋଇଛି। ଅନୁରୂପ ଭାବେ ନୀଳମାଧ ପୀଠ ରେ ପାର୍ଶ୍ୱ ଦେବତା ରୂପେ ଅଧିଷ୍ଠିତ ସିଦ୍ଧେଶ୍ୱର ମହାଦେବ ଆଜି ଠାରୁ ସୂର୍ଯ୍ୟଙ୍କ ଗତି ବିପରୀତ ଉତ୍ତରକୁ ଢଳିଛନ୍ତି। ସିଦ୍ଧେଶ୍ୱର ମହାଦେବଙ୍କ ମହିମା ସମ୍ପର୍କରେ କପିଳ ସଂହିତାରେ ବର୍ଣ୍ଣିତ ରହିଛି। ଅଲୌକିକ ମହିମା ଧାରୀ ସିଦ୍ଧେଶର ମହାଦେବ ବର୍ଷକୁ ଦୁଇ ଥର ପାର୍ଶ ପରିବର୍ତ୍ତନ କରିଥାନ୍ତି। ମକର ସଂକ୍ରାନ୍ତି ରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ସମୟରେ ସିଦ୍ଧେଶ୍ୱର ଦକ୍ଷିଣକୁ ଢ଼ଳିଥାନ୍ତି ଏବଂ ୬ମାସ ପରେ ଆଜି କର୍କଟ ସଂକ୍ରାନ୍ତି ରେ ଆପଣା ଛାଏଁ ବାବା ସିଦ୍ଧେଶ୍ୱର ଉତ୍ତରକୁ ଢ଼ଳିଥିବା ଦୃଶ୍ୟମାନ ହୋଇଛି। ଏହି ଜାଗତିକ ଦୃଶ୍ୟ ପାଇଁ ନୀଳମାଧବ ପୀଠରେ ଶ୍ରଦ୍ଧାଳୁଙ୍କ ବହୁ ସମାଗମ ହୋଇଥିଲା।

# ସ୍କୁଲ ଅଫିସ ନିକଟରେ ନିଶାଦ୍ରବ୍ୟ ବିକ୍ରି
# ୨୨ ଦୋକାନ ଉପରେ ଚଢ଼ାଉ

ଗୋପ,(ସବ୍ୟୁ):ଶୁକ୍ରବାର ପୂର୍ବାହ୍ନରେ ଗୋପ ବ୍ଲକ ର କେତେକ ସ୍କୁଲ କଲେଜ ସହିତ ସରକାରୀ କାର୍ଯ୍ୟାଳୟ ନିକଟରେ ବେଆଇନ୍ ଭାବେ ନିଶାଦ୍ରବ୍ୟ ସହିତ ବିଭିନ୍ନ ପ୍ରକାରର ତମାଖୁ ବିକ୍ରୀ କରୁଥିବା ଦୋକାନିଙ୍କ ଉପରେ ଚଢ଼ାଉ କରା ଯାଇଥିଲା । ଜିଲ୍ଲା ସ୍ତରୀୟ ଏକ ୫ ଜଣିଆ ଟିମ୍ ଏହି ଚଢାଉ ରେ ସାମିଲ ଥିବା ବେଳେ ୨୨ ଗୋଟି ଦୋକାନ ଉପରେ ଏହି ଚଢାଉ କରାଯାଇ ଦୁଇ ହଜାର ରୁ ଅଧିକ ଟଙ୍କା ଅର୍ଥଦଣ୍ଡ କରାଯାଇଥିବା ଜଣାପଡ଼ିଛି । ପ୍ରକାଶ ଯେ କିଛି ବର୍ଷ ହେବ ଗୋପ ବ୍ଲକ ର ଅନେକ ସ୍କୁଲ କଲେଜ ଓ ସରକାରୀ ଅଫିସ ନିକଟରେ ବେଆଇନ୍ ଭାବେ ନିଶାଦ୍ରବ୍ୟ ସହିତ ମାଦକ ଦ୍ରବ୍ୟ ବିକ୍ରି କରାଯିବା ଅଭିଯୋଗ ହେଉଥିଲା । ମାତ୍ର ଏପରି ଏକ ନିଶାଦ୍ରବ୍ୟ କବଳରେ ଛାତ୍ରୀ ଛାତ୍ର ମାନେ ପଡିବା ସହ ଯୁବଗୋଷ୍ଠୀ ମାନେ ବାଟବଣା ଭଳି ଅଭିଯୋଗ ହେଉଥିଲା । ଏହି ଅଭିଯୋଗ କୁ ନେଇ ଶୁକ୍ରବାର ଜିଲ୍ଲା ଡଗ୍ସ ଇନ୍ସପେକ୍ଟର ଅଞ୍ଜନ କୁମାର ସାହୁ, ଜିଲ୍ଲା ଅଣ ସଂକ୍ରମଣ ବିଭାଗ ର ସହକାରୀ ମ୍ୟାନେଜର ଅନିତା ଦାସ,ପ୍ରସୂଷ ସାହାଣିଆ ସହିତ ଏକ ୫ ଜଣିଆ ଟିମ୍ ଏହି ଚଢ଼ାଉରେ ସାମିଲ୍ ଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ବିଭିନ୍ନ ସ୍କୁଲ କଲେଜ ସହିତ ସରକାରୀ ଅଫିସ ନିକଟରେ ଦେଶି ବିଦେଶୀ ମଦ ସହିତ ଗଞ୍ଜେଇ ଅଫିମ ଭଳି ନିଶାଦ୍ରବ୍ୟ ବିକ୍ରୀ ଉପରେ ଚଢ଼ାଉ କରାଯିବା ଲାଗି ଦାବି କରାଯାଉଛି ।

# ଅଘୋଷିତ ବିଦ୍ୟୁତ କାଟ : ତେଜୁଛି ଜନଅସନ୍ତୋଷ

ଗଣିଆ,(ସବ୍ୟୁ): ଗତ କିଛି ଦିନ ଧରି ଗଣିଆ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ହେଉଛି । ଏଥି ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଲାଣି । ପ୍ରତ୍ୟହ ଦିନବେଳା ୪ରୁ ୫ ଘଟାଂ ଧରି କୌଣସି ସୂଚନା ନଥାଇ ବିଦ୍ୟୁ କାଟ ହେଉଥିବା ବେଳେ ରାତ୍ରୀରେ ୧୦ଟାରୁ ସକାଳ ପର୍ଯ୍ୟନ୍ତ ସଂପୂର୍ଣ ଭାବେ ବିଦ୍ୟୁ କାଟ କରାଯାଉଛି । ବିଶେଷ କରି ଛାମୁଣ୍ଡିଆ ଓ ବଡଶିଲିଙ୍ଗା ଅଚଂଳରେ ରାତ୍ରୀ ସମୟରେ କୌଣସି କାରଣ ନଥାଇ ବିଦ୍ୟୁତ କାଟ ଯୋଗୁଁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟୁ କାଟର କାରଣ ପଚାରିଲେ କେତେବେଳେ ମେନ ଲାଇନ ଖରାପ ଅଛି ବୋଲି କହୁଥିବା ବେଳେ ଆଉ କେତେବେଳେ ବିଦ୍ୟୁତ ଷ୍ଟାଣ୍ଡ କରୁନଥିବା କହୁଛନ୍ତି । ପ୍ରକାଶ ଥାଉକି, ଛାମୁଣ୍ଡିଆ,ବଡଶିଲିଙ୍ଗା ଓ ରାସଙ୍ଗ ପଚାଂୟତର କିଛି ଅଚଂଳକୁ ନିରବଛିନ୍ନ ବିଦ୍ୟୁ ସେବା ଯୋଗାଇ ଦେବାପାଇଁ ଛାମୁଣ୍ଡିଆଠାରେ ଏକ ନୂତନ ୩୩କେଭି ବିଦ୍ୟୁତ ଷ୍ଟ୍ରକଚର ନିର୍ମାଣ କରାଯାଇଛି । ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଏହି ଷ୍ଟ୍ରକଚରଟି କାର୍ଯ୍ୟକ୍ଷମ ଆରମ୍ଭରୁ ଅଚଳ ହୋଇ ପଡିରହିଛି । ଫଳରେ ଏହି ଅଚଂଳରେ ବିଦ୍ୟୁ ସରବରାହ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେବେ ଏହି ଅଚଂଳକୁ ନିରବଛିନ୍ନ ବିଦ୍ୟୁ ସେବା ଯୋଗାଇ ଦେବାପାଇଁ ସାଧାରଣରେ ଦାବୀ ହେଉଛି । ଏ ସମ୍ପର୍କରେ ଗଣିଆ ସେସୁ କନିଷ୍ଠ ଯନ୍ତ୍ରୀ ସତ୍ୟଜିତ ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି ଗଣିଆରୁ କଂଟିଲୋ ନୂଆ କନେକ୍ସନ ପାଇଁ କାମ ଚାଲିଛି । ନୟାଗ ଦଶପଲା ଲାଇନ ବ୍ରେକ ଡାଉନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । ଯଦି ଏଭଳି ପରିସ୍ଥିତି ଲାଗି ରହେ ତେବେ ଆଗକୁ ଜନ ଆନ୍ଦୋଳନ ହେବ ବୋଲି ଜନ ସାଧାରଣ ଚେତାବନୀ ଦେଇଛନ୍ତି ।

# କାର୍ ପଛକୁ ପିଟିଲା ଆମ ବସ

ବାରଙ୍ଗ ,(ସବ୍ୟୁ):ବେପରୁଆ ଗଡିଚଳନା ଯୋଗୁ ବିବାଦରେ ଛନ୍ଦି ହୋଇପଡିଥିବା ଆମ ବସ ସୋମବାର ରାତିରେ ବାରଙ୍ଗରେ ଜଣେ ଯୁବକର ଜୀବନ ନେବା ପରେ ବି କର୍ତ୍ତୃପକ୍ଷଙ୍କ ଚେତା ପଶୁନି । ବାରମ୍ବାର ଆମ ବସ ଚାଳକ ଙ୍କ ବେପୁରୀୟା ଗାଡ଼ି ଚାଳନା ଦୁର୍ଘଟଣା ଘଟାଇ ଲୋକଙ୍କ ଜୀବନ ନେଉଥିବା ବେଳେ ପୁଣି ଶୁକ୍ରବାର ଦିନ ଆମବସ ଧକ୍କାରେ ଏକ କାର ଭାଙ୍ଗିରୁଜି ଯାଇଥିବା ବେଳେ ୩ଜଣ ଲୋକ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି । ଆମ ବସ ଧକ୍କାରେ ୩ ଜଣ ବ୍ୟକ୍ତି ସାମାନ୍ୟ ଆହତ ହୋଇଥିବାର ଜଣାପଡିଛି । ଯାହାକୁ ନେଇ ଆମ ବସ ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ଦୁର୍ଘଟଣାମାନ ଘଟୁଥିବାର ଅଭିଯୋଗ ଆଣି ଉତେଜନା ଦେଖାଦେଇଥିଲା । ନନ୍ଦନକାନନ ପୋଲିସ ଆସି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତକରି ଥାନାକୁ ନେବା ପରେ ଉତେଜନା ହ୍ରାସ ପାଇଥିଲା । ଓଡ଼ି ୦୨ ଏକ୍ୟୁ ୮୨୨୬ କାରଟି କଟକରୁ ଭୁବନେଶ୍ୱର ପଟକୁ ଆସୁଥିଲା । କାରଟି ନନ୍ଦନକାନନଛକ ପାଖରେ ପହଞ୍ଚିଥିବାବେଳେ ଦ୍ରୁତଗତିରେ ଆସି ଓଡି ୩୩ଏଆର୧୩୭୫ ଆମ ବସଟି କାରର ପଛପଟକୁ ପିଟିଥିଲା । ଫଳରେ କାରରେ ଥିବା ତିନିଜଣ ସାମାନ୍ୟ ଆହତ ହୋଇଥିବା ବେଳେ କାରର ପଛ ପଟ ଭିତରକୁ ପଶିଯାଇଥିଲା । ଘଟଣା ପରେ ଏହାକୁ ନେଇ ଉତେଜନା ଦେଖାଦେଇଥିଲା । ଖବରପାଇ ପୋଲିସ ଆସି ଗାଡି ଦୁଇଟିକୁ ଜବତ କରି ଥାନାକୁ ନେବା ପରେ ଉତେଜନା କମିଥିଲା ।

# ମା' ଚର୍ଚ୍ଚିକାଙ୍କ ମନ୍ଦିର ପରିସରରେ କାମୁଡ଼ି ଆତଙ୍କ ସୃଷ୍ଟି କରିଥିବା ତିନି ମାଙ୍କଡଙ୍କୁ ଟ୍ରାଙ୍କୁଲାଇଜ କଲା ବନ ବିଭାଗ



ବାଙ୍କି (ସ, ବ୍ୟୁ,): ଗତ କିଛି ଦିନ ଧରି ବାଙ୍କୀ ମାଆ ଚର୍ଚ୍ଚିକାଙ୍କ ମନ୍ଦିର ପରିସର, ମନ୍ଦିର ସାହିରେ ଓ ହରିଜନ ସାହିରେ ମାଙ୍କଡ଼ ପଲ୍ଲ ଲୋକଙ୍କୁ କାମୁଡି ଆତଙ୍କ ସୃଷ୍ଟି କରୁଥିଲେ । ବିଭିନ୍ନ ସାହି ରୁ ୧୦ଜଣ କୁ କାମୁଡି ଆହାତ କରିଥିଲେ । ସମସ୍ତ ଆହାତ ମାନଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି । ଭୟରେ ଲୋକେ ବାହାର କୁ ବାହାରୁ ନାହାନ୍ତିଛ ବାଙ୍କୀ ବନ ବିଭାଗ ଓ ଖୋରଧା ରେଞ୍ଜର ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାରେ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ପହଞ୍ଚି ତିନି ଗୋଟି ମାଙ୍କଡ ଙ୍କୁ ଟ୍ରାଙ୍କୁଲାଇଜ କରି ଧରି ନେଇଛନ୍ତି । ବିଶେଷ କରି ମାଆ ଚର୍ଚ୍ଚିକା ଙ୍କ ମନ୍ଦିର କୁ ଦର୍ଶନ କରିବା ପାଇଁ ଆସୁ ଥିବା ପର୍ଯ୍ୟଟକ ଙ୍କୁ ମାଙ୍କଡ କାମୁଡି ଆହାତ କରିବାରୁ ପର୍ଯ୍ୟଟକ ମାନେ ମାଙ୍କଡ଼ ଭୟରେ ଆସୁ ନ ଥିବାର ସୂଚନା ଦେଇଛନ୍ତି ସେବାୟତ ମାନେ । ଆଉ ଯେଉଁ ଗୋଟିଏ କାମୁଡ଼ା ମାଙ୍କଡ ରହିଛି ତାକୁ ଧରି ଦେଲେ ଲୋକେ ଆରାମ ରେ ଚଳ ପ୍ରଚଳ କରି ପାରିବେ । ଆଉ ଯେଉଁ ମାଙ୍କଡ ଲୁଚିଛି ତାକୁ ନିଶ୍ଚିତ ଭାବେ ଟ୍ରାଙ୍କୁଲାଇଜ କରା ଯାଇ ଧରା ଯିବ ବୋଲି ଖୋରଧା ବନ ବିଭାଗର ରେଞ୍ଜର ଜୟ କୃଷ୍ଣ ପଣ୍ଡା ସୂଚନା ଦେଇଛନ୍ତି ।

# ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ, ଗଣେଶ ବଜାର ବନ୍ଦ

କାକଟପୁର, (ସବ୍ୟୁ) : କାକଟପୁର ମୁଖ୍ୟ ବଜାର ଗଣେଷ ବଜାରରେ ପୂଜାସାମଗ୍ରୀ ଦୋକାନ କରିଥିବା ନୟାହାଟ ବେତେଣ୍ଡା ଗ୍ରାମର କୁନ ଚନ୍ଦ୍ର ସ୍ୱାଇଁ (କୁନିଆ) ୫୧ ଙ୍କର ବୟସରେ ବୁଧବାର ରାତ୍ରରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଯାଇଛି । ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଶାନ୍ତ ସରଳ ଓ ବନ୍ଧୁବତ୍ସଳ ଅମାୟିକ ବ୍ୟକ୍ତି ଭାବେ ଅଞ୍ଚରେ ବେଶ ପରିଚିତ ଥିଲେ । ତାଙ୍କ ମର ଶରୀର କାକଟପୁର ବଜାରରେ ପହଞ୍ଚିବା ପରେ ଗଣେଷ ବଜାର ପକ୍ଷରୁ ତୁଷାର ରଞ୍ଜନ ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, ମାନସ ଦୀକ୍ଷିତ, ବସନ୍ତ ସ୍ୱାଇଁ, ନିରଞ୍ଜନ ଦୀକ୍ଷିତ, ବାଣୀ ପ୍ରସାଦ, କାବା ଭାଇନା ପ୍ରମୁଖ ବ୍ୟବସାୟୀ ମାନେ ତାଙ୍କ ମରଶରୀରକୁ ଶେଷ ଦର୍ଶନ କରିବା ଶହ ତାଙ୍କର ଶୋକ ସନ୍ତପ୍ତ ପରିବାର କୁ ଗଭୀର ସମବେଦନା ଜଣାଇଥିଲେ । ତାଙ୍କର ପାର୍ଥିବ ଶରୀରକୁ ବଜାର ପରିକ୍ରମା କରିବା ପରେ ତାଙ୍କର ନିଜ ପୈତୃକ ଗ୍ରାମ ବେତେଣ୍ଡା ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଜ୍ୟେଷ୍ଠପୁତ୍ର ଶୁଭମ ସ୍ୱାଇଁ ମୁଖାଗ୍ନି ଦେଇଥିବା ବେଳେ ତାଙ୍କର ଏକମାତ୍ର କନ୍ୟା, ପରିବାର, ବନ୍ଧୁପରିଜନ ଏବଂ ଶୁଭେଚ୍ଛୁମାନେ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କୁନିଆଙ୍କ ଅକାଳ ବିୟୋଗ ରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଗୋଟିଏ ଦିନ ପାଇଁ ଗଣେଶ ବଜାର ବନ୍ଦ ରହିଥିଲା ।

## ବସନ୍ତକୁମାର ବିଦ୍ୟାପୀଠରେ ୩୮ତମ ବାର୍ଷିକ ଉତ୍ସବ
# ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଖଣ୍ଡପଡ଼ା, (ସ.ବ୍ୟୁ): ଖଣ୍ଡପଡ଼ା ବ୍ଲକ ବଡ଼ବାଣପୁର ଗ୍ରାମ ବସନ୍ତକୁମାର ବିଦ୍ୟାପୀଠର ୩୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି ।ଏ ଅବସରରେ ବିଦ୍ୟାଳୟର ବରିଷ୍ଠ କିରାଣୀ ମହେନ୍ଦ୍ର କୁମାର ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ ମଧ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟା ଉଜ୍ଜ୍ୱଳ ମହାରଣା, ବଡ଼ବାଣପୁର ସରପଞ୍ଚ ପ୍ରତିମା ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରଦୀପ କର, କଣ୍ଟିଲୋ ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା ଏବଂ ବିଶିଷ୍ଟ କଥାକାର ହେମନ୍ତ କୁମାର ଜେନା ପ୍ରମୁଖ ମଞ୍ଚାସିନ ରହିଥିଲେ । ସଭାକାର୍ଯ୍ୟ ଆରମ୍ଭରୁ ଅତିଥି ମାନେ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତସଂଗୀତ ପରିବେଷଣ କରାଯାଇଥିଲା । ତେବେ ଶିକ୍ଷା



ଏପରି ଏକ ସମ୍ପଦ ଯାହା କାହାକୁ ଦେଲେ ସରି ଯାଏନି ବରଂ ଶିକ୍ଷାର ପ୍ରସାର ବଢ଼ିଥାଏ କହି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ଦିଗଦର୍ଶନ ଦେଇଥିଲେ ମୁଖ୍ୟଅତିଥି ବିଧାୟକ ଶ୍ରୀସ୍ୱାଇଁ ।ଏଥିସହ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଲେ ଶିକ୍ଷାର ବିକାଶ ସୁନିଶ୍ଚିତ ହୋଇପାରିବ ବୋଲି ଅନ୍ୟ ଅତିଥି ମାନେ ନିଜନିଜର ଅଭିଭାଷଣ ରଖିଥିଲେ । ଅନ୍ୟପକ୍ଷେ ଉକ୍ତ ବିଦ୍ୟାଳୟର ବରିଷ୍ଠ କିରାଣୀ ମହେନ୍ଦ୍ର କୁମାର ପ୍ରଧାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା କରାଯାଇଥିଲା । ଖୋଦ୍ ବିଧାୟକଙ୍କ ଉପସ୍ଥିତିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଶ୍ରଦ୍ଧାପୂର୍ଣ୍ଣ ଭାବେ ଅଙ୍ଗ ବସ୍ତ୍ର ଏବଂ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସେ ଦୀର୍ଘ ବର୍ଷ ଧରି ଏହି ବିଦ୍ୟାଳୟରେ ସୁଚାରୁରୂପେ କାର୍ଯ୍ୟ କରି ଆସୁଥିଲେ । ସେ ତାଙ୍କର ଅନନ୍ୟ କାର୍ଯ୍ୟ ଶୈଳୀ, ମାନବିକ ମୂଲ୍ୟ ବୋଧ ଓ ଛାତ୍ରଛାତ୍ରୀଙ୍କ ପ୍ରତି ନିଷ୍ଠାପର ମନୋଭାବ ଦେଖାଇ ଆସୁଥିଲେ । ତାଙ୍କର ଉତ୍ତମ ସୁସ୍ଥ ଜିବନଚର୍ଯ୍ୟା କାମନା କରି ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ମାନେ ଏକ ଭାବବିହ୍ୱଳ ପରିବେଶ ମଧ୍ୟରେ ବିଦାୟ ଜଣାଇଥିଲେ ।

## ଶ୍ମଶାନରେ ଚାଲିଛି କଲ୍ୟାଣ ମଣ୍ଡପ ନିର୍ମାଣ
# ପଞ୍ଚାୟତବାସୀଙ୍କ ବିରୋଧ : ଭାଙ୍ଗିଲେ ପୂର୍ବ ପୁରୁଷର ସମାଧି

ଫୁଲନଖରା,(ସବ୍ୟୁ):ବାରଙ୍ଗ ବ୍ଲକ ଅନ୍ତର୍ଗତ ଉଷୁମା ଗ୍ରାମ ପଞ୍ଚାୟତ ଘୁଷୁରୀକୁଦ ଖେଳ ପଡିଆ ସମୁଖରେ ଥିବା ଗୋଚର ଜମିରେ ଉଷୁମା ଗ୍ରାମର ଲୋକମାନେ ସେହି ସ୍ଥାନରେ ଦୀର୍ଘ ବର୍ଷରୁ ଶବ ଦାହ ଓ ସମାଧି ତିଆରି କରି ଶ୍ମଶାନ ରୂପେ ବ୍ୟବହାର କରିଆସୁଛନ୍ତି । ମୃତବ୍ୟକ୍ତିଙ୍କର ଶହ ଶହ ସମାଧି ନିର୍ମାଣ କରାଯାଇଥିଲା । ପଞ୍ଚାୟତର କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଅର୍ଥ ମଂଜୁର ହେବାପରେ ସେହିଶ୍ମଶାନ ସ୍ଥାନରେ ଥିବା ଦୀର୍ଘ ବର୍ଷର ସମାଧି ଗୁଡିକୁ ଜେ.ସି.ବି ମେସିନ ଲଗାଇ ସେଗୁଡିକୁ ଭାଙ୍ଗି କଲ୍ୟାଣ ମଣ୍ଡପ ତିଆରିକରାଯାଉଥିବାରୁ ପଞ୍ଚାୟତ ବାସୀଙ୍କ ପକ୍ଷରୁ ବିରୋଧ କରାଯାଉଛି । ସେମାନେ କହିବା କଥା ଯେ ଶ୍ମଶାନ ମଧ୍ୟରେ ଥିବା ସମାଧି ପୀଠଆମ ପିତୃ ପୁରୁଷଙ୍କ ଶହ ଶହ ବର୍ଷର ସମାଧିକୁ ଭାଙ୍ଗି ହିନ୍ଦୁ ଧର୍ମ ପ୍ରତି କୁଠାର ଘାତ କରୁଅଛନ୍ତି । ହିନ୍ଦୁ ପ୍ରଥା ଅନୁଯାୟୀ ବିବାହ ଓବ୍ରତଘର ଏକ ଧର୍ମ କାର୍ଯ୍ୟ ଅଟେ । ସେହି ସ୍ଥାନରେ ଶବ ଦାହ ହେଉଥିବା ବେଳେ କିପରି ଶୁଭ ବିବାହ ପବିତ୍ର କାର୍ଯ୍ୟ ଅନୁଷ୍ଠିତହେବ । ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ସେମାନେ କହିଥିଲେ । ପଞ୍ଚାୟତ ମଧ୍ୟରେ ଅନେକ ଭଲ ସ୍ଥାନ ଥିବାବେଳେଏହି ଶ୍ମଶାନକୁ ଲାଗି ପୋଖରୀର ଆରପଟେ ପିଚୁ ରାସ୍ତାକୁ ଲାଗି ଏକ ସରକାରୀ ଜାଗା ମଧ ରହିଅଛି । ସେଭଳି ସ୍ଥାନ ମାନଙ୍କରେକରାନଯାଇ ପଞ୍ଚାୟତର ଜନସାଧାରଣଙ୍କ ଦୃଷ୍ଟିକୁ ନ ଆଣି ସରପଞ୍ଚ ତାଙ୍କ ମନମୁଖୀ କଣ ପାଇଁ ଶ୍ମଶାନରୁ ସମାଧି ଗୁଡିକ ଭାଙ୍ଗିସେଠାରେ କଲ୍ୟାଣ ମଣ୍ଡପ ନିର୍ମାଣ କରୁଥିବାରୁ ଘୋର ଜନ ଅସନ୍ତୋଷ ଦେଖାଦେଇଛି । ଏଠାରେ ପ୍ରଶ୍ନ ଉଠେକି ବାରଙ୍ଗତହସିଲଦାର ସେହି ଉତ୍ତର ଉଷୁମା ଗ୍ରାମରେ ବିଭିନ୍ନ ସରକାରୀ ଜମି ଥିବାବେଳେ ଶ୍ମଶାନରୁ ସମାଧି ଗୁଡିକ ହଟାଇ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ସେହି ସ୍ଥାନ କିପରି ଚିହ୍ନଟ କଲେ ବୋଲି ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି । ଯଦି ଏହାକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାନଯାଏ ବାରଙ୍ଗ ତହସିଲଦାରଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବିପ୍ର ଚରଣ ପ୍ରଧାନ, ସମରେନ୍ଦ୍ର ହାତୀ, ବିଶ୍ୱରଞ୍ଜନ ଦାସ, ପ୍ରମୋଦ ବୈଠାଲୁ, ଦିବ୍ୟକାନ୍ତ ବାରିକ, ବିଶ୍ୱ ରଞ୍ଜନ ସ୍ୱାଇଁ , ଭାଗବତ ସ୍ୱାଇଁ , ବିଜୟ ପାତ୍ର, ଶିଶିର କୁମାରଜେନା, ପ୍ରଣୟ ସାମନ୍ତରାୟ, ପ୍ରକାଶ ପ୍ରଧାନ, ହେମନ୍ତ କୁମାର ସାହୁ ଓ ମଙ୍ଗୁଳି ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି ।

(ଶ୍ରୀମଦ୍ଭଗବଦ୍ ଗୀତା ୧୭/୨୧)
-ଶ୍ରଦ୍ଧାତ୍ରୟ ବିଭାଗ ଯୋଗ-
(ଶ୍ରୀଭଗବାନୁବାଚ)

**ଯତ୍ତୁ ପ୍ରତ୍ୟୁପକାରାର୍ଥଂ ଫଳମୁଦ୍ଦିଶ୍ୟ ବା ପୁନଃ**
**ଦୀୟତେ ଚ ପରିକ୍ଲିଷ୍ଟଂ ତଦ୍ଦାନଂ ରାଜସଂ ସ୍ମୃତମ୍ ।।୨୧।।**

(ରାଜସଂ ଦାନମାହ)-ପୁନଃ (ପରନ୍ତୁ) ଯତ୍ ପ୍ରତ୍ୟୁପକାରାର୍ଥଂ (କାଳାନ୍ତରେ ଅୟଂ ମାଂ ପ୍ରତ୍ୟୁପକରିଷ୍ୟତି ଇତି ଏବ ଅର୍ଥଂ) ବା (ଅଥବା) ଫଳଂ ( ପାରଲୌକିକଫଳଂ ସ୍ୱର୍ଗାଦିକଂ) ଉଦ୍ଦିଶ୍ୟ ପରିକ୍ଲିଷ୍ଟଂ (ଚିତ୍ତକ୍ଲେଶଯୁକ୍ତଂ ଯଥା ଭବତି ଏବମ୍ଭୂତଂ) ଯତ୍ ଦାନଂ ଦୀୟତେ, ତତ୍ ଦାନଂ ରାଜସଂ ସ୍ମୃତମ୍ ।। ୨୧ ।।

# ମହାନଦୀ ଜଳ ବିବାଦର ସମାଧାନ

ସମ୍ପାଦକୀୟ

ଓଡ଼ିଶାରେ ବିଭିନ୍ନ ନଦୀର ଜଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜଳର ଅନ୍ୟ ନାମ ଜୀବନ ବୋଲି ତ କୁହାଯାଇ ଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏହି ନଦୀର ଜଳ ସାମାଜିକ ଓ ଆର୍ଥନୀତିକ କ୍ଷେତ୍ରରେ ବିଶେଷ ଭୂମିକା ନିର୍ବାହ କରିଥାଏ । ନଦୀର ଜଳ ଓ ଜଳର ଉତ୍ସ ଉପରେ ତେଣୁ ଏବେ ଗୁରୁତ୍ୱ ଦିଆଯାଉଛି ଏବଂ ନଦୀର ପ୍ରବାହିତ ଜଳକୁ ନେଇ ବହୁମୁଖୀ ଯୋଜନାମାନ କରାଯାଉଛି । ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଇଥାଏ ଯେ ମୌର୍ଯ୍ୟଙ୍କ ଶାସନ କାଳରେ ପଶ୍ଚିମ ଭାରତରେ ନଦୀମାନଙ୍କରେ ଚେକ୍ ଡ୍ୟାମ ବା ବନ୍ଧମାନ ନିର୍ମାଣ କରାଯାଇଥିଲା ।

ସେ ଯାହା ହେଉ, ଓଡ଼ିଶାରେ ପ୍ରବାହିତ ନଦୀଗୁଡିକ ମଧ୍ୟରେ ମହାନଦୀ ହିଁ ସବୁଠାରୁ ବଡ଼ ନଦୀ । ଅନ୍ୟାନ୍ୟ ନଦୀଗୁଡ଼ିକ ମଧ୍ୟରେ ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜମ୍ବୀରା, ଋଷିକୁଲ୍ୟା, ବାହୁଦା, ବଂଶଧାରା, ନାଗାବଳି, ଇନ୍ଦ୍ରବତୀ, କୋଲାବ ପ୍ରଭୃତି ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରି ଆସିଛନ୍ତି ।

ଏବେ ମହାନଦୀର ଜଳ ବଣ୍ଟନକୁ ନେଇ ଯେଉଁ ବିବାଦ କିଛି ବର୍ଷ ହେଲା ଆରମ୍ଭ ହୋଇଛି, ତାହାର ସମାଧାନ ସହଜରେ ହୋଇ ପାରୁନାହିଁ । ହୀରାକୁଦ ନଦୀବନ୍ଧ ଯୋଜନା ଆରମ୍ଭ ଓଡ଼ିଶା ପକ୍ଷରୁ ଆରମ୍ଭ କରାଗଲା । ୧୯୫୭ରେ ହୀରାକୁଦ ବନ୍ଧ ଉଦ୍‌ଘାଟିତ ହୋଇଥିଲା । ଏହାର ପ୍ରାୟ ଛବିଶ ବର୍ଷ ପରେ ୧୯୮୩ରେ ଓଡ଼ିଶା ଓ ତତ୍କାଳୀନ ମଧ୍ୟପ୍ରଦେଶ ଏ ଦୁଇଟି ରାଜ୍ୟ ମଧ୍ୟରେ ଦ୍ୱିପାକ୍ଷିକ ସହମତିରେ ଜଳଭଣ୍ଡାର ନିର୍ମାଣ ପାଇଁ ବୁଝାମଣା ଆରମ୍ଭ ହୋଇଥିଲା । ଏହା ମଧ୍ୟରେ ଦୀର୍ଘ ଦିନ ଅତିକ୍ରାନ୍ତ ହେବା ପରେ ଗତ ୨୦୦୫ରେ ତାପଜ ବିଦ୍ୟୁତ କେନ୍ଦ୍ର ତଥା ବିଭିନ୍ନ ଶିଳ୍ପାନୁଷ୍ଠାନମାନଙ୍କୁ ମହାନଦୀ ଜଳ ଯୋଗାଇ ଦେବା ଲାଗି ଓଡ଼ିଶା ସରକାର ବିଭିନ୍ନ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । କାଳକ୍ରମେ ମଧ୍ୟପ୍ରଦେଶ ରାଜ୍ୟ ଦ୍ୱିଖଣ୍ଡିତ ହୋଇ ଛତିଶଗଡ ରାଜ୍ୟ ସୃଷ୍ଟି ହେଲା ଓ ଛତିଶଗଡ଼ ରାଜ୍ୟ ହୀରାକୁଦ ବନ୍ଧର ଉପରମୁଣ୍ଡରେ ଓଡ଼ିଶାକୁ ନ ପଚାରି ମନଇଚ୍ଛା ବେଆଇନ ଭାବେ ବନ୍ଧ ନିର୍ମାଣ କରିବାରୁ ଓଡ଼ିଶା ସରକାର ସେ ବିଷୟରେ ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ଆପତ୍ତି କରିଥିଲେ । ୨୦୧୭ ମସିହାରେ କେନ୍ଦ୍ର ସରକାର ଏହି ବିବାଦ ଯୋଗୁଁ ଏକ ବୁଝାମଣା କମିଟି ଗଠନ କରିଥିଲେ । ମାତ୍ର ଓଡ଼ିଶାର ନବୀନ ସରକାର ଏହି କମିଟି ଗଠନର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଟ୍ରିବ୍ୟୁନାଲ ଗଠନ ସକାଶେ ଦାବି କରିଥିଲେ । ୨୦୧୮ରେ ସର୍ବୋଚ୍ଚ ଅଦାଲତ ଟ୍ରିବ୍ୟୁନାଲ ଗଠନ ସକାଶେ ଆଦେଶ ଦେଇଥିଲେ ଏବଂ କେନ୍ଦ୍ର ସରକାର, ସର୍ବୋଚ୍ଚ ଅଦାଲତଙ୍କ ଆଦେଶ କ୍ରମେ ଟ୍ରିବ୍ୟୁନାଲ ଗଠନ ପାଇଁ ବିଜ୍ଞପ୍ତି ଜାରି କରିଥିଲେ ।

ଏହା ସତ୍ତ୍ୱେ ଉଭୟ ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟମନ୍ତ୍ରୀଦ୍ୱୟ ଭୁବନେଶ୍ୱରରେ ମହାନଦୀ ଜଳ ବିବାଦ ବିଷୟରେ ଆପୋଷ ଆଲୋଚନା ଆରମ୍ଭ କରିଥିଲେ । ଏହା ପରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବ ଓ ଏହା ପରେ କେନ୍ଦ୍ରୀୟ ଏଜେନ୍ସି ଜରିଆରେ ମଧ୍ୟ ଆଲୋଚନା ହେବ । ଏ ବିଷୟରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍. ତ୍ରିବେଦୀଙ୍କୁ ଓଡ଼ିଶାର ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଜଣାଇଛନ୍ତି । ଏହା ଥିଲା ଟ୍ରିବ୍ୟୁନାଲରେ ଜଳ ବିବାଦ ମାମଲାର ୪୩ତମ ଶୁଣାଣୀ । ମହାନଦୀ ଅବବାହିକାରେ ବର୍ଷାଦିନ ଯୋଗୁଁ ପ୍ରକୃତ ସ୍ଥିତି ଜାଣିବା ସମ୍ଭବ ନୁହେଁ ବୋଲି ଓଡ଼ିଶାର ଆଡଭୋକେଟ ଜେନେରାଲ ମଧ୍ୟ ଯୁକ୍ତି ବାଢ଼ିଥିଲେ ଓ ଏହି ମାମଲାର ପରବର୍ତ୍ତୀ ଶୁଣାଣୀ ଅକ୍ଟୋବରରେ ରଖିବାକୁ ସେ ଟ୍ରିବ୍ୟୁନାଲଙ୍କୁ ନିବେଦନ କରିଥିଲେ । ମାତ୍ର ଟ୍ରିବ୍ୟୁନାଲ ତାଙ୍କ କଥାକୁ ଗୁରୁତ୍ୱ ନ ଦେଇ ଏହି ମାମଲାର ପରବର୍ତ୍ତୀ ଶୁଣାଣୀ ଆସନ୍ତା ଅଗଷ୍ଟ ୨ ତାରିଖକୁ ଧାର୍ଯ୍ୟ କରିଥିବା ଜଣାଯାଇଛି । ଦେଖାଯାଉ, ଏ ବିବାଦର ସମାଧାନ କେବେ ଶେଷ ହେଉଛି ।

## ସୁରକ୍ଷାର ଆଶ୍ରୟସ୍ଥଳ

**ସାଧାରଣ ଭକ୍ତ ବିବେଚନା କରେ ଏ ସଂସାରରେ ବନ୍ଧୁବାନ୍ଧବ, ସାଙ୍ଗସାଥୀ, ଧନସମ୍ପତ୍ତି, କ୍ଷମା ଓ ପ୍ରତିପତ୍ତି ହିଁ ନିଜର ସୁରକ୍ଷାର ଆଶୟୟସ୍ଥଳ ବୋଲି, କିନ୍ତୁ ପ୍ରକୃତ ଭକ୍ତ ଅନୁଭବ କରେ ପ୍ରକୃତରେ ଏସବୁ କେବେ ବି ପ୍ରକୃତରେ ସୁରକ୍ଷାର ଆଶ୍ରୟୟସ୍ଥଳ ନୁହଁନ୍ତି । ଏ ସଂସାରରେ ଈଶ୍ୱର ହିଁ କେବଳ ଏକମାତ୍ର ସର୍ବଶ୍ରେଷ୍ଠ ସୁରକ୍ଷାକର୍ତ୍ତା ଓ ଆଶୟୟଦାତା ।**

*ସଂଗ୍ରାହକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଶ୍ରୀମନ୍ଦିର ଐତିହ୍ୟ କରିଡ଼ରର ଇତିବୃତ୍ତ-୨



**ଡକ୍ଟର ଭାସ୍କର ମିଶ୍ର**

ମହାପ୍ରଭୁଙ୍କ ଏହି ଐତିହାସିକ ପରିକ୍ରମା ପ୍ରକଳ୍ପ ସ୍ଥାନରେ ମେଘନାଦ ପ୍ରାଚୀର ଅଞ୍ଚଳରେ ପାରିପାର୍ଶ୍ୱିକ ଉନ୍ନୟନ, ତୀର୍ଥ ଯାତ୍ରୀଙ୍କୁ ମୌଳିକ ସୁବିଧା ଉପଲବ୍ଧ ସମେତ ଆଧାତ୍ମିକ କାର୍ଯ୍ୟକ୍ରମର ଆୟୋଜନ ପୂର୍ବକ ଏକ ଭକ୍ତିମୟ ପରିବେଶର ସୃଷ୍ଟି ପାଇଁ ପ୍ରଚେଷ୍ଟା କରାଯାଇଥିଲା। ମୁଖ୍ୟତଃ ମେଘନାଦ ପ୍ରାଚୀର ସଂଲଗ୍ନ ସାତ ମିଟର ଚଉଡ଼ାର ଏକ ସବୁଜ ବଫର ଜୋନ୍ କରାଯାଇଥିଲା । ତନ୍ମଧ୍ୟରେ ଦୁଇ ମିଟର ଖାଲି ରଖାଯାଇ ଆବଶ୍ୟକ ସମୟରେ ପ୍ରାଚୀରର ରକ୍ଷଣାବେକ୍ଷଣ ତଥା ସଂରକ୍ଷଣ କାର୍ଯ୍ୟ କରାଯିବ । ସେହିପରି ଅବଶିଷ୍ଟ ପାଞ୍ଚ ମିଟର ଜାଗାରେ ଏକ ସବୁଜ ବଳୟ ସୃଷ୍ଟି କରାଯାଇ ସେହି ସ୍ଥାନରେ ପୂଜା ଉପଯୋଗୀ ପୁଷ୍ପ, ତୁଳସୀ ବୃକ୍ଷ ରୋପଣ ଓ ସବୁଜ ଘାସ ଗାଲିଚା ସୃଷ୍ଟି, ଏହି ସବୁଜ ବଳୟକୁ ଲାଗି ଦଶ ମିଟର ପ୍ରଶସ୍ତ ବିଶିଷ୍ଟ ଏକ ଆନ୍ତରୀଣ ପ୍ରଦକ୍ଷିଣ ମାର୍ଗ ନିର୍ମାଣ କରାଯାଇଥିଲା, ଯାହାକି ସେହି ଦିବ୍ୟ ମାର୍ଗରେ ମହାପ୍ରଭୁଙ୍କର ବିଭିନ୍ନ ଉତ୍ସବ ତଥା ଯାନିଯାତ୍ରାମାନଙ୍କରେ ଚଳନ୍ତି ପ୍ରତିମାମାନଙ୍କର ବିଜେ ଓ ଅନ୍ୟାନ୍ୟ ବିଶେଷ ନୀତି, ରୀତି ଆଦି ନିରଙ୍କୁଶ ଭାବେ ସମ୍ପାଦିତ ହୋଇପାରିବ । ଏପରିକି ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତି ନ ଥିବା ସମୟରେ ଏହି ମାର୍ଗ ଦେଇ ସଂକୀର୍ତ୍ତନ, ସ୍ତୁତି ସ୍ତୋତ୍ର ଅବୃତ୍ତି କରି ବୈଷ୍ଣବ, ସାଧୁ, ସନ୍ଥ, ଭକ୍ତମାନେ ଏକ ଭକ୍ତିମୟ ପରିବେଶରେ ଶ୍ରୀମନ୍ଦିରର ବାହ୍ୟ ଚତୁଃପାର୍ଶ୍ୱ ପରିକ୍ରମା କରି ପାରିବେ ।

ଏହି ଆନ୍ତରୀଣ ପ୍ରଦକ୍ଷିଣ ମାର୍ଗକୁ ଲାଗି ଚଉଦ ମିଟର ପ୍ରଶସ୍ତ ଭୂମି ଉପରେ ଅନ୍ୟ ଏକ ସବୁଜ ଗାଲିଚାମାନ ସୃଷ୍ଟି କରାଯାଇଥିଲା । ଶ୍ରୀମନ୍ଦିରରୁ ପ୍ରସ୍ଥାନ ସମୟରେ ଭକ୍ତମାନେ ଯେପରି ସୁଶୀତଳ ତଥା ମନୋରମ ଘାସ ଗାଲିଚାରେ ଏକ ଆଧାତ୍ମିକ ପରିବେଶରେ ବିଶ୍ରାମ ନେଇ ପାରିବେ । ଏହି ବୃହତ୍ ସବୁଜ ବଳୟକୁ ଲାଗି ଆଠମିଟର ଚଉଡ଼ାର ଆଉ ଏକ ବାହ୍ୟ ପରିକ୍ରମା ମାର୍ଗ ନିର୍ମାଣ କରାଯାଇଛି, ଯେଉଁ ପଥରେ ଭକ୍ତ, ଯାତ୍ରୀ ତଥା ପର୍ଯ୍ୟଟକମାନେ ନିର୍ବିଘ୍ନରେ ଯାତାୟତ କରିବେ । ଏହାପରେ ପୁନଃ ଦଶ ମିଟର ପ୍ରସ୍ଥର ଏକ ମାର୍ଗ ସର୍ବସାଧାରଣ ତଥା ସ୍ଥାନୀୟ ଅଧିବାସୀମାନଙ୍କ ପାଇଁ ଉନ୍ମୁକ୍ତ ରହିଛି । ଏହି ସ୍ଥାନରେ ଭକ୍ତମାନଙ୍କ ନିମିତ୍ତ ପାନୀୟ ଜଳ, ଶୌଚାଳୟ, ବିଶ୍ରାମଗାର, ଅଭ୍ୟର୍ଥନା ପ୍ରକୋଷ୍ଠ ଇତ୍ୟାଦି ପ୍ରତିଷ୍ଠିତ ହୋଇଛି । ପରିକ୍ରମା ପ୍ରକଳ୍ପର ୬ଷ୍ଠ ବଳୟଟି ପାଞ୍ଚ ମିଟର ବିଶିଷ୍ଟ ପ୍ରଶସ୍ତ ମାର୍ଗ ରହିଛି, ଯେଉଁଥିରେ କି ସୁରକ୍ଷା, ରକ୍ଷଣାବେକ୍ଷଣ କର୍ମୀଙ୍କ ଯାତାୟତ ଏବଂ ଆପାତକାଳୀନ ସ୍ଥିତିରେ ସୁରକ୍ଷା, ସଂରକ୍ଷଣ କାର୍ଯ୍ୟ ନିମିତ୍ତ ଯାନ ଗମନାଗମନ ପାଇଁ ବ୍ୟବସ୍ଥା ହୋଇଛି । ସେହିପରି ସପ୍ତମ ବଳୟରେ ସାଢ଼େଚାରି ମିଟର ଚଉଡ଼ାର ଏକ ମିଶ୍ରିତ ଟ୍ରାଫିକ୍ ଲେନ୍‌ର ସୃଷ୍ଟି କରାଯାଇଛି, ସେହି ମାର୍ଗ ଦେଇ ପୁରୀ ସହରର ବିଭିନ୍ନ ସାହି, ବସ୍ତିମାନଙ୍କରେ ବସବାସ କରୁଥିବା ଲୋକମାନେ ଯାତାୟତ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କ ନିମିତ୍ତ ବ୍ୟାଟେରୀ ଚାଳିତ ଯାନଗୁଡ଼ିକର ଗମନାଗମନ ସୁବ୍ୟବସ୍ଥା କରାଯାଇଛି । ପରିକ୍ରମା ବଳୟର ଶେଷ ଅର୍ଥାତ୍ ନବମ ବଳୟରେ ସେବକ ଓ କର୍ମଚାରୀମାନଙ୍କ ଦୁଇ ଚକିଆ ଯାନର ପାର୍କିଂ ବ୍ୟବସ୍ଥା, ପାନୀୟ ଜଳ ସୁବିଧା, ପରିମଳ ସେବା ବ୍ୟବସ୍ଥା ତତ୍ ସହିତ ମାର୍ଗର ଏକ ପାର୍ଶ୍ୱରେ ଶ୍ରଦ୍ଧାଳୁଙ୍କ ବିଶ୍ରାମ ପାଇଁ ପ୍ରସ୍ତର ନିର୍ମିତ ଚଉକି ବେଞ୍ଚ ଓ ସବୁଜ ବଳୟ ସୃଷ୍ଟି କରାଯାଇଛି । ତନ୍ମଧ୍ୟରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଐତିହ୍ୟ କରିଡ଼ରରେ ମନ୍ଦିରର ପଶ୍ଚିମ, ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ତିନୋଟି କ୍ଲୋକ୍ ରୁମ୍, ପଶ୍ଚିମ, ଉତ୍ତର, ଦକ୍ଷିଣରେ ୧୦ଟି ବିଶ୍ରାମସ୍ଥଳୀ, ମହିଳା ଶୌଚାଳୟ ୩ଟି, ପୁରୁଷ ଶୌଚାଳୟ ୩ଟି, ଶ୍ରୀମନ୍ଦିର ସେବକମାନଙ୍କ ବ୍ୟବହାର ନିମିତ୍ତ ଓ ଦକ୍ଷିଣ ପାର୍ଶ୍ୱରେ ଗୋଟିଏ ଲେଖାଏଁ ଏହିପରି ଦୁଇଟି ଶୌଚାଳୟ ଏବଂ ଗୋଟିଏ ଇଲେକ୍ଟ୍ରିକାଲ୍ ରୁମ୍ ରହିଅଛି ।

କ୍ଲୋକ୍ ରୁମ୍‌ମାନଙ୍କରେ ଦର୍ଶନାର୍ଥୀ ଓ ମନ୍ଦିର କର୍ମଚାରୀମାନଙ୍କ ପାଇଁ ମୋବାଇଲ ଫୋନ୍, ଜୋତା ରଖିବାର ସୁବ୍ୟବସ୍ଥା ଉପଲବ୍ଧ ହୋଇଥିବାବେଳେ ବିଶ୍ରାମ ସ୍ଥଳୀମାନଙ୍କରେ ପାନୀୟ ଜଳ ବ୍ୟବସ୍ଥା, ଆଶୁ ଚିକିତ୍ସା, ସୁରକ୍ଷା ଇତ୍ୟାଦି ବ୍ୟବସ୍ଥା କରାଯାଇଛି । ଉଲ୍ଲେଖଯୋଗ୍ୟ ବିଷୟ ଯେ ପରିକ୍ରମା ପ୍ରକଳ୍ପ ନିର୍ମାଣ ହେବା ପାଇଁ ପ୍ରାୟ ୧୩୧ ବାସଗୃହରେ ବସବାସ କରୁଥିବା ୨୮୨ ପରିବାରର ୬୬୩ ଜଣଙ୍କୁ ବିସ୍ଥାପିତ ହେବାକୁ ପଡ଼ିଥିବାବେଳେ ୩୦ଗୋଟି ଲଜ୍, ୪୪୫ଟି ଦୋକାନ ଆଦି ରହିଥିଲା । ସେହିପରି ମଙ୍ଗୁମଠ, ରାଧାବଲ୍ଲଭ ମଠ, ଏମାର, ଦକ୍ଷିଣପାର୍ଶ୍ୱ, କୌଶଲ୍ୟାଦାସ, ନରସିଂହାଚାରୀ, ସାନ୍‌ଝାଡୁ, ପଞ୍ଜାବୀ, ପୋଡ଼ା, କଟକୀ, ହାବେଳି, ଉତ୍ତରପାର୍ଶ୍ୱ, ତ୍ରିମାଳୀ, ରଘବଦାସ, ତୋରାଣିଛତ୍ର, ରେବେସା, ଶଙ୍ଖ ଚକ୍ର, ବଡ ଆଖେଡ଼ା, ବଳରାମ କୋଟ, ଲଙ୍ଗୁଳ (ଲକ୍ଷ୍ମୀଭକ୍ତ ମଠ), ସାନ ଛତା ମଠ ଇତ୍ୟାଦିର ପ୍ରାୟ ୨୧ଟି ମଠ ବିଜେସ୍ଥଳୀର କେତେକ ପୁରାତନ କୋଠା ଓ ଜମି ଐତିହ୍ୟ କରିଡର ତଥା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିମନ୍ତେ ଅଧିଗ୍ରହଣ କରାଯାଇଥିଲା । ଏ ବାବଦରେ ମଠ ମାରଫତରେ ବହୁ ଅର୍ଥ କ୍ଷତିପୂରଣ ବାବଦରେ ପ୍ରଦାନ କରାଯାଇଥିବା ବେଳେ ଶ୍ରୀମନ୍ଦିର ଅନତି ଦୂରରେ ବିଭିନ୍ନ ସମ୍ପ୍ରଦାୟର ମଠାନୁଷ୍ଠାନଗୁଡ଼ିକର ଏକ ମଠାଳୟ (Matha Complex) ନିର୍ମାଣ କରାଯିବାର ଯୋଜନା ରହିଅଛି । ରାଜ୍ୟ ସରକାର ଏହି ଉଚ୍ଛେଦ ଜନିତ କ୍ଷତିପୂରଣ ଓ ଜମି ବିକ୍ରୟ ବାବଦରେ ମୋଟ୍ ୪୦୩ କୋଟି ଟଙ୍କା ବହନ କରିଥିଲେ । ସେହିପରି କେତେକ ଦୋକାନୀମାନଙ୍କୁ ମାର୍କେଟ କଂପ୍ଲେକସ୍‌ରେ ଥଇଥାନ କରାଯାଇ ଥିବା ଜଣାଯାଏ । ଏତଦ୍‌ବ୍ୟତୀତ ୬୫ଟି ଉଠା ଦୋକାନୀଙ୍କୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଅଞ୍ଚଳରୁ ଉଚ୍ଛେଦ କରାଯାଇଥିଲା । ପ୍ରକଳ୍ପ ନିର୍ମାଣ ଓ କ୍ଷତିପୂରଣ ବାବଦରେ ପ୍ରାୟ ୮୦୦ କୋଟି ଟଙ୍କା ଖର୍ଚ୍ଚ ଅଟକଳ ରହିଥିଲା ।

ରାଜ୍ୟ ସରକାର, ଶ୍ରୀମନ୍ଦିର ପରିଚାଳନା କମିଟି ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ୨୦୨୪ ମସିହା ଜାନୁଆରୀ ୧୭ ତାରିଖ ବୁଧବାର ପୌଷ ଶୁକ୍ଳ ସପ୍ତମୀ ଦିନ ଯଜ୍ଞର ପୂର୍ଣ୍ଣାହୂତି ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଓ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ସଦୟ ଉପସ୍ଥିତିରେ ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ ତଥା ଶ୍ରଦ୍ଧାଳୁମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଥିଲା। ଏଥି ସହିତ ତୀର୍ଥଯାତ୍ରୀ ତଥା ଭକ୍ତମାନଙ୍କୁ ବିଶେଷ ସୁବିଧା ଉପଲବ୍ଧ କରାଯିବା ପୂର୍ବକ ଐତିହ୍ୟ ସମ୍ପନ୍ନ ଶ୍ରୀ ସେତୁ ମାର୍ଗ ଦେଇ ଜଗନ୍ନାଥବଲ୍ଲଭ ପାର୍କିଂ ସ୍ଥଳରେ ତାଙ୍କ ଯାନଗୁଡ଼ିକ ନିରାପଦରେ ରଖି ସେଠାରୁ ବ୍ୟାଟେରୀ ଚାଳିତ ଦେୟମୁକ୍ତ ସ୍ୱତନ୍ତ୍ର ଯାନରେ 'ଶ୍ରୀ ଦାଣ୍ଡ' ମାର୍ଗରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିବାର ଅଭିନବ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

ଐତିହାସିକ ଶ୍ରୀମନ୍ଦିର ଐତିହ୍ୟ କରିଡ଼ର ବା ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ନିମନ୍ତେ ଉଭୟ ରାଜ୍ୟ ସରକାର ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା । ରାଜ୍ୟର ବହୁ ପଦସ୍ଥ ଅଧିକାରୀଙ୍କୁ ଏହି ମହାନ୍ କାର୍ଯ୍ୟରେ ନିୟୋଜିତ କରାଯିବା ସଙ୍ଗେ ସଙ୍ଗେ ରାଜଗୁରୁ, ଦେଉଳ ପୁରୋହିତ ଓ ଅନ୍ୟାନ୍ୟ ଶ୍ରୋତୀୟ ବ୍ରାହ୍ମଣମାନଙ୍କୁ ବରଣ କରାଯାଇ ଯାନୁଷ୍ଠାନ, ଚାରି ମୁଖ୍ୟ ଦ୍ୱାର ବେଦ ପାଠ, ସ୍ତୋତ୍ର, ସ୍ତୁତି ଇତ୍ୟାଦି ଆଧାତ୍ମିକ କାର୍ଯ୍ୟରେ ନିୟୋଜନ କରାଯାଇଥିଲା । ସେହିପରି ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିରଙ୍କ ସ୍ତରରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ନିମିତ୍ତ ପରିଚାଳନା କମିଟି ସଦସ୍ୟ, ବରିଷ୍ଠ ସେବକ, ପଦାଧିକାରୀ ଓ ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞମାନଙ୍କୁ ନେଇ ୨୬ଜଣିଆ ଏକ ସାଂସ୍କୃତିକ କମିଟି ଗଠନ କରାଯାଇଥିଲା। ସବୁଠାରୁ ଉଲ୍ଲେଖନୀୟ ବର୍ଷ ଥିଲା ଯେ, ଶ୍ରୀମନ୍ଦିର ଇତିହାସରେ ପ୍ରଥମ ଥର ପାଇଁ ଏହି ଐତିହାସିକ କାର୍ଯ୍ୟରେ ଉପସ୍ଥିତ ରହିବା ପାଇଁ ଭାରତର ପ୍ରସିଦ୍ଧ ଧାର୍ମିକ ପୀଠ ଯଥା ତିରୁପତି ଦେବସ୍ଥାନମ୍, କାଶୀ ବିଶ୍ୱନାଥ, ମୀନାକ୍ଷୀ ଦେବ ସ୍ଥାନମ୍, ପଦ୍ମନାଭ ସ୍ୱାମୀ ମନ୍ଦିର, ସିଦ୍ଧ ବିନାୟକ, କାମାକ୍ଷା ମନ୍ଦିର, ବୈଷ୍ଣୋଦେବୀ ମନ୍ଦିର ସମେତ ରାଜ୍ୟ ବାହାରର ସୁପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିରର କର୍ମକର୍ତ୍ତା, ପୂଜକମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ୨୦୨୩ ମସିହା ଡ଼ିସେମ୍ବର ୨୬ ତାରିଖ ଦିନ ପୁରୀ ଠାରୁ ସ୍ୱତନ୍ତ୍ର ଟିମ୍ ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କୁ ପାରମ୍ପରିକ ଭାବେ ପ୍ରଥମ ନିମନ୍ତ୍ରଣ ଜଣାଇଥିଲେ । ରାଜ୍ୟ ବାହାରର ଉଭୟ ବିଷ୍ଣୁ, ଶକ୍ତି ଓ ଶୈବ ପୀଠମାନଙ୍କୁ ମନ୍ଦିରର ସେବାୟତ ପ୍ରତିନିଧି ଓ ଜିଲ୍ଲାର ବିଭିନ୍ନ ପଦାଧିକାରୀମାନଙ୍କ ଜରିଆରେ ବିଧିବଦ୍ଧ ଭାବେ ନିମନ୍ତ୍ରଣ କରାଯାଇଥିଲା । ସେହିପରି ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ, ଜଗନ୍ନାଥ ମନ୍ଦିର, ଶକ୍ତି ପୀଠ ଓ ଲୀଳାକ୍ଷେତ୍ରମାନଙ୍କୁ ଅନୁରୂପ ଭାବେ ନିମନ୍ତ୍ରଣ ଦିଆଯାଇଥିଲା। ନିମନ୍ତ୍ରଣରେ ନୀଳଚକ୍ରର ଏକ ପାଞ୍ଚ ହାତିଆ ଧ୍ୱଜା, ନିମନ୍ତ୍ରଣ ପତ୍ର ଇତ୍ୟାଦି ପ୍ରଦାନ କରାଯାଇଥିଲା । ପୁରୀ ଗୋବର୍ଦ୍ଧନ ପୀଠର ଜଗଦ୍‌ଗୁରୁ ଦିଆଯାଇଥିଲା । ସମସ୍ତ ପୁରୀର ମଠାଧୀଶ, ସାଧୁସନ୍ଥମାନଙ୍କୁ ବିଧିବଦ୍ଧ ଭାବେ ନିମନ୍ତ୍ରଣ ଦିଆଯାଇଥିଲା । ସମସ୍ତ ନିମନ୍ତ୍ରିତ ପ୍ରତିନିଧିମାନଙ୍କ ପାଇଁ ଉଭୟ ଜିଲ୍ଲା ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା । ଏହି ଭବ୍ୟ ଲୋକାର୍ପଣ ସମାରୋହକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ଆଧାତ୍ମିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ ହୋଇଥିଲା । ଲୋକାର୍ପଣ ଉତ୍ସବ ଅବସରରେ ମହାପ୍ରଭୁଙ୍କ ପ୍ରସିଦ୍ଧ ଚବିଶ ବେଶ, କାଷ୍ଠ ନିର୍ମିତ ତିନି ରଥ, ମହାପ୍ରଭୁଙ୍କ ପାରମ୍ପରିକ ବସ୍ତ୍ର, ଅବ୍ୟବହୃତ ପୂଜା ସାମଗ୍ରୀ, ମାଟିନିର୍ମିତ ନୂତନ ହାଣ୍ଡି, କୁଡୁଆ ଇତ୍ୟାଦି ଭକ୍ତ ତଥା ଶ୍ରଦ୍ଧାଳୁମାନଙ୍କ ଉଦ୍ଦେଶ୍ୟରେ ଜଗନ୍ନାଥବଲ୍ଲଭ ମଠ ପରିସରରେ ପ୍ରଦର୍ଶିତ କରାଯାଇଥିଲା। ଏତଦ୍‌ବ୍ୟତୀତ ପୁରୀ ବଡଦାଣ୍ଡ, ଶ୍ରୀଦାଣ୍ଡ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ମୁଖ୍ୟ ଚାରିଦ୍ୱାରକୁ ପୁଷ୍ପମାଳା ଓ ରଙ୍ଗୀନ୍ ଆଲୋକରେ ସୁସଜ୍ଜିତ କରାଯାଇଥିଲା। ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଅଞ୍ଚଳକୁ ମୁରୁଜ, ଝୋଟିରେ ସୁସଜ୍ଜିତ କରାଯିବା ସମେତ ବିଭିନ୍ନ ପାରମ୍ପରିକ ନୃତ୍ୟକଳା ପ୍ରଦର୍ଶନ ଆଦି ଆୟୋଜନ ଶ୍ରଦ୍ଧାଳୁମାନଙ୍କୁ ଅଶେଷ ଆନନ୍ଦ ପ୍ରଦାନ କରିଥିଲେ । ଦେବାଧିଦେବଙ୍କ ଏହି ପବିତ୍ର କାର୍ଯ୍ୟ ସମସ୍ତଙ୍କ ଆପ୍ରାଣ ଚେଷ୍ଟାରେ ବିଶ୍ୱସ୍ତରୀୟ କରାଯିବା ସଙ୍ଗେ ସଙ୍ଗେ ଭବ୍ୟ ଲୋକାର୍ପଣ ସମାରୋହକୁ ସିଧା ପ୍ରସାରଣ ଜରିଆରେ ଜଗନ୍ନାଥ ପ୍ରେମୀ ଭକ୍ତ, ଶ୍ରଦ୍ଧାଳୁ ଟିଭି ପରଦାରେ ଅବଲୋକନ କରି ଆନନ୍ଦିତ ହୋଇଥିଲେ ।

ସମ୍ପ୍ରତି ଶ୍ରୀମନ୍ଦିରର ଏହି ଐତିହ୍ୟ କରିଡ଼ର ତଥା ପରିକ୍ରମା ପ୍ରକଳ୍ପରେ କେତେକ ତ୍ରୁଟି ପରିଲକ୍ଷିତ ହୋଇଥିବା ଜଣାଯାଏ । କରିଡ଼ର ଲୋକାର୍ପଣ ଉତ୍ସବ ଅବସରରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ କରାଯାଇଥିବା ଚବିଶ ବେଶ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦର୍ଶନରୁ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ବହୁ ଅର୍ଥରେ ପ୍ରସ୍ତୁତ ଜିନିଷାତ୍‌ମାନ ଇତି ମଧ୍ୟରେ ଉଭାନ ହୋଇଯାଇଛି । ସେହିପରି ଇତି ମଧ୍ୟରେ ଗଜପତି ମହାରାଜାଙ୍କ ନେତୃତ୍ୱରେ ଏକ ଟିମ୍ ଐତିହ୍ୟ କରିଡ଼ରରେ ହେବାକୁ ଥିବା ଅନ୍ୟାନ୍ୟ ଆଧାତ୍ମିକ କାର୍ଯ୍ୟକ୍ରମର ଶୁଭାରମ୍ଭ ନିମନ୍ତେ ଅନୁଧ୍ୟାନ କରିଛନ୍ତି । ଅପରପକ୍ଷରେ ଐତିହ୍ୟ କରିଡ଼ରର ପରିଚାଳନାରେ ଘୋର ଅବହେଳା ହେଉଥିବା ଅନୁମିତ ହୁଏ । କରିଡ଼ରରେ ନିଷିଦ୍ଧ ଥିବା ସ୍ଥାନମାନଙ୍କରେ ବହୁ ସଂଖ୍ୟକ ଦୁଇ ଚକିଆ ଯାନ, ରିକ୍‌ସା, ଅଟୋରିକ୍‌ସା, ଟ୍ରଲି ଇତ୍ୟାଦି ପାର୍କିଂ କରାଯିବା ଫଳରେ ଭକ୍ତମାନଙ୍କ ଯାତାୟତରେ ବାଧା ସୃଷ୍ଟି ହେବା ସଙ୍ଗେ ସଙ୍ଗେ କରିଡ଼ରର ଆଧାତ୍ମିକ ହ୍ରାସ ପାଉଛି । ସେହିପରି ମୁତୟନ ସୁକ୍ୟୁରିଟି ଗାର୍ଡ଼ଙ୍କ ଦୂରଦୃଷ୍ଟି ଅଭାବରୁ ସମୟେ ସମୟେ ଷଣ୍ଢ, ଗାଈ, ବୁଲା କୁକୁରଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଅଛି । ସବୁଠାରୁ ପରିତାପର ବିଷୟ ଯେ, ମହାପ୍ରଭୁଙ୍କ ସେବା ପୂଜା ପାଇଁ ଉଦ୍ଦିଷ୍ଟ ପୁଷ୍ପ ଚାରା ବଦଳରେ ଅନ୍ୟାନ୍ୟ ବୃକ୍ଷ ଚାରା ଲଗାଯାଇଥିବାରୁ ଏହା ଭକ୍ତ ସମାଜରେ ଗ୍ରହଣୀୟ ହୋଇପାରୁନାହିଁ । ସେହିପରି ଶୌଚାଳୟ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ବ୍ୟବସ୍ଥାରେ ଅବହେଳା କରାଯାଉଛି । ଅଦ୍ୟାବଧି ବିଶ୍ୱସ୍ତରୀୟ ରଘୁନନ୍ଦନ ପାଠାଗାରର ନିର୍ମାଣ କରାଯାଇନଥିବାବେଳେ ଶ୍ରୀ ଦାଣ୍ଡର ସଂରକ୍ଷଣ ଜରୁରୀ ହୋଇପଡ଼ିଛି । ଫଳରେ ଐତିହ୍ୟ କରିଡ଼ରର ସୁପରିଚାଳନା ତଥା ରକ୍ଷଣାବେକ୍ଷଣରେ ବିଶୃଙ୍ଖଳା ପରିଲକ୍ଷିତ ହୋଇଛି ।

**ସମ୍ପ୍ରତି ଶ୍ରୀମନ୍ଦିରର ଏହି ଐତିହ୍ୟ କରିଡ଼ର ତଥା ପରିକ୍ରମା ପ୍ରକଳ୍ପରେ କେତେକ ତ୍ରୁଟି ପରିଲକ୍ଷିତ ହୋଇଥିବା ଜଣାଯାଏ। କରିଡ଼ର ଲୋକାର୍ପଣ ଉତ୍ସବ ଅବସରରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ କରାଯାଇଥିବା ଚବିଶ ବେଶ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦର୍ଶନରୁ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ବହୁ ଅର୍ଥରେ ପ୍ରସ୍ତୁତ ଜିନିଷାତ୍‌ମାନ ଇତି ମଧ୍ୟରେ ଉଭାନ ହୋଇଯାଇଛି। ସେହିପରି ଇତି ମଧ୍ୟରେ ଗଜପତି ମହାରାଜାଙ୍କ ନେତୃତ୍ୱରେ ଏକ ଟିମ୍ ଐତିହ୍ୟ କରିଡ଼ରରେ ହେବାକୁ ଥିବା ଅନ୍ୟାନ୍ୟ ଆଧାତ୍ମିକ କାର୍ଯ୍ୟକ୍ରମର ଶୁଭାରମ୍ଭ ନିମନ୍ତେ ଅନୁଧ୍ୟାନ କରିଛନ୍ତି।**

**ବରିଷ୍ଠ ଶ୍ରୀଜଗନ୍ନାଥ ଗବେଷକ**
**ଶ୍ରୀଜଗନ୍ନାଥ ଧାମ, ପୁରୀ**

# ସଂସ୍କୃତିର ସୁରକ୍ଷା ଦାୟିତ୍ୱ ଆମର

**ଡକ୍ଟର ମନୋରଞ୍ଜନ ବିଷୋୟୀ**

ସଂସ୍କୃତି ହେଉଛି ଏକ ପ୍ରେରଣା-ବ୍ୟକ୍ତିଗତ ଓ ସାମୂହିକ ଆତ୍ମ ଆବିଷ୍କାରର ପ୍ରେରଣା । ସଂସ୍କୃତି ହେଉଛି ଏକ ଗୁଣାତ୍ମକ ଆସ୍ପୃହା । ପ୍ରକୃତପକ୍ଷେ କହିବାକୁ ଗଲେ ସଂସ୍କୃତି ଏକ ଅନ୍ୱେଷଣ, ଏକ ଉଦ୍ୟମ, ସତତ ଆହ୍ୱାନଗୁଡ଼ିକୁ ଆବିଷ୍କାର କରି ସେଗୁଡ଼ିକର ସମ୍ମୁଖୀନ ହେବାର ଏକ ଉଦ୍ୟମ ।

ଜନ୍ମ ସହ ସାଂସ୍କୃତିକ ବିଚାର ବା ଅବବୋଧ ଯୋଡ଼ି ହୁଏନାହିଁ । ବ୍ୟକ୍ତିର ସାମର୍ଥ୍ୟ ଉପରେ ଏହା ନିର୍ଭରଶୀଳ । ପୁରୁଷାନୁକ୍ରମେ ଧାରାବାହିକ ଭାବରେ ମାନବ ଗୋଟିଏ ଗୋଷ୍ଠୀର ଅଂଶ ଭାବରେ ସାଉଁଟି ନେଇଥିବା ଅନୁଭୂତି ଓ ଅଭିଜ୍ଞତାର ପୁଞ୍ଜିକୁ ଆଧାର କରି ପରମ୍ପରା 'ସଂସ୍କୃତି' ଭାବରେ ପରିଚିତ ହୁଏ । ପ୍ରତ୍ୟେକ ମାନବ ଗୋଷ୍ଠୀର ଏକ ନିର୍ଦ୍ଦିଷ୍ଟ ଆଚରଣବିଧି ରହିଥାଏ । ଜନ୍ମ ପରବର୍ତ୍ତୀ ସମୟରେ ମାନବ ଏହାକୁ ଅନୁକରଣ କରିବା ନିମନ୍ତେ ବାଧ୍ୟ ହୁଏ । ଏହାର ପରିସର ମଧ୍ୟ ପରିବ୍ୟାପ୍ତ । ସଂକ୍ଷେପରେ କହିଲେ ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀକୁ ସଂସ୍କୃତି କୁହାଯାଏ ।

ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି । ବହୁ ଚିନ୍ତା, ବହୁ ବିଶ୍ୱାସ ଏବଂ ବହୁ ଆଚରଣର ସମନ୍ୱୟ ଭିତରେ ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ । ନୈତିକ ସଂହତି ଓ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ ଭାରତୀୟ ବ୍ୟକ୍ତିମାନସରେ ସାମାଜିକ ଆବଶ୍ୟକତା ଏବଂ ବ୍ୟକ୍ତିଗତ ଆକାଂକ୍ଷା ଭିତରେ ସମନ୍ୱୟ ରକ୍ଷା କରିଥାଏ । ଇତିହାସକୁ ଲକ୍ଷ୍ୟକଲେ ଦେଖାଯାଏ ଯେ, ଭାରତୀୟ ଜୀବନଧାରା ପ୍ରାଣସତ୍ତାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ମାନବକୁ ମାଧବରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଅନ୍ଧାରରୁ ଆଲୋକ ଦିଗକୁ ଯାତ୍ରା ହୋଇଥାଏ ଜୀବନର ଲକ୍ଷ୍ୟ । ତେଣୁ ସଂଭ୍ରାନ୍ତ ବଣିକ କିମ୍ବା ପ୍ରତାପୀ ରାଜା ମହାରାଜାଙ୍କ ଅପେକ୍ଷା ଏଇ ସଂସ୍କୃତିର ମୂଳ ଆଧାର ମୁନି ଋଷିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଲକ୍ଷ୍ୟ କରିହୁଏ ।

ପ୍ରକୃତପକ୍ଷେ କହିବାକୁ ଗଲେ ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ । ଏହା କୌଣସି ଧର୍ମର ପ୍ରଚାର କରେନାହିଁ । ଭାରତୀୟତା ହେଉଛି ଏହାର ମୂଳମନ୍ତ୍ର । ଜୀବନକୁ ଶୃଙ୍ଖଳିତ କରି ଏକ ମହତ୍ତର ପଥରେ ଅବସ୍ଥାପିତ କରିବା ଏଠାରେ ବେଶ୍ ଲକ୍ଷଣୀୟ । କାରଣ ବିଶ୍ୱକଲ୍ୟାଣ ହିଁ ହେଉଛି ଏହାର ମୂଳମନ୍ତ୍ର । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ ।

ଆଜି କିନ୍ତୁ ସମୟର ବିକାଶ ଧାରାରେ ବଦଳି ଯାଇଛି ଦୃଷ୍ଟିଭଙ୍ଗୀ । ଗତାନୁଗତିକ ଧାରାରୁ ନିଜକୁ ମୁକୁଳାଇ ଏକ ନୂଆଧାରାରେ ଆପଣାକୁ ପ୍ରକାଶ କରିବା ନିମନ୍ତେ ଚାଲିଛି ପ୍ରଚେଷ୍ଟା । ଅବଶ୍ୟ ଏହାରି ଅନ୍ତରାଳରେ ମାନବର ବୌଦ୍ଧିକ ସଫଳତାକୁ ସ୍ୱୀକାର କରାଯାଇପାରେ । ଏପରିକି ପ୍ରବୃତ୍ତି ଦୃଷ୍ଟିରୁ ମଧ୍ୟ ରୂପାନ୍ତରଣ ପ୍ରକ୍ରିୟା ହେଉଛି ମାନବର ସହଜାତ ।

ତେଣୁ ମାନବ ସଦାସର୍ବଦା ରୂପାନ୍ତରିତ ହେବା ନିମନ୍ତେ ଉଦ୍ୟମ କରିଆସିଛି । କିନ୍ତୁ ଏ ରୂପାନ୍ତରଣ ସଂସ୍କୃତି ସହ ନିବିଡ଼ ସଂପୃକ୍ତି ମଧ୍ୟ ଦେଇ ହେବା ଆବଶ୍ୟକ । କାରଣ ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀକୁ ସଂସ୍କୃତି କୁହାଯାଏ । ତେଣୁ ତ ସଂସ୍କୃତିର ପ୍ରତିକୂଳ ନୁହେଁ ବରଂ ସଂସ୍କୃତିର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ ପ୍ରସାରିତ କରିଥାଏ ।

**ତେଣୁ ତ ସଂସ୍କୃତିର ପ୍ରତିକୂଳ ନୁହେଁ ବରଂ ସଂସ୍କୃତିର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ ପ୍ରସାରିତ କରିଥାଏ । କାରଣ ଆଜିର ମାନବ ହେଉଛି ଆତ୍ମସଚେତନ , ସମୟ ସଚେତନ ତଥା ଐତିହ୍ୟ ସଚେତନ । ତା'ପାଇଁ ପରମ୍ପରା ଓ ସଂସ୍କୃତି ଅତୀତ ପ୍ରତି ଏକ ବିହ୍ୱଳ ସଂପୃକ୍ତି କେବଳ ନୁହେଁ । ଏହା ହେଉଛି ମାନବ ଜୀବନର ସାରତତ୍ତ୍ୱ । ତେଣୁ ତ ସମସ୍ତ ପ୍ରକାର ପରିବର୍ତ୍ତନ ଓ ପ୍ରଗତି ସତ୍ତ୍ୱେ ପରମ୍ପରାର ଅନୁରଣନ ସମସ୍ତ ପ୍ରକାର ପ୍ରଗତି ଅନ୍ତରାଳରେ ସୁସ୍ପଷ୍ଟ ।**

କାରଣ ଆଜିର ମାନବ ହେଉଛି ଆତ୍ମସଚେତନ , ସମୟ ସଚେତନ ତଥା ଐତିହ୍ୟ ସଚେତନ । ତା'ପାଇଁ ପରମ୍ପରା ଓ ସଂସ୍କୃତି ଅତୀତ ପ୍ରତି ଏକ ବିହ୍ୱଳ ସଂପୃକ୍ତି କେବଳ ନୁହେଁ । ଏହା ହେଉଛି ମାନବ ଜୀବନର ସାରତତ୍ତ୍ୱ । ତେଣୁ ତ ସମସ୍ତ ପ୍ରକାର ପରିବର୍ତ୍ତନ ଓ ପ୍ରଗତି ସତ୍ତ୍ୱେ ପରମ୍ପରାର ଅନୁରଣନ ସମସ୍ତ ପ୍ରକାର ପ୍ରଗତି ଅନ୍ତରାଳରେ ସୁସ୍ପଷ୍ଟ ।

ବାସ୍ତବିକ କହିବାକୁ ଗଲେ ସଂସ୍କୃତି ରୂପକ ଏକ ସାମୂହିକ ଚେତନାକୁ ସ୍ୱୀକାର କରି ଅନାୟାସରେ କାଳାତିପାତ କରୁଥିଲା ମାନବ । ଆଜି କିନ୍ତୁ ସମୟର ଧାରାରେ ମାନବ ଏପରି ଏକ ଉପତ୍ୟକାର ଅଧିବାସୀ ସାଜିଛି ଯେଉଁଠାରେ ଆପଣାର ଅନିଚ୍ଛା ସତ୍ତ୍ୱେ ସେ ଦୁଃଖ ଓ ଦୁର୍ବିପାକର ଅଂଶୀଦାର ହେବା ପାଇଁ ବାଧ୍ୟ । ଆଜି କେଉଁଠାରେ ପରମାଣୁ ପରୀକ୍ଷଣ ଘଟିଲେ ବଦଳିଯାଏ ସମଗ୍ର ବିଶ୍ୱର ଜଳବାୟୁ ।

କେଉଁଠାରେ ଯୁଦ୍ଧର ଆୟୋଜନ ହେଲେ ଛାତିରେ ପଶେ ଛନ୍‌କା । ଆଜି ସମଗ୍ର ବିଶ୍ୱ ଏପରି ଏକ ସୂତ୍ରରେ ବନ୍ଧା ଯାହା କ୍ଷଣିକ ମଧ୍ୟରେ ସର୍ବତ୍ର ଆଣିପାରେ ପରିବର୍ତ୍ତନ । ବିଶ୍ୱକୁ ଧ୍ୱଂସ କରିବାର ସାମର୍ଥ୍ୟ ନେଇ ଆମେ ଭସ୍ମାସୁରରେ ରୂପାନ୍ତରିତ ହୋଇସାରିଲେଣି । ତେଣୁ ତ ଆମ ସ୍ୱପ୍ନରେ- ସମ୍ଭାବନାରେ- ସାମର୍ଥ୍ୟରେ ବିପର୍ଯ୍ୟୟ ଭଳି ଏକ ସତ୍ୟକୁ ଅଣଦେଖା କରିହେବ ନାହିଁ ।

**ସ୍ନାତକୋତ୍ତର ଓଡ଼ିଆ ବିଭାଗ,**
**ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର,**
**ଗଞ୍ଜାମ, ମୋ-୮୮୯୫୧୪୧୭୨୭**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୟୁଜିସିର...

(ୟୁଗ୍ମ ସଚିବୟୁଜିସି) ପ୍ରମୁଖ ଅନ୍ତର୍ଭୁକ୍ତ ଅଛନ୍ତି । ସେମାନେ ଆଜି ବର୍ତ୍ତମାନର ଦାୟିତ୍ୱରେ ଥିବା କଲେଜ ଅଧ୍ୟକ୍ଷ ପ୍ରଫେସର ଫିରୋଜ ପାଢ଼ୀ, ବିଇଡ଼ିର କେତେକ ଛାତ୍ର, ଅଧ୍ୟାପକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚାରି ଅବଗତ ହୋଇଥିବା ଜଣାପଡ଼ିଛି । ସେମାନେ ମଧ୍ୟ ଆସନ୍ତା ୧୯ ତାରିଖରେ ଏହି ତଦନ୍ତ ଜାରି ରଖିବେ ବୋଲି ଜଣାପଡ଼ିଛି । ପୂର୍ବରୁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକ ଟିମ୍ ମଧ୍ୟ କଲେଜକୁ ଆସି କଲେଜରେ ଥିବା ଇଣ୍ଟରନାଲ କମିଟି ସହିତ ଆଲୋଚନା କରିଥିଲେ । ଏହାଛଡ଼ା କ୍ରାଇମବ୍ରାଞ୍ଚ ଟିମ୍ ମଧ୍ୟ କଲେଜରେ ଉପସ୍ଥିତ ରହି ତାହାର ତଦନ୍ତ ପ୍ରକ୍ରିୟା ଜାରି ରଖିଛି । ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ସମୟରେ କିଏ ତାଙ୍କୁ ପେଟ୍ରୋଲ ଯୋଗାଇଥିଲା ? କିଏ ସେଠୀ ମୋବାଇଲରେ ଭିଡ଼ିଓ ସୁଟିଂ କରୁଥିଲା ? ଏପରିକି କେଉଁ ପେଟ୍ରୋଲ ଟାଙ୍କିରୁ ପେଟ୍ରୋଲ ଅଣାଯାଇଥିଲା ସେ ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଛାନ୍‌ଭିନ୍ ଚଳାଇଛି । ମିଳିଥିବା ସୂଚନା ଅନୁଯାୟୀ କ୍ରାଇମବ୍ରାଞ୍ଚ ଟିମ୍ ନିକଟସ୍ଥ ଏକ ପେଟ୍ରୋଲ ଟାଙ୍କିରେ ଥିବା ସିସିଟିଭିର ହାଡଡିକ୍ସ ଜବଦ କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । କ୍ରାଇମବ୍ରାଞ୍ଚର ଏହି ତଦନ୍ତ ଚାଲିଥିବା ବେଳେ କେତେକ ଛାତ୍ର ନେତା ନିଜ ନିଜର ମୋବାଇଲ ବନ୍ଦ ରଖି ଫେରାର ହୋଇଯାଇଥିବା ଜଣାଯାଇଛି । ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା ବାଲେଶ୍ୱର ରାଜନୀତିକୁ ସରଗରମ କରୁଥିବା ବେଳେ ଖବରକାଗଜରେ ବିଭିନ୍ନ ଛାତ୍ର ସଂଗଠନର ବୟାନ ଜାରି ରହିଛି ।

## ଏଫଟିଓ...

ହେବାପରେ ଆମେରିକାର ଆଇନ୍ ବ୍ୟବସ୍ଥା ଅନୁଯାୟୀ ଆର୍ଥିକ ସହାୟତା ଓ ସହଯୋଗ ବନ୍ଦ ରହିବ। ଟିଆରଏଫ ହେଉଛି ଏଲଇଟିର ଏକ ଛାୟା ସଂଗଠନ। ଏପ୍ରିଲ ୨୨ରେ ପହଲଗାମ୍ ଆକ୍ରମଣରେ ଯେଉଁ ୨୬ ନାଗରିକ ପ୍ରାଣ ହରାଇଥିଲେ ଟିଆରଏଫ୍ ନିଜକୁ ଏଥିପାଇଁ ଦାୟୀ କରିଥିଲା। ଭାରତୀୟ ସୁରକ୍ଷାବଳ ପୂର୍ବରୁ ଟିଆରଏଫ ବିରୋଧରେ ଅଭିଯୋଗ ଆଣିଥିଲା। ଅନେକ ଆତଙ୍କୀ ଆକ୍ରମଣ ପଛରେ ଏହାର ହାତ ଥିବା କୁହାଯାଇଥିଲା। ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ କହିଛନ୍ତି ଯେ ଏହି ପଦକ୍ଷେପ ଆତଙ୍କବାଦ ବିରୋଧରେ ଟ୍ରମ୍ପ ପ୍ରଶାସନର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ୨୦୦୮ ମୁମ୍ବାଇ ଆକ୍ରମଣ ପରେ ପହଲଗାମ୍ ଆକ୍ରମଣ ଭାରତରେ ସବୁଠୁ ଭୟଙ୍କର ଆକ୍ରମଣ ଥିଲା। ଟିଆରଏଫକୁ ଏଫଟିଓ ଘୋଷଣା କରି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ପ୍ରତିଶ୍ରୁତି ପୂରଣ କରିଛନ୍ତି। ଏଫଟିଓ ଘୋଷଣା ହେବାପରେ ଆତଙ୍କବାଦୀ ସଂଗଠନଗୁଡ଼ିକର ମେରୁଦଣ୍ଡ ଭାଙ୍ଗିବାରେ ସାହାଯ୍ୟ ମିଳିବ। ସେମାନଙ୍କ ଉପରେ ଆର୍ଥିକ କଟକଣା ଲାଗୁ କରାଯିବ ଓ ଆମେରିକା ସେମାନଙ୍କ ସମ୍ପତ୍ତିକୁ ଜବତ କରିବ। ଆମେରିକାରେ ଟିଆରଏଫ୍ ସମର୍ଥକ ଓ ସଦସ୍ୟଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ନିଷେଧ କରାଯିବ। ବିଶ୍ୱ ମଞ୍ଚରେ ପାକିସ୍ତାନ ବିରୋଧରେ ଭାରତ ନିଜର ମତକୁ ଅଧିକ ଦୃଢ଼ ଭାବରେ ଉପସ୍ଥାପନ କରିବାର ସୁଯୋଗ ପାଇବ।

## ସୌମ୍ୟାଶ୍ରୀଙ୍କ...

ସମ୍ମୁଖରେ ଏହି ତଦନ୍ତକାରୀ ଟିମ କିଛି ନକହି ଏଡାଇ ଚାଲିଯାଇଥିବା ବେଳେ ଏନେଇ ସୌମ୍ୟଶ୍ରୀଙ୍କ ବାପାଙ୍କୁ ପଚାରିବାରୁ ଗଣ ମାଧ୍ୟମ ଆଗରେ କ୍ରାଇମବ୍ରାଞ୍ଚ ଟିମ କିଛି ନକହିବାକୁ ପରାମର୍ଶ ଦେଇଥିବାର ସୂଚନା ଦେଇଥିଲେ ।

## ୬ ମାଓବାଦୀ...

କରୁଥିବା ବେଳେ ୬ ଜଣ ମାଓବାଦୀଙ୍କ ଶବ ଉଦ୍ଧାର କରିବା ସହ ଏକେ-୪୭, ଏସଏଲଆର ଭଳି ବନ୍ଧୁକ ଜବତ କରିଥିବା ଜଣାପଡିଛି । ଅପରେସନରେ ସାମିଲ ଥିବା ଯବାନ ମାନେ ପୁଲିସ କାର୍ଯ୍ୟାଳୟରେ ପହଞ୍ଚିବା ପରେ ହିଁ ସମସ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଏସପି ରବିନସନ ଗୁଡ଼ିଆ ପ୍ରକାଶ କରିଛନ୍ତ । ରାଜ୍ୟ ସରକାରଙ୍କ ସହଯୋଗରେ କେନ୍ଦ୍ର ସରକାର ମାଓବାଦୀଙ୍କ ପାଇଁ କଡ଼ା ପଦକ୍ଷେପ ନେଉଥିବା ବେଳେ ଧୀରେଧୀରେ କ୍ୟାଡର ମାଓବାଦୀମାନେ ନିରଜ ମାନସିକତାରେ ପରିବର୍ତ୍ତନ ଆଣୁଛନ୍ତି । ସରକାରଙ୍କ ବିଭିନ୍ନ ଯୋଜନାରେ ଆକର୍ଷିତ ହୋଇ ମାଓ ସଂଗଠନର ସଦସ୍ୟମାନେ ଆତ୍ମସମର୍ପଣ କରୁଛନ୍ତି । ଏହି କ୍ରମେରେ ମାଲକାନଗିରି ସୀମାନ୍ତ ତେଲେଙ୍ଗାନା ରାଚକୋଣ୍ଡା ପୁଲିସ ନିକଟରେ ଦୁର୍ଦାନ୍ତ ମାଓ ଦମ୍ପତି ଆତ୍ମସମର୍ପଣ କରିଛନ୍ତି । ଦୀର୍ଘ ୪୫ ବର୍ଷ ଧରି ସଂଗଠନରେ କାର୍ଯ୍ୟ କରିବା ପରେ ଏବେ ମୁଖ୍ୟସ୍ରୋତରେ ସାମିଲ ହୋଇ ବାକି ଜୀବନ ଖୁସିରେ କଟାଇବାକୁ ଚିନ୍ତା କରିଛନ୍ତି । ଏମାନେ ହେଲେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ସଚିବ ତଥା ରାଜ୍ୟ କମିଟି ସଦସ୍ୟ ମାଲା ସଂଜୀବ ଅରଫ ଲେଙ୍ଗୁ ଦାଦା(୬୨) ଏବଂ ତାଙ୍କ ପନୀ ଷ୍ଟେଟ କମିଟି ମେମ୍ବର ପେରାଗୁଡା ପାର୍ବତୀ ଅରଫ ଦୀନା(୫୦) ।

## ଆସୁଛି...

ସ୍ଥାନରେ ମଧ୍ୟମଧରଣ ବର୍ଷା ସହିତ ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ବଲାଙ୍ଗୀର, ବୌଦ୍ଧ, ସୋନପୁର ଓ ଫୁଲବାଣୀରେ କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଆସନ୍ତା ୧୯, ୨୦, ୨୩ ଓ ୨୪ରେ ବିଜୁଳି ସହିତ ଘଡଘଡିର ସମ୍ଭାବନା ଅଧିକା ଧନତଳି ୧୫ ଦିନ ହୋଇଯାଇଥିଲେ ରୁଆ ରୋଇ କରନ୍ତୁ। ସିଧାବୁଣା ଧାନ ୨୦ ଦିନ ଠାରୁ ବେଉଷଣ ଆରମ୍ଭ କରନ୍ତୁ। ମକାକୁ ୨୦ରୁ ୨୫ ଦିନରେ ଘାସ ବାଛି ଯବକ୍ଷାର ଯାନସାର ସହିତ ହୁଡା ଟେକନ୍ତୁ। ହରଡ, କପା ଲଗାଇବା ଶୀଘ୍ର ସାରନ୍ତୁ। ଝାଡ଼ଖଣ୍ଡ ଓ ଛତିଶଗଡ଼ରୁ ବାହାରିଥିବା ନଦୀରେ ପାଣି ବଢ଼ିବାର ସମ୍ଭାବନା ଅଛି।

## ବିଦ୍ୟାଳୟ...

ମୁଖ୍ୟ ଫାଟକ ଆଗରେ ନିର୍ଯାତିତା ଛାତ୍ରୀଙ୍କ ସମର୍ଥନ, ଅଭିଯୋଗ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରଶାସନିକ ସ୍ତରରେ ମଧ୍ୟ ତପିରତା ଓ ସକ୍ରୀୟତା ଦେଖିବାକୁ ମିଳିଥିଲା। ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠାରେ ଘନଘନ ବୈଠକ ଚାଲିଥିଲା। ଘଟଣା ପରିପେକ୍ଷୀରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଅଧ୍ୟାପକ ଅଧ୍ୟାପିକାଙ୍କ ପାଇଁ ୫ଦଫା ସମ୍ବଳିତ ନିୟମାବଳୀ ଜାରି କରିଛନ୍ତି। ଏହି ନିୟମାବଳୀକୁ ଅନୁସରଣ କରିବା ପାଇଁ କୁହାଯାଇଛି। ଉଚ୍ଚମାନର ବୃତ୍ତିଗତ ମୂଲ୍ୟବୋଧ, ନୈତିକ ମୂଲ୍ୟବୋଧ ଓ ସଦାଚାରକୁ କାର୍ଯ୍ୟ କ୍ଷେତ୍ରରେ ବ୍ୟବହାର, ଛାତ୍ରଛାତ୍ରୀ ମାନଙ୍କୁ ନିଜ ପୁଅଝିଅ, ପୁତୁରାଝିଆରୀ, ଉଣଜାଭାଣିଜୀ ଓ ଭାଇଭଉଣୀ ଭାବେ ଦେଖିବା, ଛାତ୍ରଛାତ୍ରୀ ମାନଙ୍କ ସମସ୍ୟା ଗୁଡିକୁ ଉପଯୁକ୍ତ ମନୋବୃତ୍ତିରେ ଗ୍ରହଣ କରି ଯଥାଶୀଘ୍ର ସମ୍ଭବ ସମ୍ବେଦନତାର ସହ ସମାଧାନ କରିବା, ଆବଶ୍ୟକ ସ୍ଥଳେ ଏଥିପାଇଁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଫୋନ୍, ହ୍ୱାଟସ୍‌ଅପ ଏବଂ ଇ-ମେଲ ଯୋଗେ ଅବଗତ କରିବା ସହ ପରାମର୍ଶ, ମତାମତ ଏବଂ ସହାୟତା ନେବା, କୌଣସି ତ୍ରୁଟି ଦୃଷ୍ଟି ଗୋଚର ହେଲେ ଆଇସିସି ପ୍ରକୋଷ୍ଠ ଓ ଅଭିଯୋଗ ପ୍ରକୋଷ୍ଠ, ନିର୍ଯାତନା ଉତ୍ପୀଡନ କକ୍ଷକୁ ସୂଚିତ କରିବା , ଏପରିକି ବିଭାଗୀୟ ମୁଖ୍ୟ, ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷ ଓ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଅବଗତ କରିବା ପାଇଁ ନିୟମାବଳୀରେ ଉଲ୍ଲେଖ ରହିଛି। ସେହିପରି ଛାତ୍ରଛାତ୍ରୀଙ୍କୁ ଏହି ଘଟଣା ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ କୌଣସି ଅରୁଚିକର ମନ୍ତବ୍ୟ ଓ ଫଟୋ ପୋଷ୍ଟ ନକରିବା ସହ ଅଧ୍ୟୟନ ଉପରେ କେନ୍ଦ୍ରୀଭୂତ କରିବା ଓ ସହପାଠ୍ୟ ଭଳି ଭବିଷ୍ୟତ ଗଠନ ସମ୍ପର୍କିତ କାର୍ଯ୍ୟକ୍ରମ ପାଇଁ ଉତ୍ସାହିତ କରିବା ପାଇଁ ମଧ୍ୟ ନିୟମ ରହିଛି। ଅନ୍ୟପକ୍ଷରେ ଅପରାହ୍ନରେ ବିଶ୍ୱବିଦ୍ୟାଳୟର ଆଇସିସିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରସଙ୍ଗ ସହ ଛାତ୍ରଛାତ୍ରୀ ମାନଙ୍କ ଆପତ୍ତି ଓ ଅଭିଯୋଗ ଗୁଡିକର ଯଥାଶୀଘ୍ର ଶୁଣାଣୀ ଓ ସମାଧାନ ଉପରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ଜିଏମ୍‌ୟୁର ଜଣେ ଅଧ୍ୟାପକ ବିବାହର ପ୍ରତିଶ୍ରୁତି ଦେଇ ଜଣେ ଇଣ୍ଟିଗ୍ରେଟେଡ ବିଇଡି ବିଭାଗର ୨ବର୍ଷର ଛାତ୍ରୀଙ୍କୁ ଯୌନ ଶୋଷଣ କରୁଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ମହିଳା ଥାନା ପୋଲିସ ୫୬/୨୫ରେ ଏକ ମାମଲା ରୁଜୁ କରି ଶିକ୍ଷା ବିଭାଗର ସହକାରୀ ପ୍ରଫେସର ଡ. ଗୋପିକାନ୍ତ ସୁନା(୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ସଂପୃକ୍ତ ଅଧ୍ୟାପକଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି।

## ଜ୍ୟୋତିପ୍ରକାଶଙ୍କୁ...

ପଚାରି ବୁଝିଥିଲେ। ତେବେ ପ୍ରଶାସନ କିମ୍ବା ସରକାରଙ୍କ ତରଫରୁ ଯୋଗାଯୋଗ କରାଯାଇ ଥିବା ବେଳେ କୌଣସି ସରକାରୀ ଅନୁକମ୍ପା ମୂଳକ ସହଯୋଗ ମିଳି ନଥିବା ଜ୍ୟୋତି ପ୍ରକାଶ ଙ୍କ ବାପା ସନାତନ ବିଶ୍ୱାଳ କହିଛନ୍ତି । ଜ୍ୟୋତିପ୍ରକାଶଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସୁଧାର ଆସିଛି ଏବଂ ଖୁବ୍ ଶୀଘ୍ର ସେ ଡିସ୍ଚାର୍ଜ ହେବେ ବୋଲି ଡ଼ାକ୍ତର କହିଥିବା ତାଙ୍କ ବାପା କହିଛନ୍ତି। ପରିବାର ଲୋକ ଏବେ ଜ୍ୟୋତିଙ୍କ ସହିତ କଟକ ବଡ଼ ମେଡ଼ିକାଲରେ ଅଛନ୍ତି । ଜ୍ୟୋତିପ୍ରକାଶଙ୍କ ବାପା ପୁଅର ଚିକିତ୍ସା ପାଇଁ ସରକାରଙ୍କ ସହଯୋଗ କାମନା କରିଛନ୍ତି ।

# ପୌର ପରିଷଦକୁ ଅନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକର ଦାବିପତ୍ର

ଝାରସୁଗୁଡ଼ା, (ସବ୍ୟୁ): ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକର ଝାରସୁଗୁଡା ଶାଖା ସଭାପତି କୈଳାସ ମୋରଙ୍କ ନେତୃତ୍ୱରେ ଆନନ୍ଦ ଅଗସ୍ତି, ଉମେଶ ତ୍ରିପାଠୀ, ବିବେକ ଶର୍ମା, ନିରାକର ପାଣିଗ୍ରାହୀ ପ୍ରମୁଖ ମଙ୍ଗଳବାର ଝାରସୁଗୁଡା ପୌରପରିଷଦର କାର୍ଯ୍ୟ ନିବାହୀ ଅଧିକାରୀ ମାନସ ମଲ୍ଲିକଙ୍କୁ ଏକ ଦାବି ପତ୍ର ଦେଇଛନ୍ତି । ଶ୍ରୀ ମୋର ଜଣାଇଛନ୍ତି ଯେ ପୌର ପରିଷଦର ବିଭିନ୍ନ ଜାଗାରେ ବର୍ଷାପାଣି ରହିବା ଫଳରେ ସହରରେ ମଶା ମାନଙ୍କର ସଂଖ୍ୟା ବଢି ଯାଇଛି । ସନ୍ଧ୍ୟାରେ ବାହାରେ ଠିଆ ହେବା କଷ୍ଟସାଧ ବିଭିନ୍ନ ଓ୍ୱାର୍ଡରେ ମଶାମରା ତେଲ ମଧ ପକା ଯାଉନାହିଁ । ମଶାମରା ଧୂଆ ମଧ ଦିଆ ଯାଉ ନାହିଁ । ବର୍ଷାରେ ଭାଙ୍ଗି ଯାଇ ଥିବା ପରିବାରକୁ ସାହାର୍ଯ୍ୟ ଦେବା ସହିତ ତ୍ରୀପାଲ ଦିଆଯାଉ । ସୂଚନା ଯୋଗ୍ୟ ଯେ ୨୦୨୦, ୨୦୨୧ ମସିହାରେ ଏହି ସମୟରେ ଡେଙ୍ଗୁ, ଓ ମ୍ୟାଲେରିଆ ହୋଇ ଝାରସୁଗୁଡା ଏବଂ ଆଖପାଖ ଅଂଚଳରେ ୬ଜଣଙ୍କର ରୋଗୀଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦୦ ରୁ ଉର୍ଦ୍ଧ ବ୍ୟକ୍ତି ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିଲେ ।

# କଳାହାଣ୍ଡି ଆଇନସେବା ପ୍ରାଧିକରଣ ପକ୍ଷରୁ ୯୦ ଦିନିଆ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ

ଭବାନୀପାଟଣା, (ସବ୍ୟୁ): ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣର ସଦସ୍ୟ ସଚିବ ଓ କଳାହାଣ୍ଡି ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଅନୁପ ରଂଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମାମଲାର ସହଜ ସମାଧାନ ନିମନ୍ତେ ଜୁଲାଇରୁ ଅକ୍ଟୋବର ୦୬ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ ଆୟୋଜନ କରାଯାଇଛି । ଏଥିରେ ପାରିବାରିକ, ଦୁର୍ଘଟଣା ଜନିତ, ଘରୋଇ ହିଂସା, ଜମିଜମା ବଣ୍ଟନ, ଜମି ଅଧିଗ୍ରହଣ, ଚାକିରୀ ସଂକ୍ରାନ୍ତୀୟ, ଗ୍ରାହକ ସେବା ଜନିତ, ବ୍ୟାଙ୍କ ସମ୍ବନ୍ଧୀୟ ମାମଲା ଯେପରି ଚେକ ବାଉନ୍ସ, ଋଣ ଆଦାୟ ଇତ୍ୟାଦି ମାମଲା ଗୁଡିକର ବିକଳ୍ପ ସମାଧାନ ପ୍ରକ୍ରିୟା ନିମନ୍ତେ ମଧ୍ୟସ୍ଥତା ଶିବିର ଆୟୋଜନ କରାଯାଉଛି । ଅଦାଲତରେ ବିଚାରଧୀନ ଥିବା ମୋକଦ୍ଦମା ଗୁଡିକର ବିଚାର ଅପେକ୍ଷା ନିରପେକ୍ଷ ତୃତୀୟ ବ୍ୟକ୍ତିଙ୍କ ସହାୟତାରେ ବିବାଦର ଗ୍ରହଣଯୋଗ୍ୟ ଓ ସୃଜନାତ୍ମକ ଢଙ୍ଗରେ ସମାଧାନ କରିବା, ବିବାଦର ପରିସମାପ୍ତି ନିମନ୍ତେ ସମାଧାନମୂଳକ ଆଲୋଚନା, କଥାବାର୍ତ୍ତା ଦ୍ୱାରା ବିବାଦଲିପ୍ତ ପକ୍ଷଙ୍କ ମଧ୍ୟରେ ଥିବା ମତପାର୍ଥକ୍ୟ ଦୂର କରି ସମାଧାନର ରାସ୍ତା ବାହାର କରିବା ଏହାର ଲକ୍ଷ୍ୟ ଓ ମଧ୍ୟସ୍ଥତା ଦ୍ୱାରା ମାମଲାର ସମାଧାନ ହେବା ଯୋଗୁଁ ପକ୍ଷ ମାନଙ୍କ ସମୟ, ଶ୍ରମ ଓ ଅର୍ଥ ସଞ୍ଚୟ ହୋଇପାରିବ ବୋଲି କଳାହାଣ୍ଡି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି ଓ ଏହି ବିକଳ୍ପ ସମାଧାନ ବ୍ୟବସ୍ଥାର ସହେଯାଗ ନେବା ପାଇଁ ସମସ୍ତଙ୍କୁ ଜଣାଇ ଦିଆଯାଉଛି ।

# ଟେମରୀ ହାଇସ୍କୁଲରେ ବନ ମହୋତ୍ସବ



ପଦ୍ମପୁର, (ସବ୍ୟୁ): ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ଟେମରୀ ହାଇସ୍କୁଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍କୁଲ ଛାତ୍ରୀ ରେଣୁକା ହାତୀ, ନିତୁ ରଣା,ବାସନ୍ତୀ,ସିପ୍ରା ପ୍ରିୟଦର୍ଶିନୀ ଭୋଇ,ନିମା ବାରିକଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ପ୍ରଧାନ ଶିକ୍ଷକ ଡୋଲାମଣୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପରିବେଶବିତ ରାହାସ ବିହାରୀ ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ପୂର୍ବତନ ଆବାହକ ଧିରେନ୍ ମହାନ୍ତି, ସରପଞ୍ଚ ଦିଲ୍ଲୀପ ବେହେରା, ଗୋପବନ୍ଧୁ ଶିକା,ସ୍କୁଲ କମିଟି ସଦସ୍ୟ ଭେଙ୍କଟ ରମଣ ଠାକୁର,ପୀତବାସ ଭୋଇ, ଶିକ୍ଷୟିତ୍ରୀ ସେବତୀ କିଶାନ,ତୃପ୍ତିମୟୀ ଧରୁଆ,ଯାଜ୍ଞସିନୀ ସାହୁ, ସେବିକା ସୁଭାଷିନୀ ବାରିକ,ଶିକ୍ଷକ ପ୍ରଦ୍ୟୁମ୍ନ ବରିହା ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ପରିବେଶ ସୁରକ୍ଷା ବନ ମହୋତ୍ସବର ଆବଶ୍ୟକତା ଉପରେ ମାର୍ଗଦର୍ଶନ କରିଥିଲେ । ଶିକ୍ଷକ ରଞ୍ଜିତ ସା ସଭା ସଞ୍ଚାଳନ କରିଥିବା ବେଳେ ପରିଶେଷରେ ଶିକ୍ଷକ ଉସି ଲାଲ ବେଣ୍ଟକାର ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଲିଆପାଲି ଭୀମ ଭୋଇ ଆଶ୍ରମ ଉଚ୍ଚ ବିଦ୍ୟାଳୟରେ ଆଇନ ସେବା ପ୍ରାଧିକରଣ ପକ୍ଷରୁ କାର୍ଯ୍ୟକ୍ରମ

ସୋନପୁର,(ସବ୍ୟୁ): ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ପକ୍ଷରୁ ଭୀମ ଭୋଇ ଆଶ୍ରମ ଉଚ୍ଚ ବିଦ୍ୟାଳୟ, ଖାଲିଆପାଲି ଠାରେ ଏକ ଜିଲ୍ଲାସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ସଚିବ ଦେବାଶିଷ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସଦର ଉଗP ଶ୍ରୀ ପ୍ରତାପ କୁମାର ରଣା ଯୋଗ ଦେଇ ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ଛୁତାନନ୍ଦ ସିଂ ଗଇ ବିଷୟବସ୍ତୁ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ । ଭୀମ ଭୋଇ ଆଶ୍ରମ ଉଚ୍ଚ ବିଦ୍ୟାଳୟ, ଖଲିଆପାଲିର ପ୍ରଧାନ ଶିକ୍ଷକ ପଦ୍ମନାଭ ପଣ୍ଡା ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଇଣ୍ଡିଆନ ପବ୍ଲିକ ସ୍କୁଲ ପରିସରରେ ଚାରାରୋପଣ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ସହର କ୍ଷେତରାଜପୁର ସ୍ଥିତ ଇଣ୍ଡିଆନ ପବ୍ଲିକ ସ୍କୁଲ ପରିସରରେ ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ସେଣ୍ଟ୍ରାଲ ପକ୍ଷରୁ ଚାରାରୋପଣ କରାଯାଇଛି। ଚଳିତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା ପାଇଁ ଗଛଟିଏ ସ୍ଲୋଗାନକୁ ସାର୍ଥକ କରିବାକୁ ବ୍ୟାପକ ପରିମାଣରେ ଚାରାରୋପଣ କରିବାକୁ କ୍ଲବ ପକ୍ଷରୁ ନିଷ୍ପତି ନିଆଯାଇଛି। ଏଥିରେ ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ସେଣ୍ଟ୍ରାଲର ସଭାପତି ଅରୁଣ ପଟ୍ଟଓ୍ୱାରୀ, ଶ୍ୟାମସୁନ୍ଦର ଲାଠ, ନରେଶ ଡାଲମିଆ, ସଞ୍ଜୟ କୁମାର, ଚନ୍ଦୁ ସାହା, ରବିନ୍ଦ୍ର ଜଲାନ, କେଶବ ଡାଲମିଆ, କୈଳାଶ ଅଗ୍ରଓ୍ୱାଲ, ଡ. ପ୍ରମୋଦ ରଥ, ସୁମନ ଡାଲମିଆ, ସୁଷମା ଅଗ୍ରଓ୍ୱାଲ, ଆଶା ଅଗ୍ରଓ୍ୱାଲ, ରାନୀ କୁମାର, ପୂଜା ପଟ୍ଟଓ୍ୱାରୀ ଓ ସ୍କୁଲର ଅଧ୍ୟକ୍ଷ ସଚିନ୍ ପାଠକଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ମିଳିତ ଭାବେ ଚାରାରୋପଣ କରିଥିଲେ।

# ଟିପିସିଓଡିଏଲ୍ ପକ୍ଷରୁ ଡିଜିଟାଲ ପେମେଣ୍ଟ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର: ଟାଟା ପାଓ୍ୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ) ପକ୍ଷରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଓ ରେଜରପେ ସହଯୋଗରେ ଏକ ଡିଜିଟାଲ ପେମେଂଟ ଅଭିଯାନର ଶୁଭାରମ୍ଭକରାଯାଇଛି । ଡିଜିଟାଲ ପ୍ଲାଟ୍‌ଫର୍ମ ସହ ଭଲ ଭାବେ ଅଭ୍ୟସ୍ତ ନଥିବା ଉପଭୋକ୍ତା ମାନଙ୍କ ସମେତ ସବୁ ଉପଭୋକ୍ତାମାନେ ଯେଭଳିଏହାକୁ ସହଜରେ ବ୍ୟବହାର କରିପାରିବେ ତାହାକୁ ଦୃଷ୍ଟିରେ ରଖି ଏହି ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରାଯାଇଛି ।ଭୁବନେଶ୍ୱରସ୍ଥିତ ଟିପିସିଓଡିଏଲ୍‌ର କର୍ପୋରେଟ କାର୍ଯ୍ୟାଳୟରେ ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅରଭିନ୍ଦ୍ ସିଂହ ଓଏସ୍‌ବିଆଇର ଉପ ମହାପ୍ରବନ୍ଧକ (ଡିଜିଟାଲ୍ ଆଣ୍ଡ୍ ଟ୍ରାଞ୍ଜାକ୍ସନ ବ୍ୟାଙ୍କିଂ) ଶ୍ରୀ ସୁଶାନ୍ତ କୁମାର ଦାସ ଏହି ଅଭିଯାନକୁ ଉନ୍ମୋଚନ କରିଛନ୍ତି ।ଏହି ଅଭିଯାନ ଜରିଆରେ ୨୦୨୫ ଅଗଷ୍ଟ ସୁଦ୍ଧା ୮୦% ଡିଜିଟାଲ ପେମେଂଟ କାରବାର ହାସଲ କରିବାକୁ ଟିପିସିଓଡିଏଲ୍ ଲକ୍ଷ୍ୟରଖିଛି । ଏହା ସେବା ପ୍ରଦାନ କରୁଥିବା ଅଂଚଳଗୁଡ଼ିକରେ ନଗଦବିହୀନ ସେବାକୁ ଉଲ୍ଲେଖନୀୟ ଭାବେ ଆଗକୁ ବଢ଼ାଇବ । ଏହିପ୍ଲାଟ୍‌ଫର୍ମ ଡିଜିଟାଲ ପେମେଂଟ ପ୍ରକ୍ରିୟାର ସରଳୀକରଣ କରି ପାରମ୍ପରିକ ଭାବେ ନଗଦ ରାଶିରେ ଦେୟପ୍ରଦାନ କରୁଥିବାଗ୍ରାହକମାନଙ୍କୁ ବିଶ୍ୱାସ ଓ ସୁରକ୍ଷା ସହ ଡିଜିଟାଲ କାରବାର କରିବାରେ ସକ୍ଷମ କରୁଛି ।ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, "ଆମର ଲକ୍ଷ୍ୟ ହେଉଛି ଗ୍ରାମାଂଚଳ ଓ ଅର୍ଦ୍ଧ ସହରାଂଚଳସମେତ ସମସ୍ତଙ୍କ ପାଖରେ ଡିଜିଟାଲ ପେମେଂଟ ସୁବିଧାକୁ ପହଂଚାଇବା । ଏସ୍‌ବିଆଇ ଓ ରେଜରପେ ଭଳି ବିଶ୍ୱସନୀୟ ପ୍ଲାଟ୍‌ଫର୍ମକୁବ୍ୟବହାର କରି ଆମେ ଗ୍ରାହକମାନଙ୍କୁ ଡିଜିଟାଲ ମାଧ୍ୟମରେ ବିଲ ପ୍ରଦାନ କରିବା ଲାଗି ଏକ ସୁରକ୍ଷିତ, ସରଳ ଓ ନିରାପଦ ବିକଳ୍ପସୁନିଶ୍ଚିତ କରୁଛୁ ।"ଡିଜିଟାଲ ସଶକ୍ତୀକରଣକୁ ସୁଦୃଢ଼ କରିବା ଏବଂ ସହରାଂଚଳ, ଅର୍ଦ୍ଧ ସହରାଂଚଳ ଓ ଗ୍ରାମାଂଚଳରେ ଡିଜିଟାଲ ବିଭେଦ ଦୂର କରିବା ଲାଗିଟିପିସିଓଡିଏଲ୍‌ର ରହିଥିବା ପ୍ରତିବଦ୍ଧତାକୁ ଏହି ଅଭିଯାନ ଦର୍ଶାଉଛି ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମଧ୍ୟସ୍ଥତା ଅଭିଯାନ

ରାୟଗଡା,(ସବ୍ୟୁ): ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣର ସଦସ୍ୟ ସଚିବ ଓ ରାୟଗଡା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ମାମଲାର ସମାଧାନ ନିମନ୍ତେ ଜୁଲାଇ ମାସରୁ ସେପେଟମ୍ବର ପର୍ଯ୍ୟନ୍ତ ସ୍ୱତନ୍ତ୍ର ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରାଯିବ । ଏଗୁଡିକ ମଧ୍ୟରୁ ପାରିବାରିକ, ରଫା ଯୋଗ୍ୟ, ଦୁର୍ଘଟଣା ଜନିତ, ଘରୋଇ ହିଂସା, ଜମିଜମା ବଣ୍ଟନ, ଜମି ଅଧିକରଣ, ଚାକିରୀ ସଂକ୍ରାନ୍ତୀୟ, ଗ୍ରାହକ ସେବା ଜନିତ, ବ୍ୟାଙ୍କ ସମ୍ବନ୍ଧୀୟ ମାମଲା ଯେପରି ଚେକ ବାଉନ୍ସ, ଋଣ ଆଦାୟ ଇତ୍ୟାଦି ମାମଲା ଗୁଡିକର ବିକଳ୍ପ ସମାଧାନ ପ୍ରକ୍ରିୟା ନିମନ୍ତେ ଶିବିର ଆୟୋଜନ କରାଯାଉଛି । ଅଦାଲତରେ ବିଚାରଧୀନ ଥିବା ମୋକଦ୍ଦମା ଗୁଡିକର ବିଚାର ଅପେକ୍ଷା ନିରପେକ୍ଷ ତୃତୀୟ ବ୍ୟକ୍ତିଙ୍କ ସହାୟତାରେ ବିବାଦର ଗ୍ରହଣଯୋଗ୍ୟ ଓ ସୃଜନାତ୍ମକ ଢଙ୍ଗରେ ସମାଧାନ କରିବା, ବିବାଦର ପରିସମାପ୍ତି ନିମନ୍ତେ ସମାଧାନମୂଳକ ଆଲୋଚନା, କଥାବାର୍ତ୍ତା ଦ୍ୱାରା ବିବାଦଲିପ୍ତ ପକ୍ଷଙ୍କ ମଧ୍ୟରେ ଥିବା ମତପାର୍ଥକ୍ୟ ଦୂର କରି ସମାଧାନ ରାସ୍ତା ବାହାର କରିବା ଏହାର ଲକ୍ଷ୍ୟ ।


**AFFIDAVIT**

By virtue of an affidavit before Executive Magistrate, Bhubaneswar, I, Sasmita Mohapatra, D/o: Bibhuti Bhusan Mohapatra & W/o: Subhrajit Pothal, At: Soubhagyadeipur, PO: Pedagadi, PS: Kaptipada, Dist.: Mayurbhanj, Odisha - 757040 have changed my name from Sasmita Mohapatra to Sasmita Mohapatra. Sasmita Mohapatra and Sasmita Mohapatra is one and same person. Henceforth I shall be known as **Sasmita Mohapatra** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Binjharpur, Dated. 18.07.2025. I Basanti Jena, W/o-Rabinarayan Jena, Address At-Purusottampur, Po-Barikul, Ps-Alakunda, Dist-Jajpur, Pin-755014 declare that I have changed my name from Basantilata Jena to Basanti Jena. Henceforth I shall be known as Basanti Jena for all purpose.

**Sd/- Basanti Jena**

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ. ୧୧୪-ଇଏଲସି-ଜି-କେଜିପି-୨୪-୨୫-୩୫ଆର୪, ତାରିଖ ୧୭.୦୭.୨୦୨୫ । ନିମ୍ନୋକ୍ତ କାର୍ଯ୍ୟ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଜି/ ଖଡଗପୁର-୭୨୧୩୦୧, ଦ.ପୂ. ରେଳପଥ ପ୍ରତିଟି ଆଇଟମ ପାଇଁ ସୂଚିତ ତାରିଖର ୧୨.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । କାର୍ଯ୍ୟର ବିବରଣୀ : ନିମପୁରାଠାରେ ୭୦ ଶଯ୍ୟା ବିଶିଷ୍ଟ ନୂତନ ରନିଂ ରୁମ୍‌ର ନିର୍ମାଣ ସହାଣେ ଇଲେକ୍ଟ୍ରିକାଲ କାର୍ଯ୍ୟ । ଟେଣ୍ଡର ମୂଲ୍ୟ : ଟ. ୨,୯୦,୪୮,୭୦୦.୭୦, ବିଡ୍ ସିକ୍ୟୁରିଟି / ଇଏମଡି : ଟ. ୨,୯୫,୩୦୦/- । ଟେଣ୍ଡର ଡକୁମେଣ୍ଟ ମୂଲ୍ୟ : ଶୂନ୍ୟ । ସମାପ୍ତି ସମୟ : ସ୍ୱୀକାରୋକ୍ତି ପତ୍ର ଇସ୍ୟୁ ତାରିଖ ଠାରୁ ୧୨ ମାସ । ଦାଖଲ ତାରିଖ : ୦୮.୦୮.୨୦୨୫ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ । ଖୋଲା ତାରିଖ : ୦୮.୦୮.୨୦୨୫ । ଇଚ୍ଛୁକ ଟେଣ୍ଡରଦାତାମାନେ ସମ୍ପୂର୍ଣ୍ଣ ବିବରଣୀ, ତଥ୍ୟ ଏବଂ ଟେଣ୍ଡରର ସ୍ପେସିଫିକେସନ ପାଇଁ ୱେବସାଇଟ www.ireps.gov.in ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନ ଦାଖଲ ହେବ । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । ସୂଚନା : ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in ଦେଖିପାରିବେ । (PR-411)

**AFFIDAVIT**

By virtue of an affidavit before the Notary Public, Boudh, I Chandra Sekhar Dhala Samanta@Dhala. S/o- Jayakrushna Dhala Samanta, Rio- Boudh, Po/PS/Dist- Boudh state as follows. That In my land record my surname has been mentioned as Sardar Singh instead of Dhala Samanta@Dhala But in other relevant document my name has been mentioned as Chandra Sekhar Dhala Samanta@Dhala. Hence this affidavit to produce before concerned authority that Chandra Sekhar Dhala Samanta@Dhala and Chandra SekharSardar Singh is one & same person, Te myself.

**Chandra Sekhar Dhala Samanta**
**Deponent**


# ବର୍ଷାରେ ଖୋଲା ଆକାଶ ତଳେ ବସୁଛି ଦୈନିକ ବଜାର

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲାରେ ପ୍ରାୟ ଏକ ମାସ ହେବ ଲଗାଣ ବର୍ଷା ଲାଗି ରହିଛି। କେତେ ବେଳେ ସକାଳେ ତ ଆଉ କେଉଁ ଦିନ ମଧ୍ୟାହ୍ନରେ ଆଉ କେଉଁ ଦିନ ଅପରାହ୍ନ ରେ ଆଉକେଉଁ ଦିନ ରାତିରେ ବର୍ଷା ହେଉଅଛି। ଜିଲ୍ଲାରେ ଏକ ପ୍ରକାର ଲଗାଣ ବର୍ଷା ଲାଗି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ଏପରି ସ୍ଥଳେ ବୌଦ୍ଧ ଜିଲ୍ଲା ସଦର ମହକୁମା ସ୍ଥିତ ଆଦର୍ଶ କୃଷକ ବଜାର ଠାରେ ଚାଷୀ ଓ ଉଠାଦୋକାନୀମାନେ ଖୋଲା ଆକାଶ ତଳେ ଜରିପାଲ କିମ୍ବା ଛତା ଟାଣି ଘଣ୍ଟାଘଣ୍ଟା ଧରି ବସି ପରିବା ବିକ୍ରି କରୁଥିବାର ଦେଖିବାକୁ ମିଳୁଛି। ଏପରିକି ପ୍ରବଳ ବର୍ଷାରେ ମଧ ବିକ୍ରି କରିଥାନ୍ତି। ସେପଟେ ପରିସର ଚାଷୀ ଓ ଦୋକାନୀଙ୍କ ପାଇଁ ନିର୍ମାଣ କରାଯାଇଥିବା ପିଣ୍ଡି ଗୁଡିକ ଖାଲି ପଡିଛି। ହାତ ଗଣତି ଦୁଇ ଚାରିଜଣ ଦୋକାନୀ ବସି ବ୍ୟବସାୟ କରୁଛନ୍ତି। ପ୍ରଥମେ ଚାଷୀ ଓ ଦୋକାନୀମାନେ ପିଣ୍ଡରେ ବସି କାରବାର ଆରମ୍ଭ କରିଥିଲେ। ଦୋକାନୀ ଓ ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଇବା ଫଳରେ ଚାଷୀ ଓ ଦୋକାନୀମାନେ ବାହାରେ ଖୋଲା ଆକାଶ ତଳେ ସିମେଣ୍ଟ ଚଟାଣ ଉପରେ ବିକ୍ରିବଟା ଅରମ୍ଭ କରିଥିଲେ। ଗ୍ରାହକ ମାନେ ବାହାରେ ବସି ବିକ୍ରି କରୁଥିବା ଚାଷୀ ଓ ଦୋକାନୀମାନଙ୍କ ଠାରୁ କିଣି ଚାଲି ଆସିବା ଫଳରେ ପିଣ୍ଡିରେ ବସି ବିକ୍ରି କରୁଥିବା ବ୍ୟବସାୟୀ ଓ ଚାଷୀଙ୍କ ବିକ୍ରି ମାନ୍ଦା ହେବା ଫଳରେ ସେମାନେ ମଧ ପିଣ୍ଡି ଛାଡି ବାହାରକୁ ଚାଲିଆସି ବାହାରେ ବସି ବିକ୍ରି ଆରମ୍ଭ କରିଲେ।

ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଚାଷୀ ଓ ଦୋକାନୀମାନଙ୍କୁ ଭିତରେ ବସି ବିକ୍ରି କରିବାକୁ କହିଲେ ମଧ ସେମାନେ ସେମାନଙ୍କ କଥା ଶୁଣିବାକୁ ନାରାଜ। ଶେଷରେ ବାହାରେ ବସି ବ୍ୟବସାୟ ଚାଲିଲା। ସେହିଦିନ ଠାରୁ ଚାଷୀ ଓ ଦୋକାନୀମାନେ ବର୍ଷାଋତୁରେ ପ୍ରବଳ ବର୍ଷା ଓ ଖରାଦିନେ ପ୍ରବଳ ଖରାରେ ଜରିପାଲ କିମ୍ବା ଛତା ଟାଣି ବ୍ୟବସାୟ କରୁଥିବା ବେଳେ ଶୀତ ଦିନେ ପ୍ରାୟ ସମସ୍ତେ ଖୋଲାରେ ବସି ବିକ୍ରି କରିଥାନ୍ତି। ପ୍ରଥମେ ସହରର ବାହାରିପଡାଠାରେ ରାଜାରାଜୁଡା ସମୟରୁ ଟିଣ ଛପର ଘର ଓ ସେଡ କରାଯାଇ ସେଠାରେ ଦୈନିକ ପରିବା ବଜାର ବସୁଥିଲା। ପରବର୍ତ୍ତି ସମୟରେ ଜନସଂଖ୍ୟା ଓ ବ୍ୟବସାୟୀଙ୍କ ସଂଖ୍ୟା ବଢିବା ଯୋଗୁଁ ବ୍ୟବସାୟୀମାନେ ସେଠାରୁ ରାସ୍ତା କଡରେ ବସି ବ୍ୟବସାୟ ଆରମ୍ଭ କଲେ। ଭୈରବୀ ଛକ ଠାରୁ ପୁଲିସ ଥାନା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଦୈନିକ ପରିବା ବଜାର ବସୁଥିଲା। ବ୍ୟବସାୟୀମାନେ ଖରା ବର୍ଷାରେ ରାସ୍ତା କଡରେ ନିଜର ପସରା ମେଲାଇ ବ୍ୟବସାୟ କରୁଥିଲେ। ଯାହାଫଳରେ ସ୍ଥାନୀୟ ଲୋକ ଓ ସେହି ରାସ୍ତା ଦେଇ ଚଳ ପ୍ରଚଳ କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ୨୦୨୦ରେ ସାରାଦେଶରେ କୋଭିଡ ମହାମାରୀ ଯୋଗୁଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଭିଡ ସଂକ୍ରମଣକୁ ଆଶଙ୍କା କରି ସହରର ରାଜବାଟୀ ନିକଟସ୍ଥ ବୁଦ୍ଧଦେବ ପଡିଆ, ବସଷ୍ଟାଣ୍ଡ, ମାଳିସାହି. ଗାନ୍ଧୀଛକ, ବୁଟୁପାଲି,ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅସ୍ଥାୟୀ ଭାବରେ ଦୈଠନିକ ପରିବା ବଜାର ବସାଯାଇଥିଲା। ପରବର୍ତ୍ତି ସମୟରେ କୋଭିଡ କଟକଣା କୋହଳ ହେବା ପରେ ସହରର ବୁଦ୍ଧଦେବ ପଡିଆ ଠାରେ ଦୈନିକ ବଜାର ବସିଲା। ହେଲେ ସେଠାରେ ବିଭିନ୍ନ ଅସୁବିଧା ଦେଖାଦେଇଥିଲା। ଦୋକାନୀ, ଚାଷୀ କିମ୍ବା ଗ୍ରାହକଙ୍କ ପାଇଁ ଶୌଚାଳୟ ଅଭାବ ରହିଲା। ତାହାସହିତ ବର୍ଷା ହେଲେ କାଦୁଅରେ ଯିବା ଆସିବା କଷ୍ଟକର ହୋଇ ପଡିଲା। ଏହାକୁ ଦେଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଦର୍ଶ କୃଷକ ବଜାରକୁ ଦୈନିକ ପରିବା ବଜାର ସ୍ଥାନାନ୍ତର କରାଯାଇଥିଲା। ଜିଲ୍ଲାର ଏହି ବୃହତ ଦୈନିକ ପରିବା ବଜାରକୁ ପ୍ରତିଦିନ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବ୍ୟବସାୟୀ ଓ ଚାଷୀମାନେ ଆସି ସେମାନଙ୍କ ପସରା ମେଲାଇବା ସହିତ ପୋଡଶୀ ଅନୁଗୁଳ, ସୋନପୁର, କନ୍ଧମାଳ ଜିଲ୍ଲାର ବ୍ୟବସାୟୀ ଓ ଚାଷୀମାନେ ସେମାନଙ୍କ ପରିବା ପତ୍ର ଓ ଅନ୍ୟାନ୍ୟ ଜିନିଷ ଆଣି ବିକ୍ରି କରିଥାନ୍ତି। ପ୍ରଶାସନ ଚାଷୀ ଓ ବ୍ୟବସାୟୀଙ୍କ ସୁବିଧା ଦୃଷ୍ଟିରୁ ଆଉ କିଛି ସେଡ ନିର୍ମାଣ କଲେ ହୁଏତ ଚାଷୀ ଓ ଦୋକାନୀମାନେ ଖୋଲା ଆକାଶ ତଳେ ନ ବସି ସେଡରେ ବସି ବିକ୍ରି କରିବେ ବୋଲି ସାଧାରଣରେ ଆଲୋଚନା ହେଉଛି।


**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
JANAPATH, BHOINAGAR, BHUBANESWAR - 22.
Ph: 0674-2541545, 2542921,
E-mail: ophwc.od@nic.in, Website: www.ophwc.com/www.ophwc.nic.in
CAD-1117
e-procurement notice No.- 08/OPHWC/2025-26

**INVITATION FOR BIDS (IFB)**

The Chief Engineer (OSPH&WC), Odisha, Bhubaneswar invites Percentage rate bid in Double Cover system in ONLINE MODE only, for the works as detailed below:

| | | |
|---|---|---|
| 1 | Nature of work | Building works |
| 2 | No. of Works | 57 Nos. |
| 3 | Value of Tender | Rs.54.30 Lakh to Rs.987.36 Lakh |
| 4 | Class of Contractor | 'B' Class to 'Spl.' Class |
| 5 | Cost of Bid document (To be paid online) | Rs. 11,800.00 |
| 6 | Availability of Bid Documents in the website | Dt.24/07/2025 to Dt.08/08/2025 up to 5.00 P.M |
| 7 | Last date /time of Receipt of Bids in the Portal | Dt.08/08/2025 up to 5.00 P.M |
| 8 | Date of Opening Bid | Dt. 11/08/2025 at 10.30 A.M |
| 9 | Date of Technical Presentation (among qualified bidders only) | Date & Time will be notified after opening of the Technical Bid. |
| 10 | * The Bidders have to participate in ONLINE bidding only. Further details can also be seen from the website: https://tendersodisha.gov.in. Any addendum/corrigendum/cancellation of tender shall not be published in Newspaper and can only be seen in the said website. * The Authority reserves the right to reject any or all bids and terminate the tender process without assigning any reason thereof. | |

Sd/- Chief Engineer (OSPH&WC)

N.B. - The quoted rate should be all inclusive but excluding G.S.T.as applicable Under works contract.
OIPR : 12025/11/0040/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୨୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ହିରୋ ମୋଟୋକର୍ପର ଇଲେକ୍ଟ୍ରିକ୍ ସ୍କୁଟର ଭିଡାର ଉନ୍ମୋଚନ

କଟକ, (ସ୍ୱପ୍ର): ଶୁକ୍ରବାର ହିରୋ ମୋଟୋକର୍ପ ଇଲେକ୍ଟ୍ରିକ୍ ମୋବିଲିଟି ବ୍ରାଣ୍ଡ ଭିଡାର ପ୍ରିମିଆ ଶୋରୁମ୍, ସ୍ଥାନୀୟ ତଳ ତେଲଙ୍ଗାବଜାର ଓ ଶିଖରପୁର ଏସେନ ହିରୋରେ ଉନ୍ମୋଚନ ହୋଇଛି । ଉଦ୍‌ଘାଟନ ସମୟରେ ଏସେନଅଟୋମୋବାଇଲ୍ସର ମାଲିକ ହେମନ୍ତ କୁମାର ଠକର ଓ ସୌରଭ ଠକର ସହିତ ଭିଡାର ଟେରିଟୋରି ସେଲ୍ସ ମ୍ୟାନେଜର୍ ସୁଭ୍ରୋ ବ୍ୟାନାର୍ଜୀ ଏବଂ ଟେରିଟୋରି ସେଲ୍ସ ଅଫିସର୍ ଅମର ଶର୍ମା ଉପସ୍ଥିତ ଥିଲେ । ଭିଡା ଭି. ଏକ୍ସ ୨ ମାଧ୍ୟମରେ ଆମେ କଟକର ଦୈନିକ ଚାଳକମାନଙ୍କ ପାଇଁ ସରଳ ଓ ଦମଦାର ଇଭି ଟେକ୍ନୋଲୋଜି ନେଇଆସୁଛୁ । ଏହାର ରିମୁଭେବଲ୍ ବ୍ୟାଟେରି ଓ ବିସ୍ତୃତ ଚାର୍ଜିଙ୍ଗ୍ ନେଟୱାର୍କ ମୁଖ୍ୟ ଆକର୍ଷଣ ବୋଲି ହେମନ୍ତ କୁମାର ଠାକୁର କହିଛନ୍ତି । ଏହାର ପ୍ରମୁଖ ବୈଶିଷ୍ଟ୍ୟ ଦୁଇଟି ରିମୁଭେବଲ୍ ଲିଥିଅମ୍ ଆୟନ୍ ବ୍ୟାଟେରି ଯାହାକୁ ଉପଭୋକ୍ତାମାନେ ସାଧାରଣ ସକେଟରେ ଯେକୌଣସି ଠାରେ ଚାର୍ଜ କରିପାରିବେ । ଥରେ ଚାର୍ଜ ହେଲେ ଏହା ଯଥାକ୍ରମେ ୧୪୨କି.ମି ଓ ୯୨ କି.ମି ଯିବ । ଏହା ୮୦ ପ୍ରତିଶତ ଚାର୍ଜ କେବଳ ୬୦ ମିନିଟ୍‌ରେ ହେବ । ବ୍ୟାଟେରି କିଣିବା ବା ଭଡାରେ ନେବା-ବ୍ୟବସ୍ଥା ଅତିସ୍ୱଳ୍ପ ମୂଲ୍ୟରେ କରାଯାଇଛି ଯାହା ୫୯,୪୯୦ (ଗୋ) ୭୪,୯୯୦ (ପ୍ଲସ୍) । ଏଥିରେ ସ୍ମାର୍ଟଫୋନ୍ କନେକଟିଭିଟି, ଟର୍ଣ୍ଣ ବାଇ ଟର୍ଣ୍ଣ ନେଭିଗେସନ୍ ସହିତ ବିଭିନ୍ନ ଫିଚର ରହିଛି । ହିରୋ ମୋଟର କର୍ପ ଭିଡାର ରାପିଡ୍ ଚାର୍ଜିଙ୍ଗ୍ ବୁଥ୍ ଏବେ କଟକରେ ୨୮ ଟି ସ୍ଥାନରେ ଓ ଭୁବନେଶ୍ୱରରେ ୪୮ ଟି ସ୍ଥାନରେ ରହିଛି । ଏହାର ବୁକିଂ ଏବେ ଆରମ୍ଭ ହୋଇଛି ।




# ବେଦାନ୍ତ ଆଲୁମିନିୟମ କଳାହାଣ୍ଡିରେ

# ଏକ ବୃହତ ବହୁ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଆୟୋଜିତ

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ ପ୍ରୋଜେକ୍ଟ ଆରୋଗ୍ୟ ଅନ୍ତର୍ଗତ ଏକ ବୃହତ ବହୁ - ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଅବହେଳିତ ଅଞ୍ଚଳଗୁଡ଼ିକୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି । ଏହି ଶିବିରଟି ଗୋବର୍ଦ୍ଧନପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୫ଟି ଗ୍ରାମର ବାସିନ୍ଦାଙ୍କୁ ସେବା ପ୍ରଦାନ କରିଥିଲା । ଯାହା ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା ।

ବେଦାନ୍ତର ଏହି ତ୍ୱରିତ ପଦକ୍ଷେପ ସାଧାରଣତଃ ମୌସୁମୀ ଋତୁରେ ଆୟୋଜିତ ହୋଇଥାଏ, ଯେତେବେଳେ ଗ୍ରାମବାସୀମାନେ ବିଭିନ୍ନ ପ୍ରକାର ଋତୁକାଳୀନ ରୋଗରେ ଶିକାର ହୋଇଥାନ୍ତି । ଏହି ଶିବିରଟି ୩୫୦ରୁ ଅଧିକ ରୋଗୀଙ୍କୁ ଉପକୃତ କରିଥିଲା, ଦୂରଦୂରାନ୍ତ ଅଞ୍ଚଳରେ ସମୟୋପଯୋଗୀ ଏବଂ ସୁଲଭ ସ୍ୱାସ୍ଥ୍ୟସେବାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିଥିଲା । ଶିଶୁରୋଗ, ସାଧାରଣ ଔଷଧ, ସ୍ତ୍ରୀ ରୋଗ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଚିକିତ୍ସା କ୍ଷେତ୍ରର ବିଶେଷଜ୍ଞଙ୍କ ସହାୟତାରେ, ଶିବିରଟି ତୁରନ୍ତ ସେବା ପ୍ରଦାନ କରିଥିଲା ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଅଭ୍ୟାସ ଉପରେ ସଚେତନତା ବୃଦ୍ଧି କରିଥିଲା, ଯାହା ଗ୍ରାମାଞ୍ଚଳ ସମ୍ପ୍ରଦାୟରେ ସ୍ୱାସ୍ଥ୍ୟ ଅବହେଳାକୁ ପୂରଣ କରିବାରେ ସାହାଯ୍ୟ କରିଥିଲା ।

ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି: "ବେଦାନ୍ତ ଲାଞ୍ଜିଗଡ଼ରେ, ଆମେ ସ୍ଥାୟୀ ସ୍ୱାସ୍ଥ୍ୟସେବା ପଦକ୍ଷେପ ମାଧ୍ୟମରେ ସମ୍ପ୍ରଦାୟର ଉନ୍ନତି ପାଇଁ ଦୃଢ ଭାବରେ ପ୍ରତିବଦ୍ଧ । ଏହି ମେଗା ସ୍ୱାସ୍ଥ୍ୟ ଶିବିର ହେଉଛି ଆମର ପ୍ରତିରୋଧକ ପଦ୍ଧତିର ଏକ ଅଂଶ ଯାହା ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ସମୟୋଚିତ ଚିକିତ୍ସା ସହାୟତା ସୁନିଶ୍ଚିତ କରିଥାଏ । ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ, ଆମେ ଅବହେଳିତ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇବା ଜାରି ରଖିଛୁ ।"

ପ୍ରୋଜେକ୍ଟ ଆରୋଗ୍ୟ, ବେଦାନ୍ତ ଲାଞ୍ଜିଗଡ଼ର ପ୍ରମୁଖ ସ୍ୱାସ୍ଥ୍ୟସେବା ଯାହା ଉକ୍ତ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି । କେବଳ ଆର୍ଥିକ ବର୍ଷ ୨୦୨୪-୨୫ରେ, ୬୬୦ରୁ ଅଧିକ ମୋବାଇଲ୍ ହେଲଥ ୟୁନିଟ୍ ପରିଦର୍ଶନ କରାଯାଇଥିଲା, ଯାହା ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ୨୦,୫୦୦ରୁ ଅଧିକ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିଲା । ଏହାସହିତ ୬୮୦ରୁ ଅଧିକ ସମ୍ପ୍ରଦାୟଙ୍କ ଉଦ୍ଦେଶ୍ୟରେ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା, ଯାହା ୧୫,୦୦୦ରୁ ଅଧିକ ଲୋକଙ୍କୁ ସ୍ୱଚ୍ଛତା, ସୁସ୍ଥତା ଏବଂ ରୋଗ ନିବାରଣ ଉପରେ ଜରୁରୀ ସୂଚନା ପ୍ରଦାନ କରିଥିଲା । ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏକ ଦାୟିତ୍ୱପୂର୍ଣ୍ଣ ବିକାଶ ସହଯୋଗୀଭାବରେ ଏହାର ଭୂମିକାକୁ ଆହୁରି ସୁଦୃଢ଼ କରି, ଶେଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ବେଦାନ୍ତ ଲାଞ୍ଜିଗଡ଼ ତାର ମିଶନରେ ଅଟଳ ରହିଛି ।




# ଟାଟା ମୋଟର୍ସ ଏସ ପ୍ରୋର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଟାଟା ମୋଟର୍ସ, ମାଲ ପରିବହନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିବା ସହିତ ସମ୍ପୂର୍ଣ୍ଣ ନୂତନ ଟାଟା ଏସ ପ୍ରୋର ଶୁଭାରମ୍ଭ କରିଛି ଯାହାକି କ୍ଷୁଦ୍ର ମାଲପରିବହନ କ୍ଷେତ୍ରରେ ପରିବର୍ତ୍ତନଶୀଳ ଯୁଗର ଏକ ଅଗ୍ରଦୂତ ଭାବରେ ପ୍ରତିଷ୍ଠିତ । କେବଳ ମାତ୍ର ୩.୯୯ ଲକ୍ଷ ଟଙ୍କାର ଏକ ଅପ୍ରତିଦ୍ୱନ୍ଦି ପ୍ରାରମ୍ଭିକ ମୂଲ୍ୟକୁ ନେଇ, ଟାଟା ଏସପ୍ରୋ ଭାରତର ସର୍ବାଧିକ ଆଦୃତ ଲାଭ କରିଥିବ ଚାରିଚକିଆ ମିନିଟ୍ରକ, ବିରଳ କାର୍ଯ୍ୟଦକ୍ଷତା, ଅତୁଳନୀୟ ବିବିଧତା ତଥା ଉନ୍ନତମାନର ମୂଲ୍ୟ ପ୍ରଦାନକାରୀ ଅଟେ । ଗ୍ରାହକମାନେ ନିଜର ପସନ୍ଦ ମୁତାବକ ଏହି ଏସପ୍ରୋର ବିଭିନ୍ନ ପ୍ରକାର ଭେଦର ବୁକିଙ୍ଗ ଟାଟା ମୋଟର୍ସର ରହିଥିବା ୧୨୫୦ରୁ ଅଧିକ ବ୍ୟବସାୟିକ ମାନ ବିକ୍ରୟ କେନ୍ଦ୍ରରେ ଯାହାକି ସମଗ୍ର ଦେଶରେ ରହିଛି କିମ୍ବା ଫ୍ଲିଟ ସଂସ୍କରଣ, ଅଥବା ଟାଟା ମୋଟର୍ସ ଅନଲାଇନ ବିକ୍ରୟ ମଂଚ ମାଧ୍ୟମରେ କରିପାରିବେ । ଏସପ୍ରୋର ଶୁଭାରମ୍ଭ ଅବସରରେ ଗିରିଶ ୱାଗ, ଏକ୍ସିକ୍ୟୁଟିଭ ଡ଼ାଇରେକ୍ଟର, ଟାଟା ମୋଟରର୍ସ ମତ ବ୍ୟକ୍ତ କରି କହିଛନ୍ତି, "ଭାରତରେ ଟାଟା ଆସେର ଶୁଭାରମ୍ଭ ମାଲ ପରିବହନ କ୍ଷେତ୍ରରେ ଏକ ବୈପ୍ଳବାତ୍ମିକ ଧାରା ଥିଲା । ବିଗତ ଦୁଇଦଶନ୍ଧି ମଧ୍ୟରେ ଏହା ସଫଳତାର ସହିତ ୨୫ ଲକ୍ଷରୁ ଅଧିକ ଉଦ୍ୟୋଗୀଙ୍କୁ ସଶକ୍ତ କରିବା ସହିତ ବିକାଶ ଏବଂ ସମ୍ଭାବନାର ଏକ ପ୍ରତୀକ ଭାବରେ ପ୍ରତିଷ୍ଠା ଲାଭ କରିଛି । ଟାଟା ଏସପ୍ରୋର ଏହି ସମ୍ପୂର୍ଣ୍ଣ ନୂତନତା ସହିତ ଆମେ ଏଭଳି ବଂଶାନୁକ୍ରମିକତାକୁ ପ୍ରତିଷ୍ଠା କରିବା ସହିତ ନୂତନ ପୀଢ଼ିର ସ୍ୱପ୍ନା ଭିଳାଷୀଙ୍କ ପାଇଁ ଯଥାର୍ଥରେ ଲୋକପ୍ରିୟ ହୋଇପାରିଛୁ ।




## ସାହାନା ସିଷ୍ଟମ ଲିମିଟେଡକୁ

# ଆର୍ଥିକ ଇକୋସିଷ୍ଟମ ବୃଦ୍ଧି ପ୍ରସ୍ତାବ ଥାଇ ସରକାରଙ୍କ ଠାରୁ ସ୍ୱୀକୃତି

ଭୁବନେଶ୍ୱର, (ସବ୍ୟୁ): ଅତ୍ୟାଧୁନିକ ଆଇଟି ସେବା ପରିଚାଳନା ସମାଧାନର ଏକ ବିଶିଷ୍ଟ ପ୍ରଦାନକାରୀ ସାହାନା ସିଷ୍ଟମ ଲିମିଟେଡ୍ ଥାଇଲାଣ୍ଡର ଆର୍ଥିକ ଇକୋସିଷ୍ଟମ ସମ୍ପର୍କରେ ଏହାର ରଣନୈତିକ ଯୋଗଦାନରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଆନୁଷ୍ଠାନିକ ଅଗ୍ରଗତି ଘୋଷଣା କରି ଆନନ୍ଦିତ । କଂପାନିକୁ ଅର୍ଥ ମନ୍ତ୍ରଣାଳୟ, ରୟାଲ ଥାଇ ସରକାରଙ୍କ ଠାରୁ ଏକ ଚିଠି ମିଳିଛି, ଯେଉଁଥିରେ ଆନୁଷ୍ଠାନିକ ଭାବରେ ଦେୟ ଭିତ୍ତିଭୂମିର ରଣନୈତିକ ଉନ୍ନତି ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ବ୍ୟାପକ ଅଗ୍ରଗତି ପାଇଁ ସାହାନାଙ୍କ ବିସ୍ତୃତ ପ୍ରସ୍ତାବକୁ ସ୍ୱୀକାର କରାଯାଇଛି । ସାହାନା ସିଷ୍ଟମ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରତୀକ କାକାଡିଆ କହିଛନ୍ତି, "ରୟାଲ୍ ଥାଇ ସରକାରଙ୍କ ତରଫରୁ ଆଲୋଚନା ପାଇଁ ସରକାରୀ ସ୍ୱୀକୃତି ଓ ନିମନ୍ତ୍ରଣ ମିଳିଥିବାରୁ ଆମେ ବହୁତ ଖୁସି । ଏହି ସହଯୋଗ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ନୂତନ ମାର୍ଗ ସୃଷ୍ଟି କରିବାକୁ ପ୍ରସ୍ତୁତ । ଆମେ କେବଳ ଏକ ପ୍ରମୁଖ ବଜାର ମଧ୍ୟରେ ଆଶାଜନକ ନୂତନ ସମ୍ପର୍କ ଏବଂ ରଣନୈତିକ ସ୍ଥିତିର ଉନ୍ମୋଚନ ଆଶା କରୁନାହୁଁ, ବରଂ ଆମର ଦକ୍ଷତା ଏବଂ ପହଂଚକୁ ମଧ୍ୟ ଗଭୀର କରିବା ପାଇଁ ଚେଷ୍ଟା କରୁଛୁ । ଆମର ଦୀର୍ଘମିଆଦୀ ଉଦ୍ଦେଶ୍ୟକୁ ସାକାର କରିବା ଏବଂ ନିରନ୍ତର ମୂଲ୍ୟ ବୃଦ୍ଧି ଦିଗରେ ଏହି ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।"

## ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣା

# ୨୧ରେ କଟକ, ସମ୍ବଲପୁର ଓ ବ୍ରହ୍ମପୁର ଆରଡିସି ଅଫିସ୍‌ରେ ବିଜେଡିର ବିକ୍ଷୋଭ

ଭୁବନେଶ୍ୱର, (ସବ୍ୟୁ): ସୌମ୍ୟାଶ୍ରୀ ଆତ୍ମାହୂତି ଘଟଣାରେ ତାଙ୍କ ମୃତ୍ୟୁ ପାଇଁ ବ୍ୟବସ୍ଥାଗତ ବିଫଳତାକୁ ଦାୟୀକରି ଓ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡ଼ି ପକ୍ଷରୁ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ, ଆସନ୍ତା ୨୧ ତାରିଖରେ ଦଳ ତରଫରୁ ରାଜ୍ୟର ସମସ୍ତ ଆରଡିସି ଅଫିସ ଘେରାଉ କାର୍ଯ୍ୟକ୍ରମ ହେବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି ।

ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଆରଡିସି ଅଫିସ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି । ସେ କହିଥିଲେ, ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବାବେଳେ, ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ବିଜୁଜନତା ଦଳ ପ୍ରତିବାଦ କାର୍ଯ୍ୟକ୍ରମ କରିଆସୁଛି । ୧୪ ତାରିଖ ବିଳମ୍ବିତ ରାତିରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘୋଷଣା କରାଯାଇଥିଲାବେଳେ ତା ପରଦିନ ସକାଳୁ ଅର୍ଥାତ ଜୁଲାଇ ୧୫ ତାରିଖ ଦିନ ବିଜୁଛାତ୍ର ଓ ଯୁବଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା । ୧୬ ତାରିଖ ଦିନ ବିଜୁଜନତା ଦଳ ତରଫରୁ ଲୋକସେବାଭବନ ଘେରାଉ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ସରକାରଙ୍କ ନିର୍ଦ୍ଦେଶରେ ପୋଲିସ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ କରିଥିଲେ । ରାଜ୍ୟସରକାରଙ୍କ ଦାୟିତ୍ୱହୀନତା ଓ ସମ୍ବେଦନହୀନତା ଲାଗି ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଏବଂ ଏହାର ତଦନ୍ତ ଉଚ୍ଚ ନ୍ୟାୟାଳୟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ପାଇଁ ବିଜେଡି ଦାବି କରିଛି । ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନମିଳିବା ଯାଏଁ ବିଜୁଜନତା ଦଳ ଏହି ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଶ୍ରୀ ମିଶ୍ର କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁବକ୍ସିପାତ୍ର ଉପସ୍ଥିତ ଥିଲେ ।

# ପେନ୍‌ସନ୍ ଆସୋସିଏସନ ପକ୍ଷରୁ ସ୍କୁଲରେ ପାଠ୍ୟ ଉପକରଣ ବଣ୍ଟନ

କଟକ, (ସ୍ୱପ୍ର): ମହାନଦୀବିହାର ପେନସନ ଆସୋସିଏସନ ପକ୍ଷରୁ ସ୍ଥାନୀୟ ମହାନଦୀବିହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ ଖାତା, କଲମ, ଅଷ୍ଟମ ଶ୍ରେଣୀ ନିମନ୍ତେ ୧୨ ଟି ଡେସ୍କ- ବେଞ୍ଚ, ସମସ୍ତ ଶ୍ରେଣୀ ଶିକ୍ଷକଙ୍କ ପାଇଁ ୮ ଟି କାଠ ଚେୟାର, ୨ ଟି ଟେବୁଲ, ଗୋଟିଏ ପୋଡିୟମ, ଗୋଟେ ବଡ଼ ଟେବୁଲ ଯୋଗାଇ ଦିଆଯାଇଛି । ଏହାବ୍ୟତୀତ ପ୍ରତ୍ୟେକ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର, ଛାତ୍ରୀଙ୍କୁ ବିଦ୍ୟାଳୟରେ ସର୍ବୋଚ୍ଚ ଉପସ୍ଥାନ ପାଇଁ ତଥା ଏବର୍ଷ ଏନଆରଟିଏସ ପାଇଥିବା ଛାତ୍ର, ଛାତ୍ରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି । ଏହି ଅବସରରେ ସ୍କୁଲ ପ୍ରାଙ୍ଗଣରେ ଆସୋସିଏସନର ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ପୌରହିତ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପ ସଭାପତି ରମେଶ ଚନ୍ଦ୍ର ରାଉତ, ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦାଶ, ଯୁଗ୍ମ ସମ୍ପାଦକ ମହେନ୍ଦ୍ର ନାଥ ପଣ୍ଡା, କୋଷାଧକ୍ଷ ବିଷ୍ଣୁ ପ୍ରସାଦ କର ଓ ଅନ୍ୟାନ୍ୟ ସଭ୍ୟ ଯଥା ଶରତ କୁମାର ପାଣି, ନିର୍ମଳେନ୍ଦୁ ଗୁପ୍ତ, ସାଇନାଥ ଉପଲଞ୍ଚୱାର, ବିବେକ ରଞ୍ଜନ ଦାଶ, ଅତନୁ କୁମାର ଦାଶ, ବିମ୍ବାଧର ଶତପଥି, ପ୍ରହଲ୍ଲାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ଦେଇଥିଲେ ଓ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ ମାନେ ସଭା ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟ ନିମନ୍ତେ ଆସୋସିଏସନର ବରିଷ୍ଠ ସଭ୍ୟ ଡଃ ଗୋପାଳ କୃଷ୍ଣ ପରିଡା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଶେଷରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ମୃତ୍ୟୁଞ୍ଜୟ ରଥ ଓ ମାଧବାନନ୍ଦ ବେହୁରାଙ୍କୁ 'ପ୍ରତିଭା ସମ୍ମାନ-୨୦୨୫'

ଭୁବନେଶ୍ୱର, (ସବ୍ୟୁ): ରୋଟାରୀ କ୍ଲବ ଖାରବେଳ-କଳିଙ୍ଗ ନଗର ତା'ର ନବମ ଅଧିଷ୍ଠାନ ଦିବସ ପାଳନ କରିଛି । ଏହି ଅବସରରେ ଦାୟିତ୍ୱ ହସ୍ତାନ୍ତର ସ୍ୱରୂପ ଚଳିତ ୨୦୨୫-୨୬ ବର୍ଷ ନିମନ୍ତେ ରୋଟାରିଆନ ଆଡଭୋକେଟ ଦିଲ୍ଲୀପ୍ କୁମାର ଜେନା ଓ ଶ୍ରୀ ପୁର ପ୍ରଧାନ ଯଥାକ୍ରମେ ସଭାପତି ଓ ସଂପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଡ. ମୃତ୍ୟୁଞ୍ଜୟ ରଥ ଓ ଡ. ମାଧବାନନ୍ଦ ବେହୁରାଙ୍କୁ 'ପ୍ରତିଭା ସମ୍ମାନ-୨୦୨୫'ରେ ସମ୍ମାନୀତ କରାଯାଇଛି ।

ଶୁକ୍ରବାର ଦିନ ପୂର୍ବାହ୍ନରେ ସୋଆ ବିଶ୍ୱବିଦ୍ୟାଳୟର ଏକ ସଭା କକ୍ଷରେ ରୋଟାରୀ କ୍ଲବ ଖାରବେଳ-କଳିଙ୍ଗ ନଗର ପକ୍ଷରୁ ଆୟୋଜିତ ଏକ ଭବ୍ୟ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥିଭାବେ ରୋଟାରୀ ଜିଲ୍ଲା ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ, ପିଡିଜି ଶିବବ୍ରତ ଦାଶ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଦୀପ୍ତ କୁମାର ନନ୍ଦ, ଏ.ଜି ଡ. ଶିଶିରକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ରୋଟାରୀ କ୍ଲବ ପକ୍ଷରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ କରାଯାଉଥିବା ସେବାକାର୍ଯ୍ୟ ସଂପର୍କରେ ଅଲୋକପାତ କରିଥିଲେ । ବିଶେଷକରି କ୍ଲବ ପକ୍ଷରୁ ହେଉଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ସାଂପ୍ରତିକ ସମୟରେ ବହୁ ଗୁରୁତ୍ୱ ବହନ କରେ ବୋଲି ଅତିଥିମାନେ ମତ ରଖିଥିଲେ । ଡ. କେ.ସି. ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ସଭାପତି ଆର.ସି. ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ବିଗତ ବର୍ଷରେ କ୍ଲବ ପକ୍ଷରୁ କାରାଯାଇଥିବା କାର୍ଯ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ସ୍ୱାଗତ ସଂଗୀତ ଗାନ କରିଥିଲେ ରୋଟାରିଆନ ନିହାରୀକା ମିଶ୍ର । ଏହି ଅବସରରେ ପ୍ରାନ୍ତପାଳ ଶ୍ରୀ ତ୍ରିପାଠୀ କ୍ଲବରେ ନୂତନ ସଭ୍ୟ ଭାବରେ ରୋଟାରୀ ପିନ୍ ପ୍ରଦାନକରି ତିନି ଜଣଙ୍କୁ ସଭ୍ୟଭାବରେ ଗ୍ରହଣ କରିଥିଲେ । ଏଥିରେ ରାଜ୍ୟର ବିଭିନ୍ନ କ୍ଲବର ସଭାପତି ଓ ସଭ୍ୟମାନେ ଯୋଗଦେଇ ନୂତନ ସଭାପତି ଶ୍ରୀ ଜେନାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନକରି ଅଭିନନ୍ଦନ ଜଣାଇଥିଲେ ।

# ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲର ବ୍ରାଣ୍ଡ ଆମ୍ବାସଡ଼ର ହେଲେ ଡାକ୍ତର ସାଇପ୍ରସନ୍ନା

ଭୁବନେଶ୍ୱର, (ସବ୍ୟୁ)): ପୁଣିଥରେ ବିଦେଶ ମାଟିରେ ଓଡିଶାର ଟେକ ରଖିଛନ୍ତି ଓଡିଶା ବୋହୂ ଡାକ୍ତର ସାଇପ୍ରସନ୍ନା ବେହେରା । ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲରେ ପ୍ରତିଯୋଗୀରୁ ଯାତ୍ରା ଆରମ୍ଭ କରି ମୁକୁଟ ଧାରଣ କରିବା ସହ ପ୍ରଥମ ଭାରତୀୟ ଭାବେ ସେ ୨୦୨୫-୨୭ ବର୍ଷ ପାଇଁ ମିସେସ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲର ଅଫିସିଆଲ୍ ଫେସ୍ ଏବଂ ବ୍ରାଣ୍ଡ ଆମ୍ବାସଡର ଭାବରେ ନିଯୁକ୍ତ ହୋଇଛନ୍ତି ଡାକ୍ତର ସାଇପ୍ରସନ୍ନା ବେହେରା । ସାଇପ୍ରସନ୍ନା ଅଡିସିୟସ୍ ମିସେସ୍ ଇଣ୍ଡିଆ ୨୦୨୩ ଥିଲେ, ଏବଂ ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ୍ ୨୦୨୩ ରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ । ସେ ଅଡିସିୟସ୍ ଏଣ୍ଟରଟେନମେଣ୍ଟ ଏଲ୍‌ଏଲ୍‌ପି ଦ୍ୱାରା ପରିଚାଳିତ । ୨୦୨୩-୨୪ ରେ ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ ପ୍ରତିଯୋଗୀତାରେ ଜଣେ ପ୍ରତିଯୋଗୀ ଭାବେ ନିଜର ଯାତ୍ରା ଆରମ୍ଭ କରିଥିଲେ ସାଇ । ସେହି ବର୍ଷ ବିଜେତା ହେବା ପରେ ଉତ୍କର୍ଷତା ଏବଂ ସୌନ୍ଦର୍ଯ୍ୟରେ ନୂତନ ମାନଦଣ୍ଡ ସ୍ଥାପନ କରିଥିଲେ । ଏହାସହ ପ୍ରଥମଥର ପାଇଁ ଡାକ୍ତର ସାଇପ୍ରସନ୍ନା ବେହେରା ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ ୨୦୨୪-୨୫ ଭାବରେ ପୁନଃ ମୁକୁଟ ଧାରଣ କରି ଓଡିଶା ପାଇଁ ଗର୍ବ ଗୌରବ ଆଣିଥିଲା । ଏବେ ତାଙ୍କ ଯାତ୍ରାରେ ଆଉ ଏକ ପାଦ ଆଗେଇ ସେ ୨୦୨୫-୨୭ ବର୍ଷ ପାଇଁ ମିସେସ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲର ବ୍ରାଣ୍ଡ ଆମ୍ବାସଡର ଭାବେ ନିଯୁକ୍ତ ହୋଇଛନ୍ତି । ଏହି ଅଭୂତପୂର୍ବ ସମ୍ମାନ ଲାଭ କରିବା ସହିତ ପ୍ରତିଯୋଗୀରୁ ବିଜେତା ହୋଇ ପ୍ରତିନିଧିତ୍ୱ କରିବାରେ ସେ ପ୍ରଥମ ବ୍ୟକ୍ତିତ୍ୱ ପାଲଟିଛନ୍ତି । ଏହି ସମ୍ମାନଜନକ ଉପାଧିରେ ସମ୍ମାନିତ ହୋଇଥିବା ସେ ହେଉଛନ୍ତି ପ୍ରଥମ ଭାରତୀୟ । ତାଙ୍କର ସଫଳତା ବିଶ୍ୱ ସ୍ତରରେ ପ୍ରତିନିଧିତ୍ୱ, ଦୃଢ଼ତା ଏବଂ ଉତ୍କର୍ଷତାର ଏକ ଶକ୍ତିଶାଳୀ ପ୍ରତୀକ । ନାରୀ ସଶକ୍ତିକରଣ ଏବଂ ସୌନ୍ଦର୍ଯ୍ୟର ଏକ ପ୍ରକୃତ ପ୍ରେରଣାଦାୟକ ପ୍ରତିଛବି ପାଲଟିଛନ୍ତି ଡାକ୍ତର ସାଇପ୍ରସନ୍ନା ବେହେରା ।



# ୟୁଟେଲସାଟର ପୁଞ୍ଜି ବୃଦ୍ଧି ଯୋଜନା

ଭୁବନେଶ୍ୱର, (ସବ୍ୟୁ): ୟୁଟେଲସାଟ ପକ୍ଷରୁ ଘୋଷଣା କରାଯାଇଛି ପୁଞ୍ଜି ବୃଦ୍ଧି କାର୍ଯ୍ୟକ୍ରମରେ ବ୍ରିଟେନ ଅଂଶଗ୍ରହଣ କରିବ । ଅନ୍ୟ ପ୍ରମୁଖ ଅଂଶଧନକାରୀଙ୍କ ସହିତ ଏହି ଅତିରିକ୍ତ ଅଂଶଗ୍ରହଣ ମୋଟ ରାଶିକୁ ୧.୫ ବିଲିୟନ ୟୁରୋକୁ ବୃଦ୍ଧି କରିବ ଯାହା ୟୁଟେଲସାଟର ଦୀର୍ଘକାଳୀନ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟକୁ କାର୍ଯ୍ୟକାରିତାକୁ ଦର୍ଶାଉଛି । ଏପିଇ (ଏଜେନ୍ସି ଡି ପାର୍ଟିସିପେସନ୍ସ ଡି ଏଲ'ଟଟାଟ) ଜରିଆରେ ଫ୍ରାନ୍ସ, ଭାରତୀ ସ୍ପେସ ଲିମିଟେଡ, ସିଏମଏ ସିଜିଏମ ଓ ଏଫଏସପି ସହ ସଂରକ୍ଷିତ ପୁଞ୍ଜି ବୃଦ୍ଧି ଏବଂ ସଂରକ୍ଷିତ ପୁଞ୍ଜି ବୃଦ୍ଧି ପରେ ନିଜ ଅଂଶଧନକାରୀଙ୍କ ରାଇଟ ଇସ୍ୟୁ ପ୍ରୋ-ରାଟା ସମେତ ମୋଟ ୧୬୩.୩ ନିୟୁତ ୟୁରୋ ନିବେଶ କରିବା ଲାଗି ବ୍ରିଟେନର ବିଜ୍ଞାନ, ନବସୃଜନ ଓ ପ୍ରଯୁକ୍ତିର ପରରାଷ୍ଟ୍ର ସଚିବଙ୍କ ଜରିଆରେ ସରକାର ଯୋଡ଼ିହୋଇଛନ୍ତି । ସଂରକ୍ଷିତ ପୁଞ୍ଜି ବୃଦ୍ଧି ପ୍ରତି ପ୍ରତିବଦ୍ଧତାରେ ନିବେଶକମାନେ ୨୦୨୫ କ୍ୟାଲେଣ୍ଡର ବର୍ଷର ତୃତୀୟ ତ୍ରୈମାସିକ ଶେଷ ସୁଦ୍ଧା ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଅଂଶଧନକାରୀଙ୍କ ବୈଠକରେ ଅଂଶଧନକାରଙ୍କ ମଂଜୁରି, ଆବଶ୍ୟକ ବୈଧାନିକ ମଞ୍ଜୁରି ସମେତ ଏକ ସଂଶୋଧିତ ମିଳିତ ଭାବେ ଗ୍ରହଣୀୟ ସର୍ତାବଳୀ ଅଧୀନରେ କାର୍ଯ୍ୟକାରିତା. ଅଣ ସମ୍ମତ ଅଂଶୀଦାରଙ୍କ ଚୁକ୍ତି ଉପରେ ନିର୍ଭରଶୀଳ ରହିବ ଯାହା ସଂରକ୍ଷିତ ପୁଞ୍ଜି ବୃଦ୍ଧି ପରେ ମାଲିକାନା ଢ଼ାଂଚାକୁ ପ୍ରତିଫଳିତ କରିବ । ଏଥି ସହିତ ସ୍ୱତନ୍ତ୍ର ଅଂଶଧନକାରୀଙ୍କ ବୈଠକରେ (ସଂରକ୍ଷିତ ପୁଞ୍ଜି ବୃଦ୍ଧି ପରେ କାର୍ଯ୍ୟକାରୀ ହେବାକୁ ଥିବା ଗଭର୍ଣ୍ଣାନ୍ସ ପରିବର୍ତ୍ତନ ଏବଂ ଏହି ସମୟରେ କମ୍ପାନି ପକ୍ଷରୁ ରାଇଟସ ଇସ୍ୟୁର ନୂଆ ସ୍ୱୀକୃତି ପାଇଁ ନିବେଦନ କରାଯିବ) ସଂରକ୍ଷିତ ପୁଞ୍ଜି ବୃଦ୍ଧି କାରବାର ସପକ୍ଷରେ ମତଦାନ ହାସଲ କରିବାକୁ ପ୍ରତିବଦ୍ଧ ରହିବା ଉପରେ ନିର୍ଭର କରିବ ଏବଂ ରାଇଟସ ଇସ୍ୟୁ ଆରମ୍ଭ ହେବା ପର୍ଯ୍ୟନ୍ତ ସେମାନଙ୍କ ମାଲିକାନାକୁ ବଜାୟ ରଖିବ । ସଂରକ୍ଷିତ ପୁଞ୍ଜି ବୃଦ୍ଧିରେ ୮୨୮ ନିୟୁତ ୟୁରୋ ସଂଗ୍ରହ କରାଯିବାକୁ ଥିବା ବେଳେ ୫୫୧ ନିୟୁତ ୟୁରୋ ପାଇଁ ଏପିଇ ଜରିଆରେ ଫ୍ରାନ୍ସ ସରକାର, ୩୦ ନିୟୁତ ୟୁରୋ ପାଇଁ ଭାରତୀ ସ୍ପେସ ଲିମିଟେଡ, ୯୦ ନିୟୁତ ୟୁରୋ ପାଇଁ ବ୍ରିଟେନ ସରକାର, ୧୦୦ ନିୟୁତ ୟୁରୋ ପାଇଁ ସିଏମଏ ସିଜିଏମ, ୭ ନିୟୁତ ୟୁରୋ ପାଇଁ ଏଫଏସପି ସବସ୍କ୍ରାଇବ କରିବେ । ପରବର୍ତୀ ରାଇଟସ ଇସ୍ୟୁର ପରିମାଣ ହେଉଛି ୬୭୨ ନିୟୁତ ୟୁରୋ । ୨୦୨୫ ଜୁନରେ ଲେ ବୋରଗେଟରେ ଅନୁଷ୍ଠିତ ପ୍ୟାରିସ ଏୟାର ସୋ'କୁ ସମ୍ବୋଧିତ କରିବା ଅବସରରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନ ଭାରତ ସମେତ ଅନ୍ୟାନ୍ୟ ଦେଶରୁ ଫ୍ରାନ୍ସରେ ଅଧିକ ପୁଞ୍ଜିନିବେଶ ପାଇଁ ଆହ୍ୱାନ ଦେଇଥିଲେ ।

## ପରିବେଶ ପ୍ରଦୂଷଣ, ବିସ୍ଥାପନ, ଜୀବିକା ସମ୍ପର୍କିୟ

# ପିସିସି ତଥ୍ୟ ଅନୁଧ୍ୟାନ କମିଟିର ଯାଜପୁର ଗସ୍ତ

ଭୁବନେଶ୍ୱର,(ସବ୍ୟୁ): ଆସନ୍ତା ୧୯ ଓ ୨୦ ତାରିଖ ଦୁଇ ଦିନ ଧରି ପରିବେଶ ପ୍ରଦୁଷଣ, ବିସ୍ଥାପନ ଓ ଜୀବିକା ସମ୍ପର୍କିୟ ପିସିସି ତଥ୍ୟ ଅନୁଧ୍ୟାନ କମିଟିର ଯାଜପୁର ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏହି କ୍ରମରେ ୧୯ ତାରିଖ ଶନିବାର କମିଟି ୯ ଘଟିକା ସମୟରେ ଭୁବନେଶ୍ୱର ବାହାର ୧୧ ଘଟିକା ସମୟରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ବଡଚଣାର ବନ୍ୟା ପ୍ରପୀଡ଼ିତ ଜନସାଧାରଣଙ୍କ ସହ ସାକ୍ଷାତ ଆଲୋଚନା କରିବେ । ସେହିଭଳି ଦିବା ୨ ଘଣ୍ଟା ସମୟରେ ବରୀ ବନ୍ୟା ପ୍ରପୀଡ଼ିତ ସହ ଆଲୋଚନା, ପରେ ଯାଜପୁର ବ୍ଲକ ଅଞ୍ଚଳରେ ବନ୍ୟା ପ୍ରପୀଡ଼ିତ ମାନଙ୍କ ସହ ଆଲୋଚନା କରି ସନ୍ଧ୍ୟା ୫ ଘଟିକା ସମୟରେ ଜିଲ୍ଲା ପ୍ରଶାସକଙ୍କ ସହିତ ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ସେହିପରି ୨୦ ତାରିଖ ରବିବାର ଦିନ ସୁକିନ୍ଦା, ଡୁବୁରି ଏବଂ କଳିଙ୍ଗ ନଗର ଠାରେ ବିସ୍ଥାପିତ ପରିବାରଗୁଡ଼ିକୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଦିବା ୨.୩୦ ମିନିଟ ସମୟରେ ଧର୍ମଶାଳାଠାରେ ବେଆଇନ ଖଣି ଓ ସିମେ ଫ୍ୟାକଟ୍ରି ଦ୍ୱାରା ଜୀବନ ଜୀବିକା ହରାଇଥିବା ଦୁଃସ୍ଥ ଜନସାଧାରଣଙ୍କୁ ଭେଟି ୪ଟା ସମୟରେ ଜାରକା ଠାରେ ସାମ୍ବାଦିକ ସମ୍ମିଳନୀ କରିବେ । ଉକ୍ତ କମିଟି ସଂନ୍ଧ୍ୟା ୫ ଘା ସମୟରେ ଭୁବନେଶ୍ୱର ଫେରି ଆସି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ ଏକ ରିପୋର୍ଟ ପ୍ରଦାନ କରିବେ ବୋଲି କମିଟିର ଆବାହାର ସୁଧାଂସୁ ଶେଖର ଦେଓ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

# ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ଇକୋର ପଞ୍ଚମ ଅଧିଷ୍ଠାନ ଦିବସ

ଭୁବନେଶ୍ୱର, (ସବ୍ୟୁ) : ଏମଆଇଟିଏସ୍ ସ୍କୁଲ ଅଫ ବାଇ ଟେକ୍ନୋଲୋଜି ପରିସରରେ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ଇକୋର ପଞ୍ଚମ ଅଧିଷ୍ଠାନ ଦିବସ ପାଳିତ ହୋଇଯାଇଛି । ରୋଟାରୀ ବର୍ଷ ୨୦୨୫-୨୬ ପାଇଁ ସଭାପତି ଧନେଶ୍ୱର ସାହୁ ଓ ସମ୍ପାଦକ ବିବେକାନନ୍ଦ ଜେନା, ପୂର୍ବତନ ସଭାପତି ଡ.ଗୀତିକା ପଟ୍ଟନାୟକଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଏହି ସଭାରେ ପ୍ରାନ୍ତପାଳ ରୋଟାରିଆନ ମନୋଜ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଗତ ୧୨୦ ବର୍ଷ ମଧ୍ୟରେ ରୋଟାରୀ ସଂସ୍ଥା ଅନେକ ଲୋକହିତକର କାର୍ଯ୍ୟ କରିଥିବାର ସୂଚନା ଦେଇଥିଲେ । ଏହି ବର୍ଷ ପରିବେଶ ସୁରକ୍ଷା ସହିତ ଧ୍ୱନି ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଅଧିକ କାର୍ଯ୍ୟ କରିବା ପାଇଁ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ଇକୋ ଏକ ଯୋଜନା ପ୍ରସ୍ତୁତ କରିଅଛି । ଏମଆଇଟିଏସ୍ କଲେଜର ୧୪ ଜଣ ଛାତ୍ରଛାତ୍ରୀ ଏକ ରୋଟାରାକ୍ଟ କ୍ଲବ ଗଠନ କରିବାର ଯୋଜନା ପ୍ରସ୍ତୁତ ହୋଇଛି । ରବୀନ୍ଦ୍ରନାଥ ପଟ୍ଟନାୟକ ସଭା ସଞ୍ଚାଳନ କରିଥିବା ବେଳେ ଅମୂଲ୍ୟଧନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ଡ.ଶାରଦା ଚରଣ ମହାନ୍ତି, କ୍ଲବ ସଦସ୍ୟ ସୁନନ୍ଦ କୁମାର ମିତ୍ର, ରାମକୃଷ୍ଣ ଦାସ, ଅଶୋକ କୁମାର ପଣ୍ଡା, ନବ କୁମାର ପୃଷ୍ଟି, କିଶୋର କୁମାର ଅଗ୍ରୱାଲ, ସଦାଶିବ ମିଶ୍ର, ଦେବାଶିଷ ସୁଆର, ଡ.ଜିତେନ୍ଦ୍ର ନାଥ ପଟ୍ଟନାୟକ, ସୁବାସ ବେହେରା, ପ୍ରିୟଙ୍କା ଦାସ, ଷ୍ଟାଲିନ ନାୟକ ଓ ବିନିତା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ ।



## ଇସ୍ରାଏଲ ଆକ୍ରମଣ ଭୟ

# ସିରିଆ ରାଷ୍ଟ୍ରପତି, ପ୍ରତିରକ୍ଷା ମନ୍ତ୍ରୀ ନିଖୋଜ



ଦାମାସ୍କସ୍: ସିରିଆ ରାଷ୍ଟ୍ରପତି ଅହମଦ ଅଲ ଶାରା ଏବଂ ପ୍ରତିରକ୍ଷା ମନ୍ତ୍ରୀ ନିଜ ନିଜ ପରିବାର ସହିତ ରାଜଧାନୀ ଦମାସ୍କସ୍ ଛାଡି ପଳାଇଥିବା ସୂଚନା ମିଳିଛି । ସରକାରୀ ସୂତ୍ରକୁ ଉଦ୍ଧାର କରି ଅଲ ମାଯାଦିନ ଖବରକାଗଜ ଏହି ଦାବି କରିଛି। ଅଲ ଶାରାଙ୍କ ଦମାସ୍କସ୍ ଛାଡିବା ଏପରି ଏକ ସମୟରେ କୁହାଯାଉଛି ଯେତେବେଳେ ସିରିଆର ସୈନ୍ୟମାନେ ପୁଣି ଥରେ ଡ୍ରୁଜ ସଂପ୍ରଦାୟ ବହୁଳ ସହର ସୁୱେଇଦାକୁ ଦଖଲ କରିଛନ୍ତି । ଅହମ୍ମଦ ଅଲ୍ ଶାରା ଇସ୍ରାଏଲର ଟାର୍ଗେଟରେ ଅଛନ୍ତି । ଇସ୍ରାଏଲର ଆଭ୍ୟନ୍ତରୀଣ ସୁରକ୍ଷା ମନ୍ତ୍ରୀ ଘୋଷଣା କରିଛନ୍ତି ଯେ ହମାସ କମାଣ୍ଡରମାନଙ୍କୁ ଯେପରି ହତ୍ୟା କରାଯାଇଥିଲା ସେହିପରି ଅଲ୍ ଶାରାଙ୍କୁ ହତ୍ୟା କରାଯିବ ।

ଖବରକାଗଜ ଅନୁଯାୟୀ, ଅଲ ଶାରା ଏବଂ ତାଙ୍କ ପରିବାର ଇଦବିବକୁ ଚାଲିଯାଇଛନ୍ତି । ସିରିଆର ଇଦବିବ ସହର ତୁର୍କୀ ସୀମା ନିକଟରେ ଅବସ୍ଥିତ । ଆଉ କେତେକ ରିପୋର୍ଟ ଅନୁସାରେ ସେ ତୁର୍କୀ ପଳାଇ ଯାଇଥିବା ସନ୍ଦେହ କରାଯାଉଛି ।ତେବେ ପ୍ରତିରକ୍ଷା ମନ୍ତ୍ରୀ କୁଆଡ଼େ ଯାଇଛନ୍ତି ସେ ସଂପର୍କରେ ଏହି ରିପୋର୍ଟରେ କିଛି କୁହାଯାଇ ନାହିଁ । ଜୁଲାଇ ୧୬ ତାରିଖରେ ଯେତେବେଳେ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ଦମାସ୍କସରେ ସିରିଆର ସେନା ମୁଖ୍ୟାଳୟ ଉପରେ ଆକ୍ରମଣ କରିଥିଲା, ତୁର୍କୀ ସିରିଆ ରାଷ୍ଟ୍ରପତିଙ୍କୁ ତୁରନ୍ତ ରାଷ୍ଟ୍ରପତି ଭବନ ଛାଡିବାକୁ ପରାମର୍ଶ ଦେଇଥିଲା । କାରଣ ଅହମ୍ମଦ ଅଲ୍ ଶାରା ଇସ୍ରାଏଲର ଟାର୍ଗେଟରେ ଅଛନ୍ତି। ଇସ୍ରାଏଲର ଆଭ୍ୟନ୍ତରୀଣ ସୁରକ୍ଷା ମନ୍ତ୍ରୀ ଘୋଷଣା କରିଛନ୍ତି ଯେ ହମାସ କମାଣ୍ଡରମାନଙ୍କୁ ଯେପରି ହତ୍ୟା କରାଯାଇଥିଲା ସେହିପରି ଅଲ୍ ଶାରାଙ୍କୁ ହତ୍ୟା କରାଯିବ । ଇସ୍ରାଏଲ ସରକାର ଜୁଲାଇ ୧୬ ତାରିଖରେ ଅହମ୍ମଦ ଅଲ୍ ଶାରାଙ୍କ ଘର ନିକଟରେ ଏକ କ୍ଷେପଣାସ୍ତ୍ର ଆକ୍ରମଣ ମଧ୍ୟ କରିଥିଲେ ।

# ବିହାର ପାଇଁ କେନ୍ଦ୍ର ଭଣ୍ଡାର ଖୋଲା



ନୂଆଦିଲ୍ଲୀ: ବିହାରରେ ଆଗକୁ ହେବ ବିଧାନସଭା ନିର୍ବାଚନ । ଏହା ପୂର୍ବରୁ ବିଭିନ୍ନ ଦଳର ନେତାମାନେ ସେଠାକୁ ଯାଇ ପ୍ରଚାର କରିବାରେ ବ୍ୟସ୍ତ ଅଛନ୍ତି । ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୋତିହାରୀ ଜିଲ୍ଲା ଗସ୍ତ କରିଥିଲେ । ୭୨୧୭ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେବା ସହ ଗାନ୍ଧୀ ମୈଦାନରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ । ଏହି ସମୟରେ, ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ । ଜନସଭାକୁ ସମ୍ବୋଧିତ କରି ମୋଦୀ କହିଥିଲେ ଯେ, ପୂର୍ବ ଭାରତକୁ ଆଗକୁ ନେବା ପାଇଁ ଆମକୁ ବିହାରକୁ ଏକ ବିକଶିତ ବିହାର କରିବାକୁ ହେବ । ଆପଣମାନେ ଏହି ଭୂମିକୁ ଆରଜେଡି ଏବଂ କଂଗ୍ରେସର ଶିକୁଳିରୁ ମୁକ୍ତ କରିଛନ୍ତି, ଅସମ୍ଭବକୁ ସମ୍ଭବ କରିଛନ୍ତି । ଏହାର ଫଳସ୍ୱରୂପ, ଆଜି ବିହାରରେ ଗରିବ କଲ୍ୟାଣ ପାଇଁ ଯୋଜନାଗୁଡ଼ିକ ସିଧାସଳଖ ଗରିବଙ୍କ ପାଖରେ ପହଞ୍ଚିପାରୁଛି । ଗତ ୧୧ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଦେଶର ଗରିବଙ୍କ ପାଇଁ ୪କୋଟିରୁ ଅଧିକ ଘର ନିର୍ମାଣ କରାଯାଇଛି । ଏଥିମଧ୍ୟରୁ ପ୍ରାୟ ୬୦ଲକ୍ଷ ଘର କେବଳ ବିହାରରେ ନିର୍ମିତ ହୋଇଛି । କେବଳ ଆମ ମୋତିହାରୀ ଜିଲ୍ଲାରେ, ପ୍ରାୟ ୩ଲକ୍ଷ ଗରିବ ପରିବାରଙ୍କୁ ପକ୍କାଘର ମିଳିଛି ଏବଂ ଏହି ସଂଖ୍ୟା ନିରନ୍ତର ବୃଦ୍ଧି ପାଉଛି ।

ସେ ଆହୁରି କହିଥିଲେ ଯେ, ଆରଜେଡି ଏବଂ କଂଗ୍ରେସର ଶାସନ ସମୟରେ ଗରିବଙ୍କ ପାଇଁ ଏପରି ପକ୍କାଘର ପାଇବା ଅସମ୍ଭବ ଥିଲା । ହେଲେ ଆଜି ବିହାର ଆଗକୁ ବଢୁଛି । ଏହା ପଛରେ ସବୁଠାରୁ ବଡ଼ ଶକ୍ତି ହେଉଛି ବିହାରର ମା' ଏବଂ ଭଉଣୀମାନେ । ବିହାରର ମା' ଏବଂ ଭଉଣୀମାନେ ଏନଡିଏ ଦ୍ୱାରା ନିଆଯାଇଥିବା ପ୍ରତ୍ୟେକ ପଦକ୍ଷେପର ଗୁରୁତ୍ୱକୁ ଭଲ ଭାବରେ ବୁଝନ୍ତି । ଆଜି, ବିହାରରେ କାମ ଏତେ ଦ୍ରୁତ ଗତିରେ ହେଉଛି କାରଣ କେନ୍ଦ୍ର ଏବଂ ରାଜ୍ୟରେ ବିହାର ପାଇଁ କାମ କରୁଥିବା ସରକାର ରହିଛି ।

# ଭୂପେଶଙ୍କ ପୁଅଙ୍କୁ ଗିରଫ କଲା ଇଡି

ନୂଆଦିଲ୍ଲୀ: ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପେଶ ବାଘେଲଙ୍କ ପୁଅ ଚୈତନ୍ୟ ବାଘେଲଙ୍କୁ ଗିରଫ କରିଛି ଇଡି । । ଆଜି ସକାଳେ ଭୂପେଶ ବାଘେଲଙ୍କ ଭିଲାଇସ୍ଥିତ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢାଉ କରିଥିଲା । ଆଜି ଥିଲା ଚୈତନ୍ୟ ବାଘେଲଙ୍କ ଜନ୍ମଦିନ । ଜନ୍ମଦିନରେ ତାଙ୍କୁ ଗିରଫ କରି ଇଡି ତାଙ୍କୁ ଉପହାର ଦେଇଥିବା ଭୂପେଶ ବାଘେଲ କହିଛନ୍ତି । ଇଡି ଦଳ ଚଢାଉ ପାଇଁ ପହଞ୍ଚିବା ପରେ ଭୂପେଶ ବାଘେଲ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଲେଖିଥିଲେ ଯେ, ତାଙ୍କ ପୁଅକୁ 'ଜନ୍ମଦିନର ଉପହାର' ମିଳିଛି । ଅନ୍ୟପକ୍ଷରେ, ଇଡି ଚଢାଉ ସମ୍ପର୍କରେ ସୂଚନା ପାଇବା ମାତ୍ରେ ଭୂପେଶ ବାଘେଲଙ୍କ ସମର୍ଥକମାନେ ତାଙ୍କ ଘର ବାହାରେ ଏକାଠି ହୋଇ ବିରୋଧ ପ୍ରଦର୍ଶନ ଆରମ୍ଭ କରିଛନ୍ତ । ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ପୁଲିସ ଓ ଭୂପେଶଙ୍କ ସମର୍ଥକ ମୁହାଁମୁହିଁ ହୋଇଛନ୍ତି ।

ଛତିଶଗଡ଼ରେ ଅବକାରୀ ଦୁର୍ନୀତିକୁ ନେଇ ଇଡିର ତଦନ୍ତରୁ ଏକ ବଡ଼ ଖୁଲାସା ହୋଇଛ । ତଦନ୍ତରୁ ଜଣାପଡ଼ିଛି ଯେ, ରାଜ୍ୟରେ ବେଆଇନ ମଦ କାରବାର ସିଣ୍ଡିକେଟ୍ କାର୍ଯ୍ୟ କରୁଥିଲା, ଯେଉଁଥିରେ ଅନୱର ଧେବର, ଅନିଲ ଟୁଟେଜା ଏବଂ ଅନେକ ଲୋକ ସାମିଲ ଥିଲେ । ଏହି ଦୁର୍ନୀତିରୁ ପ୍ରାୟ ୨୧୬୧ କୋଟି ଟଙ୍କାର ବେଆଇନ ଆୟ ହୋଇଥିଲା । ଇଡିର ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ତତ୍କାଳୀନ ଅବକାରୀ ମନ୍ତ୍ରୀ ଥିବା କ୍ୱାସି ଲଖମାଙ୍କୁ ଏହି ଦୁର୍ନୀତିରୁ ପ୍ରତି ମାସରେ ବିପୁଳ ପରିମାଣର ନଗଦ ଦିଆଯାଉଥିଲା। ଏହି ପରିମାଣ ଦୁର୍ନୀତିରୁ ହେଉଥିବା ଆୟରୁ ଦିଆଯାଇଥିଲା । ଏହି ଦୁର୍ନୀତିରେ ଚୈତନ୍ୟଙ୍କ ନାମ ସାମ୍ନାକୁ ଆସିବାରୁ ପଚରାଉଚରା ପାଇଁ ତାଙ୍କୁ ଉଠାଇ ନେଇଛି ପୁଲିସ ।

# ବାଂଲାଦେଶ ପୁଣି ଅଶାନ୍ତ: ସୁରକ୍ଷା ବାହିନୀ-ହସିନା ସମର୍ଥକ ସଂଘର୍ଷ, ୪ ମୃତ



ଢାକା: ବାଂଲାଦେଶୀ ସୁରକ୍ଷା ବାହିନୀ ଏବଂ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ସମର୍ଥକଙ୍କ ମଧ୍ୟରେ ଗତକାଲି ଓ ଆଜି ଜୋରଦାର ସଂଘର୍ଷ ହୋଇଛି ଏବଂ ପରିସ୍ଥିତି ତୀବ୍ର ଉତ୍ତେଜନାପୂର୍ଣ୍ଣ ରହିଛି । ସଂଘର୍ଷରେ ୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୫୦ରୁ ଅଧିକ ଆହତ ହୋଇଛନ୍ତି । ରାଜଧାନୀ ଢାକାର ୧୦୦ କିମି ଦକ୍ଷିଣ ପଶ୍ଚିମ ଗୋପାଳଗଞ୍ଜ ଜିଲ୍ଲାରେ ଏହା ଘଟିଛି । ଛାତ୍ରମାନଙ୍କର ନେତୃତ୍ୱାଧୀନ ଏକ ନୂଆ ରାଜନେତିକ ଦଳ ଏନସିପି (ନ୍ୟାସନାଲ ସିଟିଜେନ ପାର୍ଟି) ଗତବର୍ଷର ବିଦ୍ରୋହ (ଯାହା ହସିନାଙ୍କୁ ଗାଦିଚ୍ୟୁତ କରିଥିଲା)ର ବର୍ଷ ପୂର୍ତ୍ତି ଅବସରରେ ଏକ ଉତ୍ସବ ଆୟୋଜନ କରିଥିଲା । ଏହି ଅବସରରେ ସେମାନେ ହସିନାଙ୍କ ପୈତୃକ ଘର ଗୋପାଳଗଞ୍ଜ ଜିଲ୍ଲାକୁ ଏକ ପଦଯାତ୍ରା କରିବାପାଇଁ ଘୋଷଣା କରିଥିଲେ ଏବଂ ସେଠାରେ ପେରା ପାର୍କରେ ଏକ ରାଲି ସ୍ଥିର ହୋଇଥିଲା । ଏହାକୁ ହସିନାଙ୍କ ସମର୍ଥକ ବିରୋଧ କରିବାରୁ ବଡ଼ ଧରଣର ହିଂସା ଦେଖିବାକୁ ମିଳିଥିଲା । ଏନ୍ସିପି ନେତାମାନେ ପ୍ରାୟ ୨୦ଟି ଗାଡ଼ିରେ ଆସୁଥିବାବେଳେ ଏହି ସମୟରେ ହସିନାଙ୍କ ସମର୍ଥକ ପୁଲିସ ଉପରେ ଆକ୍ରମଣ କରିଥିଲେ ଏବଂ ଅନେକ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ ।

ସୂଚନାନୁଯାୟୀ, ହସିନାଙ୍କ ଆୱାମୀ ଲିଗ୍ କାର୍ଯ୍ୟକର୍ତ୍ତାମାନେ ଆଜି ଉଲପୁର ଅଞ୍ଚଳରେ ଗଛକାଟି ଗୋପାଳଗଞ୍ଜ-ଟେକେରହାଟ୍ ରାସ୍ତା ଅବରୋଧ କରିଥିଲେ ଏବଂ ଏନ୍ସିପି ରାଲି ସ୍ଥଳରେ ଉତ୍ତେଜନା ସୃଷ୍ଟି କରିଥିଲେ । ଏନସିପି ନେତାମାନଙ୍କ ଉପରେ ହସିନାଙ୍କ ସମର୍ଥକମାନେ ଚେରଙ୍ଗି ନିକଟରେ ଆକ୍ରମଣ କରିବାପରେ ରାଲି ଭଣ୍ଡୁର ହୋଇଥିଲା ଏବଂ ଏହାକୁ ନେଇ ବିଭିନ୍ନ ଅଂଚଳକୁ ହିଂସା ବ୍ୟାପିଛି ।

# ୯ କ୍ୟାରେଟ୍ ସୁନାରେ ହଲମାର୍କ ରହିବ




ନୂଆଦିଲ୍ଲୀ : ଏଣିକି ୯ କ୍ୟାରେଟ୍ ସୁନା ଉପରେ ବାଧ୍ୟତାମୂଳକ ହଲମାର୍କିଂ ରହିବ । ଏହି ନୂଆ ନିର୍ଦ୍ଦେଶ ଜୁଲାଇ ମାସରୁ ଲାଗୁ ହେବ । ଏ ନେଇ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ୍ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି । ଏ ସଂପର୍କରେ ଅଲ ଇଣ୍ଡିଆ ଜେମ୍ସ ଏଣ୍ଡ ଜୁଏଲାରୀ ଡୋମେଷ୍ଟିକ୍ କାଉନସିଲ ପକ୍ଷରୁ ଏକ୍ସରେ ସୂଚନା ଦିଆଯାଇଛି ଯେ ବିଆଇଏସ ଆଇନ ଅନୁସାରେ ଜୁଏଲାରୀ ଓ ହଲମାର୍କିଂ ସେଣ୍ଟରଗୁଡ଼ିକୁ ଏହି ନିୟମ ପାଳନ କରିବା ବାଧ୍ୟତାମୂଳକ ହେବ । ପୂର୍ବରୁ ୯ କ୍ୟାରେଟ୍ ସୁନାକୁ ବାଧ୍ୟତାମୂଳକ ହଲମାର୍କିଂରୁ ବାଦ ଦିଆଯାଇଥିଲା । ଏବେ ନୂଆ ନିୟମ ପରେ ୯ କ୍ୟାରେଟ ସୁନା ଏବେ ବିଆଇଏସ ଆମେଣ୍ଡମେଣ୍ଟ ନଂ.୨ ନିୟମାବଳୀ ଅଧିନରେ ଆସିବ । ନୂଆ ନିୟମ ଅନୁସାରେ ଅଳଙ୍କାର ଓ କଳାକୃତିର ବ୍ୟାଖ୍ୟା କରାଯାଇଛି । ସରକାରଙ୍କ ଏହି ନିଷ୍ପତ୍ତିକୁ ଅନେକ ଜୁଏଲାରୀ କମ୍ପାନିମାନେ ସ୍ୱାଗତ କରିଛନ୍ତି । ଏହା ଦ୍ୱାରା ସାଧାରଣ ଲୋକଙ୍କ ପାଖରେ ସୁଲଭ ମୂଲ୍ୟରେ ସୁନା ଅଳଙ୍କାର ପହଞ୍ଚିପାରିବ ବୋଲି ସେମାନେ କହିଛନ୍ତି ।

# ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ : ସବୁ ଦଳର ସମର୍ଥନ



ନୂଆଦିଲ୍ଲୀ : ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବିରୋଧରେ ମହାଅଭିଯୋଗ ପ୍ରସ୍ତାବ ଲାଗି ସବୁ ଦଳ ରାଜି ହୋଇଛନ୍ତି। ମାର୍ଚ୍ଚ ମାସରେ ତାଙ୍କ ବାସଭବନରେ ନିଆଁ ଲାଗିବା ସମୟରେ ବିପୁଳ ଟଙ୍କା ଜବତ ହୋଇଥିଲା। ତାଙ୍କ ବିରୋଧରେ ସଂସଦରେ ମହାଅଭିଯୋଗ ପ୍ରସ୍ତାବ ଆଣିବାକୁ ସବୁ ଦଳ ସହମତି ପ୍ରଦାନ କରିଛନ୍ତି ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜ୍‌ଜୁ ଗଣମାଧ୍ୟମକୁ କହିଛନ୍ତି।

ସେ କହିଛନ୍ତି ଯେ ଦଳ ମତ ନିର୍ବିଶେଷରେ ସବୁ ସାଂସଦମାନେ ଏହି ପଦକ୍ଷେପ ପଚରେ ଏକାଠି ହୋଇଛନ୍ତି ଏବଂ ଏହା ଠିକ୍ ଦିଗରେ ଯାଉଛି। ବିଚାର ବିଭାଗ ବ୍ୟବସ୍ଥାରେ ଦୁର୍ନୀତି ଅତ୍ୟନ୍ତ ସମ୍ବେଦନଶୀଳ ଓ ଗୁରୁତ୍ୱର ଘଟଣା। କାରଣ ବିଚାର ବିଭାଗ ବ୍ୟବସ୍ଥାରେ ଲୋକମାନେ ନ୍ୟାୟ ପାଇଥାନ୍ତି।

ଯଦି ଏହି ବ୍ୟବସ୍ଥାରେ ଦୁର୍ନୀତି ରହିବ ତେବେ ଏହା ସମସ୍ତଙ୍କ ପାଇଁ ଗୁରୁତର ଚିନ୍ତାର କାରଣ। ସବୁ ବରିଷ୍ଠ ନେତାମାନଙ୍କ ସହ ଯୋଗାଯୋଗ କରି ଏ ସମ୍ପର୍କରେ ଆଲୋଚନା କରାଯାଇଛି। ଏକକ ସାଂସଦ ଥିବା ଦଳ ସହ ମଧ୍ୟ ସେ ଯୋଗଯୋଗ କରିଛନ୍ତି। କୌଣସି ସାଂସଦଙ୍କୁ ସେ ଛାଡିନାହାନ୍ତି। ଏହା ସଂସଦରେ ସର୍ବସମ୍ମତ ପ୍ରସ୍ତାବ ରହିବ। କଂଗ୍ରେସ ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ କରିବା ପାଇଁ ରାଜି ହୋଇଛି। ମୁଁ ଖୁସି ଯେ କୌଣସି ଦଳ ଏହି ବିଚାରପତିଙ୍କ ସୁରକ୍ଷା ପାଇଁ ଛିଡା ହେବେ ନାହିଁ। ତେବେ ଏହି ପ୍ରସ୍ତାବଟି କେବେ ଆସିବ ସେ କଥା ସେ ଉଲ୍ଲେଖ କରିନାହାନ୍ତି। ଜଣେ ବିଚାରପତିଙ୍କୁ କାର୍ଯ୍ୟରୁ ଅନ୍ତର କରିବାକୁ ହେଲେ ଲୋକସଭାର ୧୦୦ ସାଂସଦ ଓ ରାଜ୍ୟସଭାର ୫୦ ସାଂସଦଙ୍କ ସ୍ୱାକ୍ଷର ଦରକାର। ଏହାପରେ ଏହି ଯାଚିକାକୁ ଅଧ୍ୟକ୍ଷଙ୍କ ନିକଟରେ ଦାଖଲ କରାଯିବ। ଅଧ୍ୟକ୍ଷ ଚାହିଁଲେ ଏକ ହାଉସ କମିଟି କରି ଏହାର ତଦନ୍ତ କରାଇ ପାରିବେ। ତେବେ ନିୟମ ଅନୁଯାୟୀ ୩ ମାସ ମଧ୍ୟରେ ଏହା କାର୍ଯ୍ୟକାରୀ ହେବ। ସୂଚନାଯୋଗ୍ୟ ଜଷ୍ଟିସ୍ ବର୍ମାଙ୍କର ସରକାରୀ ବାସଭବନରେ ନିଆଁ ଲାଗିଥିବାବେଳେ ବ୍ୟାପକ ଟଙ୍କା ଜବତ ହୋଇଥିଲା।



୨୧ତମ ବିଶ୍ୱ ପୋଲିସ ଏବଂ ଫାୟାର ଗେମ୍ସ ୨୦୨୫ରେ ୬୧୩ ପଦକ ଜିତିଥିବା ଭାରତୀୟ ଦଳକୁ ସମ୍ମାନିତ କରୁଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା

# ୫ ବର୍ଷରେ ବିଦେଶରୁ ଫେରିଛନ୍ତି ୧୩୪ ପଳାତକ

ନୂଆଦିଲ୍ଲୀ: ସିବିଆଇ ଗତ ପାଞ୍ଚ ବର୍ଷ ମଧ୍ୟରେ ବିଦେଶରୁ ୧୩୪ ଜଣ ପଳାତକଙ୍କୁ ଫେରାଇ ଆଣିବାରେ ସଫଳ ହୋଇଛି, ଯାହା କି ୨୦୧୦ରୁ ୨୦୧୯ ମଧ୍ୟରେ ସମଗ୍ର ଦଶନ୍ଧି ମଧ୍ୟରେ ପ୍ରତ୍ୟର୍ପିତଙ୍କ ସଂଖ୍ୟାଠାରୁ ପ୍ରାୟ ଦୁଇଗୁଣ । ଇଣ୍ଟରପୋଲ୍ ସହିତ ବିଭିନ୍ନ ଦେଶ ଓ କେନ୍ଦ୍ରୀୟ ପ୍ରବର୍ତ୍ତନ ଏଜେନ୍ସିମାନଙ୍କ ସହ ସମନ୍ୱୟ ରକ୍ଷା କରି ସିବିଆଇ ୨୦୨୦ରୁ ଏହି ୧୩୪ ଜଣ ପଳାତକଙ୍କୁ ପ୍ରତ୍ୟର୍ପଣ କରାଇବାରେ ସକ୍ଷମ ହୋଇଛି । ସେଥିମଧ୍ୟରୁ ୨୩ ଜଣଙ୍କୁ ଚଳିତ ବର୍ଷ ଫେରାଇ ଅଣାଯାଇଛି । ଅପରପକ୍ଷରେ ୨୦୧୦ରୁ ୨୦୧୯ ଦଶନ୍ଧି ମଧ୍ୟରେ ମାତ୍ର ୭୪ ଜଣ ପଳାତକଙ୍କୁ ଫେରାଇ ଅଣାଯାଇଥିଲା । ସଫଳତା ହାରରେ ବୃଦ୍ଧି ପାଇଁ ସରକାରଙ୍କ କୂଟନୈତିକ ଯୋଗାଯୋଗ ବୃଦ୍ଧି, ଭିଭିଆଇପି ଗସ୍ତ, ଦ୍ୱିପାକ୍ଷିକ ସମ୍ପର୍କ, ବୈଷୟିକ ଉନ୍ନତି ଓ ଇଣ୍ଟରପୋଲ୍ ସହ ଉନ୍ନତ ସମନ୍ୱୟ ପ୍ରମୁଖ କାରଣ ବୋଲି ଅଧିକାରୀମାନେ କହିଛନ୍ତି । ପ୍ରତ୍ୟର୍ପଣ ପ୍ରକ୍ରିୟାର ତିନୋଟି ପର୍ଯ୍ୟାୟ ରହିଛି: ଇଣ୍ଟରପୋଲ୍ ଦ୍ୱାରା ରେଡ୍ ନୋଟିସ୍ ଜାରି କରିବା, ପଳାତକଙ୍କୁ ଠାବ କରିବା ଏବଂ ଆଇନଗତ ଓ କୂଟନୈତିକ ପ୍ରକ୍ରିୟାରେ ପ୍ରତ୍ୟର୍ପଣଛ ଏସବୁ ସମୟ ସାପେକ୍ଷ ପ୍ରକ୍ରିୟାଛ ଇଣ୍ଟରପୋଲ ପକ୍ଷରୁ ରେଡ୍ ନୋଟିସ୍ ଜାରି କରିବା ପାଇଁ ସମସ୍ତ ୧୯୫ଟି ଦେଶକୁ ପଳାତକ ଓ୍ୱାଣ୍ଟେଡ୍ ବିଷୟରେ ସତର୍କ କରାଇବା ଆବଶ୍ୟକ । ଏହି ସମୟ ହ୍ରାସ କରିବା ପାଇଁ ସିବିଆଇ ଜାନୁଆରିରେ ଏହାର ଡିଜିଟାଲ ପୋର୍ଟାଲ ଭାରତପୋଲ ଆରମ୍ଭ କରିଥିଲା । ଫଳରେ ରେଡ୍ ନୋଟିସ୍ ପ୍ରକାଶ ପାଇଁ ହାରାହାରି ସମୟ ୬ ମାସରୁ ୩ ମାସକୁ ହ୍ରାସ ପାଇଛି । ପଳାତକଙ୍କୁ ଫେରାଇ ଆଣିବାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଭୂମିକା, ବିଶେଷ କରି ରାଷ୍ଟ୍ରଦୂତ ଓ ହାଇକମିସନରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ।ଏହି ସମନ୍ୱିତ ପ୍ରୟାସର ଏକ ଉଲ୍ଲେଖନୀୟ ସଫଳତା ହେଉଛି ଆମେରିକାରେ ନେହଲ ମୋଦୀଙ୍କୁ ଗିରଫ କରିବା । ନେହଲ ହେଉଛନ୍ତି ନିରବ ମୋଦୀଙ୍କ ଭାଇ, ଯିଏ କି ବର୍ତ୍ତମାନ ବ୍ରିଟେନରେ ବନ୍ଦୀ ଅଛନ୍ତି ଏବଂ ଭାରତକୁ ପ୍ରତ୍ୟର୍ପଣ ଅପେକ୍ଷାରେ ଅଛନ୍ତି । ନିରବ ମୋଦୀ ତାଙ୍କ ମାମୁ ମେହୁଲ ଚୋକ୍ସିଙ୍କ ସହ ମିଶି ଜାଲ୍ ଲେଟର ଅଫ୍ ଅଣ୍ଡରଟେକିଂ ଜରିଆରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ୧୩ ହଜାର କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି ।ନେହଲଙ୍କ ପ୍ରତ୍ୟର୍ପଣ ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ ହୋଇଛି । ଅନ୍ୟପକ୍ଷରେ ନିରବ ମୋଦୀ ଓ ମେହୁଲ ଚୋକ୍ସି ଯଥାକ୍ରମେ ଲଣ୍ଡନ ଓ ଆଣ୍ଟୱର୍ପରେ ହାଜତରେ ଥିବା ବେଳେ ସେଠାକାର ଅଦାଲତ ଏକାଧିକ ଜାମିନ ଆବେଦନ ଖାରଜ କରିଦେଇଛନ୍ତି । ଗତ ସପ୍ତାହରେ ସିବିଆଇ ୧୯୯୯ରେ ଆମେରିକା ପଳାଇଥିବା ଜଣେ ଅର୍ଥନୈତିକ ଅପରାଧୀକୁ ସଫଳତାର ସହ ପ୍ରତ୍ୟର୍ପଣ କରାଇଥିଲା ।

୨୦୨୫ ମସିହାରେ ୟୁଏଇରୁ ଅନେକ ଅପରାଧୀଙ୍କୁ ଫେରାଇ ଅଣାଯାଇଛି, ଯେଉଁଥିରେ ମୁମ୍ବାଇ ପୁଲିସ ଦ୍ୱାରା ଓ୍ୱାଣ୍ଟେଡ୍ ଡ୍ରଗ୍ସ ଚୋରା ଚାଲାଣକାରୀ ତାହେର ସଲିମ ଦୋଲାଇସ, ଗୁଜରାଟର ଓ୍ୱାଣ୍ଟେଡ୍ ଠକ ପବନ ଜୈନ, ଜାତୀୟ ତଦନ୍ତକାରୀ ଏଜେନ୍ସି ଦ୍ୱାରା ଓ୍ୱାଣ୍ଟେଡ୍ ନକଲି ନୋଟ୍ ଚୋରା ଚାଲାଣକାରୀ ମୋଇଦୀନାବା ଉମେର ବେରି ଏବଂ କେରଳ ପୁଲିସ ଦ୍ୱାରା ଓ୍ୱାଣ୍ଟେଡ ସୁହେଲ ବଶିର ସାମିଲ ଥିବା ଜଣାପଡ଼ିଛି ।

# ଇଣ୍ଡିଆ ବ୍ଲକ୍‌ରେ ଫାଟ, ମେଣ୍ଟରୁ ଓହରିଲା ଆପ୍



ନୂଆଦିଲ୍ଲୀ: ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ଇଣ୍ଡିଆ ବ୍ଲକକୁ ଝଟକା ଲାଗିଛି । ବିଜେପି ନେତୃତ୍ୱାଧୀନ ଏନଡିଏର ମୁକାବିଲା କରିବାକୁ ବିରୋଧୀ କରିଥିବା ଇଣ୍ଡିଆ ମେଣ୍ଟରେ ଫାଟ ଦେଖିବାକୁ ମିଳିଛି । ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଆପ୍ ଏହି ମେଣ୍ଟରୁ ଓହରି ଯାଇଥିବା ଆଜି ଦଳର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଆପ୍ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକରୁ ଓହରି ଯାଇଛି । ସେହିପରି ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ଇଣ୍ଡିଆ ବ୍ଲକ ଡାକିଥିବା ବୈଠକରେ ମଧ୍ୟ ଆପ ଯୋଗ ଦେବ ନାହିଁ ।ଶ୍ରୀ ସିଂହ କହିଛନ୍ତି, ଆପ ଇଣ୍ଡିଆ ବ୍ଲକରୁ ବାହାରି ଯାଇଛିଛ ଆମ ଦଳ ଏହା ସ୍ପଷ୍ଟ କରିଥିଲା ଓ ଅରବିନ୍ଦ କେଜ୍ରିଓ୍ୱାଲ ମଧ୍ୟ ଏକଥା କହିଥିଲେ । ଆମେ ଆଉ ମେଣ୍ଟର ଅଂଶବିଶେଷ ହୋଇ ନାହୁଁ । ଇଣ୍ଡିଆ ବ୍ଲକ କେବଳ ଲୋକସଭା ନିର୍ବାଚନ ପାଇଁ ତିଆରି ହୋଇଥିଲା । ଏହାପରେ ଅନୁଷ୍ଠିତ ସବୁ ବିଧାନସଭା ନିର୍ବାଚନଗୁଡ଼ିକ ଦଳ ଏକାକୀ ଓ ସ୍ୱାଧୀନ ଭାବେ ଲଢିଛି ।ଆପ୍ ଓ କଂଗ୍ରେସ ୨୦୨୪ ଲୋକସଭା ନିର୍ବାଚନ ବେଳେ ପରସ୍ପର ସହ ମେଣ୍ଟ କରି ଦିଲ୍ଲୀରେ ଲଢିଥିଲେ । ଇଣ୍ଡିଆ ମେଣ୍ଟର ଅଂଶବିଶେଷ ଭାବେ ଦୁଇ ଦଳ ପରସ୍ପରର ପ୍ରାର୍ଥୀ ପାଇଁ ପ୍ରଚାର କରିଥିଲେ । କିନ୍ତୁ ଏହାପରେ ଅନୁଷ୍ଠିତ ହରିୟାଣା ଓ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଉଭୟ ଅଲଗା ଅଲଗା ପ୍ରାର୍ଥୀ ଦେଇଥିଲେ । ଏବେ ଆପ୍ ସ୍ୱାଧୀନ ଭାବେ ବିହାରରେ ମଧ୍ୟ ବିଧାନସଭା ନିର୍ବାଚନ ଲଢିବ ।

ସଞ୍ଜୟ ସିଂହ କହିଛନ୍ତି, ଲୋକସଭା ନିର୍ବାଚନ ପରେ ଆମେ ଦୁଇଟି ବିଧାନସଭା ନିର୍ବାଚନ ଅଲଗା ଅଲଗା ଲଢିଥିଲୁ । ଆମେ ପଞ୍ଜାବ ଓ ଗୁଜରାଟ ଉପ ନିର୍ବାଚନରେ ମଧ୍ୟ ଏକାକୀ ଲଢିଛୁ । ଆପ୍ ଇଣ୍ଡିଆ ମେଣ୍ଟରୁ ଓହରି ଯାଇଥିଲେ ହେଁ ସଂସଦରେ ବିରୋଧୀଙ୍କ ସହ ରଣନୀତିକ ମେଣ୍ଟ କରି କାମ କରିବ ବୋଲି ଶ୍ରୀ ସିଂହ ସ୍ପଷ୍ଟ କରିଛନ୍ତି ।

ସେ କହିଛନ୍ତି, ସଂସଦ କଥା ବିଚାରକୁ ନେଲେ ଆମେ ଟିଏମସି ଓ ଡିଏମକେ ଭଳି ବିରୋଧୀ ଦଳର ସମର୍ଥନ କରିବୁ ।ସେମାନେ ମଧ୍ୟ ଆମକୁ ସମର୍ଥନ କରିବେ । ଆମେ ସବୁବେଳେ ଗୋଟିଏ ଶକ୍ତିଶାଳୀ ବିରୋଧୀ ଭୂମିକାରେ ରହି ଆସିଛୁ । ଆଗକୁ ମଧ୍ୟ ଏହା ଜାରି ରହିବ । ଯେକୌଣସି ପ୍ରସଙ୍ଗ ଆସିଲେ, ଆମେ ଏହାକୁ ସଂସଦରେ ଉଠାଇବୁ । ଆସନ୍ତା ୨୧ ତାରିଖରୁ ସଂସଦର ମୌସୁମୀ ଅଧିବେଶ ଆରମ୍ଭ ହେବ । ଏହାପୂର୍ବରୁ ଶନିବାର ଇଣ୍ଡିଆ ମେଣ୍ଟର ବୈଠକ ହେବାର ଅଛି । କିନ୍ତୁ ଏହି ବୈଠକରେ ଆପ୍ ଓ ଟିଏମସି ଭଳି ଦଳ ସାମିଲ ହେବେ ନାହିଁ ।

# ଶୁଭମନଙ୍କ ଡେଟିଂ ଖବରକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି) : ଟିମ୍ ଇଣ୍ଡିଆର ତାରକା ବ୍ୟାଟର ଶୁଭମନ ଗିଲ୍ ଗତ କିଛି ସପ୍ତାହ ଧରି ଲଗାତାର ଚର୍ଚ୍ଚାରେ ଅଛନ୍ତି । ଟେଷ୍ଟ ଦଳର ଅଧିନାୟକ ହେବା ପରେ ସେ ଇଂଲଣ୍ଡରେ ଅଧିକ ରନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହାବ୍ୟତୀତ ସେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଚର୍ଚ୍ଚାରେ ଅଛନ୍ତି । ଏହାର କାରଣ ସାରା ତେନ୍ଦୁଲକରଙ୍କ ସହ ତାଙ୍କ ସମ୍ପର୍କର ଗୁଜବ । ସାରା ଓ ଶୁଭମନ ଗିଲ୍ଙ୍କ ସମ୍ପର୍କକୁ ନେଇ ଗତ ୩-୪ ବର୍ଷ ଧରି ଆଲୋଚନା ଚାଲିଛି । ନିକଟରେ ଉଭୟଙ୍କୁ ସମାନ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା । ଯେଉଁଠାରେ ଗିଲ୍ ଭାରତୀୟ ଦଳ ସହ ଥିଲେ । ସେହି ସମୟରେ ସାରା ତାଙ୍କ ବାପା-ମାଆଙ୍କ ସହ ଆସିଥିଲେ । ଏହି କାର୍ଯ୍ୟକ୍ରମର ଏପରି ଏକ ଭିଡିଓ ସାମ୍ନାକୁ ଆସିଛି, ଯାହା ପ୍ରଶଂସକଙ୍କ ଦୃଷ୍ଟି ଆକର୍ଷଣ କରିଛି । କିଛିଦିନ ପୂର୍ବରୁ ଶୁଭମନ ଗିଲ୍ ସମଗ୍ର ଦଳ ସହିତ ପୂର୍ବତନ ଅଲରାଉଣ୍ଡର ଯୁବରାଜ ସିଂହଙ୍କ ଫାଉଣ୍ଡେସନ୍ ୟୁଭିକ୍ୟାନ୍‌ର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଲଣ୍ଡନରେ ଅନୁଷ୍ଠିତ ହୋଇଥିଲା । ଟିମ୍ ଇଣ୍ଡିଆ ସହିତ ବିରାଟ କୋହଲି, ସଚିନ ତେନ୍ଦୁଲକର ଏବଂ ଅନେକ ପୂର୍ବତନ ଭାରତୀୟ ଓ ଇଂଲଣ୍ଡ କ୍ରିକେଟର ମଧ୍ୟ ଅଂଶ ଗ୍ରହଣ କରିଥିଲେ । ସାରା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସାରାଙ୍କ ସହ ସଚିନ ତେନ୍ଦୁଲକର ଏବଂ ମାଆ ଅଞ୍ଜଳି ମଧ୍ୟ ଉପସ୍ଥିତ ଥିଲେ । ଏହି ଭିଡିଓରେ ଶୁଭମନ ଗିଲ୍ ଜଣେ ଝିଅ ସହିତ କଥା ହେଉଥିଲେ । ତେବେ ସେ ଝିଅଟି କିଏ ତାହା ସ୍ପଷ୍ଟ ହୋଇନାହିଁ । ସୋସିଆଲ୍ ୟୁଜର୍ସ ଏହା ମଧ୍ୟ ଦାବି କରିଛନ୍ତି ଯେ ସେ ଯୁବତୀ ଜଣଙ୍କ ଯୁବରାଜଙ୍କ ପତ୍ନୀ ହାଜେଲ କିଚ୍ । ଏହି ସମୟରେ ସଚିନଙ୍କ ପାଖରେ ବସିଥିବା ସାରା ପଛକୁ ବୁଲିପଡ଼ି କିଛି ସମୟ ପାଇଁ ଗିଲ୍‌ଙ୍କୁ ଚାହିଁ ରହିଥିଲେ ।

ତାଙ୍କ ନଜର ଗିଲ୍‌ଙ୍କ ଉପରେ ଥିଲା ନା ଅନ୍ୟ କେଉଁଠି ଥିଲା ? ତାହା କେବଳ ସାରା ଭଲଭାବେ କହିପାରିବେ । ସୋସିଆଲ୍ ମିଡିଆରେ ଏହି ଭିଡିଓ ଖୁବ୍ ଭାଇରାଲ ହେଉଛି । ପୂର୍ବରୁ ମଧ୍ୟ ଏହି ଇଭେଣ୍ଟରୁ ଏକ ଭିଡିଓ ଆସିଥିଲା । ଯେଉଁଥିରେ ରବୀନ୍ଦ୍ର ଜାଡେଜା ଏବଂ ଲୋକେଶ ରାହୁଲ ଗିଲ୍‌ଙ୍କୁ କୌଣସି କଥାରେ ଚିଡ଼ାଉଥିବା ଦେଖାଯାଇଥିଲା । ବର୍ତ୍ତମାନ ଉଭୟଙ୍କ ପ୍ରଶଂସକ ପୁଣିଥରେ ପ୍ରେମ ସମ୍ପର୍କ ବିଷୟରେ ଆଲୋଚନା କରିବା ଆରମ୍ଭ କରିଛନ୍ତି । କେବଳ ସାରା ଓ ଶୁଭମନ ଜାଣିପାରିବେ ଯେ ସତ କ'ଣ ? କାରଣ ଦୁହେଁ କେବେ ଖୋଲାଖୋଲି ଏ ବିଷୟରେ ମୁହଁ ଖୋଲି ନାହାନ୍ତି ।

# ଆଇପିଏଲ୍‌ରୁ ସବୁଠୁ ଅଧିକ ଆୟ କରିଛି ବିସିସିଆଇ




ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି) : ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼ କେତେ ଟଙ୍କା ରାଜସ୍ୱ ପାଇଛି ? ବିଶ୍ୱର ସବୁଠୁ ଧନୀ କ୍ରିକେଟ ବୋର୍ଡ଼ ବିସିସିଆଇର ଆୟ ତଥ୍ୟ ସାମ୍ନାକୁ ଆସିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ବିସିସିଆଇ ୯,୭୪୧.୭ କୋଟି ଟଙ୍କା ଆୟ କରିଛି । ଏହି ଆୟରେ ଆଇପିଏଲ୍‌ର ଯୋଗଦାନ ସବୁଠୁ ଅଧିକ ରହିଛି । ମୋଟ ଆୟର ୫୯% ଆଇପିଏଲ୍‌ରୁ ଆସିଛି । ବିସିସିଆଇ ୫,୭୬୧ କୋଟି ଟଙ୍କା ଆଇପିଏଲ୍‌ରୁ ପାଇଥିବା ବେଳେ ଅଣ ଆଇପିଏଲ୍ ମିଡିଆ ଅଧିକାରରୁ ଅତିରିକ୍ତ ଭାବେ ୩୬୧ କୋଟି ଟଙ୍କା ଆୟ କରିଛି । ବିସିସିଆଇ ଆଖି ଲାଖିଗଲା ଭଳି ଆୟ ସମ୍ପର୍କରେ ତଥ୍ୟ ସାର୍ବଜନୀନ କରିଛି ।

୨୦୦୮ରୁ ଆଇପିଏଲ୍ ଆରମ୍ଭ ହେବା ଦିନଠାରୁ ବିସିସିଆଇ ଆୟର ଏହା ପ୍ରମୁଖ ମାଧ୍ୟମ ସାଜିଛି । ବର୍ଷ ପରେ ବର୍ଷ ବିତି ଚାଲିଥିବାବେଳେ ଆଇପିଏଲ୍ ଯୋଗୁ ବିସିସିଆଇର ଆୟ ମଧ୍ୟ ବଢୁଛି । ଆଇପିଏଲ୍ ଯୋଗୁ ଉଚ୍ଚକୋଟିର ଖେଳାଳି ସାମ୍ନାକୁ ଆସୁଛନ୍ତି । ରଣଜୀ ଟ୍ରଫି ସମେତ ବିଭିନ୍ନ ସ୍ତରରେ ନିଜର ଦକ୍ଷତା ଦେଖାଇଥିବା ଯୁବ ଖେଳାଳି ଅଧିକ ସୁଯୋଗ ପାଉଛନ୍ତି । ଆଇପିଏଲ୍ ଏବେ ବିଶ୍ୱର ସବୁଠୁ ଲୋକପ୍ରିୟ ଓ ବ୍ୟୟବହୁଳ କ୍ରିକେଟ୍ ଲିଗ୍‌ରେ ପରିଣତ ହୋଇଛି । ୧୦ ଦଳ ବିଶିଷ୍ଟ ଆଇପିଏଲ୍‌ରେ ବିଶ୍ୱର ଶ୍ରେଷ୍ଠ କ୍ରିକେଟରମାନେ ଅଂଶଗ୍ରହଣ କରୁଛନ୍ତି । ଏଥିଯୋଗୁ ସମୟ ବିତିବା ସହ ମିଡିଆ ଅଧିକାର ଓ ପ୍ରାୟୋଜକ ଡିଲ୍ ମୂଲ୍ୟ କ୍ରମାଗତ ବଢ଼ିଚାଲିଛି । ବିସିସିଆଇ ପାଖରେ ଏବେ ୩୦ହଜାର କୋଟି ଟଙ୍କାର ପାଣ୍ଠି ରହିଛି । ଏହି ସଂରକ୍ଷିତ ପାଣ୍ଠି ଯୋଗୁ ବିସିସିଆଇକୁ ପ୍ରତିବର୍ଷ ଅତିରିକ୍ତ ଭାବେ ୧ହଜାର କୋଟି ଟଙ୍କାର ସୁଧ ମିଳୁଛି । ବିସିସିଆଇ ଆଇପିଏଲ୍‌ରୁ ୫ହଜାର କୋଟିରୁ ଅଧିକ ଆୟ କରୁଥିବାବେଳେ ଅନ୍ତର୍ଜାତୀୟ ମ୍ୟାଚ୍‌ର ମିଡିଆ ଅଧିକାର ଫି ମଧ୍ୟ ବଢ଼ିଚାଲିଛି । ବିଶେଷଜ୍ଞଙ୍କ କହିବା କଥା ଯଦି ରଣଜୀ ଟ୍ରଫି ଦୁଲିପ୍ ଟ୍ରଫି ଓ ଅନ୍ୟ ଘରୋଇ ଟୁର୍ଣ୍ଣାମେଣ୍ଟର ବ୍ୟବସାୟୀକରଣ କରାଯିବ, ତାହାଲେ ବୋର୍ଡ଼ର ଅଣ ଆଇପିଏଲ୍ ଆୟରେ ଆଶାତୀତ ଅଭିବୃଦ୍ଧି ହେବ ।

## ବିରାଟ, ରୋହିତଙ୍କ ସ୍ଥାନ ନେବା କଷ୍ଟକର

ନୂଆଦିଲ୍ଲୀ,୧୮।୭(ଏଜେନ୍ସି): ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ସ୍ଥାନ ନେବା କଷ୍ଟକର,ଏହାକୁ ମାନିବାକୁ ପଡିବଛ କିନ୍ତୁ ଏବେ ଏହି ଦୁଇ ମହାନ ଖେଳାଳିଙ୍କଠାରୁ ଆଗକୁ ବଢ଼ିବାର ସମୟ ଆସିଛି । ଯୁବ ପିଢ଼ି ସହିତ ଆଗକୁ ବଢ଼ିବାର ସମୟ ଆସିଛି । ଏହା ପୂର୍ବତନ କ୍ରିକେଟର ଶରଣଦୀପ ସିଂହଙ୍କ ବକ୍ତବ୍ୟ, ଯିଏ ବିରାଟ କୋହଲିଙ୍କ ଖେଳକୁ ବହୁତ ନିକଟରୁ ଦେଖିଛନ୍ତି । ଶରଣଦୀପ ସିଂହ ଦିଲ୍ଲୀର ପ୍ରଶିକ୍ଷକ, ଯାହା ପାଇଁ ବିରାଟ କୋହଲି ଏହି ବର୍ଷ ତାଙ୍କର ଶେଷ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଥିଲେ ।

ରୋହିତ ଶର୍ମା ଏବଂ ବିରାଟ କୋହଲି ଚଳିତ ବର୍ଷ ମେ ମାସରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ । ସେତେବେଳେ ଶରଣଦୀପ ସିଂହ କହିଥିଲେ ଯେ ସେ କୋହଲିଙ୍କୁ ଭେଟିବା ପର୍ଯ୍ୟନ୍ତ ଟେଷ୍ଟ କ୍ରିକେଟ ଖେଳିବାକୁ ଚାହାଁନ୍ତି । ତା'ପରେ ସେ କାହିଁକି ଅବସର ନେଲେ ତାହା ଜଣାନାହିଁ । ପୂର୍ବତନ କ୍ରିକେଟର ମଦନ ଲାଲ ଏବଂ ଯୋଗରାଜ ସିଂହ ବିରାଟଙ୍କୁ ଅବସରରୁ ଫେରିବାକୁ ଅନୁରୋଧ କରିଥିଲେ । ତଥାପି, ଶରଣଦୀପ ସିଂହ ଚାହାଁନ୍ତି ନାହିଁ ଯେ ବିରାଟ ତାଙ୍କର ଅବସର ଭାଙ୍ଗି ପୁଣି ଥରେ ଟେଷ୍ଟ ମ୍ୟାଚ ଖେଳିବେଛ ବିରାଟ-ରୋହିତଙ୍କ ଅବସର ପରେ, ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଅଛି, ଯେଉଁଠାରେ ଏହା ପାଞ୍ଚ ମ୍ୟାଚ ବିଶିଷ୍ଟ ସିରିଜରେ ତିନୋଟି ଟେଷ୍ଟ ପରେ ୧-୨ ରେ ପଛୁଆ ଅଛିଛ ବିରାଟ-ରୋହିତଙ୍କ ଅବସର ପରେ ଫେରିବା ପ୍ରଶ୍ନରେ ସରଣଦୀପ କହିଛନ୍ତି, "ରୋହିତ ଏବଂ କୋହଲି ବହୁ ବର୍ଷ ଧରି ଦଳକୁ ସେବା ଦେଇଛନ୍ତି । ସେମାନଙ୍କ ସ୍ଥାନ ପୂରଣ କରିବା କଷ୍ଟକର କିନ୍ତୁ ଭାରତୀୟ ଦଳ ଭଲ ପ୍ରଦର୍ଶନ କରୁଛି । ରୋହିତଙ୍କ ଅବସର ପରେ ଶୁବମନ ଗିଲ ଦଳର ଅଧିନାୟକତ୍ୱ କରୁଛନ୍ତି । ସେ କୋହଲିଙ୍କ ଛାଡିଯାଇଥିବା ନମ୍ବର ୪ ସ୍ଥାନକୁ ବହୁତ ଭଲ ଭାବରେ ଗ୍ରହଣ କରିଛନ୍ତି । ସେ ଏପର୍ଯ୍ୟନ୍ତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ତିନୋଟି ଶତକ ସହିତ ୬୦୭ ରନ କରିଛନ୍ତି ।

# ବୁମ୍‌ରା ନା ଷ୍ଟାର୍କ, କିଏ ଶ୍ରେଷ୍ଠ ?



ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି) : ବିଶ୍ୱର ଦୁଇ ଖ୍ୟାତନାମା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ଅଷ୍ଟ୍ରେଲିଆର ମିଚେଲ୍ ଷ୍ଟାର୍କଙ୍କ ମଧ୍ୟରୁ କିଏ ମହାନ ବୋଲି ଚର୍ଚ୍ଚା ହେଉଛି । ଏଭଳି ଆଲୋଚନା ବି କିଛି ବଡ଼ କଥା ନୁହେଁ । କାରଣ ବିଶ୍ୱର ଅନେକ କ୍ରିକେଟ କିମ୍ବଦନ୍ତୀଙ୍କୁ ନେଇ ସମୟକ୍ରମେ ଏଭଳି ଆଲୋଚନା ହୋଇଥାଏ । ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଷ୍ଟାର୍କ ତାଙ୍କ କ୍ୟାରିୟରର ୧୦୦ତମ ମ୍ୟାଚ୍ ଖେଳିଛନ୍ତି । ସେ ଏହା ମଧ୍ୟରେ ୪୦୦ରୁ ଊର୍ଦ୍ଧ୍ୱ ୱିକେଟ ନେଇଛନ୍ତି । ବୁମ୍‌ରା ୪୭ ଟେଷ୍ଟ ଖେଳି ୨୧୭ ୱିକେଟ ନେଇଛନ୍ତି । ୪୭ ଟେଷ୍ଟ ବେଳକୁ ଷ୍ଟାର୍କ ୧୯୬ ୱିକେଟ ନେଇଥିଲେ । ଏହି ମୁକାବିଲାରେ ବୁମ୍‌ରା ଆଗରେ ରହିଛନ୍ତି । ଆଗକୁ ଷ୍ଟାର୍କଙ୍କ ପରି ବୁମ୍‌ରା ସଫଳତା ବଜାୟ ରଖିପାରିବେ କି ନାହିଁ ତାହା ସମୟ କହିବ । ବୁମ୍‌ରା ବାରମ୍ବାର ଆଘାତ ସମସ୍ୟାରେ ପଡୁଥିବାରୁ ଦୀର୍ଘ ଦିନ ଟେଷ୍ଟ କ୍ରିକେଟ ଖେଳିବା ସମ୍ଭବପର ମନେହେଉ ନାହିଁ । ଷ୍ଟାର୍କ ଅଧିକାଂଶ ମ୍ୟାଚ୍ ଦ୍ରୁତ ପିଚ୍‌ରେ ଖେଳିଥିବାବେଳେ ବୁମ୍‌ରା ଧିମା ତଥା ସ୍ପିନ୍ ପିଚ୍‌ରେ ବୋଲିଂ କରିଛନ୍ତି । ଏହା ସତ୍ତ୍ୱେ ବୁମ୍‌ରା ଆଗରେ ରହିଛନ୍ତି ।

ଚାପ ପରିସ୍ଥିତିରେ ବୁମ୍‌ରା ସର୍ବଦା ଦଳକୁ ସଂକଟରୁ ବଞ୍ଚାଇଥାନ୍ତି । ସେ ୩ଟି ଯାକ ଫର୍ମାଟ୍‌ରେ ଭାରତର ମୁଖ୍ୟ ଅସ୍ତ୍ର । ବୁମ୍‌ରା ଭାରତରେ ୧୨ ମ୍ୟାଚ୍‌ରେ ୪୭ ଓ ବାହାରେ ୩୫ ମ୍ୟାଚ୍‌ରେ ୧୭୦ ୱିକେଟ ନେଇଛନ୍ତି । ଷ୍ଟାର୍କ ଘରୋଇ ମାହୋଲରେ ୨୩ ମ୍ୟାଚ୍‌ରେ ୧୦୬ ୱିକେଟ୍ ଓ ବାହାରେ ୨୪ ମ୍ୟାଚ୍‌ରୁ ୯୦ୱିକେଟ ନେଇଛନ୍ତି । ପ୍ରଦର୍ଶନ ଦୃଷ୍ଟିରୁ ୪୭ ଟେଷ୍ଟ ବେଳକୁ ବୁମ୍‌ରା ଆଗରେ ରହିଛନ୍ତି । ଭିନ୍ନଭିନ୍ନ ପିଚ୍‌ରେ ୧୦୦ ଟେଷ୍ଟ ଖେଳି ଷ୍ଟାର୍କ ପ୍ରଭାବୀ ପ୍ରଦର୍ଶନ ସହ ପରିପକ୍ୱତା ଲାଭ କରିଛନ୍ତି । ଷ୍ଟାର୍କଙ୍କୁ ଅତିକ୍ରମ କରିବାକୁ ହେଲେ ବୁମ୍‌ରାଙ୍କୁ ନିଜ ଫିଟ୍‌ନେସ୍‌ରେ ସୁଧାର ଆଣିବାକୁ ପଡ଼ିବ ।

## ମାଞ୍ଚେଷ୍ଟରରେ ୱିକେଟ୍ ରକ୍ଷଣ କରି ନପାରନ୍ତି ପନ୍ତ

ଲଣ୍ଡନ୍,୧୮।୭(ଏଜେନ୍ସି): ଲର୍ଡସ ଟେଷ୍ଟରେ ଭାରତୀୟ ୱିକେଟରକ୍ଷକ ଋଷଭ ପନ୍ତ ଆହତ ହୋଇଥିଲେ । ତାଙ୍କ ଅଙ୍ଗୁଳିରେ ଜୋରଦାର ଆଘାତ ଲାଗିଥିଲା । ଏହି କାରଣରୁ ତାଙ୍କ ବଦଳରେ ଧ୍ରୁବ ଜୁରେଲ ମ୍ୟାଚରେ ଇଂଲଣ୍ଡ ପାଳିର ଅଧିକାଂଶ ଓଭରରେ ୱିକେଟ ରକ୍ଷଣ କରିଥିଲେ । ଭୀଷଣ ଯନ୍ତ୍ରଣା ଭିତରେ ପନ୍ତ କିନ୍ତୁ ବ୍ୟାଟିଂ କରି ପ୍ରଥମ ପାଳିରେ ୭୪ ଏବଂ ଦ୍ୱିତୀୟରେ ମାତ୍ର ୯ ରନ୍ କରିଥିଲେ । ଏଥିରୁ ଦ୍ରୁତ ଗତିରେ ଆରୋଗ୍ୟ ଲାଭ କରୁଥିଲେ ବି ମାଞ୍ଚେଷ୍ଟରର ଓଲ୍ଡଟ୍ରାଫୋର୍ଡଠାରେ ଆସନ୍ତା ୨୩ ତାରିଖରୁ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ସେ ୱିକେଟ ରକ୍ଷଣ କରି ନପାରନ୍ତି । ଏଭଳି ଆଶଙ୍କା ଜାହିର କରିଛନ୍ତି ଭାରତୀୟ କ୍ରିକେଟ୍ ଦଳର କ୍ଷେତ୍ରରକ୍ଷଣ ପ୍ରଶିକ୍ଷକ ରିୟାନ ଟେନ୍ ଡଏସ୍ଟେଟ୍ । ତେବେ ଚୂଡ଼ାନ୍ତ ନିଷ୍ପତ୍ତି ମ୍ୟାଚର ଠିକ୍ ପୂର୍ବରୁ ନିଆଯିବ ବୋଲି ସ୍ପଷ୍ଟ କରି ଦେଇଛନ୍ତି ସେ । ମ୍ୟାଚ୍ ପୂର୍ବରୁ ପନ୍ତ ବ୍ୟାଟିଂ କରିବେ । ଯଦି କୌଣସି ଅସୁବିଧା ନହୁଏ, ତେବେ ସେ ମାଞ୍ଚେଷ୍ଟର୍ ଟେଷ୍ଟ୍ ଖେଳିବେ ।

# ଭଦ୍ରକ, ଝାରସୁଗୁଡା ବିଜୟୀ



ରାଜକନିକା, ୧୮।୭ (ସବ୍ୟୁ) : ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡା ସଂସଦ ଓ ଫୁଟବଲ ଆସୋସିଏସନ ଅଫ ଓଡିଶା ସହଯୋଗରେ ରାଜକନିକାଠାରେ ଚାଲିଥିବା ୬୪ତମ ସିନିଅର ଆନ୍ତ ଜିଲ୍ଲା ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ୩ୟ ଦିନ ଖେଳ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ମ୍ୟାଚ ଭଦ୍ରକ ଓ ଜଗତସିଂହପୁର ମଧ୍ୟରେ ହୋଇଥିଲା । ଏଥିରେ ଭଦ୍ରକ ୨-୦ ଗୋଲ ବିଜୟ ଲାଭ କରିଥିଲା । ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଶାସକ ବଂଶୀଧର ରାଉତ, ସମ୍ମାନିତ ଅତିଥି ଭାବେ ଫାଓରୁ ଚୟନକର୍ତ୍ତା ଥିବା ମଣ୍ଟୁ ନାୟକ ଓ କାର୍ତ୍ତିକ ବେହେରା ପ୍ରମୁଖ ଯୋଗଦେଇ ଥିଲେ ।

ସେହିପରି ଦ୍ୱିତୀୟ ମ୍ୟାଚରେ ଝାରସୁଗୁଡା କେନ୍ଦ୍ରାପଡ଼ାକୁ ଭେଟିଥିଲା । ଏଥିରେ ଝାରସୁଗୁଡା ୬-୧ ଗୋଲରେ ବିଜୟ ଲାଭ କରିଥିଲା । ଏହି ଖେଳରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡାଧିକାରୀ ଲୋକନାଥ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ରାଜକନିକା ଶାଖା ପରିଚାଳକ ସୂର୍ଯ୍ୟନାରାୟଣ ବେହେରା, ସମାଜସେବୀ ପ୍ରଦୀପ୍ତ କୁମାର ପଲାଇ, ଜିଲ୍ଲା କ୍ରୀଡା ସଙ୍ଘ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ରାଜକନିକା ଆଥଲେଟିକ ଆସୋସିଏସନର ସଭାପତି ଦୋଳ ଗୋବିନ୍ଦ ନାୟକ, ଉପସଭାପତି କପିଳେନ୍ଦ୍ର ମଲ୍ଲିକ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ, ମିଡ଼ିଆ ସମ୍ପାଦକ ଅଜୟ କୁମାର ରାଉତ, ପ୍ରାକ୍ତନ ଜିଲ୍ଲା ପରିଷଦ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସଂଜୀବ ଦାସ ଶେଖବତ ଖାଁ, ଖେଳ ପରିଚାଳନା କରିଥିବାବେଳେ ଦିଲୀପ ରାଉତ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ । ପ୍ରଥମ ମ୍ୟାଚରେ ଯୁଧିଷ୍ଠିର ଟୁଡୁ ଓ ଦ୍ୱିତୀୟ ମ୍ୟାଚରେ ସାହିଲ ସୁନା ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ବେଣୁଧର ପରିଡା, ବିଶ୍ୱ ନାଥ ଦାଶ, ଉମାକାନ୍ତ ଜେନା, କୁଳମଣି ବେହେରା, ତ୍ରିଲୋଚନ ପାଣି ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସାହାଣୀ କପ ଫୁଟବଲ : କେନ୍ଦୁଝର-ଯାଜପୁର ମ୍ୟାଚ ଡ୍ର



କେନ୍ଦୁଝର, ୧୮।୭ (ସବ୍ୟୁ) : ୧୮।୦୭ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆଠାରେ ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି । ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଏକ ତୀବ୍ର ପ୍ରତିଦ୍ୱନ୍ଦିତା ତଥା ଉତ୍ତେଜନା ପୂର୍ଣ୍ଣ ପ୍ରଥମ ଖେଳରେ ଘରୋଇ କେନ୍ଦୁଝର ଏବଂ ଯାଜପୁର ମଧ୍ୟରେ ୨-୨ ଗୋଲ ବିନିମୟରେ ସମାପ୍ତ ହୋଇ ଖେଳ ଡ୍ର ରହିଛି ଏବଂ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି । ପ୍ରଥମାର୍ଦ୍ଧ ଖେଳର ୩୦ତମ ମିନିଟରେ କେନ୍ଦୁଝରର ଗୋଲରକ୍ଷକ ଯଦୁନାଥ ସର୍ଦ୍ଦାର ବିପଜ୍ଜନକ ଖେଳ ପ୍ରଦର୍ଶନ କରିବାରୁ ରେଫରୀ ସୁବ୍ରତ ପୁରୋହିତ ତାଙ୍କୁ ପଡିଆରୁ ବାହାର କରିଥିଲେ । ଫଳରେ କେନ୍ଦୁଝର ମନସ୍ତାତ୍ତ୍ୱିକ ଚାପର ଶିକାର ହୋଇଥିଲା । ପ୍ରଥମାର୍ଦ୍ଧର ୩୭ ମିନିଟରେ ଯାଜପୁର ପକ୍ଷରୁ ଜର୍ସି ନମ୍ବର ୬ ଅଜୟ ସୋରେନ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ । ପ୍ରଥମାର୍ଦ୍ଧ ଖେଳରେ ୧-୦ ଗୋଲରେ ଅଗ୍ରଣୀ ରହିବା ପରେ ଦ୍ୱିତୀୟାର୍ଦ୍ଧର ୭୩ତମ ମିନିଟରେ ରାଇଟ ଉଇଙ୍ଗର ଭଞ୍ଜ କିଶୋର ହାଁସଦା ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ।

ମାତ୍ର ୭୫ତମ ମିନିଟରେ କେନ୍ଦୁଝରର ଲେଫ୍ଟ ଉଇଙ୍ଗର ମଙ୍ଗଳ ମୁଣ୍ଡା ଏକ ଦର୍ଶନୀୟ ଗୋଲ ଜରିଆରେ ଗୋଲଟିକୁ ପରିଶୋଧ କରିଦେଇଥିଲେ ଏବଂ ଖେଳ ଶେଷ ହୁଇସିଲ ବାଜିବାର ଏକ ମିନିଟ ପୂର୍ବରୁ ଘରୋଇ ଦଳର ମିଡ଼ ଫିଲଡର ଅନ୍ୟ ଏକ ଗୋଲ ପରିଶୋଧ କରି ଖେଳକୁ ସମାନ ସ୍ତରକୁ ଆଣିବା ସହ ମ୍ୟାଚ ଡ୍ର ରଖିବାରେ ସକ୍ଷମ ହୋଇଥିଲେ ଏବଂ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ । ଆଜି ଅନୁଷ୍ଠିତ ଦ୍ୱିତୀୟ ଖେଳରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଅନୁଗୋଳ ଜିଲ୍ଲା ବିପକ୍ଷରେ ୪-୩ ଗୋଲରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି । ପ୍ରଥମାର୍ଦ୍ଧ ଖେଳର ୪ ମିନିଟରେ ରାଉରକେଲାର ଷ୍ଟ୍ରାଇକର ସୁରେଶ ଖାଡ଼ିଆ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ୩୬ତମ ମିନିଟରେ ଅନୁଗୋଳର ରାଇଟ ଉଇଙ୍ଗର ଅନ୍ତର୍ଯ୍ୟାମୀ ନାୟକ ଗୋଲଟିକୁ ପରିଶୋଧ କରିଥିଲେ । ମାତ୍ର ୪୩ତମ ମିନିଟରେ ରାଉରକେଲା ପକ୍ଷରୁ ରମେଶ ଓରାମ ଅନ୍ୟ ଏକ ଗୋଲ ସ୍କୋର କରିଥିଲେ । ପ୍ରଥମାର୍ଦ୍ଧ ଖେଳରେ ୨-୧ ଗୋଲରେ ଅଗ୍ରଣୀ ରହିବା ପରେ ଦ୍ୱିତୀୟାର୍ଦ୍ଧର ୪୯ ମିନିଟରେ ରାଉରକେଲା ପକ୍ଷରୁ ସୁରେଶ ଖାଡ଼ିଆ ଆଉ ଏକ ଗୋଲ ସ୍କୋର କରିଥିଲେ । ମାତ୍ର ୬୪ତମ ମିନିଟରେ ଏବଂ ୭୪ତମ ମିନିଟରେ ଅନୁଗୋଳ ପକ୍ଷରୁ ପରାଉ ମୁର୍ମୁ ଲଗାତାର ଦୁଇଟି ଗୋଲ ସ୍କୋର କରି ଖେଳକୁ ସମାନ ସ୍ତରକୁ ଆଣିଥିଲେ । କିନ୍ତୁ ଶେଷରେ ରାଉରକେଲାର ତାରକା ଖେଳାଳି ଚତୁର୍ଥ ଗୋଲଟି ସ୍କୋର କରି ଦଳକୁ ୪-୩ ଗୋଲରେ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ନେଇଥିଲେ ।

ଆଜି ଖେଳ ଆରମ୍ଭ ହେବା ପୂର୍ବରୁ ଅତିଥି ସଦର ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ଜିଲ୍ଲା ନିଯୋଜନ ଅଧିକାରୀ ଗଣେଶ୍ୱର ନାୟକ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ବରୋଦା ପ୍ରସାଦ ସାହୁଙ୍କ ସହ ଖେଳାଳିମାନଙ୍କୁ ପରିଚିତ କରାଇ ଦିଆ ଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ ସୁରେଶ ରଣା, ରାଜକୁମାର ମିଶ୍ର, ବୀରେନ୍ଦ୍ର ମହାନ୍ତ ଏବଂ ଗିରୀଶ ଚନ୍ଦ୍ର ହୋତା ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ପ୍ରଥମ ଖେଳରେ ସୁବ୍ରତ ପୁରୋହିତ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଜଗନ୍ନାଥ କହ୍ନର ଓ ମହେଶ ପ୍ରଧାନ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଥିଲେ ବାପୁନ ମହାନ୍ତ । ସେହିପରି ଦ୍ୱିତୀୟ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଅରୁଣ ନାୟକ ଓ ରତ୍ନାକର ସୋରେନ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଥିଲେ ରାଇ ମୋହନ ମୁର୍ମୁ ।

## ରବିନ୍ ସିଂଙ୍କୁ ବୈଭବଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି) : ଭାରାତୀୟ କ୍ରିକେଟର ଭବିଷ୍ୟତ ବୈଭବ ସୂର୍ଯ୍ୟବଂଶୀ ବର୍ତ୍ତମାନ ଇଂଲଣ୍ଡ ଗସ୍ତରେ ଅଛନ୍ତି । ଇଂଲଣ୍ଡରେ ଭାରତୀୟ ୧୯ ବର୍ଷରୁ କମ୍ ଦଳ ଘରୋଇ ଦଳ ସହ ଶୃଙ୍ଖଳା ଖେଳୁଛି । ଶୃଙ୍ଖଳାର ପ୍ରଥମ ଟେଷ୍ଟ ଡ୍ର ରହିଥିଲା । ଏହି ମ୍ୟାଚ୍‌ରେ ବୈଭବ ପ୍ରଥମ ଇନିଂସରେ ୧୪ ଓ ଦ୍ୱିତୀୟ ଇନିଂସ୍‌ରେ ୫୬ ରନ କରିଥିଲେ । ଦ୍ୱିତୀୟ ଯୁବ ଟେଷ୍ଟ ଜୁଲାଇ ୨୦ରୁ ଆରମ୍ଭ ହେବ । ଏହି ସମୟରେ ବୈଭବ ତାଙ୍କ ପ୍ରଶିକ୍ଷକଙ୍କ ଉପରେ ଭଲ ପାଇବା ଦେଖାଇଛନ୍ତି । ଇଷ୍ଟାଗ୍ରାମ ଷ୍ଟୋରିରେ ପ୍ରଶିକ୍ଷକ ରବିନ ସିଂଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଇନ୍‌ଷ୍ଟା ଷ୍ଟୋରିରେ ରବିନ୍ ସିଂଙ୍କ ଏକ ଫଟୋ ସେୟାର କରିଛନ୍ତି । ଏହା ସହ ଲେଖିଛନ୍ତି, ଜନ୍ମଦିନର ଶୁଭେଚ୍ଛା ରବିନ୍ ସିଂ ସାର । ବୈଭବଙ୍କ ଏହି ପୋଷ୍ଟ ସୋସିଆଲ୍ ମିଡିଆରେ ଭାଇରାଲ ହେଉଛି । ଆଇପିଏଲ୍ ପୂର୍ବରୁ ଅନୁଷ୍ଠିତ ନିଲାମରେ ରାଜସ୍ଥାନ ରୟାଲ୍ସ ବୈଭବଙ୍କୁ ୧.୧ କୋଟି ଟଙ୍କାରେ କିଣିଥିଲା । ଆଇପିଏଲ ୧୮ତମ ସଂସ୍କରଣରେ ବୈଭବ ଚମତ୍କାର ବ୍ୟାଟିଂ କରିଥିଲେ । ଏହି ୧୪ ବର୍ଷୀୟ ଓପନିଂ ବ୍ୟାଟର ୭ଟି ମ୍ୟାଚ୍‌ରେ ୨୫୨ ରନ କରିଥିଲେ । ଏକ ଦମ୍‌ଦାର ଶତକ ମଧ୍ୟ ମାରିଥିଲେ ।

**୨୦୧୧ ବିଶ୍ୱକପ**

# ଭାରତୀୟ ଦଳରେ ଯୁବିଙ୍କ ସ୍ଥାନ ଥିଲା ଅସ୍ପଷ୍ଟ



ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି) : ୨୦୧୧ ଦିନିକିଆ ବିଶ୍ୱକପ ବିଜୟୀ ଭାରତୀୟ ଦଳ ପାଇଁ ସବୁଠୁ ବଡ଼ ହିରୋ କିଏ ? ସମସ୍ତଙ୍କ ଉତ୍ତର ଯୁବରାଜ ସିଂହ । କିନ୍ତୁ ବଡ଼ ଆଶ୍ଚର୍ଯ୍ୟର କଥା ଯେ ଏହି ମହାନ ଅଲରାଉଣ୍ଡରଙ୍କ ସ୍ଥାନ ଭାରତୀୟ ଦଳରେ ସୁରକ୍ଷିତ ନଥିଲା । ଏହାର ଖୁଲାସା କରିଛନ୍ତି ସେ ସମୟର ମୁଖ୍ୟ କୋଚ୍ ଗ୍ୟାରି କ୍ରିଷ୍ଟନ । ଗ୍ୟାରି କହିଛନ୍ତି ଯେ ଯୁବରାଜ ସିଂହଙ୍କ ଚୟନ ଅଭ୍ୟନ୍ତରୀଣ ବିତର୍କର ବିଷୟ ଥିଲା । ତାଙ୍କୁ ଟିମ୍‌ରେ ରଖାଯିବ କି ନାହିଁ, ତାହା ଉପରେ ସ୍ପଷ୍ଟତା ନଥିଲା । କେବଳ କ୍ରିଷ୍ଟେନ୍ ଓ ଅଧିନାୟକ ଧୋନୀ ମହାନ୍ ଅଲରାଉଣ୍ଡର ଯୁବିଙ୍କୁ ସମର୍ଥନ କରିଥିଲେ । ଟିମ୍ ଇଣ୍ଡିଆ ୨୦୧୧ ବିଶ୍ୱକପ ଜିତି ୨୮ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଥିଲା । ଏହା ପୂର୍ବରୁ ଭାରତ ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱରେ ବିଶ୍ୱକପ ଟ୍ରଫି ହାତେଇ ଥିଲା । ୨୦୧୧ରେ ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲରେ ଶ୍ରୀଲଙ୍କାକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା । ବିଶ୍ୱକପ୍‌ରେ ବ୍ୟାଟ୍ ଓ ବଲ୍‌ରେ ଦମଦାର ପ୍ରଦର୍ଶନ କରି ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ହୋଇଥିଲେ ଯୁବରାଜ । ସେ ଟୁର୍ଣ୍ଣାମେଣ୍ଟରେ ୩୬୨ ରନ କରିବା ସହ ୧୫ ୱିକେଟ ନେଇଥିଲେ । ଏହି ପ୍ରଦର୍ଶନ ପଛରେ ତାଙ୍କର କଠିନ ପରିଶ୍ରମ, ବ୍ୟକ୍ତିଗତ ପରିବର୍ତ୍ତନର କାହାଣୀ ମଧ୍ୟ ରହିଛି ।

ଗ୍ୟାରି ଆହୁରି କହିଛନ୍ତି, ସୌଭାଗ୍ୟକୁ ଆମେ ତାଙ୍କୁ ଚୟନ କରିଥିଲୁ । କାରଣ ମୁକାବିଲା ଜୋରଦାର ଥିଲା । ମୁଁ ତାଙ୍କୁ ଟିମ୍‌ରେ ନେବାପାଇଁ ଇଚ୍ଛୁକ ଥିଲି । ଧୋନୀ ମଧ୍ୟ ଚୟନକର୍ତ୍ତାଙ୍କ ସହ ଯୁକ୍ତିତର୍କ କରିଥିଲେ । କାରଣ ତାଙ୍କ ପାଖରେ ଅନୁଭବ ଥିଲା । ଆଉ ତାଙ୍କ ବିଶ୍ୱକପ ପ୍ରଦର୍ଶନ ସମସ୍ତେ ଦେଖିଲେ । ଯୁବରାଜଙ୍କୁ ମୁଁ ସବୁବେଳେ ପସନ୍ଦ କରେ । ବେଳବେଳେ ଯୁବରାଜ ମୋତେ ବିରକ୍ତ କରାଉଥିଲେ । କିନ୍ତୁ ମୁଁ ତାଙ୍କୁ ପସନ୍ଦ କରେ । ସେ ଜଣେ ଭଲ ଖେଳାଳି । ମୁଁ ଚାହୁଁଥିଲି ସେ ସବୁବେଳେ ରନ୍ କରନ୍ତୁ । ତାଙ୍କ ବ୍ୟାଟିଂ ବଡ଼ ଅଦ୍ଭୁତ ଥିଲା । ଯୁବରାଜଙ୍କ ଏହି ସଫଳ ଯାତ୍ରାର ଶ୍ରେୟ ଭାରତର ତତ୍କାଳୀନ ମେଣ୍ଟାଲ କଣ୍ଡିସନିଂ କୋଚ୍ ପ୍ୟାଡି ଅପ୍‌ଟନଙ୍କୁ ଦେଇଛନ୍ତି । ଯୁବରାଜଙ୍କୁ ମାନସିକ ରୂପେ ମଜବୁତ କରିବା ପାଇଁ ପ୍ୟାଡି ବହୁ ପରିଶ୍ରମ କରିଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
classifiedsamaya@gmail.com

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି